

ବିକ୍ସ ସମ୍ମିଳନୀରେ ଯୋଗ ଦେବେନି | ୬


ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ



facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ବୋଟକ୍ସ ଠୁ ଦୂରରେ କରୀନା | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୨୮ Vol. 22 No-28 28 APRIL 2025 MONDAY BHUBANESWAR ସୋମବାର, ୨୮ ଏପ୍ରିଲ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଓଡ଼ିଶା ଭାସ୍କର ଲାଇଭ୍ ପକ୍ଷରୁ 'ଦ ଭଏସ୍ କନକ୍ଲେଭ ଅଫ୍ ଆଇଡିଆଜ୍' ଆୟୋଜିତ

# କନକ୍ଲେଭ୍‌ର ଉତ୍କର୍ଷତା ନୂତନ ସମ୍ଭାବନା ସୃଷ୍ଟି କରିବ

ଭୁବନେଶ୍ୱର, ୨୭।୪ (ଭାସ୍କର ନ୍ୟୁଜ): ମିଳିତ ସ୍ୱର ଏକ ନୂତନ ସମ୍ଭାବନାକୁ ଆମନ୍ତ୍ରଣ କରିଥାଏ। ଏହାଫଳରେ ଏକ ନୂଆ ଦିଶା ମିଳିବାର ରାସ୍ତା ପରିଷ୍କାର ହୋଇଥାଏ। କନକ୍ଲେଭର ଉତ୍କର୍ଷତା ନୂତନ ସମ୍ଭାବନା ସୃଷ୍ଟିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ରବିବାର ଓଡ଼ିଶା ଭାସ୍କର ଲାଇଭ୍ ପକ୍ଷରୁ ହୋଟେଲ ମେ ଫେୟାର କନଭେନସନ୍‌ରେ ଆୟୋଜିତ 'ଦ ଭଏସ୍ କନକ୍ଲେଭ ଅଫ୍ ଆଇଡିଆଜ୍' କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବିଶିଷ୍ଟ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଏହି ଅବସରରେ ବୁଦ୍ଧିଜୀବୀମାନଙ୍କର ଏକ ମିଳନ ହୋଇଥିଲା। ଜାମ୍ମୁକାଶ୍ମୀରର ପହଲଗାମରେ ଆତଙ୍କୀଙ୍କ ଗୁଳିରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏକ ମିନିଟ୍ ନୀରବ ପ୍ରାର୍ଥନା ପରେ କାର୍ଯ୍ୟକ୍ରମର ଉଦ୍‌ଘାଟନ ସମାରୋହ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢୀ, ରାଜ୍ୟ ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବରିଷ୍ଠ




ସାମ୍ବାଦିକ ରାହୁଲ ଦେବଜୀ, ନାଲକୋର ପୂର୍ବତନ ସିଏମ୍‌ଡି ଡ. ତପନ କୁମାର ଚାନ୍ଦ, ଟି.କେ. ଡିଜିଟାଲର ପ୍ରତିଷ୍ଠାତା ତିଳକରାଜ ମହାନ୍ତି, ବୋଟ୍‌ର ସହ ପ୍ରତିଷ୍ଠାତା ତଥା ସିଇଓ ଅମନ ଗୁପ୍ତା ପ୍ରମୁଖ ଏଥିରେ ଯୋଗଦେଇ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନିର୍ବାଯ୍ୟ କାରଣ ବଶତଃ ଯୋଗଦେଇ ନ ପାରି ଭିଡିଓ ବାର୍ତ୍ତାରେ ଏହି କନକ୍ଲେଭର ସଫଳତା କାମନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ନାଲକୋର ପୂର୍ବତନ ସିଏମ୍‌ଡି ତପନ କୁମାର ଚାନ୍ଦ ତାଙ୍କର ଅଭିଭାଷଣରେ କହିଥିଲେ ଯେ ଅର୍ଥନୈତିକ ଏବଂ ସାମାଜିକ କ୍ଷେତ୍ରରେ କନକ୍ଲେଭର ନୂତନ ଚିନ୍ତାଧାରା ଅଗ୍ରଗତିର ପଥ ଦେଖାଇଥାଏ। ଏହି ଅବସରରେ ଓଡ଼ିଶା ଭାସ୍କରର ପରିଚାଳନା ନିର୍ଦ୍ଦେଶକ ମଧୁ ମହାନ୍ତିଙ୍କର ଭୂୟସୀ ପ୍ରଶଂସା କରିବା ସହ ଏଭଳି ଏକ ଚିନ୍ତାଧାରାକୁ ପ୍ରଶଂସା କରିଥିଲେ। ବର୍ତ୍ତମାନ ସାରା ବିଶ୍ୱରେ ଅର୍ଥନୈତିକ ସ୍ଥିତି ଖରାପ ରହିଥିବାବେଳେ ଏହାକୁ ଆଗକୁ ନେବାପାଇଁ ପ୍ରୟାସ ଜାରି ରହିଛି। ଏ କ୍ଷେତ୍ରରେ ଭାରତ ପାଇଁ ଏକ ଉଜ୍ଜ୍ୱଳ ସମ୍ଭାବନା ସୃଷ୍ଟି ହୋଇଛି। ମେକ୍ ଇନ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ ଏବଂ ଷ୍ଟାର୍ଟଅପ୍ ଇଣ୍ଡିଆ ମାଧ୍ୟମରେ ଅର୍ଥନୀତିକୁ ସୁଧୁରାଯାଇ ପାରିବ ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ୨୦୪୭ରେ ବିକଶିତ ଭାରତ ଏବଂ ୨୦୩୬ରେ ବିକଶିତ ଭାରତର ସ୍ୱପ୍ନ ହୋଇପାରିବ ବୋଲି ସେ କହିଥିଲେ। ବିଶିଷ୍ଟ ଅତିଥି ତଥା ବରିଷ୍ଠ ସାମ୍ବାଦିକ ରାହୁଲ ଦେବଜୀ ତାଙ୍କ ଅଭିଭାଷଣରେ ବିଶ୍ୱଶାନ୍ତି କ୍ଷେତ୍ରରେ ଗଣମାଧ୍ୟମଗୁଡ଼ିକର ଭୂମିକା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ସତ୍ୟ ଏକକ ହୋଇପାରେ, କିନ୍ତୁ ଏହାର ସ୍ୱର ଅନେକ। ରାଜ୍ୟ ଆଇନ, ଅବକାରୀ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ଅବସରରେ ତାଙ୍କ ଅଭିଭାଷଣରେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ବିକଶିତ ଆଡକୁ ଗତି କରୁଛି। ଜଣେ ସାମ୍ବାଦିକ ସମାଜର ଅବହେଳିତ ତଥା ଦୁଃସ୍ଥ ଲୋକଙ୍କୁ ସହାୟତା କରିବା ଜରୁରି। ଏହି ଅବସରରେ ସେ ଓଡ଼ିଶା ଭାସ୍କର ପରିବାରକୁ ନିବେଦନ କରିଥିଲେ ଯେ କନକ୍ଲେଭ୍‌ରେ ଆଲୋଚିତ ବିଷୟଗୁଡ଼ିକୁ ସରକାରଙ୍କ ନିକଟକୁ ପଠାଇଲେ ସରକାର ତା ଉପରେ ପଦକ୍ଷେପ ଗ୍ରହଣ କରିବେ। ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ସମାଜ ପାଇଁ ଏହାର ଏକ ବୃହତ ଅବଦାନ ରହିଛି। ଦେଶର ବିକାଶରେ ସାମ୍ବାଦିକମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଥିଲେ। ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢୀ ତାଙ୍କ ଅଭିଭାଷଣରେ ରାଜ୍ୟର ଐତିହ୍ୟ ଏବଂ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଜଗନ୍ନାଥ ସଂସ୍କୃତି ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବ ବୋଲି • ପୃଷ୍ଠା ୫ ଦେଖନ୍ତୁ

## ଭୁବନେଶ୍ୱର ଛାଡ଼ିଲେ ପାକିସ୍ତାନୀ ନାଗରିକ


ଭୁବନେଶ୍ୱର, ୨୭।୪ (ଭାସ୍କର ନ୍ୟୁଜ): କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ପରେ ଭୁବନେଶ୍ୱର ଛାଡ଼ିଲେ ପାକିସ୍ତାନୀ ନାଗରିକ ନଗମା ୟୁସୁଫ। ସେ ୨୦୦୮ରୁ ଜଣେ ବ୍ୟବସାୟୀଙ୍କୁ ବାହାହୋଇ ଏଠାରେ ରହୁଥିଲେ। ତେବେ ସେ ଭାରତୀୟ ନାଗରିକତ୍ୱ ପାଇଁ ଆବେଦନ ନ କରି ଦୀର୍ଘକାଳୀନ ଭିସାପାଇଁ ଆବେଦନ କରିଥିଲେ, ଯାହାକି ରଦ୍ଦ ହୋଇଯାଇଥିଲା।

ସେନ୍‌ସେକ୍ସ: ୭୯,୨୧୨.୫୩

ସର୍ବାଧିକ: ୩୭.୨ ଡିଗ୍ରୀ
ସର୍ବନିମ୍ନ: ୨୭.୮ ଡିଗ୍ରୀ

### ୨୭।୪।୨୦୨୫ ର ମତାମତ

ଜାମ୍ମୁ-କାଶ୍ମୀରରୁ ଆତଙ୍କବାଦୀଙ୍କ ଦବ୍‌ଦବା ଦୂର କରିବା ସମ୍ଭବ କି?




### ଆଜିର ପ୍ରସଙ୍ଗ

ଜନଶୁଣାଣିରେ ଦିଆଯାଉଥିବା ନିର୍ଦ୍ଦେଶ ଅନୁଯାୟୀ ଦ୍ରୁତ ସମାଧାନ ଉଚିତ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ବଡ଼ ଲଢେଇ ପାଇଁ ବଡ଼ ପ୍ରସ୍ତୁତି

# ପଶ୍ଚିମ ତଟରେ ଗର୍ଜୁଛି ମିସାଇଲ୍






- ସିନ୍ଧୁ ଚୁକ୍ତି ରଦ୍ଦ ପରେ ଅସମ୍ଭାଳ ସ୍ଥିତି
- ପାକିସ୍ତାନ ଉପରେ ଭାରତର ଜଳ ଆକ୍ରମଣ
- ଝେଲମ୍ ନଦୀରେ ବନ୍ୟା, ଭାସିଲା ପାକିସ୍ତାନ
- ଆଉ ୩ ଆତଙ୍କୀଙ୍କ ଘର ଧ୍ୱଂସ କଲେ ସେନା
- ପ୍ରତିରକ୍ଷାମନ୍ତ୍ରୀ-ସିଡିଏସ୍ ଗୁରୁତ୍ୱପୂର୍ଣ୍ଣ ବୈଠକ
- ସାମାଜିକ କର୍ମୀଙ୍କୁ ହତ୍ୟାକଲେ ଆତଙ୍କୀ
- ତଦନ୍ତକୁ ତୀବ୍ର କଲା ଏନଆଇଏ

ନୂଆଦିଲ୍ଲୀ/ଶ୍ରୀନଗର, ୨୭।୪: ଗତ ୨୨ ତାରିଖରେ ଜାମ୍ମୁକାଶ୍ମୀରର ପହଲଗାମରେ ଆତଙ୍କୀ ଆକ୍ରମଣରେ ୨୬ ପର୍ଯ୍ୟଟକ ନିହତ ହେବାପରେ ସାରା ଭାରତରେ ପ୍ରତିଶୋଧର ବହ୍ନି ଜଳିବାରେ ଲାଗିଛି। ଏହି ଘଟଣାର ତଦନ୍ତ ଦାୟିତ୍ୱ ଏନଆଇଏକୁ ଦିଆଯାଇଛି। ଯଦିଓ ଭାରତ କୂଟନୈତିକ ସ୍ତରରେ ପାକିସ୍ତାନର ସ୍ଥିତିକୁ ଦୋହଲାଇ ଦେବାକୁ ଉଦ୍ୟମ ଆରମ୍ଭ କରିଛି, ତେବେ ଏ କ୍ଷେତ୍ରରେ ପାକିସ୍ତାନ ଉପରେ ଆକ୍ରମଣ ଜରୁରି ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଭାରତୀୟ ନୌସେନା ପକ୍ଷରୁ ଆରବ ସାଗରରେ ଜୋରଦାର ସଜବାଜ ଆରମ୍ଭ ହୋଇଛି। ଯୁଦ୍ଧପୋତ ଧ୍ୱଂସକାରୀ କ୍ଷେପଣାସ୍ତ୍ର ମାଡ଼ରେ ପଶ୍ଚିମତଟ ଥରହର ହେଉଛି। ଯାହାକୁ ନେଇ ପାକିସ୍ତାନରେ • ପୃଷ୍ଠା ୫ ଦେଖନ୍ତୁ

## ମୋଦୀଙ୍କ ମନ୍ କି ବାତ୍

# ପହଲଗାମ ପୀଡ଼ିତ ପରିବାରଙ୍କୁ ମିଳିବ ନ୍ୟାୟ



ନୂଆଦିଲ୍ଲୀ, ୨୭।୪: ଆତଙ୍କବାଦ ବିରୋଧରେ ସାରା ଦେଶ। ପହଲଗାମ ପୀଡ଼ିତ ପରିବାରଙ୍କୁ ନିଶ୍ଚିତ ମିଳିବ ନ୍ୟାୟ। ଏକତା ହେଉଛି ଆମର ଶକ୍ତି। ୧୨୧ତମ ମନ କି ବାତ କାର୍ଯ୍ୟକ୍ରମରେ ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ମନ କି ବାତରେ ପ୍ରଧାନମନ୍ତ୍ରୀ ପୁଣିଥରେ ଆତଙ୍କବାଦ ପ୍ରସଙ୍ଗ ଉଠାଇ ପହଲଗାମ ପୀଡ଼ିତ ପରିବାରଙ୍କୁ ନ୍ୟାୟ ଦେବାପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ମୋଦୀ କହିଛନ୍ତି ଯେ ଆତଙ୍କବାଦୀ ଏବଂ ସେମାନଙ୍କ ମାଲିକମାନେ ଚାହାନ୍ତି ଯେ କାଶ୍ମୀର ପୁଣିଥରେ ଧ୍ୱଂସ ହେଉ। ସେଥିପାଇଁ ସେମାନେ ଏତେବଡ଼ ଷଡ଼ଯନ୍ତ୍ର କରିଛନ୍ତି। ଆତଙ୍କବାଦ ବିରୋଧୀ ଏହି ଯୁଦ୍ଧରେ ୧୪୦ କୋଟି ଭାରତୀୟଙ୍କ ଏକତା ହେଉଛି ଆମର ସବୁଠାରୁ ବଡ଼ ଶକ୍ତି। ସେ ଆହୁରି କହିଛନ୍ତି ଯେ ପର୍ଯ୍ୟଟକଙ୍କ ସଂଖ୍ୟାରେ ରେକର୍ଡ ବୃଦ୍ଧି ଘଟିଛି, ଲୋକଙ୍କ ଆୟ ବୃଦ୍ଧି ପାଉଛି, ଯୁବପିଢିଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି ହେଉଛି। ଦେଶର ଶତ୍ରୁ, ଜାମ୍ମୁକାଶ୍ମୀରର ଶତ୍ରୁମାନେ ଏହାକୁ ପସନ୍ଦ କରୁନାହାନ୍ତି। ସେ ଆହୁରି କହିଥିଲେ ଯେ ଯିଏ ଯେଉଁ ରାଜ୍ୟର ହୁଅନ୍ତୁ ନା କାହିଁକି, ଯିଏ ଯେଉଁ ଭାଷା କୁହନ୍ତୁ ନା କାହିଁକି, ଏହି ଆକ୍ରମଣରେ ନିଜ ପ୍ରିୟଜନଙ୍କୁ ହରାଇଥିବା ଲୋକଙ୍କ ଯନ୍ତ୍ରଣା ସେ • ପୃଷ୍ଠା ୫ ଦେଖନ୍ତୁ

## ଗୋଟିଏ ଦିନରେ ଦୁଇଟି ପ୍ରତିଯୋଗିତାମୂଳକ ପରୀକ୍ଷାରେ ତ୍ରୁଟି

# ଅସନ୍ତୋଷ ଝାଡ଼ିଲେ ପରୀକ୍ଷାର୍ଥୀ

ଭୁବନେଶ୍ୱର/କଟକ, ୨୭।୪ (ଭାସ୍କର ନ୍ୟୁଜ): ପ୍ରତିଯୋଗିତାମୂଳକ ପରୀକ୍ଷାରେ ପୁଣିଥରେ ତ୍ରୁଟି ପରିଲକ୍ଷିତ ହୋଇଛି। ଗୋଟିଏ ଦିନରେ ଅର୍ଥାତ୍ ରବିବାର ରାଜ୍ୟ ଲୋକସେବା ଆୟୋଗ (ଓପିଏସସି) ଏବଂ ଓଡ଼ିଶା କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ସି) ପରୀକ୍ଷାରେ ବଡ଼ ତ୍ରୁଟି ସାମ୍ନାକୁ ଆସିଛି। ଯାହାକୁ ନେଇ ପରୀକ୍ଷାର୍ଥୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏହି ତ୍ରୁଟିକୁ ପରୀକ୍ଷା ପରିଚାଳନା କରୁଥିବା କମିଶନ ସ୍ୱୀକାର ମଧ୍ୟ କରିଛନ୍ତି। ରବିବାର ସିଭିଲ ସର୍ଭିସ ସେବା ମେନ୍-୨୦୨୩ ଆଂଥ୍ରୋପୋଲୋଜିର ଦୁଇଟି ପେପର ପାଇଁ ପରୀକ୍ଷା ଥିଲା। ପୂର୍ବାହ୍ନ ୯ଟାରୁ ୧୨ଟା ପ୍ରଥମ ପେପରର ସମୟ ଧାର୍ଯ୍ୟ ହୋଇଥିବାବେଳେ ୨ଟାରୁ ୫ଟା ଦ୍ୱିତୀୟ ପେପରର ପରୀକ୍ଷା ସମୟ ଧାର୍ଯ୍ୟ ହୋଇଥିଲା। ମାତ୍ର ପ୍ରଥମ ପେପର ପରୀକ୍ଷାରେ କିଛି ପ୍ରଶ୍ନ ଦ୍ୱିତୀୟ ପେପରରୁ ଆସିଥିଲା। ସେହିପରି ଦ୍ୱିତୀୟ ପେପର ପରୀକ୍ଷାରେ ପ୍ରଥମ ପେପର ପରୀକ୍ଷାର ପ୍ରଶ୍ନ ମଧ୍ୟ ରହିଯାଇଥିଲା। ପ୍ରଥମ ସିଟିଂ ପରୀକ୍ଷା ପରେ ପରୀକ୍ଷାର୍ଥୀ ଅସନ୍ତୋଷ ଝାଡ଼ିବା ପରେ କମିଶନ ଏହାକୁ ସ୍ୱୀକାର କରିଛନ୍ତି। ସେହିପରି ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ପରୀକ୍ଷାରେ ମଧ୍ୟ ବଡ଼ ତ୍ରୁଟି ଦେଖାଦେଇଛି। ରବିବାର ଅବକାରୀ ଓ ଟ୍ରାଫିକ ଏସ୍‌ଆଇ ପରୀକ୍ଷା ରହିଥିଲା। ମାତ୍ର ସିଜିଏଲରୁ ପ୍ରଶ୍ନ ଆସିଥିବା ପରୀକ୍ଷାର୍ଥୀ ଅଭିଯୋଗ କରିଥିଲେ। ଏତେବଡ଼ ପରୀକ୍ଷାରେ ତ୍ରୁଟିକୁ ନେଇ ପରୀକ୍ଷାର୍ଥୀ ହତାଶ ହୋଇପଡ଼ିଥିଲେ। ତେବେ ଆୟୋଗ ତ୍ରୁଟିକୁ ସ୍ୱୀକାର କରି ଦୁଃଖ ପ୍ରକାଶ କରିଛନ୍ତି। ଆଉ ଏକ ପରୀକ୍ଷାର ବିକଳ୍ପ ଉପରେ ବିଚାର କରୁଥିବା ପରୀକ୍ଷାର୍ଥୀଙ୍କୁ କହିଛନ୍ତି। ଆସନ୍ତା ମଇ ୪ ତାରିଖ ଭିତରେ ପରାମର୍ଶ ଲୋଡ଼ିବା ପାଇଁ ମଧ୍ୟ ନୋଟିସ ଜାରି କରିଛନ୍ତି। ସୂଚନାଯୋଗ୍ୟ ଯେ ଗତମାସ ୩୦ ତାରିଖରେ ଓପିଏସ୍‌ସିଦ୍ୱାରା ପରିଚାଳିତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପରୀକ୍ଷାରେ ସାମ୍ବାଦିକତା ଓ ଜନସଞ୍ଚାର ପରୀକ୍ଷା ପ୍ରଶ୍ନପତ୍ରରେ ୧୦୦ ନମ୍ବର ବଦଳରେ ୯୪ ନମ୍ବର ରହିଥିଲା।

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ମୋବାଇଲ୍ ସାରା ଭର୍ତ୍ତି ଜୁଆଖେଳ
ଭର୍ତ୍ତି ହେଇଛି ଅଶ୍ଳୀଳ ଛବି,
ବାପ, ମାଆ, ଛୁଆ ସବୁ ଦେଖୁଥିବେ
ପରିସ୍ଥିତି କଣ ହେଉନି ଭାବି !
ଲେଖକ, କବି;
ଜନଙ୍କୁ ଜାଗ୍ରତ କରିବା ବଦଳେ
ସାଙ୍ଗ ଖୋଜୁଛନ୍ତି ଖୋଲିକି 'ଏଫ୍‌ବି' !!

## ଗଞ୍ଜାମ ଜିଲ୍ଲା ଗସ୍ତରେ ମୁଖ୍ୟମନ୍ତ୍ରୀ

# ଶିକ୍ଷାକ୍ଷେତ୍ର ସୁଦୃଢ ପାଇଁ ବଦ୍ଧ ପରିକର

- ଲକ୍ଷେ କୋଟି ଟଙ୍କା ବ୍ୟୟରେ ସ୍ଥାପନ ହେବ ଶିଳ୍ପ
- ସୃଷ୍ଟି ହେବ ଲକ୍ଷାଧିକ ନିଯୁକ୍ତି ସୁଯୋଗ
- ବ୍ରହ୍ମପୁରରେ ହେବ ଜନଶୁଣାଣି

ଭୁବନେଶ୍ୱର, ୨୭।୪ (ଭାସ୍କର ନ୍ୟୁଜ): ୨୦୩୬ରେ ଓଡିଶା ତାର ଶହେ ବର୍ଷ ପୂରଣ କରୁଛି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ପାଇଁ ଆମର ଲକ୍ଷ୍ୟ ରହିଛି। ସମୃଦ୍ଧ ଓଡିଶା ଗଠନ ଦିଗରେ ଶିକ୍ଷାର ମହତ୍ୱପୂର୍ଣ୍ଣ ଭୂମିକା ରହିବ। ତେଣୁ ଉଭୟ ପ୍ରାଥମିକ ଓ ଉଚ୍ଚଶିକ୍ଷାକୁ ସୁଦୃଢ କରିବା ପାଇଁ ଆମ ସରକାର ବଦ୍ଧପରିକର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଗଞ୍ଜାମ ଜିଲ୍ଲା ଭୀମପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବରେ ଯୋଗଦେଇ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଥମେ ବିଦ୍ୟାଳୟର ପ୍ରତିଷ୍ଠାତା ଆଦର୍ଶ ଶିକ୍ଷକ ସ୍ୱର୍ଗତ ଭଗବାନ ପଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ୧୯୨୪ ମସିହା ମାର୍ଚ୍ଚ ୧୫ ତାରିଖରେ ଏହି ବିଦ୍ୟାଳୟ ତାର ଶିକ୍ଷାଦାନର ଯାତ୍ରା ଆରମ୍ଭ କରି ଦୀର୍ଘ ୧୦ ଦଶନ୍ଧି ଧରି ସୀମାନ୍ତ ଅଞ୍ଚଳରେ ଜ୍ଞାନର ଆଲୋକ • ପୃଷ୍ଠା ୫ ଦେଖନ୍ତୁ



ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କୋରେଇ(ଭାସ୍କର ନ୍ୟୁଜ): ଗତ ୨ ୨ ତାରିଖ କାଶ୍ମୀର ପହଲଗମ୍ ଠାରେ ଆତଙ୍କବାଦୀଙ୍କ ଦ୍ୱାରା ଯେଉଁ ନିରୀହ ପର୍ଯ୍ୟଟକଙ୍କୁ ଧର୍ମ ପଚାରି ନିର୍ମମ ଭାବେ ଗୁଳି କରି ହତ୍ୟା କରାଯାଇଛି, ତାକୁ ନେଇ ଦେଶ ଓ ରାଜ୍ୟ ନୁହେଁ ସମଗ୍ର ମାନବ ଜାତି ଏହାକୁ ଦୃଢ଼ ନିନ୍ଦା କରୁଛନ୍ତି।କିନ୍ତୁ ଦୁଃଖର ବିଷୟ ଯାଜପୁର ଜିଲ୍ଲା ନିବାସୀ ରାଜ୍ୟସଭା ସାଂସଦ ସୁଲତା ଦେଓଙ୍କ ବିବାଦୀୟ, ଦାଇତ୍ୱ ହୀନ ମନ୍ତବ୍ୟକୁ ନେଇ ଚାରିଆଡ଼େ ଜନ ଆକ୍ରୋଶ ଦେଖା ଦେବା ସହିତ ସାରା ଦେଶରେ ଅସନ୍ତୋଷର ବହ୍ନି ଜଳୁଥିବା ବେଳେ ଆଜି କୋରେଇ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପାରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ତରଫରୁ ସୁଲତା ଦେଓଙ୍କ ଗିରଫ ଦାବିକରି ଯାଜପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି ହିନ୍ଦୁ ସଂଗଠନ ର ସଦସ୍ୟ। ସେମାନେ ତାଙ୍କ ବକ୍ତବ୍ୟ ରେ କହିଛନ୍ତି କି ସେ ଖାଲି କ୍ଷାପ୍ରାର୍ଥନା ନୁହେଁ ତାଙ୍କୁ ତୁରନ୍ତ ଗିରଫ କରାଯାଉ।ଆଜିର କାର୍ଯ୍ୟକ୍ରମରେ କୋରାଇ ପ୍ରଖଣ୍ଡ ରାଷ୍ଟ୍ରୀୟ ବଜରଙ୍ଗ ଦଳ ସଂଯୋଜକ ବଙ୍ଗନ୍ ଖିଲାର। ଆର ଏସ ଏସ କାର୍ଯ୍ୟକର୍ତ୍ତା ଦିନେଶ ନାୟକ,ରାଷ୍ଟ୍ରୀୟ ବଜରଙ୍ଗ ଦଳ ଆଖଡ଼ା ପ୍ରମୁଖ ମାଧବ ଭୋଇ। ରାଷ୍ଟ୍ରୀୟ ବଜରଙ୍ଗ ଦଳ ସୂଚନା ସମ୍ପର୍କ ପ୍ରମୁଖ ସପନ ମଲ୍ଲିକ, ସରୋଜ ମିଳକ, ସତ୍ୟଜିତ ସାହୁ,ବିଶ୍ୱରଂଜନ ରାଉତଙ୍କ ସମେତ ଅନେକ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।



# ଗ୍ରୀଷ୍ମଦିନରେ ନକଲି ପାନୀୟ ଦ୍ରବ୍ୟ ପ୍ୟାକେଟ ମାଲ ମାଲ

**:-ପାଣି ବୋତଲ ସହ ନକଲି ଘୋଳ ଦହି ପ୍ୟାକେଟ ଦେଖୁଛି କିଏ ?**
**:-ଅଧିକ ଲାଭ ଦେଇ ଖୁଚୁରା ବଜାରରେ କାୟା ମେଲାଉଛନ୍ତି**
**:-ଯାଞ୍ଚ ହେଉ ନଥିବାରୁ ମନଇଚ୍ଛା ଚଳାଇଛନ୍ତି କାରବାର**



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍): ଡହ ଡହ ଖରାରେ ତଣ୍ଟି ଶୁଖିଯାଉଥିବା ବେଳେ ବଜାରରେ ମିଳୁଥିବା ପାଣି ବୋତଲ ହେଉ ଅବା ପାନୀୟ ଦ୍ରବ୍ୟ ଭାବେ ମିଳୁଥିବା ଦହି ର ମାନ କିଏ ଦେଖୁଛି ? ପ୍ରାୟ ଗ୍ରାହକ ସିଲ ଖୋଲି ଢକ ଢକ କରି ପିଇଯାଉଛନ୍ତି। 'ଶୁଦ୍ଧ ଡ୍ରିଙ୍କିଙ୍ଗ ୱାଟର'ହେଉ ଶୁଦ୍ଧ ଦହି ନାଁରେ ନିମ୍ନ ମାନର ପାଣି ଅବା ଘୋଳ ଦହି ଦେଇ ଗ୍ରାହକ ଙ୍କ ଆଖିରେ ଧୂଳି ଦିଆଯାଉଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାରରେ ହେଉ ଅବା ଗାଁରେ ଗ୍ରାହକଙ୍କୁ ଚକମା ଦେଇ ନାମୀଦାମୀ କମ୍ପାନୀର ନାଁ ଭଳି ନାଁ ଦେଇ ପାଣି ବୋତଲ ତିଆରି ହେଉ କିମ୍ବା ଘୋଳ ଦହି ତିଆରି କରୁଥିବା ବେନାମୀ କମ୍ପାନୀ ବର୍ଷକୁ ଲକ୍ଷ ଲକ୍ଷ ଟଙ୍କାର କାରବାର କରୁଛନ୍ତି। ଦିନକୁ ଦିନ ନକଲି ପାଣି ବୋତଲ କାରବାର କାୟା ବିସ୍ତାର କରୁଥିବା ବେଳେ ପ୍ରଶାସନ ପକ୍ଷରୁ କିନ୍ତୁ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳୁନି। ନିଜ ଆଡୁ ଯାଞ୍ଚ କରିବା ବଦଳରେ ଅଭିଯୋଗକୁ ଅପେକ୍ଷା କରି ବସୁଛି ପ୍ରଶାସନ। ପାଣି ପାଉଚ ହେଉ ବା ପାଣି ବୋତଲ କିମ୍ବା ଖରା ଦିନରେ ମିଳୁଥିବା ଘୋଳ ଦହି ପ୍ୟାକେଟ ପ୍ରସ୍ତୁତ କରିବା ଲାଗି କମ୍ପାନୀ କୁ ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡ (ବିଆଇଏସ)ରୁ ସ୍ୱୀକୃତିପତ୍ର ଦରକାର।ଏହି ସ୍ୱୀକୃତିପତ୍ର ଦେବା ପୂର୍ବରୁ ବି ଆଇ ଏସ ସଦସ୍ୟ ଉକ୍ତ ୟୁନିଟ ପରିଦର୍ଶନ କରିଥାନ୍ତି। ଏହା ସହ ପାଣି ପ୍ରକ୍ରିୟାକରଣ ବ୍ୟବସ୍ଥା ସହ ପାଣିର ମାନ ଯାଞ୍ଚ କରିଥାନ୍ତି। ଏହା ପରେ ପ୍ରତି ୬ମାସରେ ଥରେ ଉକ୍ତ କମ୍ପାନୀରୁ ପାଣି ଅଣାଯାଇ ଲାବୋରେଟୋରୀରେ ପରୀକ୍ଷା କରାଯାଇଥାଏ। ଫଳରେ ନିୟମିତ ଭାବେ ପାଣିର ଶୁଦ୍ଧତା ବା ମାନ ନିର୍ଧାରଣ କରିବା ସମ୍ଭବ ହୁଏ। ଯେଉଁ କମ୍ପାନୀ ଗୁଡିକ ବିନା ସ୍ୱୀକୃତିପତ୍ରରେ ପାଣି ବୋତଲ ପ୍ରସ୍ତୁତ କରି ବଜାରକୁ ଛାଡୁଛନ୍ତି ସେମାନେ ବୋରୱେଲ କିମ୍ବା ପାଣି ପାଇପି ଲାଇନିରୁ ଜଳ ନେଇ ତାକୁ ବୋତଲରେ ପ୍ୟାକ କରି ବଜାରକୁ ଛାଡୁଛନ୍ତି। ଶସ୍ତା ଦରରେ ବଜାରକୁ ଛାଡୁଥିବାରୁ ଦୋକାନୀ ମାନେ ଏହାକୁ ବିକ୍ରି କରୁଛନ୍ତି। ବିଆଇଏସ ସ୍ୱୀକୃତି ପ୍ରାପ୍ତ କମ୍ପାନୀମାନେ ୨୪ବୋତଲ ବିଶିଷ୍ଟ ପାଣି ଟ୍ରେ କୁ ହୋଲସେଲ ଦରରେ ପ୍ରାୟ ୧୪୦ଟଙ୍କାରେ ବିକ୍ରି କରୁଛନ୍ତି। ବୋତଲ ପିଛା ପ୍ରାୟ ୫ ଟଙ୍କା ୮୦ପଇସା ମୂଲ୍ୟରେ କିଣି ବଜାରରେ ୧୦ଟଙ୍କାରେ ବିକ୍ରି କରୁଛନ୍ତି ଖୁଚୁରା ବ୍ୟବସାୟୀ।କିନ୍ତୁ ସମାନ ପାଣି ବୋତଲ, ସମାନ ଡିଜାଇନିର ଷ୍ଟିକର ସହ ନନବ୍ରାଣ୍ଡ ଅର୍ଥାତ ବେନାମୀ କମ୍ପାନୀ ୪ଟଙ୍କା ୨୦ପଇସା ହୋଲସେଲ ମୂଲ୍ୟରେ ଖୁଚୁରା ବ୍ୟବସାୟୀ ଙ୍କ ପାଖରେ ପହଞ୍ଚାଇ ଦେଉଛନ୍ତି। ଫଳରେ ଖୁଚୁରା ବ୍ୟବସାୟୀ ଗୋଟିଏ ବୋତଲ ବିକିଲେ ୫ଟଙ୍କା ୮୦ପଇସା ଲାଭ ପାଉଛନ୍ତି। ତେଣୁ ନନବ୍ରାଣ୍ଡ ପାଣି ବୋତଲକୁ ଅଧିକ ସଂଖ୍ୟାରେ ବିକିବାକୁ ବ୍ୟବସାୟୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳୁଛି। ସେହିପରି ନନବ୍ରାଣ୍ଡ ର ଘୋଳ ଦହି ପ୍ୟାକେଟ ଅସ୍ତରଙ୍ଗ ବଜାର ସହ ଗାଁ ଗହଳି ଦେଖିବାକୁ ମିଳୁଛି। ପ୍ୟାକେଟ ରେ ତିଆରି ତାରିଖ ରହୁନାହିଁ। ଅନ୍ୟ ପକ୍ଷରେ କେବଳ ପାଣି ବୋତଲ ନୁହେଁ ପାଣି ଜାର ବି ବହୁଳ ମାତ୍ରାରେ ବଜାରକୁ ଆସୁଛି। ବିଶେଷକରି ବାହାଘର, ବ୍ରତଘର କିମ୍ବା ଅନ୍ୟ କୌଣସି ସାମାଜିକ କାର୍ଯ୍ୟକ୍ରମରେ ପାଣି ଜାର ବ୍ୟବହାର ହେଉଥିବା ବେଳେ ଏହାର ମାନ ନିୟମିତ ବ୍ୟବଧାନରେ ଯାଞ୍ଚ କରାଯାଉ ନାହିଁ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ଅନେକ ପାଣି ଉଦ୍ୟୋଗ ଘରେ ଘରେ ଖୋଲିଗଲାଣି। ଏ ସବୁ ଉଦ୍ୟୋଗ ହିସାବ ସ୍ଥାନୀୟ ପ୍ରଶାସନ ପାଖରେ ନଥିବା ବେଳେ କିଛି ଅସାଧୁ ବ୍ୟବସାୟୀ ମନଇଚ୍ଛା କାରବାର କରିବାକୁ ସୁଯୋଗ ପାଉଛନ୍ତି। ଆଉ କିଛି ବୋତଲରେ ଆଇ ଏସ ଆଇ ବ୍ରାଣ୍ଡ ଷ୍ଟାମ୍ପ ମାରି ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କରାଯାଉଥିବାରୁ ଦେଖିବାକୁ ମିଳୁଛି। ଫଳରେ ନକଲି ଓ ଅସଲି ଜାଣିବା ମୁସ୍କିଲ ହୋଇପଡୁଛି। ମିଳିଥିବା ସୂଚନା ମୁତାବକ, ପୁରୀ ଜିଲ୍ଲା ଅସ୍ତରଙ୍ଗ ରେ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ଏଭଳି ବେନାମୀ କମ୍ପାନୀ କୌଣସି ସ୍ୱୀକୃତି ପ୍ରାପ୍ତ ଉଦ୍ୟୋଗ ନ ହୋଇ ପାଣି ବୋତଲ ତିଆରି କରି ଅସ୍ତରଙ୍ଗ ବଜାର କୁ ଛାଡୁଛନ୍ତି। ଯାହାକୁ ଲୋକେ ବ୍ୟବହାର କରୁଛନ୍ତି। କିନ୍ତୁ ଏହାର ବ୍ୟବହାର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଏହାଛଡା ଦୀର୍ଘ ଦିନ ଧରି ପାଣି ବୋତଲରେ ପ୍ୟାକ କରି ରଖାଯାଇଥାଏ। ଯାହାଫଳରେ ପାଣି ଦିନକୁ ଦିନ ନଷ୍ଟ ହେବାକୁ ଲାଗେ। ଏଭଳି ମାନ ନଥିବା ପାଣିକୁ ନିୟମିତ ବ୍ୟବଧାନରେ ପିଇଲେ ଡ଼ାଇରିଆ, ଜଣ୍ଡିସ ସହିତ ଲିଭରଜନିତ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ସ୍ଥାନୀୟ ବାସିନ୍ଦା ଦାବୀ କରିଛନ୍ତି ନକଲି ବ୍ରାଣ୍ଡ ଲଗାଇ ବିକ୍ରି ହେଉଥିବା ପାଣି ବୋତଲ କିମ୍ବା ଘୋଳଦହି କୁ ଯାଞ୍ଚ କରାଯାଉ।

# ବ୍ରାହ୍ମଣପଦର ଗାଁରେ ହତ୍ୟାକାଣ୍ଡ

## ଗଛରେ ବାନ୍ଧି ସାନଭାଇକୁ ପିଟିପିଟି ମାରିଦେଲା ବଡ଼ଭାଇ



ଭଂଜନଗର(ଭାସ୍କର ନ୍ୟୁଜ୍): ସାନଭାଇକୁ ଗଛରେ ବାନ୍ଧି, ପିଟିପିଟି ହତ୍ୟା କଲା, ବଡ଼ଭାଇ । ଗଂଜାମ ଜିଲ୍ଲା ତାରାସିଙ୍ଗି ଥାନା ଅନ୍ତର୍ଗତ ବ୍ରାହ୍ମଣପଦର ଗାଁ ରେ ଘଟିଛି ଏଭଳି ଜଘନ୍ୟ ହତ୍ୟାକାଣ୍ଡ । ମୃତକ ସେହି ଗ୍ରାମର ବଳରାମ ଗୌଡ(୩୦) । ନିଜ ସ୍ତ୍ରୀ ସହ ଭଂଜନଗରରେ ରହି ରଙ୍ଗ କାମ କରୁଥିଲେ ବଳରାମ । ଶନିବାର ଦିନ କୌଣସି କାମରେ ଗାଁକୁ ଯାଇଥିଲେ । ଗାଁରେ ବୃଦ୍ଧ ବାପା ଓ ମା ଗୋଟିଏ ଘରେ ରହୁଥିବା ବେଳେ, ବଡ଼ଭାଇ ଶଙ୍କର ନିଜ ପରିବାର ସହ ଗାଁ ରେ ଅନ୍ୟ ଏକ ଘରେ ରହୁଥିଲେ । ମୃତକଙ୍କ ସ୍ତ୍ରୀ ସୁମିତ୍ରା କହିବା ପ୍ରକାରେ, ବଳରାମ ବ୍ରାହ୍ମଣପଦର ଗାଁକୁ ଆସିବା ପରେ ବାପା- ମା ରହୁଥିବା ଘରେ ରହିଥିଲେ । ରାତି ପ୍ରାୟ ୧୦ ଟା ସମୟରେ, ବଳରାମ ଗାଁ ଦାଣ୍ଡକୁ ବାହାରିଥିବା ବେଳେ, ବଡ଼ଭାଇ ଶଙ୍କର ଓ ପୁତୁରା ଦୁହେଁ ମିଶି ଗାଁ ଦାଣ୍ଡରେ ଏକ ଗଛରେ ତାଙ୍କୁ ବାନ୍ଧି ଦେଇଥିଲେ । ପରେ ବଡ଼ଭାଇ ଓ ପୁତୁରା ଦୁହେଁ ମିଶି, ବଳରାମଙ୍କୁ ଠେଙ୍ଗାରେ ପିଟିଥିଲେ । ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ଖବର ପାଇ, ତାରାସିଙ୍ଗି ଥାନା ଓ ଗାଲେରୀ ଫାଣ୍ଡି ପୋଲିସ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛନ୍ତି । ତେବେ ତଦନ୍ତ ପରେ, ହତ୍ୟା ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି । ଅନ୍ୟ ପକ୍ଷରେ ମୃତକଙ୍କ ବାପା ଓ ସ୍ତ୍ରୀ କହିବା ପ୍ରକାରେ, ଗତ ୭/୮ ମାସ ପୂର୍ବରୁ ମଧ ବଳରାମଙ୍କୁ ମରଣାତ୍ମକ ମାଡ଼ ମାରିଥିଲା ବଡ଼ଭାଇ । ଫଳରେ ଗୁରୁତର ଆହତ ହୋଇ ବ୍ରହ୍ମପୁର ମେଡ଼ିକାଲରେ ଚିକିତ୍ସା ପରେ ଘରକୁ ଫେରିଥିଲେ, ବଳରାମ ଏବଂ ନିଜ ଗାଁ ବ୍ରହ୍ମଣପଦରରେ ନରହି, ଭଂଜନଗରରେ ଘରଭଡ଼ା ନେଇ ରହୁଥିଲେ, ବଳରାମ । ଏ ସଂକ୍ରାନ୍ତରେ ପୋଲିସ ର ତଦନ୍ତ ପରେ ସ୍ପଷ୍ଟ ହେବ, ହତ୍ୟା ପଛର କାରଣ କ'ଣ ।

# ଜରାଜୀର୍ଣ୍ଣ ଅବସ୍ଥାରେ ରାଜ୍ୟର ପ୍ରଥମ ସଂଗ୍ରହାଳୟ

- ♦ କାମ ନାଁ ରେ ବର୍ଷେ ହେଲାଣି ସଂଗ୍ରହାଳୟ ବନ୍ଦ
- ♦ ସଂଗ୍ରହାଳୟରେ ଚାଲିଥିବା କାର୍ଯ୍ୟଦେଖି କେନ୍ଦ୍ରଟିମ୍ ଅସନ୍ତୋଷ



କରଞ୍ଜିଆ(ଭାସ୍କର ନ୍ୟୁଜ୍): ଦିନ ଥିଲା ମୟୁରଭଞ୍ଜ ସ୍ୱତନ୍ତ୍ର ରାଜ୍ୟ ଥିଲା। ଆଉ ଏହାର ରାଜଧାନୀ ଥିଲା ଖିଚିଂ। ଐତିହାସିକ ମତ ଅନୁସାରେ ଖିଚିଂ ୧୬ ମାଇଲ ସହର ଥିଲା । ମୟୂରଭଞ୍ଜ ଜିଲ୍ଲାର କଳା, ସଂସ୍କୃତି, ପରମ୍ପରା, ଐତିହ୍ୟ କୁ ବଜାଇ ରଖିବା ପାଇଁ ଖିଚିଂ ଠାରେ ତକ୍ରାଳୀନ ମହାରାଜା ଏକ ସଂଗ୍ରହାଳୟ ନିର୍ମାଣ କରିଥିଲେ । ଏହାର କିଛି ବର୍ଷ ପରେ ମୟୂରଭଞ୍ଜ ରାଜ୍ୟ ଓଡିଶା ରାଜ୍ୟ ସହ ଜାନୁଆରୀ ୦୧,୧୯୪୯ ରେ ସମ୍ମିଳିତ ହୋଇଥିଲା । ସେହି ମିଶ୍ରଣ ଦିନ ଠାରୁ ମୟୂରଭଞ୍ଜ ଓଡ଼ିଶାର ଗୋଟିଏ ଜିଲ୍ଲା ହୋଇ ରହିଛି । ମୟୁରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' କିଚକେଶ୍ୱରୀ । ମା କିଚେକେଶ୍ୱରୀ ମନ୍ଦିର ମନ୍ଦିର ନିକଟରେ ରହିଛି ଓଡ଼ିଶାର ପୁରାତନ ସଂଗ୍ରହାଳୟ । ଏହି ସଂଗ୍ରହାଳୟକୁ ମୟୁରଭଞ୍ଜ ମହାରାଜା ୧୯୨୨ ସ୍ଥାପନ କରିଥିଲେ । ଏହି ସଂଗ୍ରହାଳୟରେ ବିଭିନ୍ନ ପ୍ରକାର ମୂର୍ତ୍ତି ଓ ନିତ୍ୟ ବ୍ୟବହାର ଜିନିଷ ଦେଖିବାକୁ ଦେଖିବାକୁ ମିଳେ । ଏଥି ସହିତ ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର ଓ ବିଭିନ୍ନ ଅଳଙ୍କାର ରେ ବ୍ୟବହାର କରାଯାଉଥିବା ଷ୍ଟୋନ ଦେଖିବାକୁ ପାଇବେ ଏହି ସ୍ଥାନ ରେ । ରାଜା ସେ ସମୟ ର କଳା, ସଂସ୍କୃତି ଓ ପରମ୍ପରା ବଜେଇ ରଖିବା ପାଇଁ ସଂଗ୍ରହାଳୟ ଟି ନିର୍ମାଣ କରାଇଥିଲେ । ମୟୁରଭଞ୍ଜ ଜିଲ୍ଲାର ମା' କିଚକେଶ୍ୱରୀ ଠାକୁରାଣୀ କୁ ଦର୍ଶନ କରିବା ପାଇଁ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକ ସଂଗ୍ରହାଳୟରେ ଭ୍ରମଣ କରିଥାନ୍ତି। ଏହି ସଂଗ୍ରହାଳୟକୁ ୧୦୩ ବର୍ଷ ପୁରିଯାଇଛି । ୧୦୩ ବର୍ଷ ପରେ ବି ଅବହେଳିତ ଅବସ୍ଥାରେ ପଡ଼ିରହିଛି ଓଡ଼ିଶାର ପୁରାତନ ସଂଗ୍ରହାଳୟ । ଏଠାରେ ଅନେକ ପଦବୀ ଥିଲେ ବି ଜଣେ ରାତ୍ରୀ ଜଗୁଆଳି ରେ ଚାଲିଛି ସଂଗ୍ରହାଳୟ। ରାତ୍ରି ରେ ଜଗିବା ସହିତ ଦିନ ରେ କାର୍ଯ୍ୟ କରିବା କଷ୍ଟକର ବ୍ୟାପାର ହେଇପଡ଼ିଲାଣି ଜଣେ କର୍ମଚାରୀ ଙ୍କ ପାଇଁ । ପୂର୍ବତନ ସରକାର ଖିଚିଂ ସଂଗ୍ରହାଳୟକୁ ପୁନରୁଦ୍ଧାର କରିବା ପାଇଁ ଏକ କୋଟି ଦୁଇ ଲକ୍ଷ୍ୟ ୯୨ ହଜାର ୬୪୪ ଟଙ୍କା ଅର୍ଥ ମଞ୍ଜୁର କରିଥିଲେ । ୩୦/୦୧/୨୦୨୪ ରୁ ଏହି କାର୍ଯ୍ୟ ଆରମ୍ଭ ହେଇ ୩୦/୦୬/୨୦୨୪ରେ କାର୍ଯ୍ୟ ଶେଷ କରିବାକୁ ସରକାରୀ ସ୍ତରରେ ନିୟମ ରହିଛି । କିନ୍ତୁ ୧୪ ମାସରୁ ଉର୍ଦ୍ଧ୍ୱ ସମୟ ହେଲାଣି ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେଲେବି ଶେଷ ହେଉ ନାହିଁ। କାର୍ଯ୍ୟ ସମାପ୍ତ ହେଇ ନଥିବାରୁ ସଂଗ୍ରହାଳୟଟି ୧୪ ମାସ ହେଲା ବନ୍ଦ ହେଲାଣି । ଏମିତି କି ମହାମହିମ ରାଷ୍ଟ୍ରପତି ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଖିଚିଂ ଗ୍ରସ୍ତ ରେ ଥିଲେ ମଧ ଖିଚିଂ ସଂଗ୍ରହାଳୟ ଦେଖିବାରୁ ବଞ୍ଚିତ ହେଇଛନ୍ତି । ଏଥି ସହିତ କିଛି ଦିନ ପୂର୍ବରୁ କେନ୍ଦ୍ର ସରକାରଙ୍କ ନେସନାଲ କାଉନ୍ସିଲ ଅଫ୍ ସାଇନ୍ସ ମ୍ୟୁଜିୟମ୍ ଟିମ ଖିଚିଂ ସଂଗ୍ରହାଳୟ ପରିଦର୍ଶନ କରି ଫେରିଛନ୍ତି । ସେ ଟିମ ହେଉଥିବା କାର୍ଯ୍ୟ ଉପରେ ଅସନ୍ତୋଷ ହେବା ସହିତ ସଂଗ୍ରହାଳୟର ନିୟମ ଅନୁସାରେ କାର୍ଯ୍ୟ ହେଉ ନାହିଁ ବୋଲି ଗଣ ମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ । ସବୁଠାରୁ ବଡ଼ କଥା ହେଉଛି ୩୦/୦୬/୨୫ କାର୍ଯ୍ୟ ଶେଷ ହେବା କଥା କିନ୍ତୁ ଏପର୍ଯ୍ୟନ୍ତ ଅନେକ କାମ ବାକି ରହିଛି । ଯାହାକୁ ନେଇ ଦିନକୁ ଦିନ ସ୍ଥାନୀୟ ଜନସାଧାରଣ ଏବଂ ପର୍ଯ୍ୟଟକ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି । ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ କଥା ହେଉଛି ପୁରାତନ ମୂର୍ତ୍ତି ଗୁଡିକ ଉପରେ ମରାମତି ସମୟ ରେ ସିମେଣ୍ଟ ପାଣି ପଡିଥିବା ରୁ ଅପରିଷ୍କାର ଦେଖାଯାଉଛି । ଏନେଇ ପୂର୍ତ୍ତ ବିଭାଗ ଅଧିକାରୀ ସହିତ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲେ ବି ଯୋଗାଯୋଗ ହେଇ ପାରି ନାହିଁ ।

# ପ୍ରାଥମିକ ବିଦ୍ୟାଳୟ ଶତବାର୍ଷିକ ଉତ୍ସବ

## ଶତବାର୍ଷିକୀ ଉତ୍ସବ ହେଉଛି ଶିକ୍ଷା ବିକାଶର ମାଇଲଖୁଣ୍ଟ: ମୁଖ୍ୟମନ୍ତ୍ରୀ



ଚିକିଟି(ଭାସ୍କର ନ୍ୟୁଜ୍):ଗଞ୍ଜାମ ଜିଲ୍ଲାସ୍ଥିତ ଚିକିଟି ନିର୍ବାଚନ ମଣ୍ଡଳୀର ଏକ ପ୍ରାଥମିକ ବିଦ୍ୟାଳୟର ସତବାର୍ଷିକ ଉତ୍ସବ ରେ ଯୋଗ ଦାନ କରିଥିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝି କ୍ଷ ଆଜକୁ ଶହେ ବର୍ଷ ତଳେ ଉପାନ୍ତ ଆନ୍ଧ୍ରସୀମା କୁ ଲାଗି ଥିବା ଭୀମପୁର ଗ୍ରାମରେ ୧୫.୩.୧୯୨୫ ମସିହାରେ ସ୍ୱର୍ଗତ କୃପାସିନ୍ଧୁ ପଣ୍ଡା ଅଂଚଳର ଶିକ୍ଷାର ବିକାଶ କରିବା ସକାଶେ ନିଜ ବାସଭାବନରେ ଚାଟଶାଳି ଟିଏ ନିର୍ମାଣ କରି ନିରବିଚ୍ଛୀନ ଶିକ୍ଷା ପ୍ରଦାନ କରିଆସୁଥିଲେ କ୍ଷ ଧୀରେ ଏହି ଅନୁଷ୍ଠାନ ଟିଏ କିଛି ଗୁଣି ବିଜ୍ଞ ବ୍ୟକ୍ତିମାନଙ୍କ ଦ୍ୱାରା ବିକଶିତ ହୋଇ ସରକାରୀ ବିଦ୍ୟାଳୟରେ ପରିଣତ ହୋଇଥିଲା କ୍ଷ ଦେଶର ସ୍ୱାଧିନତା ପୂର୍ବରୁ ଏହି ବିଦ୍ୟାଳୟରେ ଅନେକ ଛାତ୍ର,ଛାତ୍ରୀ ଅଧ୍ୟୟନ କରି ସରକାରଙ୍କ କିଛି ଗରୁତ୍ୱ ପୂର୍ଣ୍ଣ ବିଭାଗରେ ନିଯୁକ୍ତି ପାଇଥିବା ମଧ ପ୍ରକାଶ ପାଉଛି କ୍ଷ ବର୍ତ୍ତମାନ ଏହି ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇ କୃତାର୍ଥ ହୋଇଥିବା ବେଳେ ଆଜି ଏହାର ସତବାର୍ଷିକୀ ପ୍ରତିଷ୍ଠା ଉତ୍ସବରେ ଓଡ଼ିଶାର ସୁନାମ ଧନ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପାଇ ଧନ୍ୟ ହୋଇଯାଇଛି କ୍ଷ ଏହି ଉତ୍ସବରେ ଯୋଗ ଦାନ କରି ମହାମାନ୍ୟ ମନ୍ତ୍ରୀ ଓଡ଼ିଶାର ବିଗତ ଦିନର ଶିକ୍ଷା ନୀତି ଏବଂ ବର୍ତ୍ତମାନର କେନ୍ଦ୍ରସରକାରଙ୍କ ଦ୍ୱାରା ପ୍ରଚଳିତ ଶିକ୍ଷାନୀତି କିଭଳି ସମସ୍ତ ଶିକ୍ଷାକୁ ପୂର୍ଣାଙ୍ଗ ପ୍ରଦାନ କରିବ ସେଥିପାଇଁ ଏହି ସରକାର ଚେଷ୍ଟାରତ ବୋଲି ମଧ ପ୍ରକାଶ କରିଛନ୍ତି କ୍ଷ ବିଗତ ସରକାରରେ ଫାଇବ ଟୀ କରି ସମସ୍ତ ବିଦ୍ୟାଳୟର ଭିତିଭୂମି କୁ ନସୁଧାରି ଖାଲି ଆଗକୁ ରଙ୍ଗ ମାରି ଚିକ୍କଣ କରି ବ୍ରିଟିଶ ଶିକ୍ଷାନୀତି ଆପଣାଇ ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳୁଥିଲେ ବର୍ତ୍ତମାନ ତାହା ଚଳିବ ନାହିଁ ବୋଲି ମଧ ପ୍ରକାଶ କରିବା ସହ ଏହି ବିଦ୍ୟାଳୟକୁ ଆଗକୁ ନେବା ସକାଶେ କିଛି ଭିତିଭୂମିକୁ ସଜାଡ଼ିବା ର ଅଛି ଏହାକୁ ତୁରନ୍ତ ସଜାଡ଼ିବା ସକାଶେ ଜିଲ୍ଲା ପାଳଙ୍କୁ ଡିପିଆର ଦେବା ସକାଶେ ଆଦେଶ ପ୍ରଦାନ କରିଥିଲେ କ୍ଷ ଆହୁରି ମଧ ବର୍ତ୍ତମାନ ର ସରକାର ମହିଳା ମାନଙ୍କୁ ଆର୍ଥିକ ସ୍ୱଚଳ କରିବା ସକାଶେ ସୁଭଦ୍ରା,ମିଶନ ଶକ୍ତି ଭଳି ଅନେକ ଯୋଜନା କୁ ପରିମାର୍ଜିତ କରି ମହିଳା ମାନଙ୍କୁ ଆର୍ଥିକ ସ୍ୱଚଳ କରାଇବା ସକାଶେ ମଧ ସଂକଳ୍ପ ବଧ ବୋଲି ପ୍ରକାଶ କରିଥିଲେ କ୍ଷ ଏହି ଅବସରରେ ସ୍ଥାନୀୟ ବିଧାୟକ ଶ୍ରୀ ମନରଞ୍ଜନ ଦ୍ୟାନ ସାମନ୍ତରା ଉପସ୍ଥିତ ରହି ନିର୍ବାଚନ ମଣ୍ଡଳୀର ବିଭିନ୍ନ ପ୍ରକଳ୍ପ, ଚାଷୀଙ୍କ ନିମନ୍ତେ କିଛି ଜଳସେଚନ ପ୍ରକଳ୍ପ ନିର୍ମାଣ,ଉପକୂଳ ଅଞ୍ଚରେ ଲାଗିରହିଥିବା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ, ପାତ୍ରପୁରକୁ ବିଜ୍ଞକ୍ଷପିତ ଅଞ୍ଚଳ ରୂପେ ଘୋଷଣା କରିବା ସକାଶେ ସୁପାରିଶ କରିଥିଲେ କ୍ଷ ଏହି ମଞ୍ଚରେ ପାତ୍ରପୁର ବ୍ଲକ ଅଧକ୍ଷକ୍ଷ,ୱାଇ ସଂଯୁକ୍ତା,ଅପାଧକ୍ଷ ଅନାଦିଚରଣ ପଣ୍ଡିତ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଯୋତି ପରିଡାଙ୍କ ସହ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲାପରିଷଦ ସଭ୍ୟ ଯୋଗ ଦାନ କରିଥିଲେ।

# ବଜ୍ରପାତରେ ଜଳିଗଲା ନଡ଼ିଆ ଗଛ

## ଜଣେ ଆହତ



ବୋଲଗଡ(ଭାସ୍କର ନ୍ୟୁଜ୍): ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ଗ୍ରାମ ସ୍ଥିତ ଗୌଡସାହି ମଧ୍ୟରେ ଥିବା ଏକ ନଡ଼ିଆ ଗଛକୁ ବଜ୍ରପାତ ହୋଇଛି। ଏଥିରେ ନଡ଼ିଆ ଗଛ ଜଳୁଥିବାର ଦେଖି ସ୍ଥାନୀୟ ସାହିର ଜନ ସାଧାରଣ ଭୟଭୀତ ହୋଇ ସ୍ଥାଣୁ ପାଲଟି ଯାଇଥିଲେ। ପରେ ବେଗୁନିଆ ଦମକଳ କର୍ମଚାରୀ ପହଂଚି ନିଆଁକୁ ଆୟତ୍ତ କରିଥିଲେ । ଅନ୍ୟପଟେ ବୋଲଗଡ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମ ବାଟ ସାହି ସାଗର ସାହୁ ଦାଣ୍ଡ ଘରେ ବସିଥିବା ବେଳେ ବଜ୍ରପାତ ଆହତ ହୋଇଥିବା ଜଣାପଡିଛି।

# ପ୍ରାକ୍ତନ ସରପଞ୍ଚଙ୍କ ବିୟୋଗ



ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍): ବଡଚଣା ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡ଼ା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଂଚ ରାଜ କିଶୋର ସ୍ୱାଇଁଙ୍କ ୫୭ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି। କିଛି ଦିନ ହେଲା ସେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ଗତ ଚାରିଦିନ ତଳେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ଯାଇଥିଲା। ଆଜି ଚିକିତ୍ସାଧୀନ ଅବସ୍ଥାରେ ବିୟୋଗ ଘଟିଛି। ୨୦୦୭ରୁ ୨୦୧୨ସୁଙ୍ଗୁଡ଼ା ଗ୍ରାମ ପଞ୍ଚାୟତର ସରପଂଚ ଥାଇ ଚଣ୍ଡିଖୋଲ ଛକ ଠାରେ ରାଜୀବ ସେବା କେନ୍ଦ୍ର ନିର୍ମାଣ ସହିତ ପଞ୍ଚାୟତରେ ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ। ଜଣେ ଶାନ୍ତଶିଳ ଭଦ୍ର ନମ୍ର,ପରୋପକାରୀ ବ୍ୟକ୍ତି ଭାବରେ ସମଗ୍ର ପଞ୍ଚାୟତରେ ପରିଚିତ ଥିଲେ। ଆଜି ତାଙ୍କ ଶବ ଚଣ୍ଡିଖୋଲ ରେ ପହଞ୍ଚିଲା ପରେ ଶତାଧିକ ଯୁବକ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରା ରେ ନିଜ ଗ୍ରାମ ନିଶିମଳାକୁ ନେଇଥିଲେ। ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶବାଧାରରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ ବଡଚଣା ବିଧାୟକ ଅମର ନାୟକ,ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ, ସୀତାକାନ୍ତ ମହାପାତ୍ର, ବଡ଼ଚଣା ପଞ୍ଚାୟତ ସମିତି ଅଧକ୍ଷା ମିନତୀ ସେନାପତି, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ଦୁର୍ଗା ପୂଜା କମିଟି ସଭାପତି ବିଭୂତି ଭୂଷଣ ଜେନା, ପ୍ରିୟବ୍ରତ ଖିଲାର, ଅନିଧ ସାମଲ , ଅଟଳ ଜେନା,ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ଅଧକ୍ଷ ପବିତ୍ର ମୋହନ ମାହାଲା, ପଲ୍ଲୀମଙ୍ଗଳ ସେବା ସମବାୟ ସମିତି ସଭାପତି ସଞ୍ଜୟ କୁମାର ସ୍ୱାଇଁ, ପୂର୍ବତନ ସରପଞ୍ଚ ଚାଚାଲିନ ସ୍ୱାଇଁ, ସେକ କମାମମୁଦ୍ଦିନ, ଆଇନଜୀବି ଦେବରାଜ ବେହେରା, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟା କାଞ୍ଚନ ବକ୍ଷଳା ଦାସ, ଚଣ୍ଡିଖୋଲ ବଣିକ ସଂଘ ସଭପତି କ୍ଷୀରୋଦ ଚନ୍ଦ୍ର ମହଲା,ସାମ୍ବାଦିକ ପ୍ରସନ୍ନ କୁମାର ବିଶ୍ୱାଳ, ପ୍ରଶାନ୍ତ କୁମାର ଜେନା ହେମସ ଜେନା ସମେତ ବହୁ ସାମାଜିକ ଅନୁଷ୍ଠାନ ପକ୍ଷରୁ ସ୍ୱର୍ଗତ ରାଜ କିଶୋର ସ୍ୱାଇଁଙ୍କ ବିୟୋଗରେ ଶୋକ ପ୍ରକଟ କରାଯାଇଛି। ତାଙ୍କର ଏକମାତ୍ର ପୁତ୍ର ରାକେଶ ମୁଖାଗ୍ନି ଦେଇଥିଲେ।

# କେନାଲରେ ବୁଡି ଯୁବକର ମୃତ୍ୟୁ

ଶୁଳିଆପଦା(ଭାସ୍କର ନ୍ୟୁଜ୍): ମୟୁରଭଞ୍ଜ ଜିଲ୍ଲା ଶୁଳିଅପଦା ବ୍ଲକର ମହାବିଲା ପଞ୍ଚାୟତ ଅଧିନସ୍ଥ ଧରମପୁରା ଗ୍ରାମଦେଇ ଯାଇଥିବା ସୁବର୍ଣ୍ଣରେଖା କେନାଲ ରେ ଏକ ମୃତ ଦେହ ଭାସୁଥିବାର ଦେଖି ଗ୍ରାମବାସୀ ମାନେ ନିକଟସ୍ଥ ଶୁଳିଆପଦା ଥାନା ଏବଂ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ, ଅଗ୍ନିଶମ ବାହିନୀର ଯବାନ ମାନେ ଆସି ଶୁଳିଆପଦା ପୋଲିସ ର ଉପସ୍ଥିତିରେ ଶବକୁ ଉଦ୍ଧାର କରିଥିଲେ,ମୃତ ଜଣକ ମହାବିଲା ଗ୍ରାମପଞ୍ଚାୟତ ଧରମପୁରା ଗ୍ରାମର ଲକ୍ଷ୍ମଣ ମାର୍ଣ୍ଡି ଙ୍କ ବାୟାଳୀଶ ବର୍ଷର ପୁଅ ରାଜେନ୍ଦ୍ର କୁମାର ମାର୍ଣ୍ଡି ବୋଲି ଜଣାପଡିଛି ,ସୂଚନା ମୁତାବକ ଲକ୍ଷଣ ମାର୍ଣ୍ଡି ବ୍ରହ୍ମପୁର ରେ ଚାକିରୀ କରୁଥିଲେ ଏବଂ ପୁରା ପରିବାର ବ୍ରହ୍ମପୁରରେ ରହୁଥିଲେ କିନ୍ତୁ ଗତକାଲି ମୃତ ରାଜେନ୍ଦ୍ର ମାର୍ଣ୍ଡି ନିଜ ମା' କମଳା ମାର୍ଣ୍ଡିଙ୍କ ସହିତ ନିଜ ପୈତୃକ ଗ୍ରାମ ଧରମପୁରା କୁ କୌଣସି କାମପାଇଁ ଆସିଥିଲେ, ଦିନ ୧୧ ଟା ବେଳେ ରାଜେନ୍ଦ୍ର ମାର୍ଣ୍ଡି ଗାଧୋଇବା ପାଇଁ ଗାଁ ପାଖରେ ଥିବା ସୁବର୍ଣ୍ଣ ରେଖା କେନାଲକୁ ଯାଇ ଘରକୁ ଫେରି ନଥିଲେ, ପୁଅ ଉଚ୍ଚଶିକ୍ଷିତ ଥିବା ସହିତ ମା ହୃଦରୋଗ ପୀଡିତ ଥିବାରୁ, ମା କମଳା ମାର୍ଣ୍ଡି ପୁଅକୁ ଖୋଜାଖୋଜି କରିନଥିଲେ, କିନ୍ତୁ ଆଜି ପୁଅର ମୃତଦେହ ଦେଖି ମା ମର୍ମାହତ ହୋଇ ପଡିଛନ୍ତି। ସୂଚନା ମୁତାବକ ଲକ୍ଷ୍ମଣ ମାର୍ଣ୍ଡି ଙ୍କ ଦୁଇ ପୁଅ ଥିଲେ।ସାନ ପୁଅ ଦୁଇମାସ ପୂର୍ବ ରୁ ଟ୍ରେନ ଆକ୍ସିଡେଣ୍ଟ ରେ ମୃତ୍ୟୁ ହୋଇଥିବା ବେଳେ ଆଜି ଆଉଜଣେ ପୁଅ ଙ୍କ ଜୀବନ ଯାଇଛି। ଫଳରେ ବୃଦ୍ଧ ବୟସରେ ସାହା ହେବାକୁ କେହି ନାହାନ୍ତି, ପୁଅ ଶବ ପାଖରେ ବସି ବୃଦ୍ଧ ମା' ଆଜି ପୁଅକୁ ଝୁରି କାନ୍ଦୁଛନ୍ତି । ଶୁଳିଆପଦା ଥାନା ରେକେଶ ନମ୍ବର ଯୁଡି ୧୯/୨୫ ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍ ଏମ୍ ମେଡିକାଲ କୁ ପଠା ଯାଇଥିବାଥିବା ଶୁଳିଆପଦାଏଏସ୍ଆଇ ରୂପଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି ।

# ଜିଲ୍ଲାସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ

ଉମରକୋଟ(ଭାସ୍କର ନ୍ୟୁଜ୍): ପ୍ରତିବର୍ଷ ଏପ୍ରିଲ ମାସର ଶେଷ ଶନିବାରକୁ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ରୂପେ ପାଳନ କରାଯାଏ। ଏହି କ୍ରମରେ ନବରଙ୍ଗପୁର ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ତରଫରୁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସମାଜରେ ପ୍ରାଣୀ ଚିକିତ୍ସକ ମାନଙ୍କର ଭୂମିକା ଶୀର୍ଷକ ଏକ ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ରାଧେଶ୍ୟାମ ଲାଇକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ଯୋଗଦେଇ ଥିବାବେଳେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନ (ରାଜସ୍ୱ), ତପନ ଖୁଣ୍ଟିଆ (ସାଧାରଣ) ପ୍ରମୁଖ ଯୋଗଦେଇ ଥିଲେ। ପ୍ରାଣୀ ଚିକିତ୍ସକ ମାନଙ୍କ ଅବଦାନକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଓ ତାକୁ ସମ୍ମାନ ଜଣାଇବା ନିମନ୍ତେ ଏହି ଦିବସ ପାଳିତ ହୋଇଥାଏ। ଏହି କାର୍ଯ୍ୟକ୍ରମରେ ଏଡିଭିଓ (ରୋଗ ନିଦାନ) ଡା ପ୍ରଶାନ୍ତ କୁମାର ସାମଲ ,ଏଡିଭିଓ (ପ୍ରାଣୀଧନ ଉତ୍ପାଦନ) ଡାକ୍ତର ମନୋରଞ୍ଜନ ନନ୍ଦ ପ୍ରମୁଖ ଯୋଗ ଦେଇ ଜିଲ୍ଲାର ପ୍ରାଣୀ ଚିକିତ୍ସକ ମାନଙ୍କୁ ପ୍ରଶଂସା କରିବା ସହିତ ଜିଲ୍ଲାରେ ଦୁଗ୍ଧ, ମାଂସ, ଅଣ୍ଡା ଆଦି ଉତ୍ପାଦନ ବୃଦ୍ଧି ଓ ପ୍ରାଣୀ ପାଳକ ମାନଙ୍କ ଆୟ ବୃଦ୍ଧି ଦିଗରେ ଆହୁରି ସଂଗଠିତ ଉଦ୍ୟମ କରିବାକୁ ଅନୁପ୍ରାଣିତ କରିଥିଲେ। ଏହି ଅବସରରେ ଜିଲ୍ଲାର ସମସ୍ତ ବ୍ଲକ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଓ ସହକାରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର





ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ କି ବାତ କାର୍ଯ୍ୟକ୍ରମର ୧୨୧ ତମ ସଂସ୍କରଣରେ କଶ୍ମୀରର ପହଲଗାମରେ ଆତଙ୍କବାଦୀ ବର୍ବୋରଚିତ ଆକ୍ରମଣ ଘଟଣାକୁ ମନେ ପକାଇ ଦୁଃଖବ୍ୟକ୍ତ କରିଛନ୍ତି । ପୀଡ଼ିତ ଏବଂ ସେମାନଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି । ପୀଡ଼ିତଙ୍କ ପରିବାରକୁ ନିଶ୍ଚିନ୍ତ ନ୍ୟାୟ ମିଳିବ ଏବଂ ଆତଙ୍କବାଦୀମାନଙ୍କୁ କଡ଼ା ଜବାବ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ଭରସା ଦେଇଛନ୍ତି । ଆତଙ୍କବାଦୀ ବିରୋଧ ଲଢ଼େଇରେ ପୁରା ଦେଶବାସୀ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ସହ ଅଛନ୍ତି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଶ୍ରୀ ସାମଲ କହିଛନ୍ତି ଯେ, ବିଜେପି ସରକାର ଜମ୍ମୁ କାଶ୍ମୀରରୁ ୩୭୦ ଉଚ୍ଛେଦ କରି ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଂଚଳ ଭାବେ ଘୋଷଣା କରିବା ପରେ ସେଠାରେ ଶାନ୍ତି ଫେରୁଥିଲା । ଗଣତନ୍ତ୍ର ମଜଭୁତ ହେଉଥିଲା । ସ୍କୁଲ, କଲେଜ ସ୍ୱାଭାବିକ ଭାବରେ ଚାଲୁଥିଲା । ପର୍ଯ୍ୟଟକଙ୍କ ସଂଖ୍ୟାରେ ଅଭୁତପୂର୍ବ ବୃଦ୍ଧି ସହ ସ୍ଥାନୀୟ ଲୋକଙ୍କ ରୋଜଗାର ବଢୁଥିଲା । ଯୁବଗୋଷ୍ଠୀଙ୍କ ଲାଗି ନୂତନ ସମ୍ଭାବନା ସୃଷ୍ଟି ହେଉଥିଲା । ଏହାର ଆକ୍ରୋଶ ପୁରାଦେଶବାସୀଙ୍କ ମନରେ ରହିଛି । ସେମାନଙ୍କୁ ଜବାବ ଦେବାପାଇଁ ଶ୍ରୀ ମୋଦିଜୀ ଯେଉଁ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ଏବଂ ଆଗକୁ ଦେଶର ହିତ ପାଇଁ ଯାହା ସବୁ ପଦକ୍ଷେପ ନେବେ ସେଥିରେ ସଭିଏଁ ତାଙ୍କୁ ପୂର୍ଣ୍ଣ ସହଯୋଗ କରିବେ ବୋଲି ଶ୍ରୀ ସାମଲ କହିଛନ୍ତି ।

## ଭାରତୀୟଙ୍କ ଏକତା ହିଁ ଆତଙ୍କବାଦ ବିରୋଧରେ ସବୁଠାରୁ ବଡ଼ ଶକ୍ତି: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତୀୟଙ୍କ ଏକତା ହିଁ ଆତଙ୍କବାଦ ବିରୋଧରେ ସବୁଠାରୁ ବଡ଼ ଶକ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ରବିବାର ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମନ କୀ ବାତ' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାଶ୍ମୀର ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି । ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ସମଗ୍ର ଦେଶ ଦୁଃଖିତ। ଏହି ଆକ୍ରମଣ ଆତଙ୍କବାଦୀଙ୍କ କାପୁରୁଷତାକୁ ଦର୍ଶାଉଛି। କାଶ୍ମୀରକୁ ପୁଣି ଅଶାନ୍ତ କରିବା ଲକ୍ଷ୍ୟରେ ଆତଙ୍କବାଦୀ ଏଭଳି ଆକ୍ରମଣ କରିଛନ୍ତି। କିନ୍ତୁ ଦେଶର ୧୪୦ କୋଟି ଭାରତୀୟ ଆଜି ଏକଜୁଟ ହୋଇଛନ୍ତି । ଭାରତୀୟମାନଙ୍କ ଏହି ଏକତା ହିଁ ଆତଙ୍କବାଦ ବିରୋଧରେ ସବୁଠାରୁ ବଡ଼ ଶକ୍ତି। ଆତଙ୍କବାଦ ବିରୋଧରେ ଲଢ଼େଇରେ ସାରା ବିଶ୍ୱ ଭାରତ ସହିତ ଅଛି। ଏହି ଆକ୍ରମଣ ଘଟଣାରେ ପୀଡ଼ିତ ପରିବାରକୁ ନିଶ୍ଚିତ ନ୍ୟାୟ ମିଳିବ । ଷଡ଼ଯନ୍ତ୍ରକାରୀଙ୍କୁ ନିଶ୍ଚୟ ଦଣ୍ଡ ମିଳିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୃଢ଼ତାର ସହ କହିଛନ୍ତି ।

## ନିଟ୍-ସୁପର ସ୍ପେଶାଲିଟି ପରୀକ୍ଷାରେ ପ୍ରଥମ ସ୍ଥାନ ହାସଲ କରିଥିବା ଯଶ୍ ଜୈନଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନିଟ୍-ସୁପର ସ୍ପେଶାଲିଟି ପରୀକ୍ଷାରେ ପ୍ରଥମ ସ୍ଥାନ ହାସଲ କରିଥିବା କଂଟାବାଞ୍ଜିର ଯଶ୍ ଜୈନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏନଇଇଟି-ସୁପର ସ୍ପେଶାଲିଟି ପରୀକ୍ଷାରେ ଅଖିଳ ଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅର୍ଜନ କରି ଓଡ଼ିଶାକୁ ଗର୍ବିତ କରିଥିବା ବଲାଙ୍ଗିର କଂଟାବାଞ୍ଜିର ଯଶ୍ ଜୈନ୍ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ଯଶଙ୍କର ଏହି ଉପଲବ୍ଧି ଓଡ଼ିଆ ବିଦ୍ୟାର୍ଥୀଙ୍କ ଅସୀମ ସାମର୍ଥ୍ୟର ଏକ ଜ୍ୱଳନ୍ତ ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଯଶଙ୍କର ସଫଳତା ରାଜ୍ୟର ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେବା ସହ ସ୍ୱପ୍ନ ଦେଖିବାର ସାହସ ଯୋଗାଇଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଆଗାମୀ ଦିନରେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## କ୍ରେଡାଇ ଓଡ଼ିଶା ହୋମ୍ ଆଣ୍ଡ ଡେକୋର ଏକ୍ସପୋର ଗୃହ ଆଶାୟୀଙ୍କୁ କରୁଛି ଆକର୍ଷିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): କ୍ରେଡାଇ ଓଡ଼ିଶାର ହୋମ୍ ଆଣ୍ଡ ଡେକୋର ଏକ୍ସପୋ-୨୦୨୫ରେ ରାଜ୍ୟର ବହୁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଯୋଗ ଦେଇ ସମର୍ଥନ ଜଣାଇଛନ୍ତି। ଏପ୍ରିଲ ୨୦ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ରବିବାର ନବମ ଦିନରେ ପ୍ରବେଶ କରିଥିବା ବେଳେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂହ ଓ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ରବିବାର ସନ୍ଧ୍ୟାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଓଡ଼ିଆ କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ଚମତ୍କାର ପରିବେଷଣ ଆସିଥିବା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ତେବେ ରବିବାର ଥିବାଯୋଗୁଁ ଘର ପାଇଁ ଆଶାୟୀ ଓ ସାଜସଜ୍ଜାର ବିକଳ୍ପ ବୁଝିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ଅସୀମା ତାଙ୍କ ହିଟ୍ ନମ୍ବରରେ ଦର୍ଶକଙ୍କୁ ଆକର୍ଷିତ କରନ୍ତି, ଯାହା ଏକ୍ସପୋରେ ସାଂସ୍କୃତିକ ରଙ୍ଗ ଯୋଡିଥାଏ । ଏପ୍ରିଲ ୨୦ରୁ ୨୯ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ୧୦ ଦିନିଆ ମହୋତ୍ସବକୁ ଉତ୍ସାହଜନକ ପ୍ରତିକ୍ରିୟା ମିଳିଥିବା ବେଳେ ଏପର୍ଯ୍ୟନ୍ତ ୧୨ ହଜାରରୁ ଅଧିକ ଦର୍ଶକ ପରିଦର୍ଶନ କରିଛନ୍ତି। ଏହି ଏକ୍ସପୋ ସମ୍ଭାବ୍ୟ ଘର ମାଲିକ ଏବଂ ନିବେଶକଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ସୃଷ୍ଟି କରିଛି, ଯାହା ନୂତନ ଫ୍ଲାଟ ଏବଂ ବିଭିନ୍ନ ଘର ଏବଂ ସଜ୍ଜା ସମାଧାନ ପାଇଁ ଗୁରୁତ୍ୱପୂର୍ଣ୍ଣ ଅନୁସନ୍ଧାନ ସୃଷ୍ଟି କରିଛି । ଏକ୍ସପୋ ଅଗ୍ରଣୀ ବିଲଡର, ବ୍ୟାଙ୍କ, ବିଲ୍ଡିଂ ମ୍ୟାଟେରିଆଲ ନିର୍ମାତା, ଇଲେକ୍ଟ୍ରୋନିକ୍ସ ଫାର୍ମ, ଇଣ୍ଟେରିୟର ଡିଜାଇନର ଏବଂ ଟାଇଲ ନିର୍ମାତାମାନଙ୍କୁ ଏକାଠି କରିବା ପାଇଁ ଏକ ଗତିଶୀଳ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରେ । ଆଶାୟୀ ଘରମାଲିକ, ରିଅଲ ଇଷ୍ଟେଟ୍ ନିବେଶକ, ଆର୍କିଟେକ୍ଟ ଏବଂ ଡିଜାଇନ୍ ପେସାଦାରମାନଙ୍କ ପାଇଁ ଡିଜାଇନ୍ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ସ୍ମାର୍ଟ ହୋମ୍ ଟେକ୍ନୋଲୋଜି, ପରିବେଶ ଅନୁକୂଳ ନିର୍ମାଣ ସାମଗ୍ରୀ ଏବଂ ଭବିଷ୍ୟତରେ ପ୍ରସ୍ତୁତ ଜୀବନଶୈଳୀ ଉଭାବନରେ ଅତ୍ୟାଧୁନିକ ପ୍ରଦର୍ଶନ କରାଯାଇଛି।

## ରାଜ୍ୟରେ ଜଳ ଯୋଗାଣରେ କୌଣସି ଅସୁବିଧା ହେବ ନାହିଁ: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରେ ଜଳ ଯୋଗାଣରେ କୌଣସି ଅସୁବିଧା ହେବ ନାହିଁ । ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସାଢ଼େ ୫ ଶହ କୋଟି ଟଙ୍କା ବିଭିନ୍ନ ଜିଲ୍ଲାପାଳଙ୍କ ଆକାଉଣ୍ଟକୁ ପଠାଯାଇଛି ବୋଲି ମନ୍ତ୍ରୀ ରବି ନାଏକ କହିଛନ୍ତି । ଯେଉଁ ଜାଗାରେ ପାଣି ମିଳୁନଥିବ। ସେଠାରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ । ପାଣି ପାଇଁ କେହି କଷ୍ଟ ନ ପାଇବେ ନାହିଁ। ସରକାର ଏ ଦିଗରେ ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି। ଗ୍ରୀଷ୍ମ ପ୍ରବାହରକୁ ନେଇ ରାଜ୍ୟରେ ଜଳ ଯୋଗାଣରେ କୌଣସି ଅସୁବିଧା ହେବ ନାହିଁ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ କହିଛନ୍ତି। ଯେଉଁ ଜାଗାରେ ପାଣି ମିଳୁ ନ ଥିବ। ସେଠାରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ। ଚଳିତ ବର୍ଷ ନୂଆ ସରକାରରେ ୨୪ ହଜାର ନୂଆ ନଳକୂପ ସ୍ଥାପନ କରାଯାଉଛି। ୨୪ ହଜାର ନୂଆ ନଳକୂପ ମଧ୍ୟରୁ ୯ ହଜାରରୁ ଅଧିକ ନୂଆ ନଳକୂପ ସ୍ଥାପନ ସ୍ଥାପନ ହୋଇ ସାରିଛି। ବାକି ୧୫ ଦିନ ଭିତରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହାକୁ ନେଇ ସାଢ଼େ ୫ ଶହ କୋଟି ଟଙ୍କା ବିଭିନ୍ନ ଜିଲ୍ଲାପାଳଙ୍କ ଆକାଉଣ୍ଟକୁ ପଠାଯାଇଛି। ନଳକୂପ ଖୋଳିବା ପାଇଁ ଜିଲ୍ଲାପାଳଙ୍କୁ ନେଇ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜଳ ଯୋଗାଣ ନେଇ ୨୭୨ ମେଗା ପ୍ରକଳ୍ପ ଚାଲିଛି। ସୋଶିଆଲ ମିଡ଼ିଆ ଏବଂ ଗଣମାଧ୍ୟମରେ ଖବର ପ୍ରକାଶିତ ପରେ ବିଭାଗ ପକ୍ଷରୁ ଏହାକୁ ନେଇ ବିଭାଗ ପକ୍ଷରୁ ମନିଟରିଙ୍ଗ କରାଯାଉଛି। ସେହି ଆଧାରରେ ମଧ୍ୟ ପଦକ୍ଷେପ ନିଆଯାଉଛି ବୋଲି ପଂଚାୟତିରାଜ ମନ୍ତ୍ରୀ ରବି ନାଏକ କହିଛନ୍ତି ।

## ଗଞ୍ଜାମର ଆଇନ ଶୃଙ୍ଖଳାକୁ ନେଇ ବର୍ଷିଲା ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗଞ୍ଜାମର ଆଇନ ଶୃଙ୍ଖଳାକୁ ନେଇ ବର୍ଷିଲା ବିଜେଡି । ବିଜେଡି ନେତ୍ରୀ ଲତିକା ପ୍ରଧାନ କହିଛନ୍ତି ଯେ, ବହୁ ବର୍ଷ ପରେ ପୁଣିଥରେ ଗଞ୍ଜାମ ଅଶାନ୍ତ ହୋଇଛି । ହୋଲିରେ ମଧ୍ୟ ହତ୍ୟା ହୋଇଛି। କବିସୂର୍ଯ୍ୟ ନଗରରେ ଲୋକ ଆଜି ଅସୁରକ୍ଷିତ। ଆମ ସରକାରରେ କୌଣସି କ୍ରିମିନାଲକୁ ପ୍ରୋଟେକସନ ଦିଆଯାଉ ନଥିଲା। ଆଜି ରାଜନେତାଙ୍କ ଛତ୍ରଛାୟା ତଳେ ଏମିତି ହେଉଛି। ଏଥିପାଇଁ ସରକାର ଦାୟୀ। ମୁଖ୍ୟମନ୍ତ୍ରୀ ଗଞ୍ଜାମ ଗସ୍ତରେ ଥିବାରୁ ସବୁ ସରକାରୀ କଳ ତାଙ୍କ ପାଇଁ ଲାଗିଛି। ଏବେ ଶାଳବଣ ଘଟଣାରେ ପୋଲିସ ବହୁ ବିଳମ୍ବରେ ପହଂଚିଛି। ପୋଲିସ ଲୋକଙ୍କୁ ସୁରକ୍ଷା ଦେବା ବଦଳରେ କେବଳ ପ୍ରୋଟକଲ ସମ୍ଭାଳୁଛନ୍ତି। ସାରା ରାଜ୍ୟରେ ଏବେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ବୋଲି ଲତିକା ପ୍ରଧାନ କହିଛନ୍ତି ।

## ଶିକ୍ଷା ବିକାଶ ସମିତିର ପ୍ରାଦେଶିକ ସାଧାରଣ ସଭା

କଟକ(ଭାସ୍କର ନ୍ୟୁଜ): ସରସ୍ୱତୀ ବିଦ୍ୟା ମନ୍ଦିର କେଶବଧାମ, କଟକଠାରେ ବିଦ୍ୟା ଭାରତୀ, ଶିକ୍ଷା ବିକାଶ ସମିତି ପକ୍ଷରୁ ଏହାର ପ୍ରାଦେଶିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଭାରତୀ ଅଖିଳ ଭାରତୀୟ ସଂଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ପୂର୍ବଛାତ୍ର ସଶକ୍ତୀକରଣ, ବିଦ୍ୟାଳୟ ଛାତ୍ର ସଂଖ୍ୟା ବୃଦ୍ଧି, ଗୁଣାତ୍ମକ ଶିଶୁ ବାଟିକା, କୌଶଳ ବିକାଶ, ମାତୃ ଭାରତୀ ଶକ୍ତି ଜାଗରଣ, ରାଷ୍ଟ୍ରୀୟ ଶିକ୍ଷାନୀତି, ପୋଷକ ଗ୍ରାମ ଅଭିଯାନ, ବିଦ୍ୟା ଭାରତୀ ବିକାଶ ଯାତ୍ରା, ପ୍ରାଦେଶିକ ସମ୍ପାଦକ ଓ ପ୍ରଧାନାଚାର୍ଯ୍ୟ ସମ୍ମିଳନୀ ଏବ ପ୍ରତି ବ୍ଲକ୍ କାର୍ଯ୍ୟକ୍ଷମ କରିବା ଆଦି ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟା ଭାରତୀ ଅଖିଳ ଭାରତୀୟ ସହ ମନ୍ତ୍ରୀ ଗାୟତ୍ରୀ ବାହିନୀ ପତି, ଶିକ୍ଷା ବିକାଶ ସମିତିର ଅଧ୍ୟକ୍ଷ ଡ଼ଃ କିଶୋର ଚନ୍ଦ୍ର ମହାନ୍ତି, ସମ୍ପାଦକ ଡଃ ସରୋଜ କୁମାର ହାତୀ, ସହ ସଂପାଦକ ଉମେଶ ଚନ୍ଦ୍ର ଦାଶ, ସଂଗଠନ ମନ୍ତ୍ରୀ ତାରକଦାସ ସରକାର, ସଂଗଠନର ସମସ୍ତ ସଂକୁଳ କେନ୍ଦ୍ରର ସଂଯୋଜକ, ସଙ୍କୁଳ ପ୍ରମୁଖ, ଜିଲ୍ଲା ପ୍ରମୁଖ, ସହଜିଲ୍ଲା ପ୍ରମୁଖ, ସମ୍ଭାଗ ସମିତି କାର୍ଯ୍ୟକର୍ତ୍ତା, ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ଓ ପ୍ରାନ୍ତ ଅଧିକାରୀ ଯୋଗ ଦେଇଥିଲେ ।




ଉତ୍କଳ ମଣ୍ଡପରେ ଆୟୋଜିତ 'ଏକ ସାମ୍ କିଶୋର ଦା'କେ ନାମ କାର୍ଯ୍ୟକରେ କଣ୍ଠଦାନ କରୁଛନ୍ତି ବିଶିଷ୍ଟ କଣ୍ଠଶିଳ୍ପୀ

## ଭୁବନେଶ୍ୱର ବିମାନ ବନ୍ଦରରେ ପ୍ରବଳ ହଙ୍ଗାମା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ବିମାନ ବନ୍ଦର ଉତ୍ତେଜନା । ୧୨ ଘଣ୍ଟା ପରେ ବି ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରିନାହାନ୍ତି ଯାତ୍ରୀ । ଗେଟ ସମ୍ମୁଖରେ ୨୫ରୁ ଅଧିକ ଯାତ୍ରୀ ହୋ ହାଲ୍ଲା କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ପାଗ ଖରାପ ଯୋଗୁଁ ଦିଲ୍ଲୀରୁ କଲିକତା ଯାଉଥିବା ଯାତ୍ରୀଙ୍କୁ ଗତକାଲି ରାତିରୁ ଭୁବନେଶ୍ୱର ବିମାନ ବନ୍ଦରରେ ବିମାନ ଅବତରଣ କରିଥିଲା ସ୍ପାଇସଜେଟ। ହେଲେ ପାଗ ଭଲ ହେବା ପରେ ବି ୧୨ ଘଣ୍ଟା ପରେ ବି ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରିନାହାନ୍ତି ଯାତ୍ରୀ । ଯାହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯିବା ସହ ଉତ୍ତେଜନା ଦେଖାଦେଇଛି ।

## ଏକାମ୍ର ନିର୍ବାଚନ ମଣ୍ଡଳୀରେ ମନ୍ କି ବାତ୍ ଶୁଣିଲେ ମନ୍ତ୍ରୀ ଓ ବିଧାୟକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରବିବାର ଏକାମ୍ର ନିର୍ବାଚନ ମଣ୍ଡଳୀର ବିଜେପି କାର୍ଯ୍ୟାଳୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ଓ ଏକାମ୍ର ବିଧାୟକ ବାବୁ ସିଂ ସ୍ଥାନୀୟ କାର୍ଯ୍ୟକର୍ତ୍ତାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ କି ବାତ୍ର ୧୨୧ତମ ସଂସ୍କରଣ ଶୁଣିଥିଲେ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ କି ବାତ କାର୍ଯ୍ୟକ୍ରମର ୧୨୧ ତମ ସଂସ୍କରଣରେ ପହଲଗାମରେ ହୋଇଥିବା ଆତଙ୍କୀ ଆକ୍ରମଣ ସମଗ୍ର ଦେଶବାସୀଙ୍କୁ ଦୁଃଖ ଦେଇଛି । ଆତଙ୍କବାଦୀଙ୍କ ବିରୋଧରେ ସାରା ଦେଶ ଏକାଠି ହୋଇଛି । ଉଭୟ ଆକ୍ରମଣକାରୀ ଏବଂ ଷଡ଼ଯନ୍ତ୍ରକାରୀଙ୍କୁ କଠୋରରୁ କଠୋର ଦଣ୍ଡ ଦିଆଯିବ ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି । ମନ୍ କି ବାତ୍ କେବଳ ଏକ ସଂଳାପ ନୁହେଁ, ଏହା ଏକ ଜନ ଆନ୍ଦୋଳନ। ଯାହା ଦେଶବାସୀଙ୍କ ଭାବନା, ସ୍ୱପ୍ନ ଓ ସଂକଳ୍ପକୁ ଦିଗଦର୍ଶନ ଦିଏ ଏବଂ ଆମ ସମସ୍ତଙ୍କୁ ରାଷ୍ଟ୍ର ନିର୍ମାଣ ପାଇଁ ନିରନ୍ତର ପ୍ରେରଣା ଯୋଗାଏ ବୋଲି ବିଧାୟକ ବାବୁ ସିଂ କହିଛନ୍ତି। ଏହି ଅବସରରେ କର୍ପୋରେଟର ମଧୁସ୍ମିତା ପ୍ରଧାନ, ରାମ ଚନ୍ଦ୍ର ରଣସିଂହ, ଭୁବନେଶ୍ୱର ବ୍ଲକ୍ ଚେୟାରମ୍ୟାନ ନିରୁପମା ସାହୁ, ମଣ୍ଡଳ ସଭାପତି ପ୍ରଶାନ୍ତ ପ୍ରଧାନ, ସୁରିୟକାନ୍ତ ସାହୁ, ମନୋଜ ପାତ୍ର, ସ୍ଥାନୀୟ ନେତୃତ୍ୱ ତାପସ ଦଳାଇ, ସୁଭାଷିନୀ ପୃଷ୍ଟି, ଧିରେନ ପାତ୍ର, ସୁରେନ୍ଦ୍ର ପ୍ରଧାନ, ସୁମିତ୍ରା ଆଚାର୍ଯ୍ୟ, ବିନ୍ଦୁଲତା ବଳିୟାରସିଂ, କେଦାର ରଣସିଂ, ସବିତା ପଟ୍ଟନାୟକଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ପଦ୍ମଭୂଷଣ ମନୋଜ ଦାସଙ୍କୁ ନମନ କଲେ ମୁକେଶ ମହାଲିଙ୍ଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କାଳଜୟୀ ସାହିତ୍ୟର ଅମର ସ୍ରଷ୍ଟା ପଦ୍ମଭୂଷଣ ମନୋଜ ଦାସଙ୍କୁ ନମନ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ସୋସିଆଲ ମିଡିଆ ଏକ୍ସରେ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, କାଳଜୟୀ ସାହିତ୍ୟର ଅମର ସ୍ରଷ୍ଟାଙ୍କୁ କୋଟି କୋଟି ପ୍ରଣାମ । ମନ୍ତ୍ରୀ କହିଛନ୍ତି ଯେ, ବିଶିଷ୍ଟ ସାହିତ୍ୟିକ, ବାଗ୍ମୀପୁରୁଷ, ପଦ୍ମଭୂଷଣ ମନୋଜ ଦାସଙ୍କ ତିରୋଧାନ ଦିବସରେ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛି। ଓଡ଼ିଆ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିବାରେ ତାଙ୍କର ଅବଦାନ ଅବିସ୍ମରଣୀୟ ବୋଲି ମୁକେଶ ମହାଲିଙ୍ଗ କହିଛନ୍ତି ।

## ପଦ୍ମଭୂଷଣ ମନୋଜ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପଦ୍ମଭୂଷଣ ମନୋଜ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ସୋସିଆଲ ମିଡିଆ ଏକ୍ସରେ ସେ କହିଛନ୍ତି ଯେ, ଓଡ଼ିଆ ସାହିତ୍ୟର ପ୍ରଖ୍ୟାତ ଯୁଗସ୍ରଷ୍ଟା ଓ ସାଧକ, ପଦ୍ମଭୂଷଣ ମନୋଜ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି। ସାହିତ୍ୟ କ୍ଷେତ୍ରରେ ତାଙ୍କ ଅମୂଲ୍ୟ ଅବଦାନ ଓ ଉଚ୍ଚ ମାନବିକ ଚିନ୍ତାଧାରା ସଦା ସମସ୍ତଙ୍କ ପାଇଁ ପ୍ରେରଣାର ସ୍ରୋତ ହୋଇ ରହିବ ବୋଲି ସେ କହିଛନ୍ତି ।

## ଯଶ୍ ଜୈନଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଭାତୀ ପରିଡା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନିଟ୍-ସୁପର ସ୍ପେଶାଲିଟି ପରୀକ୍ଷାରେ ପ୍ରଥମ ସ୍ଥାନ ହାସଲ କରିଥିବା ଯଶ୍ ଜୈନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ସୋସିଆଲ ମିଡିଆ ଏକ୍ସରେ ପ୍ରଭାତି ପରିଡା କହିଛନ୍ତି ଯେ, ଏନଇଇଟି-ସୁପର ସ୍ପେଶାଲିଟି ପରୀକ୍ଷାରେ ଅଖିଳ ଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅର୍ଜନ କରି ଓଡ଼ିଶାକୁ ଗର୍ବିତ କରିଥିବା ଯଶ୍ ଜୈନ୍ଙ୍କୁ ଶୁଭେଚ୍ଛା ଜଣାଉଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଯଶଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

## ଭାରତ ଧର୍ମଶାଳା ନୁହେଁ, ଭୋଟ ପାଇଁ ଦେଶକୁ ବିକିବା ଆଦୌ ଠିକ୍ ନୁହେଁ: ବାବୁ ସିଂ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାରେ ଥିବା ପାକିସ୍ତାନୀଙ୍କ ଆଧାର କାର୍ଡ, ଭୋଟ ଆଇଡି କାର୍ଡ ହେବା ନେଇ ବିଜେପି ବିଧାୟକ ବାବୁ ସିଂ ଉଠାଇଛନ୍ତି ପ୍ରଶ୍ନ। ଭାରତ ଧର୍ମଶାଳା ନୁହେଁ। ଭୋଟ ପାଇଁ ଦେଶକୁ ବିକିବା ଆଦୌ ଠିକ୍ ନୁହେଁ। ଆଗ ମାଟି ତାପରେ ମନ୍ତ୍ରୀ, ବିଧାୟକ କଥା ଆସୁଛି। ଭୋଟ ପାଇଁ ମାଟିକୁ ବିକିବା ନୈତିକତାର କଥା ନୁହେଁ। ଆମେ ଏକତ୍ରିତ ହୋଇ ଯେଉଁମାନେ ବାହାରୁ ଆସିଛନ୍ତି ତାଙ୍କୁ ବିତାଡିତ କରିବାରେ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ସରକାରଙ୍କୁ ଚିହ୍ନଟ ପ୍ରକ୍ରିୟାରେ ସହଯୋଗ କରାଇ ତାଙ୍କୁ ବହିଷ୍କାର କରିବା। ଏହା ସମସ୍ତଙ୍କର ଦାୟିତ୍ୱ। ଅନ୍ୟପଟେ କେନ୍ଦ୍ର ସରକାର ସବୁ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି ଯେଉଁଠି ପାକିସ୍ତାନୀ ନାଗରିକ ମାନେ ଭିସା କିମ୍ବା ବିନା ଭିସାରେ ରହିଛନ୍ତି ସେମାନଙ୍କୁ ବାହାର କରାଯିବ। ଆମ ଦେଶ ଏକ ଆଶ୍ରୟସ୍ଥଳ ନୁହେଁ। ଆମ ଦେଶ ବାହାର ଦେଶର ଲୋକଙ୍କୁ ରଖିବା ଭୁଲ। ଦ୍ୱିତୀୟରେ ଏଠାକୁ ଆସି ଯେପରି ଅଶାନ୍ତି ସୃଷ୍ଟି କରୁଛନ୍ତି ତାହା ଗ୍ରହଣୀୟ ନୁହେଁ। ପାକିସ୍ତାନୀ ହୁଅନ୍ତୁ କି ବାଂଲାଦେଶୀ ହୁଅନ୍ତୁ ଆମ ଦେଶକୁ ଛାଡି ଯିବା ଉଚିତ୍। ଯଦି ଛାଡିକୁ ନଯାଉଛନ୍ତି ରାଜ୍ୟ କେନ୍ଦ୍ର ସରକାର ମିଳିତ ସହଯୋଗରେ ତାଙ୍କୁ ତାଙ୍କ ଦେଶକୁ ପଠେଇ ଦେବା ଉଚିତ୍ ବୋଲି କହିଛନ୍ତି ବିଧାୟକ ବାବୁ ସିଂ। ଲୁଚିଥିବା ବିଦେଶୀଙ୍କ ବିରୋଧରେ ସେମାନଙ୍କ ବିରୁଦ୍ଧରେ ଦଣ୍ଡବିଧାନ ହେବା ଉଚିତ୍। ବିଭିନ୍ନ ବସ୍ତିରେ ଯାଞ୍ଚ ହେବା ଉଚିତ୍। ବିଶେଷ କରି ୩ ନମ୍ବର ମାଳି ସାହି ବସ୍ତିରେ ଲୁଚି ରହୁଛନ୍ତି। ରାଜ୍ୟ ସରକାର ପାଖେ ଯେତିକି ଇନଫରମେଶନ ଅଛି ବହୁ ବାଂଲାଦେଶୀ ବିନା ଭିସା, ବିନା ପାସପୋର୍ଟରେ ରହୁଛନ୍ତି ତୁରନ୍ତ ଚିହ୍ନଟ କରି ତାଙ୍କ ଦେଶକୁ ପ୍ରତ୍ୟାବର୍ତ୍ତନ କରେଇବା ସମୟ ଆସିଛି। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି ବାବୁ ସିଂ।

## ମହିଳାଙ୍କ ସୁରକ୍ଷା ପାଇଁ ଲଢ଼େଇ ଜାରି ରଖିବ କଂଗ୍ରେସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରେ ହୁ ହୁ ହୋଇ ବଢୁଥିବା ନାରୀ ନିର୍ଯାତନାକୁ ନେଇ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ପରାମର୍ଶକ୍ରମେ ଏକ ସାମ୍ବାଦିକ ସମ୍ମିଳନୀ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ନାରୀ ନିର୍ଯ୍ୟାତନା ପାଇଁ ଗଠିତ ତଥ୍ୟ ଅନୁଧ୍ୟାନକାରୀ ଦଳ କମିଟି ଅଧ୍ୟକ୍ଷ ନଗେନ୍ଦ୍ର କୁମାର ପ୍ରଧାନ ସାମ୍ବାଦିକମାନଙ୍କୁ ସୂଚନା ପ୍ରଦାନ କରି କହିଲେ ଯେ ଗତ ଫେବୃଆରୀ ୨୧ ତାରିଖରୁ ଆଜି ମଧ୍ୟରେ ଶତାଧିକ ନାବାଳିକା ମାତୃତ୍ୱ ଲାଭ କରିବା ଏବଂ ନିରୀହ ଶିଶୁମାନେ ଦୁଷ୍କର୍ମ ଓ ହତ୍ୟାର ଶିକାର ହେବା ଆଜି ରାଜ୍ୟରେ ଏକ ସାଧାରଣ ଘଟଣାରେ ପରିଣତ ହୋଇଅଛି । ମୋହନ ମାଝୀଙ୍କ ୧୦ ମାସର ସରକାରରେ ପ୍ରାୟ ୨ ହଜାରରୁ ଅଧିକ ନାରୀ ନିର୍ଯାତନା ଓ ହତ୍ୟା ମାମଲା ଓଡ଼ିଶାର ବିଭିନ୍ନ ଥାନାରେ ରୁଜୁ ହୋଇଅଛି। ଗତ ୨୫ ତାରିଖରେ ଗଞ୍ଜାମ ଜିଲ୍ଲାର ପାଟପୁର ଥାନା ଅନ୍ତର୍ଗତ ୪ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମପରେ ହତ୍ୟା ଘଟଣା ହେଉ ଅବା ଗତ ମାର୍ଚ୍ଚ ମାସ ଅନୁଗୁଳ ଜିଲ୍ଲାର ଦିସା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ଅଞ୍ଚଳର ୬ ବର୍ଷର ଶିଶୁ କନ୍ୟାକୁ ଦୁଷ୍କର୍ମ ପରେ ହତ୍ୟ ଘଟଣା ହେଉ କିମ୍ବା ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଥାନା ଅଞ୍ଚଳରେ ୭ ବର୍ଷର ଶିଶୁ କନ୍ୟାକୁ ଗଣଦୁଷ୍କର୍ମ ଘଟଣା ହେଉ ଏହା ମୋହନ ମାଝୀ ସରକାରଙ୍କର ଅପାରଗ ପଣିଆକୁ ଦର୍ଶାଉଛି । ଗତ ମାଟ୍ରିକ ପରୀକ୍ଷା ଚାଲୁଥିବା ବେଳେ ୨୧ ଫେବୃଆରୀରେ ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟର ଜନୈକ ନାବାଳିକା ଛାତ୍ରୀ ବିଦ୍ୟାଳୟର ଛାତ ଉପରେ ସନ୍ତାନ ପ୍ରସବ କରିବା ଘଟଣା ହେଉ କିମ୍ବା ଯାଜପୁର ଜିଲ୍ଲାର ବରି ଥାନା ଅଞ୍ଚଳରେ ମାଟ୍ରିକ ପରୀକ୍ଷାର ଦିତୀୟଦିନ ୨୩ ଫେବୃଆରୀରେ ଜନୈକ ନାବାଳିକା ଛାତ୍ରୀ ସନ୍ତାନ ପ୍ରସବ କରିବା ଘଟଣା ହେଉ ଏହା ସରକାରଙ୍କର ଆଇନକାନୁନ ରକ୍ଷା କରିବାରେ ବିଫଳତାକୁ ପ୍ରମାଣିତ କରୁଅଛି। ସେହିପରି ଗତ ୮ ମାର୍ଚ୍ଚରେ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ଥାନା ଅଞ୍ଚଳରେ ଏକ ନାବାଳିକାକୁ ଗଣଦୁଷ୍କର୍ମ ଘଟଣା ହେଉ କିମ୍ବା ଯୁକ୍ତ ଦୁଇ ପରୀକ୍ଷା ଦେଉଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ଜନୈକ ନାବାଳିକା ଛାତ୍ରୀ ଶିକ୍ଷକଙ୍କର ଦୁର୍ବ୍ୟବହାରରେ ମାନସିକ ଆଘାତ ପାଇ ଆତ୍ମହତ୍ୟା କରିବା ଘଟଣା ହେଉ ଏହା ପ୍ରମାଣିତ କରୁଅଛି ଯେ ଓଡ଼ିଶାର ଦକ୍ଷିଣ ପ୍ରାନ୍ତରୁ ଉପକୂଳ ପ୍ରାନ୍ତ ନେଇ ପଶ୍ଚିମାଞ୍ଚଳ ପର୍ଯ୍ୟନ୍ତ ମହିଳା ଓ ନାବାଳିକାମାନେ ସୁରକ୍ଷିତ ନୁହନ୍ତି । ଗୋଟିଏ ଧାଡ଼ିରେ କହିଲେ ମୋହନ ମାଝୀ ସରକାର ଗତ ୧୦ମାସ ମଧ୍ୟରେ ଓଡ଼ିଶାର ମା' ଓ ଭଉଣୀମାନଙ୍କ ପାଇଁ ଏକ ବିଷବୃକ୍ଷ ସଦୃଶ ପ୍ରତୀୟମାନ ହୋଇଅଛି। ଏଣୁ ଏ ସରକାରରୁ ଅଧିକା କିଛି ଆଶାନକରି ଓଡ଼ିଶାର ମା' ଭଉଣୀମାନେ ନିଜର ଆତ୍ମରକ୍ଷା ତଥା ଆମ ମର୍ଯ୍ୟାଦା ନିଜେ ସୁରକ୍ଷିତ ରଖିବାପାଇଁ ଚେଷ୍ଟା କରିବା ଉଚିତ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଯେହେତୁ ଓଡ଼ିଶା ପୋଲିସ ଦୁଷ୍କର୍ମକାରୀ ଓ ହତ୍ୟାକାରୀ ମାନଙ୍କ ବିରୁଦ୍ଧରେ କଠୋର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହେଉଛି ଏହାର ସୁଯୋଗ ନେଇ ଅପରାଧୀମାନେ ଏପରି ଘଟଣା ବାରମ୍ବାର କରିବାକୁ ସାହସ କରୁଛନ୍ତି ଏବଂ ଯେପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକଟି ମହିଳାଙ୍କୁ ସୁରକ୍ଷା ନମିଳିଛି ପିସିସି ସଭାପତି ଭକ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଦଳ ଲଢ଼େଇ ଜାରି ରଖିବ ବୋଲି କମିଟିର ସଦସ୍ୟ ଆଡଭୋକେଟ ମାନସ ମଲ୍ଲିକ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ, କଂଗ୍ରେସ ନେତା ଦେବାଶିଷ ନାୟକ, ଅନିମା ମିଞ୍ଜ, ଅମ୍ରିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଶାରେ ଆନ୍ଧ୍ର ବିଜୁଳି ମିଟର ଲଗାଇବା ପ୍ରସଙ୍ଗ, ରାଜ୍ୟ ବିଜେପି ସରକାରଙ୍କୁ ଘେରିଲା ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାରେ ଆନ୍ଧ୍ର ବିଜୁଳି ମିଟର ଲଗାଇବା ପ୍ରସଙ୍ଗରେ ରାଜ୍ୟ ବିଜେପି ସରକାରଙ୍କୁ ବିଜେଡି ଘେରିଛି । ବିଜେଡି ନେତା ପ୍ରଦୀପ ମାଝୀ ଏ ସମ୍ପର୍କରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ କହିଛନ୍ତି ଯେ, ଏବେ ଓଡ଼ିଶାର ସୀମାନ୍ତବର୍ତ୍ତୀ ଗାଁଗୁଡିକର ପରିସ୍ଥିତି ଅତି ଜଟିଳ ରହିଛି । ଓଡିଶା ସରକାରଙ୍କ ପାଖରେ ଖବର ନାହିଁ କିମ୍ବା ତତ୍ପରତା ନାହିଁ । ଓଡ଼ିଶାରେ ଆନ୍ଧ୍ର ବିଜୁଳି ମିଟର ଲଗାଇବା କ୍ଷେତ୍ରରେ ସରକାର କିଛି କରିବେ ନା ଲୋକେ ଆନ୍ଦୋଳନ କରିବେ ବୋଲି ପ୍ରଶ୍ନ ଉଠିଛି ବୋଲି ପ୍ରଦୀପ କହିଛନ୍ତି । ସେହିପରି ଗ୍ରାଉଣ୍ଡ ଜିରୋ ଓ ଗାଁ ଗହଳି ପ୍ରତି ସରକାରଙ୍କ ଧ୍ୟାନ ନାହିଁ ବୋଲି ସେ କହିଛନ୍ତି ।

ଓଡ଼ିଶା ସରକାର



ଉତ୍କଳଗୌରବ
ମଧୁସୂଦନ ଦାସଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
ତାରିଖ -୨୮ ଅପ୍ରେଲ ୨୦୨୫

ସକାଳ- ଘ.୯.୪୫ ମିନିଟ୍ ସମୟରେ ରାଜଭବନ ଛକ, ଭୁବନେଶ୍ୱରସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସକାଳ ୧୦ ଘଟିକା- ଓଡ଼ିଶା ବିଧାନସଭା ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ବାଚସ୍ପତି, ମନ୍ତ୍ରୀ ତଥା ବିଧାୟକମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର


-ମୁଖ୍ୟ ଅତିଥି-
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
-ସମ୍ମାନନୀୟ ଅତିଥି-
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ, ଏକାମ୍ର-ଭୁବନେଶ୍ୱର
ଶ୍ରୀଯୁକ୍ତ ଗୋଲକ ପ୍ରସାଦ ମହାପାତ୍ର
ଉପଦେଷ୍ଟା, ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନ୍
-ମୁଖ୍ୟବକ୍ତା-
ଶ୍ରୀଯୁକ୍ତ ଦାଶ ବେନହୁର
ବିଶିଷ୍ଟ ସାହିତ୍ୟିକ ଏବଂ ସ୍ତମ୍ଭକାର

ସଭା ପରେ ଲାବଣ୍ୟ ଥିଏଟର, ଭୁବନେଶ୍ୱରର କଳାକାରମାନଙ୍କ ଦ୍ୱାରା ନାଟକ 'ନିଶୀଥ ସୂର୍ଯ୍ୟ' ପରିବେଷଣ ।

ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁଯାୟୀ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

ଓଡ଼ିଶା ଭାସ୍କର
ସମ୍ପାଦକୀୟ



ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ।
-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର
-ଭକ୍ତକବି ମଧୁସୂଦନ ରାଓ



## କେନ୍ଦ୍ରର ଉଗ୍ରରୂପ ଦେଖି ଛାନିଆ ମାଓବାଦୀ

# ଶାନ୍ତି ଆଲୋଚନା ପାଇଁ ବ୍ୟଗ୍ରତା

ଆସନ୍ତା ବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସାରା ଭାରତକୁ ସମ୍ପୂର୍ଣ୍ଣ ନକ୍ସଲମୁକ୍ତ କରିବା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ଯେଉଁ ସଂକଳ୍ପ ନେଇଛନ୍ତି, ତାହା ସତ୍ୟ ପ୍ରମାଣିତ ହେବାକୁ ଯାଉଛି। ଗତ କିଛିଦିନ ଧରି ମାଓ ଅଧ୍ୟୁଷିତ ଛତିଶଗଡ଼ ଓ ଅନ୍ୟ କେତେକ ରାଜ୍ୟରେ 'ମାଓବାଦୀ ନିପାତ ଅଭିଯାନ' ଜୋରଦାର ହେବା ପରେ ସେମାନେ ଭୟଭୀତ ହୋଇପଡ଼ିଥିବା ଭଳି ମନେହେଉଛି। ସରକାରଙ୍କ ସହ ଶାନ୍ତି ଆଲୋଚନା ଓ ବୁଝାମଣା କରିବାକୁ ଏହି ଉଗ୍ରବାଦୀ ସଂଗଠନ ସମ୍ମତି ପ୍ରଦାନ କରିଛି। ସଶସ୍ତ୍ର ବିପ୍ଳବ ଓ ହିଂସାକାଣ୍ଡ ଜରିଆରେ ଶାସନ କ୍ଷମତା ଦଖଲ କରିବା ନକ୍ସଲବାଦ୍ କିମ୍ବା ମାଓବାଦ୍‌ର ମୂଳ ଲକ୍ଷ୍ୟ। ଏହି ଲକ୍ଷ୍ୟ ହାସଲ ନିମନ୍ତେ ନକ୍ସଲପନ୍ଥୀମାନେ ଗତ ଅନେକ ବର୍ଷ ଧରି ଆମ ଦେଶର ବିଭିନ୍ନ ସ୍ଥାନରେ ହିଂସା, ରକ୍ତପାତ ଓ ଅରାଜକତା ସୃଷ୍ଟି କରିଚାଲିଛନ୍ତି। ୧୯୬୭ ମସିହାରେ ପ୍ରଥମ ଥର ପାଇଁ ପଶ୍ଚିମବଙ୍ଗର ଶିଲିଗୁଡ଼ି-ଦାର୍ଜିଲିଂ ଅଞ୍ଚଳର ଏକ ଛୋଟ ଗ୍ରାମ ନକ୍ସଲବାଡ଼ିରୁ ମୁଣ୍ଡ ଟେକିଥିବା ଏହି ହିଂସାତ୍ମକ ଚାଷୀ ଆନ୍ଦୋଳନ ପରବର୍ତ୍ତୀ ସମୟରେ ଦେଶର ବହୁ ରାଜ୍ୟକୁ ବ୍ୟାପି ଯାଇଥିଲା। ଗୋଟିଏ ସମୟରେ ଆମ ଦେଶର ୧୯ଟି ରାଜ୍ୟରେ ନକ୍ସଲପନ୍ଥୀ ବା ମାଓବାଦୀମାନେ ସେମାନଙ୍କର ପ୍ରଭାବ ପତିଆରା ଜାହିର କରିଥିଲେ, ଯାହା ସାମଗ୍ରିକ ଭାବରେ ଆଇନଶୃଙ୍ଖଳା ପରିସ୍ଥିତି ପ୍ରତି ବଡ଼ ଆହ୍ୱାନ ରୂପେ ଦେଖାଦେଲା। କେବଳ ସୁରକ୍ଷାକର୍ମୀ ବା ଧନୀ ଜମିଦାର୍ ସେମାନଙ୍କ ହିଂସାତ୍ମକ ଆକ୍ରମଣର ଶିକାର ହେଲେ ନାହିଁ, ଇନଫର୍ମର୍ ସନ୍ଦେହରେ ଅନେକ ନିରୀହ ନାଗରିକଙ୍କ ଜୀବନ ମଧ୍ୟ ସେମାନେ ଲୁଟି ନେଇଥିଲେ। ତେବେ କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ସରକାରଙ୍କ ଦୃଢ଼ ପଦକ୍ଷେପ ଏବଂ ଦମନମୂଳକ କାର୍ଯ୍ୟାନୁଷ୍ଠାନ ଯୋଗୁ ନକ୍ସଲ ଆନ୍ଦୋଳନ ଅନେକାଂଶରେ ନିୟନ୍ତ୍ରଣାଧୀନ ହୋଇପାରିଛି। ଏବେ ଦେଶର ଅଳ୍ପ କେତୋଟି ରାଜ୍ୟରେ ସେମାନଙ୍କ କାର୍ଯ୍ୟକଳାପ ସୀମିତ ରହିଛି, ଯାହା ମଧ୍ୟରେ ଛତିଶଗଡ଼, ଝାଡ଼ଖଣ୍ଡ, ବିହାର, ଆନ୍ଧ୍ରପ୍ରଦେଶ ଏବଂ ଆମ ଓଡ଼ିଶାର କିଛି ଅଞ୍ଚଳ ଅନ୍ତର୍ଭୁକ୍ତ। ଏହିସବୁ ରାଜ୍ୟ ମଧ୍ୟରୁ ଛତିଶଗଡ଼କୁ ନକ୍ସଲପନ୍ଥୀଙ୍କ ଏକ ଅଭେଦ୍ୟ ଗଡ଼ ରୂପେ ବିଚାର କରାଯାଉଛି। ଏଠାରେ ସୁରକ୍ଷା କର୍ମୀଙ୍କ ସହ ସେମାନଙ୍କର ବହୁ ସମୟରେ ସଂଘର୍ଷ ଓ ଗୁଳି ବିନିମୟ ହେବାର ଦେଖାଯାଇଥାଏ। ଏହି ଦୀର୍ଘକାଳୀନ ଅଭିଯାନରେ ଉଭୟ ପକ୍ଷରୁ ଅସଂଖ୍ୟ ଜୀବନହାନି ହୋଇଛି। ଏଇ କିଛିଦିନ ହେଲା ଛତିଶଗଡ଼ରେ ମାଓ ଦମନ ଅଭିଯାନ ଖୁବ୍ ଜୋରଦାର ହେବା ସଙ୍ଗେ ସଙ୍ଗେ ସୁରକ୍ଷାକର୍ମୀଙ୍କ ପାଲଟା ଆକ୍ରମଣରେ ବହୁ ସଂଖ୍ୟକ ମାଓବାଦୀ ପ୍ରାଣହରାଇଥିବା ଖବର ହସ୍ତଗତ ହୋଇଛି। କିଛିଦିନ ତଳେ ଓଡ଼ିଶାର ମାଲକାନଗିରି ଜିଲ୍ଲା ସୀମାନ୍ତବର୍ତ୍ତୀ ଛତିଶଗଡ଼ର ବିଜାପୁର ଏବଂ ଦାନ୍ତେୱାଡ଼ାରେ ଯବାନ୍ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୩୦ଜଣ ମାଓବାଦୀ ପ୍ରାଣ ହରାଇଥିଲେ। ସେମାନଙ୍କ ମଧ୍ୟରୁ ୨୬ଜଣ ବିଜାପୁରରେ ଓ ୪ଜଣ ଦାନ୍ତେୱାଡାରେ ମରିଥିବା ବେଳେ ଜଣେ ଯବାନ୍ ଶହୀଦ ହୋଇଥିଲେ। ଏହି ଘଟଣା ପରେ ମାଓ ଦମନ ଅଭିଯାନକୁ ଆଗକୁ ଆହୁରି ଜୋରଦାର କରାଯିବ ବୋଲି ବସ୍ତର ଆଇ.ଜି ସୂଚନା ଦେଇଥିଲେ ଏବଂ ଏଯାବତ୍ ଏହା ଅବ୍ୟାହତ ରହିଛି। ମାଓ ଦମନ କ୍ଷେତ୍ରରେ ଛତିଶଗଡ଼ ସରକାରଙ୍କ ସଫଳତାକୁ କେନ୍ଦ୍ର ଗୃହମନ୍ତ୍ରୀ ଭୂୟସୀ ପ୍ରଶଂସା କରିଥିଲେ। ସାମାଜିକ ଗଣମାଧ୍ୟମରେ ବାର୍ତ୍ତା ଦେଇ ଗୃହମନ୍ତ୍ରୀ କହିଥିଲେ ଯେ, ମୋଦି ସରକାର ନକ୍ସଲଙ୍କ ପ୍ରତି ନିର୍ଦ୍ଦୟ ଆଭିମୁଖ୍ୟ ପୋଷଣ କରିବା ସଙ୍ଗେ ସଙ୍ଗେ ଶୂନ୍ୟ ସହନଶୀଳତା ନୀତି ଆପଣେଇଛନ୍ତି। ମାଓ ସଂଗଠନର କେନ୍ଦ୍ରୀୟ କମିଟିର ମୁଖପାତ୍ର ଅଭୟ ନିକଟରେ ଏକ ବୟାନ ଜାରିକରି ସ୍ୱୀକାର କରିଥିଲେ ଯେ ଗତ ୧୫ମାସରେ ସେମାନଙ୍କର ୪ଶହ ସାଥୀ ନିପାତ ହୋଇଛନ୍ତି। ତେଣୁ ସରକାରଙ୍କ ଏହି ନିପାତ ଅଭିଯାନ ବନ୍ଦ ହେଲେ ଅସ୍ତ୍ରବିରତି କରିବାକୁ ସେମାନେ ସମ୍ମତ ଅଛନ୍ତି। ତାଙ୍କର ଏହି ସୂଚନା ଦେଶକୁ ମାଓମୁକ୍ତ କରିବା କ୍ଷେତ୍ରରେ କିଛିଟା ଆଶାର ଆଲୋକ ଦେଲା ଭଳି ମନେ ହେଉଛି।

# ସବୁ କ୍ଷେତ୍ରରେ ଯିଏ ପ୍ରଥମ...



ସତ୍ୟବାଦୀ ବଳିଆରସିଂହ
'ବିଶ୍ୱାଢ୍ୟ', ଏମ୍-୨୩, ଖୋର୍ଦ୍ଧା ବିଡିଏ କଲୋନୀ
ଖୋର୍ଦ୍ଧା, ମୋ: ୯୨୩୭୦୮୯୫୦୯

ଉତ୍କଳ ଦିବସ-ଏପ୍ରିଲ ୧ ଆସିଲେ ଆମ ଭିତରେ ଓଡ଼ିଶା ଗଠନ କଥା ସ୍ମରଣ କରୁ। ସାଧାରଣରେ ଉତ୍କଳ ଦିବସ କୁହାଯାଉଥିବା ବେଳେ ସରକାରୀ କାଗଜପତ୍ରରେ ଏହା ଓଡ଼ିଶା ଦିବସ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ମଧୁବାବୁଙ୍କ ଅବଦାନ ଚିରକାଳ ସ୍ମରଣୀୟ। ୧୯୦୩ରେ ଉତ୍କଳ ସମ୍ମିଳନୀ ଗଠନ ପୂର୍ବରୁ ସେ ଏ ଦିଗରେ ତାଙ୍କର ପ୍ରଚେଷ୍ଟା ଜାରି ରଖିଥିଲେ। ଖ୍ରୀ ୧୮୯୫ରେ କଲିକତାରେ ... ଏକ ସ୍ୱାଗତପତ୍ର ପ୍ରଦାନ କରି ସେତେବେଳେ ... ମାନ୍ଦ୍ରାଜ ଅନ୍ତର୍ଗତ ଗଞ୍ଜାମ ଜିଲ୍ଲା ଓ ଗଞ୍ଜାମ ଏଜେନ୍ସି, ବଙ୍ଗ ପ୍ରେସିଡେନ୍ସିରେ ଥିବା ସେ ସବୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ତଥା ଗଡ଼ଜାତ ଅଞ୍ଚଳଗୁଡ଼ିକୁ ନେଇ ଏକ ବୃହତ୍ତର ଓଡ଼ିଶା ଗଠନ ପାଇଁ ପ୍ରସ୍ତାବ ଦେଇଥିଲେ। ୧୯୦୩ରୁ ଉତ୍କଳ ସମ୍ମିଳନୀ ମାଧ୍ୟମରେ ଓଡ଼ିଆ ଭାଷାଭାଷୀ ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣ ଉଦ୍ଦେଶ୍ୟରେ ସେ ଆହ୍ୱାନ ଦେଇଥିଲେ।

"ଏହି ଉତ୍କଳ ... ଦେ ଭାଇ ... ନାହିଁ ..."


ଭାଷା ଭିତ୍ତିରେ ରାଜ୍ୟ ଗଠନ କରିବା ପାଇଁ ମଧୁବାବୁଙ୍କ ଆହ୍ୱାନରେ ପାରଳା ଗଜପତି କୃଷ୍ଣଚନ୍ଦ୍ର ନାରାୟଣ ଦେବ, ... ରାଜା ରାମଚନ୍ଦ୍ର ମର୍ଦ୍ଦରାଜ, ଧରାକୋଟ ରାଜା ... ମୋହନ ସିଂହଦେଓ, ଗୋପବନ୍ଧୁ ଦାସ, ବିଶ୍ୱନାଥ କର, ... ପଣ୍ଡିତ ନୀଳକଣ୍ଠ ଦାସ, ... ପ୍ରମୁଖ ଉଦ୍ୟମ କରିଥିଲେ। ୧୯୩୬ ମସିହା ଏପ୍ରିଲ ୩ ତାରିଖରେ ଇଂରେଜ ରାଜାଙ୍କ ଦ୍ୱାରା ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଭାବେ ... ଅନୁମୋଦିତ ହୋଇଥିଲା ଓ ଏପ୍ରିଲ ୧ ତାରିଖରୁ ଓଡ଼ିଶାକୁ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଭାବେ ସ୍ୱୀକୃତି ମିଳିଲା। ସାର୍ ଜନ୍ ଅଷ୍ଟିନ୍ ହବାକ ଓଡ଼ିଶାର ପ୍ରଥମ ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କଲେ। ପାରଳା ମହାରାଜା ହେଲେ ନୂତନ ଓଡ଼ିଶା ପ୍ରଦେଶର ପ୍ରଥମ ପ୍ରଧାନମନ୍ତ୍ରୀ। ମଧୁବାବୁଙ୍କ ପ୍ରଗାଢ଼ ଉଦ୍ୟମ ଯୋଗୁଁ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ସୃଷ୍ଟି ସମ୍ଭବ ହୋଇଥିଲା। ୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ ସତ୍ୟଭାମାପୁରରେ ଜନ୍ମଗ୍ରହଣ କରିଥିବା ମହାମାନବ ମଧୁସୂଦନ ଦାସଙ୍କର ୧୯୩୪ ମସିହା ଫେବୃଆରୀ ୪ ତାରିଖରେ କଟକରେ ପରଲୋକ ହୋଇଥିଲା।

ମଧୁବାବୁ ୧୮୯୭ ମସିହାରେ ବିଲାତ ଯାଇ ଓଡ଼ିଶାର ଗୌରବ ବଢ଼ାଇଥିବାରୁ 'ଉତ୍କଳ ଦୀପିକା' ତାଙ୍କୁ ଉତ୍କଳ ଗୌରବ ବୋଲି ଘୋଷଣା କରିଥିଲା। ସେହି ସମୟରୁ ଅଦ୍ୟାବଧି ସେ ସମଗ୍ର ଓଡ଼ିଶାରେ ଉତ୍କଳ ଗୌରବ ଭାବରେ ପରିଚିତ। ମଧୁସୂଦନ ଥିଲେ ପ୍ରଥମ ଓଡ଼ିଆ ଯିଏ ବି.ଏ. ପାସ୍ ଓ ଏମ୍.ଏ. ପାସ୍ କରିବା ସହ ପ୍ରଥମ ଓକିଲ। ଓଡ଼ିଆ ଜାତୀୟ ଜୀବନରେ ଏମିତି କିଛି ଦିଗରେ ସେ ଥିଲେ ପ୍ରଥମ ... ବିଧାନସଭାକୁ ସେ ହିଁ ସେ ସମୟରେ ପ୍ରଥମ ... ଓଡ଼ିଆ ଭାବରେ ମନୋନୀତ ହୋଇ ଯାଇଥିଲେ ଏବଂ ପରେ ... ନିର୍ବାଚିତ ହୋଇଥିଲେ। ... ଏ ଦୃଷ୍ଟିରୁ ... ସେ ଲାଟ୍ ସାହେବଙ୍କ ପ୍ରଥମ ... 'ଲାଟେ' ...

ବିହାର-ଓଡ଼ିଶା ପ୍ରଦେଶ ଅଲଗା ପ୍ରଦେଶ ହେଲା ପରେ ସେ ସେଠାରେ ... ମନ୍ତ୍ରୀ ହୋଇଥିଲେ। ମନ୍ତ୍ରୀ ପଦ ପାଇବାରେ ସେ ଥିଲେ ପ୍ରଥମ ଓଡ଼ିଆ। ମନ୍ତ୍ରୀ ହୋଇ ମଧ୍ୟ ସରକାରଙ୍କ ଦରମା ନେବା ତାଙ୍କ ବିବେକକୁ ବାଧିଲା। ଏଣୁ ସେ ସରକାରଙ୍କୁ ପ୍ରସ୍ତାବ ଦେଲେ ଯେ ସେ ମନ୍ତ୍ରୀ ଭାବରେ ଦରମା ନେବେ ନାହିଁ, କିନ୍ତୁ ତାଙ୍କୁ ଓକିଲାତି କରିବାକୁ ଅନୁମତି ଦିଆଯାଉ। ସରକାର ଏଥିରେ ରାଜି ନହେବାରୁ ସେ ଇସ୍ତଫା ଦେଲେ। ଏହା ସାରା ଭାରତରେ ଚହଳ ପକାଇଦେଲା। ଏଭଳି କାର୍ଯ୍ୟରେ ସେ ଥିଲେ ଭାରତରେ ପ୍ରଥମ। ମଧୁବାବୁଙ୍କ ଆପ୍ରାଣ ଚେଷ୍ଟା ଫଳରେ ତାଙ୍କ ପାଳିତା କନ୍ୟା ସୁଧାଂଶୁବାଳା ହାଜରା ହିଁ ଭାରତବର୍ଷରେ ପ୍ରଥମ ମହିଳା ଓକିଲ ହେବାର ଗୌରବ ଅର୍ଜନ କରିଥିଲେ। ତାଙ୍କ ସମୟରେ ନିଖିଳ ଭାରତୀୟ କଂଗ୍ରେସ ଅଧିବେଶନର ଆଲୋଚନା ଓ ପ୍ରସ୍ତାବମାନ ଇଂରାଜୀରେ ହେଉଥିଲା। କିନ୍ତୁ ଉତ୍କଳ ସମ୍ମିଳନୀ ମାନଙ୍କରେ ସବୁ କାମ ଓଡ଼ିଆରେ ହେଉଥିବାର ଦେଖି ସେ ସମୟର ଅମୃତ ବଜାର ପତ୍ରିକା ସମ୍ପାଦକ ମୋତିଲାଲ ଘୋଷ ଏହାର ବିଶେଷତ୍ୱ ନିଜ ସମ୍ବାଦପତ୍ରରେ ପ୍ରକାଶ କରିବା ସହ କଂଗ୍ରେସ ପ୍ରାଦେଶିକ ସମ୍ମିଳନୀରେ ଆଲୋଚନା ଆଦି ବଙ୍ଗଳାରେ ହେଲା।

ମଧୁବାବୁ ଗାନ୍ଧିଜୀଙ୍କ ପୂର୍ବରୁ 'ସ୍ୱଦେଶୀ' ଡାକରା ଦେଇଥିଲେ। ଭାରତ ଥିଲା ଲୋକମାନେ ତତ୍ପରତା ଲାଗି ପିନ୍ଧିବୁ ବୋଲି ସେ କହୁଥିଲେ ଏବଂ ବିଭିନ୍ନ ସଭା ସମିତିରେ ନିଜେ ତନ୍ତବସ୍ତ୍ର ଦେଶୀ ପୋଷାକ ପିନ୍ଧୁଥିଲେ।

ମଧୁବାବୁ ଇଂଲଣ୍ଡ ଯାଇ ସେଠାରେ ବିଶେଷ ଭାବେ ପ୍ରଭାବିତ ହୋଇଥିଲେ। ସେ ବିଷୟ ମଧ୍ୟ ବିଭିନ୍ନ ସଭା ସମିତିରେ କହୁଥିଲେ। ତାହା ଥିଲା ସମବାୟ ଆନ୍ଦୋଳନ। ସେ କଟକରେ ସେ ଯୌଥ ଉଦ୍ୟମ କରାଇଥିଲେ। ଯାହାର ନାମ ଥିଲା 'କଟକ କୋ-ଅପରେଟିଭ୍ ଷ୍ଟୋର୍'। ଏହାର ଗଠନ ୧୮୯୮ ମସିହା। ଏହା ଥିଲା ଭାରତର ପ୍ରଥମ ସମବାୟ ସଂସ୍ଥା। ୧୮୯୮ ମସିହା ଜୁନ୍ ମାସରେ ଆରମ୍ଭ ହୋଇଥିବା ସମବାୟ ଭଣ୍ଡାରରେ ଓକିଲ ହରିହର ... ମଧୁସୂଦନ ଦାସ, ସୁବାସ ଚନ୍ଦ୍ର ବୋଷଙ୍କ ପିତା ଜାନକୀନାଥ ବୋଷ, ପୁରୀର ବନମାଳୀ ଦାସ, ମୁକ୍ତାର ... ନାଜିର ଯଦୁନନ୍ଦନ ମହାପାତ୍ର, ଜଗତ ବଲ୍ଲଭ ଘୋଷ, ... ମୁନ୍‌ସୀ ମହମ୍ମଦ ... ଆଦି ସଭ୍ୟ ଥିଲେ। ମୁନ୍‌ସୀ ମହମ୍ମଦ ... ସମବାୟ ସଂସ୍ଥାର ଡାଇରେକ୍ଟର, ମଧୁସୂଦନ ଦାସ ସଭାପତି ଓ ଜାନକୀନାଥ ବୋଷ କୋଷାଧ୍ୟକ୍ଷ ଥିଲେ। ୬ ମାସ ମଧ୍ୟରେ ସଭ୍ୟ ସଂଖ୍ୟା ୨୬୦କୁ ବୃଦ୍ଧି ପାଇଥିଲା। ସେଥିମଧ୍ୟରୁ କଟକ ବାସିନ୍ଦା ୧୬୦ଜଣ ଥିଲେ। ମଧୁବାବୁ ଥିଲେ ଭାରତର ପ୍ରଥମ ସମବାୟ ସଂସ୍ଥାର ପ୍ରତିଷ୍ଠାତା। ଏହା ଉପରେ ଭାରତ ସରକାର ସମବାୟ ଆଇନ ପ୍ରଣୟନ କରିଥିଲେ। ସେ ଦୃଷ୍ଟିରୁ ମଧୁବାବୁ ଭାରତର ପ୍ରଥମ ସମବାୟବିତ୍।



ମହାତ୍ମା ଗାନ୍ଧୀ ଓ ମଧୁବାବୁଙ୍କ ମଧ୍ୟରେ ବିବିଧ ଆତ୍ମୀୟତା ଥିଲା। ଲିଙ୍କ ଠେଲବ୍ୟ ବା ଗୋପାଳକୃଷ୍ଣ ଗୋଖେଲଙ୍କ ପରି ଅନ୍ୟ ଏକ ପର୍ଯ୍ୟାୟରେ ଗାନ୍ଧିଜୀଙ୍କ ଜୀବନରେ ପଥପ୍ରଦର୍ଶକ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ଜାତିପ୍ରାଣ ମଧୁସୂଦନ। ୧୯୨୫ରେ ମଧୁସୂଦନ ସାବରମତୀ ଆଶ୍ରମକୁ ଯାଇ ଗାନ୍ଧିଜୀଙ୍କ ଅବସ୍ଥାନ କରି ଗାନ୍ଧିଜୀଙ୍କୁ ଗ୍ରାମ ଓ ଗ୍ରାମୀଣ ଉଦ୍ୟୋଗ ବିଷୟରେ ମାର୍ଗଦର୍ଶନ ଦେବା ସହିତ ଚମଡ଼ା ଓ ଅନ୍ୟାନ୍ୟ ଗ୍ରାମ୍ୟ ଶିଳ୍ପ ସମ୍ବନ୍ଧରେ ଅନୁଧ୍ୟାନ କରିବା ପାଇଁ କହିଥିଲେ। ସେଠାରେ ଗାନ୍ଧିଜୀ ସମ୍ବନ୍ଧରେ ଏକ ସ୍ମାରକ ଲେଖିଥିଲେ। ସେ ... ମଧ୍ୟ ... ୧୯୨୫ରେ କଟକଠାରେ ଉତ୍କଳ ଟ୍ୟାନେରୀ ପରିଦର୍ଶନ ପରେ ଗାନ୍ଧିଜୀ ଏହାରି ଅନୁପ୍ରାଣିତ ହୋଇଥିଲେ ଯେ, ୧୯୨୮ରେ ସାବରମତୀ ଆଶ୍ରମରେ ଏକ ଟ୍ୟାନେରୀ ପ୍ରତିଷ୍ଠା କରି ସର୍ବଶେଷ ମାର୍ଗଦର୍ଶନ ଲାଭ କରିବା ପାଇଁ ମାର୍ଚ୍ଚ ୧୬ ତାରିଖ ୧୯୨୮ରେ ମଧୁସୂଦନ ଦାସଙ୍କ ପାଖକୁ ଏକ ଚିଠି ଲେଖିଥିଲେ। ଏଥିରୁ ସହଜରେ ବୁଝିହୁଏ ଗାନ୍ଧିଜୀଙ୍କ ଜୀବନରେ କିଭଳି ପ୍ରଭାବ ପକାଇଥିଲେ ମଧୁସୂଦନ। ତାଙ୍କର ପତ୍ରିକା ଯଙ୍ଗ ଇଣ୍ଡିଆ, ହରିଜନ, ନବ ଜୀବନ ଆଦିରେ ମଧୁବାବୁଙ୍କ ସମ୍ପର୍କରେ ଗାନ୍ଧିଜୀ ଅନେକ ଲେଖା ପ୍ରକାଶ କରିଛନ୍ତି।

ଡାଗର ନିଦର୍ଶନ ମଧୁସୂଦନ ହେଉଛନ୍ତି ଓଡ଼ିଆଙ୍କ ବିଚ୍ଛିନ୍ନାଞ୍ଚଳ ଓ ଓଡ଼ିଶାର ସ୍ୱାଭିମାନ ଫେରାଇ ଆଣିବା ପାଇଁ ଉଦ୍ୟମ କରି କରି ସେ ନିଃସ୍ୱ ହୋଇଯାଇଥିଲେ। ସେଥିପାଇଁ ଓଡ଼ିଆ ଜାତି ଲାଗି ସେ ଜୀବନ ଉତ୍ସର୍ଗ କରିଥିଲେ। ସେ ଥିଲେ ଓଡ଼ିଶାର ଗୌରବ ମୂରତି, ମହାତ୍ମା ଗାନ୍ଧୀ, ରାଜେନ୍ଦ୍ର ପ୍ରସାଦ, ନେହେରୁ ଓ ଶ୍ୟାମାପ୍ରସାଦ ମୁଖାର୍ଜୀ ଆଦିଙ୍କ ମତରେ ଭାରତବର୍ଷ ତାଙ୍କ ଭଳି ବ୍ୟକ୍ତି ଲାଗି ଗୌରବାନ୍ୱିତ।

# ରାଷ୍ଟ୍ରନାୟକ ମଧୁବାବୁ



ସୀତାଂଶୁ ମୋହନ ଦ୍ୱିବେଦୀ
ଆଇନଜୀବୀ
ଅଧ୍ୟକ୍ଷ, ରାଜ୍ୟ ଆଇନଜୀବୀ ପରିଷଦ, ଓଡ଼ିଶା
ମୋ: ୯୯୩୭୦୮୦୦୦୧

ମାତୃଭୂମିର ମନ୍ତ୍ରଦାତା ମଧୁସୂଦନ : ମଧୁସୂଦନ ଜନ୍ମଭୂମିକୁ ମାତୃସ୍ୱରୂପା କରୁଣାଦାୟିନୀ ଜନନୀ ରୂପେ ଆବାହନ କରିଥିଲେ। ଜନନୀର ମହିମାଗାନରେ ମହିମାନ୍ୱିତ ମଧୁସୂଦନଙ୍କ କଣ୍ଠରେ ଉଚ୍ଛୁଳି ଉଠିଥିଲା, ମାତୃ ବନ୍ଦନାର ଅମରଗାନ; ଜନସମାଜକୁ ଦେଶମାତୃକାର ସେବାରେ ନିୟୋଜିତ କରିବାରେ ମଧୁସୂଦନଙ୍କ ଅବଦାନ ଅତୁଳନୀୟ। ଉତ୍କଳବାସୀଙ୍କୁ ଜାଗ୍ରତ କରିବା ପାଇଁ ମଧୁବାବୁଙ୍କ ଭାଷାରେ-

"ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ,
ପୁରୁବ ଗୌରବ ପୁରୁବ ସାହସ
ପଡୁନାହିଁ ତୋର ମନେ।"

ନିସ୍ୱାର୍ଥପର ହେବାର ଲକ୍ଷ୍ୟରେ ମଧୁବାବୁଙ୍କ ବାଣୀ ଥିଲା-

"ଜାତି ନନ୍ଦିଘୋଷ ଚଳିବକି ଭାଇ
ସ୍ୱାର୍ଥକୁ ସାରଥୀ କଲେ;
ଟାଣେକିରେ ଗାଡ଼ି ଦାନାର ତୋବଡ଼ା
ଘୋଡ଼ା ମୁହେଁ ବନ୍ଧା ଥିଲେ।"

ଜାତୀୟ ଗୌରବ ମଧୁସୂଦନ ହେଉଛନ୍ତି ଓଡ଼ିଶାର ସର୍ବପ୍ରଥମେ ଓଡ଼ିଆ ରାଜନୈତିକ ପୁରୁଷ। ତାଙ୍କ ଠାରୁ ଆରମ୍ଭ ହୋଇଛି ଓଡ଼ିଆମାନଙ୍କର ରାଜନୈତିକ ପରମ୍ପରା। ମଧୁସୂଦନଙ୍କ ଠାରେ ପ୍ରଥମେ ଓଡ଼ିଆମାନଙ୍କୁ ମିଳିଥିଲା ରାଜନୀତି କ୍ଷେତ୍ରରେ ପ୍ରବେଶ କରିବାର ମୁକ୍ତ ଅଧିକାର।

ସବୁଥିରେ ମଧୁବାବୁ ଥିଲେ ପ୍ରଥମ ଓଡ଼ିଆ, ସେ ଥିଲେ ଓଡ଼ିଶାର ଉଚ୍ଚପଦାଧିକାରୀ। ସେ ଥିଲେ ପ୍ରଥମ ଗ୍ରାଜୁଏଟ୍ ଓ ପ୍ରଥମ ଏମ.ଏ। ସେ ଥିଲେ ଓଡ଼ିଶାର ପ୍ରଥମ ବିଲାତଯାତ୍ରୀ, ପ୍ରଥମ ଓଡ଼ିଆ ଓକିଲ। ସେ ମଧ୍ୟ ଥିଲେ ପ୍ରଥମ ଓଡ଼ିଆ ମନ୍ତ୍ରୀ ଏବଂ ମନ୍ତ୍ରୀପଦ ଅବୈତନିକ ଦାବି କରି ଇସ୍ତଫା ଦେବାରେ ଭାରତର ପ୍ରଥମ ମନ୍ତ୍ରୀ। ଛୋଟ ଲାଟସଭା ଓ ବଡ଼ ଲାଟସଭାରେ ସେ ଥିଲେ ପ୍ରଥମ ଓଡ଼ିଆ ସଦସ୍ୟ। ସେ ମଧ୍ୟ ଥିଲେ ପ୍ରଥମ ଭାରତୀୟ ଖ୍ରୀଷ୍ଟିୟାନ ମଣ୍ଡଳର ସଭାପତି। ମଧୁବାବୁ ଏକାଧାରରେ ଜଣେ ଜ୍ଞାନୀ, ଗୁଣୀ, ସଚ୍ଚୋଟ, ନିର୍ଭୀକ, ସାହସୀ, ମେଧାବୀ, ପ୍ରତ୍ୟୁତ୍ପନ୍ନମତି, ଦୟାବାନ, ନ୍ୟାୟବାନ ଓକିଲ ଭାବେ ପ୍ରତିଭାତ ହେଉଥିଲେ ଏବଂ ଏବେ ବି ହେଉଛନ୍ତି। ଓଡ଼ିଶା ରାଜ୍ୟ ଗଠନ ନିମନ୍ତେ ସେ ନିଜକୁ ଉତ୍ସର୍ଗୀକୃତ ଭାବେ ନିୟୋଜିତ କରିଥିଲେ ମଧ୍ୟ ସେ ମହାଭାରତୀୟ ଭାବରେ ଉଦ୍‌ବୁଦ୍ଧ ଥିଲେ। ସେଥିପାଇଁ ସେ ପ୍ରଥମରୁ ଜାତୀୟ କଂଗ୍ରେସରେ ଯୋଗଦାନ କରିଥିଲେ। ୧୯୦୩ ମସିହାରେ ମଧୁବାବୁ କଂଗ୍ରେସରୁ ଅଲଗା ହୋଇ "ଉତ୍କଳ ସମ୍ମିଳନୀ" ଗଠନ କରି ଓଡ଼ିଆ ଭାଷୀ ଅଞ୍ଚଳ ଏକତ୍ରିତ କରି ଏକ ନୂତନ ଓଡ଼ିଶା ରାଜ୍ୟ ଗଠନ କରିବା ନିମନ୍ତେ ଆପ୍ରାଣ ଚେଷ୍ଟା କରିବା ସଙ୍ଗେ ସଙ୍ଗେ ଅତ୍ୟାଚାରିତ, ତ୍ରସ୍ତ ଓ ଅର୍ଦ୍ଧମୃତ ଓଡ଼ିଆ ଜାତି ପ୍ରାଣରେ ନୂତନ ଜୀବନଶକ୍ତି ସଞ୍ଚାର କରି ସ୍ୱାଭିମାନ ମନ୍ତ୍ରରେ ଦୀକ୍ଷିତ କରିଥିଲେ। ସେତେବେଳେ ଓଡ଼ିଶାର ସ୍ୱତନ୍ତ୍ର ସ୍ଥିତି ନଥିଲା। ଏହାର କିଛି ଅଂଶ ପଶ୍ଚିମବଙ୍ଗ ସହିତ ରହିଥିଲା ବେଳେ କିଛି ଅଂଶ ବିହାର ଓ ମଧ୍ୟପ୍ରଦେଶ ସହିତ ମିଶି ରହିଥିଲା। ଏହି ଖଣ୍ଡ ବିଖଣ୍ଡିତ ଉତ୍କଳକୁ ଏକତ୍ରିତ କରିବା ଉଦ୍ଦେଶ୍ୟରେ ମଧୁବାବୁ ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଗଠନ କରିଥିଲେ।

ମଧୁସୂଦନଙ୍କ ବ୍ୟକ୍ତିତ୍ୱରେ ମୁଗ୍ଧ ହୋଇ ଇଂରେଜ ସରକାର ୧୯୦୪ ମସିହାରେ ମଧୁବାବୁଙ୍କୁ ସି.ଆଇ.ଇ. (Companion of the Indian Empire) "ଭାରତ ସାମ୍ରାଜ୍ୟର ସଖା" ଉପାଧିରେ ଭୂଷିତ କରିଥିଲେ। ସେତେବେଳେ ଉତ୍କଳର ସ୍ୱତନ୍ତ୍ର ସ୍ଥିତି ନଥିଲା। ଏହା ଛିନ୍ନ ବିଚ୍ଛିନ୍ନ ହୋଇ ବଙ୍ଗ, ବିହାର, ମଧ୍ୟପ୍ରଦେଶ ଓ ମାନ୍ଦ୍ରାଜ ସହିତ ମିଶିକରି ରହିଥିଲା। ତେଣୁ ଏସବୁ ଅଞ୍ଚଳକୁ ମିଶାଇ ଏକ ଶାସନାଧୀନ କରିବା ପାଇଁ ଉତ୍କଳରେ ଯେଉଁ ଆନ୍ଦୋଳନ ହୋଇ ଆସୁଥିଲା, ତାହା 'ଓଡ଼ିଆ ଆନ୍ଦୋଳନ' ନାମରେ ପରିଚିତ। ଓଡ଼ିଆ ଜାତିର ସାମଗ୍ରିକ ବିକାଶ ଏହି ଆନ୍ଦୋଳନ ସହ ସଂଶ୍ଳିଷ୍ଟ ଥିଲା। ୧୮୯୫ ମସିହାରେ ସାର୍ ଜନ୍ ଉଡ଼ବର୍ଣ୍ଣ ସମ୍ବଲପୁରରୁ ଓଡ଼ିଆ ଭାଷା ଉଠାଇ ହିନ୍ଦୀ ଭାଷା ପ୍ରଚଳନ ପାଇଁ ଆଦେଶ ଦେଇଥିଲେ।



ମଧୁବାବୁଙ୍କ ଅଦମ୍ୟ ପ୍ରଚେଷ୍ଟା ଫଳରେ ୧୯୦୬ ମସିହାରେ ସମ୍ବଲପୁର ଉତ୍କଳ ସହିତ ମିଶ୍ରଣ ହୋଇଥିଲେ। 'ଉତ୍କଳ ସମ୍ମିଳନୀ' ଓ 'ଓଡ଼ିଆ' ପତ୍ରିକା ମାଧ୍ୟମରେ ଅବହେଳିତ ଉତ୍କଳର ସ୍ୱାଭିମାନ ଫେରାଇ ଆଣିବା ପାଇଁ ଆନ୍ଦୋଳନ ଚଳାଇ ଆସିଥିଲେ। ସେ ମଧ୍ୟ ସାଇମନ କମିଶନ, ଓଡ଼ନେଲ କମିଟି ଓ ହବାକ୍ କମିଟି ଆଗରେ ସାକ୍ଷ୍ୟ ଦେଇଥିଲେ। ଏହିପରି ଭାବରେ ଓଡ଼ିଆ ଆନ୍ଦୋଳନକୁ ମଧୁସୂଦନ ଉଜ୍ଜୀବିତ କରି ରଖୁଥିଲେ। 'ଉତ୍କଳ ଦୀପିକା' ପତ୍ରିକାରେ ବଙ୍ଗାଳୀମାନଙ୍କର ଖଣ୍ଡ ବିଖଣ୍ଡିତ ଓଡ଼ିଆ ଭାଷାଭାଷୀ ଅଞ୍ଚଳରୁ ଓଡ଼ିଆ ଭାଷା ଲୋପ କରିବାକୁ ହୀନ ଉଦ୍ୟମ(ଉଚ୍ଚପଦସ୍ଥ ଇଂରେଜ ଅଧିକାରଙ୍କୁ ପ୍ରବର୍ତ୍ତାଇ)କୁ ପଣ୍ଡ କରିବା ସଙ୍ଗେ 'ଉତ୍କଳ ଦୀପିକା'ରେ ପ୍ରକାଶ ପାଇଲା ପରେ ଇଂରେଜ ସରକାରଙ୍କ ହୀନ ଉଦ୍ୟମ ପଣ୍ଡ ହୋଇଥିଲା। ୧୯୨୭ ମସିହାରେ ସାଇମନ୍ କମିଶନ ଆଗରେ ମଧୁବାବୁ ତାଙ୍କର ଅନ୍ୟ ସହଯୋଗୀ ବନ୍ଧୁମାନଙ୍କ ସହିତ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଯଥାର୍ଥତା ଜଣାଇ ଥିଲେ। ୧୯୩୧ ମସିହାରେ ସରକାର ଓଡ଼ନେଲ କମିଟି ମାଧ୍ୟମରେ ଓଡ଼ିଶାର ନ୍ୟାର୍ଯ୍ୟଦାବୀ ସମ୍ପର୍କରେ ଅନୁସନ୍ଧାନ କଲେ। ଏହି ଓଡ଼ନେଲ କମିଟି ସୁପାରିଶ ଅନୁଯାୟୀ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ହୋଇ ପାରିଲା। ୧୯୩୬ ମସିହା ଏପ୍ରିଲ ପହିଲାରେ ମଧୁବାବୁଙ୍କର ସ୍ୱପ୍ନର ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟର ସମ୍ମାନ ହାସଲ କଲା। କିନ୍ତୁ ତା' ପୂର୍ବରୁ ମଧୁବାବୁ ଇହଧାମ ପରିତ୍ୟାଗ କରି ଚାଲି ଯାଇଥିଲେ।

ମଧୁବାବୁ ୧୯୦୫ ମସିହାରେ 'ଉତ୍କଳ ଟ୍ୟାନେରୀ' ନାମକ ଏକ ଜୋତା କାରଖାନା ପ୍ରତିଷ୍ଠା କରିଥିଲେ। ଓଡ଼ିଶରେ ନିର୍ମିତ ଜିନିଷ ସର୍ବତ୍ର ସୁଖ୍ୟାତି ଅର୍ଜନ କରୁ, ଏହା ହିଁ ତାଙ୍କର ଉଦ୍ଦେଶ୍ୟ ଥିଲା। ୧୯୦୬ ଓ ୧୯୦୭ ମସିହାରେ ଉତ୍କଳ ଟ୍ୟାନେରୀର ବେଶ୍ ପ୍ରସାର ହୋଇଥିଲା ଏବଂ ସେହିବର୍ଷ କଲିକତା ପ୍ରଦର୍ଶନୀରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣପଦକ ଲାଭ କରିଥିଲା। ଉତ୍କଳ ଟ୍ୟାନେରୀର ଜୋତା ଓ ବୁଟ୍ ଏତେ ଉଚ୍ଚକୋଟୀର ଥିଲା ଯେ ୟୁରୋପ, ଆମେରିକା, ଜାପାନ ପ୍ରଭୃତି ଦେଶମାନଙ୍କରେ ତାହାର ଚାହିଦା ପ୍ରଚୁର ଥିଲା।

୧୯୨୧ ମସିହାରେ ମଧୁବାବୁ ମନ୍ତ୍ରୀ ହୋଇଥିଲେ। ତାଙ୍କର ଆଉ ଏକ ଉଲ୍ଲେଖଯୋଗ୍ୟ ଆଦର୍ଶ ହେଉଛି ମନ୍ତ୍ରୀପଦ ଅବୈତନିକ ହେବା ଉଚିତ୍ ବୋଲି ଦାବି କରି ମନ୍ତ୍ରୀପଦରୁ ଇସ୍ତଫା ଦେବା କ୍ଷେତ୍ରରେ ସେ ହେଉଛନ୍ତି ଭାରତର ପ୍ରଥମ ମନ୍ତ୍ରୀ। ସେ ୧୯୨୩ ମସିହା ମାର୍ଚ୍ଚ ମାସ ୦୮ ତାରିଖରେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।

ମଧୁସୂଦନ ଯେ କେବଳ ରାଜନୀତିଜ୍ଞ, ଓକିଲ, ସମାଜସେବକ, କବି, ବାଗ୍ମୀ ଓ ସଂଗଠକ ଥିଲେ ତାହା ନୁହେଁ, ସେ ମଧ୍ୟ ଜଣେ ସୁସାମ୍ବାଦିକ ଥିଲେ। ଓଡ଼ିଆରେ ପ୍ରକାଶିତ ତାଙ୍କ ପ୍ରବନ୍ଧ, ଟିକା-ଟିପ୍ପଣୀ, ସମାଜର ସମସ୍ୟା ଏବଂ ସମାଧାନ ସମ୍ବଳିତ ଅତ୍ୟନ୍ତ ଭାବଗର୍ଭକ ଓ ଚିତ୍ତାକର୍ଷକ ଥିଲା। ମଧୁବାବୁଙ୍କ ସମ୍ପାଦନାରେ 'ଓଡ଼ିଆ' ନାମକ ଏକ ଇଂରାଜୀ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶିତ ହୋଇଥିଲା। 'ଓଡ଼ିଆ' ପତ୍ରିକା ଥିଲା ସେତେବେଳର ଓଡ଼ିଶାର ଜନଜୀବନ, ସାମାଜିକ ଓ ରାଜନୀତିକ ଇତିହାସ ମୁଖପତ୍ର। ଏହା ପୂର୍ବରୁ ମଧୁବାବୁ 'Star of Utkal' ନାମକ ଏକ ସାପ୍ତାହିକ ସମ୍ବାଦପତ୍ରରେ ନିଜର ପ୍ରବନ୍ଧମାନ ପ୍ରକାଶ କରୁଥିଲେ।

ବିଶେଷତଃ ସ୍ତ୍ରୀ-ଲୋକମାନଙ୍କୁ କୋର୍ଟ କଚେରୀରେ ସାହାଯ୍ୟ କରିବା ନିମନ୍ତେ ଶୈଳବାଳାଙ୍କ ସାନଭଉଣୀ, ସୁଧାଂଶୁବାଳାଙ୍କୁ ମଧୁବାବୁ 'ଲ' ପଢ଼ାଇ ଥିଲେ ଓକିଲ କରିବାକୁ, କିନ୍ତୁ 'Legal Practitioner's Act'ରେ ମହିଳାମାନେ ଓକିଲ ହେବାର ଆଇନ ନଥିବାରୁ ସୁଧାଂଶୁବାଳାଙ୍କ ଓକିଲ ଲାଇସେନ୍ସ ପାଇଁ ଦରଖାସ୍ତକୁ ନାକଚ କରି ଦିଆଗଲା। ମଧୁବାବୁ ସେଥିପାଇଁ ମୋକଦ୍ଦମା କରି ପ୍ରିଭି କାଉନସିଲ ପର୍ଯ୍ୟନ୍ତ ମୋକଦ୍ଦମା ଲଢ଼ି ଡିଗ୍ରୀ କରି ଭାରତ ସରକାରଙ୍କ ଦ୍ୱାରା ଆଇନ ପ୍ରଣୟନ କରାଇ ଥିଲେ 'ଭାରତରେ ମହିଳାମାନେ ଓକିଲ ହୋଇପାରିବେ'।

ସର୍ବୋପରି ସର୍ବଭାରତୀୟ ସ୍ତରରେ ସେ ଜଣେ ବିଚକ୍ଷଣ, ବୁଦ୍ଧିମାନ, ଆଇନବିଶାରଦ ଓକିଲ ଥିଲେ। ମଧୁବାବୁ ମନ୍ତ୍ରୀ ଥିଲା ବେଳେ "Local Self Government Act" (ମ୍ୟୁନିସିପାଲିଟି ଆକ୍ଟ) ପ୍ରଣୟନ କରିଥିଲେ। ସେହି ଆକ୍ଟ ଆଜି ପର୍ଯ୍ୟନ୍ତ ବଳବତ୍ତର ରହିଛି, ଯାହାକି ପ୍ରମାଣ କରେ ସେ ଜଣେ ଉଚ୍ଚକୋଟୀର ରାଷ୍ଟ୍ରନେତା ଥିଲେ।

ମଧୁବାବୁ ପ୍ରଥମେ ଓଡ଼ିଶା ଲୋକଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ପ୍ରତି ଦୃଷ୍ଟି ଦେଇଥିଲେ। ମଧୁସୂଦନ ଥିଲେ ସ୍ୱଦେଶୀ ଶିଳ୍ପ ଆନ୍ଦୋଳନର ପ୍ରଥମ ପ୍ରବର୍ତ୍ତକ। ମହାତ୍ମା ଗାନ୍ଧୀଙ୍କ ଭାରତୀୟ ରାଜନୀତିରେ ଆବିର୍ଭାବର ବହୁପୂର୍ବରୁ ତାଙ୍କର ପରିକଳ୍ପିତ ଆର୍ଥିକ ଓ ସାମାଜିକ ବିକାଶର କାର୍ଯ୍ୟକ୍ରମକୁ ଦେଶର ଜଣେ କ୍ରାନ୍ତିକାରୀ ଅଗ୍ରଦୂତ ରୂପେ ମଧୁସୂଦନ ରୂପାୟିତ କରିଥିଲେ ଓଡ଼ିଶା ମାଟିରେ, ଯେପରିକି ଲବଣ ଶିଳ୍ପ ସଂରକ୍ଷଣ (୧୮୯୬), ସ୍ୱଦେଶୀ ଶିଳ୍ପ ଜାଗରଣ (୧୮୯୬), ଗ୍ରାମ୍ୟଶିଳ୍ପର ବିକାଶ (୧୯୦୫), ଅସ୍ପୃଶ୍ୟତା ନିବାରଣ (୧୯୦୦), ଉନ୍ନତ କାରଖାନାର ପ୍ରବର୍ତ୍ତନ ଓ ପ୍ରସାର (୧୯୦୨) ଆଦି କାର୍ଯ୍ୟକ୍ରମ ମାଧ୍ୟମରେ।


ମଧୁସୂଦନ ଯେଉଁ ଅନୁଷ୍ଠାନଗୁଡ଼ିକର ପ୍ରତିଷ୍ଠାତା ଥିଲେ, ତାହାର ସୁଦୀର୍ଘ ତାଲିକାରେ ପ୍ରଥମ ହେଉଛି ଉତ୍କଳ ସମ୍ମିଳନୀ (୧୯୦୩)। ଅନ୍ୟଗୁଡ଼ିକ ହେଲା, ଓଡ଼ିଆ ସାହିତ୍ୟ ମଞ୍ଚ, ଉତ୍କଳ ସାହିତ୍ୟ ସମାଜ (୧୯୦୩), ନିଳ ଉତ୍କଳ ଛାତ୍ର ସଂଗଠନ (୧୯୦୩), କୃଷକମାନଙ୍କ - ସୁରକ୍ଷାର ପ୍ରଥମ ଅନୁଷ୍ଠାନ ପ୍ରଜାପରିଷଦ (୧୯୦୯), ଉତ୍କଳ ଟ୍ୟାନେରୀ (୧୯୦୫), ତାଳଗୁଡ଼ ସଂସ୍ଥା (୧୯୦୪), ନାରୀ ଜାଗରଣ ପାଇଁ ବାଳିକା ଉଚ୍ଚବିଦ୍ୟାଳୟ (୧୯୦୮), ତନ୍ତଶିଳ୍ପ ପ୍ରଶିକ୍ଷଣ କେନ୍ଦ୍ର (୧୯୦୫), ତାରକସି ଶିଳ୍ପର ଉନ୍ନୟନ ପାଇଁ ଓଡ଼ିଶା ଆର୍ଟୱାରସ ପ୍ରତିଷ୍ଠାନ (୧୮୯୭), ପ୍ରାଦେଶିକ ସ୍ତରରେ କ୍ରୀଡ଼ାର ଉନ୍ନୟନ ଓ ସଂଗଠନ ପାଇଁ ଓଡ଼ିଶା ସ୍ପୋର୍ଟସ ଆସୋସିଏସନ(୧୯୦୪), କଟକର ପ୍ରଥମ ସ୍ଥାୟୀ ରଙ୍ଗମଞ୍ଚ (୧୮୮୭), ବିହାରୀବାଗରେ ପ୍ରଥମ ଶାସ୍ତ୍ରୀୟ ଓଡ଼ିଶୀ ସଂଗୀତ ଆସର (୧୮୮୨) ଇତ୍ୟାଦି।

ଓଡ଼ିଶାବାସୀଙ୍କ ପାଇଁ ଆଇନଜୀବୀ ଭାବରେ ମଧୁସୂଦନଙ୍କର ଗୌରବୋଜ୍ଜ୍ୱଳ ଅବଦାନ ହେଲା- ବ୍ରିଟିଶ ସରକାରଙ୍କ କୁଟ ଚକ୍ରାନ୍ତ ମୂଳକ ଆକ୍ରମଣରୁ ଶ୍ରୀଜଗନ୍ନାଥ ମନ୍ଦିରକୁ ସୁରକ୍ଷା ପ୍ରଦାନ ସହିତ ଗଜପତି ପରମ୍ପରାକୁ ସ୍ୱୀକୃତି ପ୍ରଦାନର ମହନୀୟ ବ୍ୟବସ୍ଥା ଗ୍ରହଣ।

ଏଣୁ ଜଣେ ଆଇନଜୀବୀ, ଆଇନଜ୍ଞ, ପାର୍ଲ୍ୟାମେଣ୍ଟାରିଆନ, ବିଧାୟକ ତଥା ଦେଶବତ୍ସଳ ନେତା ରୂପେ ମଧୁସୂଦନ ଦାସଙ୍କର ଭୂମିକା ଅତ୍ୟନ୍ତ ପ୍ରେରଣାଦାୟକ ଓ ଗରିମାମୟ ଥିଲା, ଯାହା ଦେଶବାସୀଙ୍କୁ କାଳକାଳ ଲାଗି ମାର୍ଗଦର୍ଶନ କରୁଥିବ। ତେଣୁ, ମଧୁସୂଦନ ହେଉଛନ୍ତି ଓଡ଼ିଶାର ଚିରକାଳର ବର୍ତ୍ତମାନ, ଯାହାଙ୍କର ନିରବଚ୍ଛିନ୍ନ ଅବଦାନ ଆଉ ଅବସ୍ଥିତି ରାଜ୍ୟକୁ ମହିମା ମଣ୍ଡିତ କରିଛି। ଯେତେଦିନ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟର ସତ୍ତା ତିଷ୍ଠି ରହିଥିବ, ମଧୁସୂଦନ ମୃତ୍ୟୁଞ୍ଜୟୀ ହୋଇ ରହିଥିବେ।

ମଧୁବାବୁଙ୍କ ଜନ୍ମଦିବସକୁ ବାର କାଉନସିଲଙ୍କ ନିଷ୍ପତ୍ତି କ୍ରମେ ଓଡ଼ିଶାର ସବୁ ବାର ଆସୋସିଏସନ ୧୯୯୮ ମସିହାରୁ ପ୍ରତିବର୍ଷ "ଓକିଲ ଦିବସ" ଭାବେ ପାଳନ କରି ଆସୁଅଛନ୍ତି। ମଧୁବାବୁଙ୍କ ନାମରେ ପ୍ରତିଷ୍ଠିତ ଓକିଲମାନଙ୍କୁ ମଧ୍ୟ "ମଧୁଜ୍ୟୋତି" ଏବଂ "ମଧୁ ସନ୍ତାନ"ରେ ସମ୍ମାନିତ କରାଯାଉଅଛି।

# ବିବର୍ତ୍ତନରେ ବହିର ବୟସ



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର,
ଏମ୍-୭୯, ମଧୁସୂଦନ ନଗର, ୟୁନିଟ-୪
ଭୁବନେଶ୍ୱର, ମୋ:୯୯୩୭୩୪୫୯୦୦

ଆଦିମ ସଭ୍ୟତାରୁ ଆଧୁନିକ ସଭ୍ୟତା ପର୍ଯ୍ୟନ୍ତ ବହିର କ୍ରମ ବିବର୍ତ୍ତନ ମଣିଷର ବିବର୍ତ୍ତନ ସହ ଜଡିତ ହୋଇ ଆସିଅଛି ଯେଉଁଥିପାଇଁ ମଣିଷ ପାଇଛି ମନୁଷ୍ୟର ପଦବାଚ୍ୟ। ଏକ ଜାତି ଦେଶ ବା ସଭ୍ୟତାର ମାନଦଣ୍ଡ ବା ବିକାଶ ତାହାର ବହିର ଉତ୍କର୍ଷରୁ ପ୍ରତୀୟମାନ ହୋଇଥାଏ, କାରଣ ବହି ହେଉଛି ଗୋଟିଏ ଜାତିର ଦର୍ପଣ। ଦର୍ପଣରେ ପ୍ରତିବିମ୍ବ ଯେମିତି ସ୍ପଷ୍ଟ ଭାବେ ଦୃଶ୍ୟମାନ ହୋଇଥାଏ ସେହିପରି ଗୋଟିଏ ବହିରୁ ଜଣାଯାଏ ଉକ୍ତ ଦେଶ ବା ଜାତିର ନିର୍ଭରଯୋଗ୍ୟ ଭାଷା, ସଂସ୍କୃତି, ଶିକ୍ଷା, ସାମାଜିକତା, ଅର୍ଥନୀତି, ଗୌରବର ଗାଥା ଇତ୍ୟାଦି ଇତ୍ୟାଦି। ତେବେ ଉକ୍ତ ବହି ଯାହା ଆଜି ଆମେ ଦେଖୁଛୁ ବା ପଢୁଛୁ ତାହାର ବିବର୍ତ୍ତନ ଓ ବୟସ କଥା ଚିନ୍ତା କଲାବେଳେ, ବହି ଏକ କ୍ରମ ବିକାଶ ହୋଇ ଆଜି ଏ ସମାଜ ନିକଟରେ ଉପସ୍ଥିତ। ଜ୍ଞାନ, ଶିକ୍ଷା, ବୁଦ୍ଧି ଆଦିକୁ ବିସ୍ତାର କରି ଆମ୍ଭମାନଙ୍କୁ ଅନ୍ଧକାରରୁ ଆଲୋକକୁ ଆଣିପାରିଛି ବହି, ଯାହା ହେଉଛି ଜ୍ଞାନର ଅସରନ୍ତି ଭଣ୍ଡାର। ବହିର ବୟସ ବିଶେଷତଃ ଲେଖାର ବିକାଶ ସହିତ ଆରମ୍ଭ ହୋଇଥାଏ। ଖ୍ରୀଷ୍ଟପୂର୍ବ ୩୫୦୦ରେ ମାଟି ସିଲଟରୁ ସୃଷ୍ଟି ହୋଇଥିଲା ବହିର ବୟସ, ଯେତେବେଳେ ମଣିଷ ଭାବନାର ଭାଷାକୁ ସାଇତି ରଖିବା ପାଇଁ ନିଆଁର ସହାୟତାରେ ମାଟିର ପ୍ଲେଟ ବା ସିଲଟରେ ବହିର ମୂଲ୍ୟାଙ୍କନ କରିଥିଲା। ଖ୍ରୀଷ୍ଟପୂର୍ବ ୨୪୦୦ରେ ପାପିରସ ଦ୍ୱାରା ମଣିଷ ଆରମ୍ଭ କରିଥିଲା ଲେଖିବା ଓ ଶିଖିବାର ଉଦାହରଣ। ପାପିରସ୍ ହେଉଛି ପଦାର୍ଥ ପରି ଏକ ମୋଟା କାଗଜ ଯାହା ପେପିରୁସ୍ ପ୍ଲାଣ୍ଟର "ପିଥ୍"ରୁ ନିର୍ମିତ ଇଜିପ୍ଟ ଓ ମେସୋପଟାମିଆଁର ନୀଳ ନଦୀ କୂଳରେ ପ୍ରଚୁର ପରିମାଣରେ ମିଳୁଥିବା ଏକ ନଳ। ଗ୍ରୀକ୍ ଓ ରୋମୀୟମାନେ ଏହି କୌଶଳ ଗ୍ରହଣ କରିବା ପୂର୍ବରୁ ଇଜିପ୍ଟୀୟମାନେ ଏହି ସାମଗ୍ରୀକୁ ଶହ ଶହ ବର୍ଷ ଧରି ବ୍ୟବହାର କରିଥିଲେ। ଲେଖିବାର ଏହି ପଦ୍ଧତି ଖ୍ରୀଷ୍ଟାବ୍ଦ ଅଷ୍ଟମ ଶତାବ୍ଦୀ ପର୍ଯ୍ୟନ୍ତ ବହୁଳ ଭାବରେ ବ୍ୟବହୃତ ହୋଇଥିଲା। ଖ୍ରୀଷ୍ଟପୂର୍ବ ୬୦୦ ସମୟରେ ମାନକ ଲେଖା ପ୍ରଣାଳୀ ବିକଶିତ ହେଲା ଓ ଏହି ସମୟରେ ଭୂମଧ୍ୟସାଗରୀୟ ସଂସ୍କୃତିର ଏକ ସାଧାରଣ ସହମତି ଧୀରେ ଧୀରେ ବିକଶିତ ଲେଖା ପ୍ରଣାଳୀ ଗଠନ କରିବାକୁ ଲାଗିଲା। ଏହା ବାମରୁ ଡାହାଣ ପ୍ରଣାଳୀକୁ ନିର୍ଦ୍ଦିଷ୍ଟ କରେ ଯାହା ବର୍ତ୍ତମାନ ଲେଖା ସଂସ୍କୃତିର ମାନକ ଅଟେ। ଯଦିଓ ଅନେକଗୁଡ଼ିଏ ଲେଖା ଅଛି ଯାହାକି ଆରବୀୟ ଓ ହିବ୍ରୁ ସମେତ ଡାହାଣରୁ ବାମ ଲେଖା ବ୍ୟବହାର କରାଯାଇଥାଏ। ଖ୍ରୀଷ୍ଟପୂର୍ବ ୫୦୦ରୁ ୨୦୦ ମଧ୍ୟରେ ସଭ୍ୟତାର ଗତି ସହିତ ମଣିଷ ଲେଖା ସହିତ ଚିତ୍ରକଳାର ସଂଯୋଗ କରି ଲିଖନର ଉତ୍ଥାନକୁ ଅଧିକ ଗତିଶୀଳ କରି ଚାଲିଲା। ଖ୍ରୀଷ୍ଟାବ୍ଦ ୧୦୫କୁ ସାଧାରଣତଃ କାଗଜ ସଂଗ୍ରାମ ବୋଲି ଗ୍ରହଣ କରାଯାଏ। କାରଣ ଉକ୍ତ ସମୟରେ ସାଇ ଲୁନ ନାମକ ଚାଇନାର ଏକ ବ୍ୟକ୍ତି ଲେଖିବା ଉଦ୍ଦେଶ୍ୟରେ କାଗଜ ତିଆରି କରିବା ଉଦ୍ଭାବନ କରିଥିଲେ। ୮୬୮ ଖ୍ରୀଷ୍ଟାବ୍ଦରେ ପ୍ରଥମ ପୁସ୍ତକ ଚାଇନାର କାଗଜରେ ମୁଦ୍ରିତ ହୋଇଛି ବୋଲି ବିଶ୍ୱାସ କରାଯାଏ। କ୍ରମେ ବିଭିନ୍ନ ଗତିପଥ ଅତିକ୍ରମ କରି ଜୋହାନ୍ସ ଗୁଟେନ୍‌ବର୍ଗଙ୍କ ଦ୍ୱାରା ମୁଦ୍ରଣ ଯନ୍ତ୍ରର ଉଦ୍ଭାବନ ଓ ପ୍ରୟୋଗ ପ୍ରାୟ ୧୪୪୦ ମସିହାରେ ବହିର ପ୍ରବେଶକୁ ଚିହ୍ନିତ କରିଥିଲା। କାଗଜରେ ଲେଖାଯାଇଥିବା ପ୍ରଥମ ପ୍ରକୃତ ବହି ଚାଇନାରେ ତିଆରି ହୋଇଥିବା କୁହାଯାଇଥାଏ। ସେଥିପାଇଁ ୧୪୪୦ ରୁ ୧୫୦୦ ମସିହା ପର୍ଯ୍ୟନ୍ତ ସମୟକୁ ଲେଖାର ଓ ମୁଦ୍ରଣର ଆନ୍ଦୋଳନ ବୋଲି ଅଭିହିତ କରାଯାଏ। ୧୭୭୪ ଖ୍ରୀଷ୍ଟାବ୍ଦରେ କାଗଜର ଉତ୍ପାଦନ ପାଇଁ କ୍ଲୋରାଇନର ଆବିଷ୍କାର ହୋଇଥିଲା। ଏହି ଉପାଦାନଟି ପୁସ୍ତକ ଇତିହାସରେ ଉପସ୍ଥିତିର କାରଣ ଥିଲା ଯେ କାଗଜର ବ୍ଲିଚିଂରେ କ୍ଲୋରାଇନ୍ ବ୍ୟବହୃତ ହୁଏ ଓ ଏହି ଆବିଷ୍କାର ବିନା ଆଧୁନିକ କାଗଜରେ ସୁନ୍ଦର ଧଳା ଧଳା ସୌଖୀନ ପୃଷ୍ଠା ଆଶା କରାଯାଇନପାରେ।

ବହିର ବୈଷୟିକ ମାନଦଣ୍ଡର ବୃଦ୍ଧି ଧୀରେ ଧୀରେ ଅଗ୍ରଗତି କରିଚାଲିଲା ଯାହା ୧୮୩୨ ମସିହାରେ ବହିକୁ ଜାକେଟ ଦ୍ୱାରା ଆବୃତ କରିବାର ପଦ୍ଧତି ମଣିଷ କରିପାରିଲା। ଏହି ପୁସ୍ତକ ଜ୍ୟାକେଟ୍ ଡିଜାଇନ୍ ପରବର୍ତ୍ତୀ ୬୦ବର୍ଷ ପାଇଁ ଅପେକ୍ଷାକୃତ ଅପରିବର୍ତ୍ତିତ ରହିଥିଲା, ଯେପର୍ଯ୍ୟନ୍ତ ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିରେ ନୂତନ ଡିଜାଇନ୍ ଓ ଧାରଣା ଆଣିଥିଲା ଏକ ରୋଚକ ଆକର୍ଷଣ। ୧୮୩୨ରୁ ୧୯୩୮ ମସିହା ପର୍ଯ୍ୟନ୍ତ ବିଭିନ୍ନ ଉପନ୍ୟାସର ବହି ସମାଜର ଅନେକ ପ୍ରାନ୍ତରେ ଆବିର୍ଭାବ ହିଁ ମଣିଷର ଭାବନା ଓ ଭାଷାକୁ ବିଭିନ୍ନ ଭାଷାରେ ରୂପାନ୍ତରିତ କରି ମଣିଷ ବହିର ପ୍ରଚାର ଓ ପ୍ରସାର କରି ଚାଲିଲା। ମାତ୍ର ୧୯୩୩ ମସିହାରେ ଜର୍ମାନ ଇତିହାସ, ସଂସ୍କୃତି, ବିଶ୍ୱାସ ଓ ଆଦର୍ଶକୁ ନାଜି ଦଳର ଲକ୍ଷ୍ୟ ସହିତ ଖାପ ଖୁଆଇବା ପାଇଁ ୧୦ ମଇ ୧୯୩୩ରେ ନାଜି ଶାସନ ଦ୍ୱାରା ପୁସ୍ତକ ଗୁଡିକୁ ନିଆଁରେ ଜାଳିଦେବା ଆରମ୍ଭ ହୋଇଥିଲା। ୧୯୩୫ରୁ ୧୯୪୫ ମସିହା ପେଙ୍ଗୁଇନର ବହି ସ୍ରୋତ ପ୍ରତି ଉଦାର ଭାବ ଓ ୧୯୭୧ ମସିହାରେ ବହି ମୁଦ୍ରଣ ପାଇଁ କାରିଗରୀ, ବିଜ୍ଞାନ କୌଶଳର ପ୍ରବେଶ ଯାହା ବହିର ବୟସ ବୃଦ୍ଧିକୁ ଅଧିକ ନଜର ଓ ନିଜର କରିପାରିଲା ଓ ୧୯୮୫ ମସିହାରେ କମ୍ପ୍ୟୁଟରର ଉପକରଣ ମାଧ୍ୟମରେ ଉପଲବ୍ଧ ହୋଇପାରିଲା। ୧୯୮୯ରେ ଇଣ୍ଟରନେଟ୍ ଓ ବିଭିନ୍ନ ପ୍ରଯୁକ୍ତି ବିଦ୍ୟାର ପ୍ରସାର ଦ୍ୱାରା ବହି ସର୍ବସାଧାରଣ ବ୍ୟବହାର ନିମନ୍ତେ ଅଧିକ କ୍ରିୟାଶୀଳ ହୋଇପାରିଲା। ୧୯୯୫ ମସିହାରେ ମଣିଷ ଘରେ ରହି ବିଭିନ୍ନ ଉପକ୍ରମ ମାଧ୍ୟମରେ ବହି କ୍ରୟ କରି ପାରିଲା ଯାହା ୨୦୦୦ରୁ ୨୦୦୬ ମସିହା ଇ-ବହିର ଆବଶ୍ୟକତାକୁ ରୂପାନ୍ତରିତ କରିପାରିଛି।

ସମୟର ଗତିସ୍ରୋତରେ ୨୦୦୭ ମସିହାରେ କିଣ୍ଡଲେ ଦ୍ୱାରା ଇ-ବହି ପଢିବାର କୌଶଳ ଉପଲବ୍ଧ ହୋଇପାରିଲା ଓ ୨୦୦୮ ମସିହାରେ ବହିଗୁଡିକୁ ପ୍ରଯୁକ୍ତି ଓ ବିଜ୍ଞାନର କାରିଗରୀ କୌଶଳର ସହାୟତାରେ ସ୍କାନ କରାଯାଇ ପାରିଲା ତଥା ୨୦୧୪ରୁ ବର୍ତ୍ତମାନ ପର୍ଯ୍ୟନ୍ତ ବହି ନିଜର ବୟସକୁ ଧୀରେ ଧୀରେ ଅଧିକ ଚଳଚଞ୍ଚଳ କରି ବିସ୍ତାର ଓ ବିଶ୍ୱାସ ମଧ୍ୟରେ ମଣିଷର ଆସ୍ଥାଭାଜନ ପାଇଁ ପ୍ରୟାସ କରି ଚାଲିଛି। ଏକବିଂଶ ଶତାବ୍ଦୀର ଜ୍ଞାନ କୌଶଳର ଗୁଗୁଲ୍ ଆକଳନ କରିଛି ଯେ ୨୦୧୦ ସୁଦ୍ଧା ପ୍ରାୟ ୧୩୦,୦୦୦,୦୦୦ ବହି ପ୍ରକାଶ ପାଇଛି ଯାହା ହେଉଛି ବହି ପ୍ରତି ଶ୍ରଦ୍ଧାର ରୂପାନ୍ତର। କେତେକ ଧନୀ ରାଷ୍ଟ୍ରରେ, ଇ-ବହି ଗୁଡ଼ିକର ବ୍ୟବହାର ବୃଦ୍ଧି ହେତୁ ମୁଦ୍ରିତ ବହି ବିକ୍ରି ହ୍ରାସ ପାଇଛି। ଯେହେତୁ ବହି ଗୁଡ଼ିକ ଏକବିଂଶ ଶତାବ୍ଦୀରେ ପହଞ୍ଚିଛି, ମାତ୍ର ଅଧିକ ଲୋକପ୍ରିୟ ଇ-ବହି ଫର୍ମାଟ୍ ସୃଷ୍ଟି ସହିତ, ପ୍ରଥମର ମାଟି ଟାବଲେଟରୁ ଇ-ବହି ଫର୍ମାଟ୍ ଦ୍ୱାରା ବହି ଏକ ଉଲ୍ଲେଖନୀୟ ବିବର୍ତ୍ତନକୁ ଉପଭୋଗ କରିଛି। ଯେହେତୁ ପ୍ରଥମ ପ୍ରିଣ୍ଟିଂ ପ୍ରେସର ବଣ୍ଟନ ଜନତାଙ୍କ ପାଇଁ ଏକ ଲିଖନ ଓ ପଠନ ବିପ୍ଳବ ସୃଷ୍ଟି କଲା, ଇ-ବହି ବିତରଣ ବିଶ୍ୱରେ ଥିବା ଲୋକଙ୍କୁ ଶିକ୍ଷିତ କରିବାରେ ତଥା ଜ୍ଞାନର ଏକ ବୃହତ ପରିସର ପାଇଁ ସୁବିଧା ଯୋଗାଇବାରେ ଇ-ବହି ବିତରଣର ସାମର୍ଥ୍ୟ ଅଛି ବୋଲି ଗ୍ରହଣ କରାଯାଇପାରେ। ମାତ୍ର ବ୍ୟବସ୍ଥା ଓ ବିଡମ୍ବନା ମଧ୍ୟରେ ବର୍ତ୍ତମାନ ବହିର ବୟସ ବାର୍ଦ୍ଧକ୍ୟରେ ପରିଣତ ହୋଇଛି ବୋଲି ଅନେକେ ଚିନ୍ତିତ, କାରଣ ପ୍ରଯୁକ୍ତି ବିଦ୍ୟାର ସହାୟତାରେ ଯେଉଁ ଯନ୍ତ୍ର ମଧ୍ୟରେ ବହି ଉପଲବ୍ଧ ତାହା ସ୍ୱହସ୍ତରେ ଉପଲବ୍ଧ ଥିବା ବହି ଠାରୁ କେତେ ତଫାତ, ତାହା ପ୍ରକୃତ ପାଠକ ହୃଦୟଙ୍ଗମ କରିପାରିବେ। ବହିର ପୃଷ୍ଠା ଲେଉଟାଇ ଚିନ୍ତା ଓ ଅନୁଶୀଳନକୁ ପାଥେୟ କରି ବହି ପଢିବାରେ ଯେଉଁ ଆନନ୍ଦ ଥାଏ, ତାହା କୌଣସି ପାର୍ଥିବ ବସ୍ତୁର ପ୍ରାପ୍ତିରେ ନଥାଏ। ସେଥିପାଇଁ ମହାପୁରୁଷମାନେ ଏପରିକି କାରାଗାରର ନିର୍ଜନ କୋଠରୀରେ ମଧ୍ୟ ଲିଖନ ପଠନ କରି ସୃଷ୍ଟି କରିଯାଇଛନ୍ତି ବହି, ଯାହା ବ୍ୟକ୍ତିର ବୟସରେ ମୃତ୍ୟୁ ହୋଇଥିଲେ ହେଁ ସୃଷ୍ଟି କରିଯାଇଥିବା ବହି ଅମର ହୋଇ ରହିଛି। ଅନ୍ୟପକ୍ଷରେ ବର୍ତ୍ତମାନ ଜଣାଯାଏ ଯେ ସମାଜରେ ଅନେକ ବହି ପଢିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି ଓ ବହିର ଆଦର ଧୀରେ ଧୀରେ ଏକ ଅସମାହିତ ପ୍ରଶ୍ନ ମଧ୍ୟରେ ଦଣ୍ଡାୟମାନ। ଘରର ଗୃହପାଳିତ ପଶୁମାନଙ୍କୁ ସ୍ୱାର୍ଥାନ୍ୱେଷୀ ମଣିଷ ପରିଣତ ବୟସରେ ବା ବ୍ୟବହାରର ଅବଧି ପରେ ହସ୍ତାନ୍ତର କରିଥାଏ ଏକ ଅଦରକାରୀ ସାମଗ୍ରୀ ହିସାବରେ। ମାତ୍ର ଉକ୍ତ ଅଦରକାରୀରୁ ସୃଷ୍ଟି ହୋଇଥାଏ ସୃଜନଶୀଳତା ଯାହା ବହନ କରିଥାଏ ବିଶ୍ୱାସ, ଅନୁଭୂତିର ଗାଥା। ବହିର ପୃଷ୍ଠାରୁ ମଣିଷ ଅତୀତରୁ ଶିକ୍ଷା କରିଥାଏ, ବର୍ତ୍ତମାନରେ ସୃଷ୍ଟି କରିଥାଏ ଓ ଭବିଷ୍ୟତକୁ ଉତ୍ତରଦାୟୀ ହୋଇଥାଏ। ତେଣୁ ବହିର ବୟସ ଉତ୍ପତ୍ତିରୁ ଅଦ୍ୟାବଧି ଯାଏଁ କେବଳ ବିତରଣ କରିଥାଏ ଜ୍ଞାନ, ଅନୁଭବ, ଅନୁଭୂତି ଓ ଆନନ୍ଦ ଯାହା ସୃଷ୍ଟି କରେ ଜାଣିବାର ଯୌବନ ଓ ବଞ୍ଚିବାର ବିଶ୍ୱାସ ତଥା ଜିଣିବାର ପ୍ରେରଣା।



ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ସଦରମହକୁମାରେ ଆଜି ହଂସୁଆ କଳାପ୍ରତିଷ୍ଠାନ ପକ୍ଷରୁ ଚକ୍ରଧରପୁର ଗାଁର ବନ୍ଦନା ଦାସ (ଲୁଇ)ଙ୍କ ଅକାଳ ବିୟୋଗରେ ସମସ୍ତେ ମର୍ମାହତ । ପ୍ରଫୁଲ୍ଲ ଦାସଙ୍କ ସଭାପତିତ୍ୱରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଅନୁଷ୍ଠାନର ପ୍ରତିଷ୍ଠାତା ଶତ୍ରୁଘନ ତରାଇ ବନ୍ଦନାଙ୍କୁ ଜଣେ ଉଚ୍ଛମନା, ସାହାସୀ ପିଲାକୁ ଆମେ ହରାଇ ଦେଲୁ ବୋଲି ମତବ୍ୟକ୍ତ କରିଥିଲେ। ତାଙ୍କ ମୃତ୍ୟୁ ଆମପାଇଁ ବେଶ କଷ୍ଟକର ବୋଲି ପ୍ରକାଶ କରିଥିଲେ। ଅନ୍ୟମାନେ ବନ୍ଦନା ଆମ ସମସ୍ତଙ୍କ ପାଇଁ ଅମର ହୋଇ ରହିବ ବୋଲି ମତ ଦେଇଥିଲେ। ସେହିପରି ମନୋଜ ଦାଶ, ବାଲ୍ମୀକି ଜେନା, ରୂପଶ୍ରୀ ରାଉଳ, ପବିତ୍ର ମଲ୍ଲିକ, ଦେବରତୀ ରାଉତ, ପୂଜାରାଣୀ ରାଉତ, ବିଶ୍ୱରୂପା ବେହେରା, ଅର୍ଚ୍ଚନା ପ୍ରଧାନ, ସଲୋନି ଘଡାଇ, ରଶ୍ମିତା ଧଳ, ଯାଜ୍ଞସେନୀ ସେଠୀ, ମାଧବାନନ୍ଦ ସେଠୀ, ପଦ୍ମାଳୟା ପଣ୍ଡା, ପ୍ରକୃତି ପରିଡା, ଯାଜ୍ଞଶ୍ରୀ ପରିଡା ପ୍ରଭୃତି ସମବେଦନା ଜଣାଇଥିଲେ।

# ଢେଙ୍କାନାଳରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ ଶୁଣିଲେ ଉପମୁଖ୍ୟମନ୍ତ୍ରୀ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଢେଙ୍କାନାଳ, ଅନୁଗୁଳ ଓ ସମ୍ବଲପୁର ଏକ ତିନିଦିନିଆ ଗସ୍ତରେ ଆସି ଆଜି ପୂର୍ବାହ୍ନରେ ସ୍ଥାନୀୟ ସିନର୍ଜୀ ଇଂଜିନିୟରିଂ କଲେଜ୍ ପହଁଚିବା ମାତ୍ରେ ଢେଙ୍କାନାଳ ଜିଲ୍ଲା ବିଜେପି, ସିନର୍ଜୀ କର୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ତରଫରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ୧୧ ଘଟିକାରେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ୧୨୧ତମ ମନ୍‌କୀ ବାତ୍ କଲେଜ୍ ସଭାଗୃହରେ ବିଜେପି ନେତୃବୃନ୍ଦ, କାର୍ଯ୍ୟକର୍ତ୍ତା, କଲେଜ୍ କର୍ତ୍ତୃପକ୍ଷ ଓ ଛାତ୍ରଛାତ୍ରୀଙ୍କ ଗହଣରେ ମନ୍ତ୍ରୀ ଶ୍ରୀ ସିଂହଦେଓ ଶୁଣିଥିଲେ । ସିନର୍ଜୀ କଲେଜ୍‌ର ଚେୟାର୍‌ମ୍ୟାନ୍ ବିନୋଦ କୁମାର ଦାସଙ୍କ ସଂଯୋଜନାରେ ପ୍ରାରମ୍ଭରେ ପହଲଗାମ୍‌ଠାରେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ପର୍ଯ୍ୟଟଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଆତଙ୍କବାଦୀଙ୍କୁ ସମୂଳେ ନିପାତ କରିବା ଓ ଆତଙ୍କବାଦୀଙ୍କ ସୁରକ୍ଷା ଭୂଇଁ ପାକିସ୍ଥାନକୁ ସବକ୍ ଶିଖାଇବା ପାଇଁ କେନ୍ଦ୍ର ସରକାର ନେଇଥିବା ଦୃଢ ପଦକ୍ଷେପ ଉପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଆଲୋକପାତ କରିଥିଲେ । ଢେଙ୍କାନାଳ ଆମ୍ବ ବିଦେଶ ପଠାଇବା ପାଇଁ ତିନୋଟି ଚୁକ୍ତିନାମା ହୋଇଥିବା ଓ ଢେଙ୍କାନାଳ ଅନୁଗୁଳରେ ତାଳ ତେଲ ଉତ୍ପାଦନ ଓ ରପ୍ତାନୀ ପାଇଁ ସରକାର ନିଷ୍ପତି ନେଇଛନ୍ତି ବୋଲି ପ୍ରକାଶ କରିଥିଲେ । ଉପରୋକ୍ତ କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ସାଧାରଣ ସମ୍ପାଦକ ସୁନିଲ୍ ଶର୍ମା, ଜିଲ୍ଲା ମିଡିଆ ପ୍ରଭାରୀ ନବ କିଶୋର ଗୁରୁ, ଜିଲ୍ଲା ଉପସଭାପତି ମାତୃପ୍ରସାଦ ନନ୍ଦ, ବରିଷ୍ଠ ନେତା ହର୍ଷବର୍ଦ୍ଧନ ସିଂହଦେଓ, ଅକ୍ଷୟ ମହାନ୍ତି, ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା କୋଷାଧ୍ୟକ୍ଷ ସଞ୍ଜିବ ମହାପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ନଗରମଣ୍ଡଳ ସଭାପତି ବିକାଶ ଚନ୍ଦ୍ର ସାହୁ, ପୂର୍ବତନ ମଣ୍ଡଳ ସଭାପତି ଧ୍ରୁବଚରଣ ସ୍ୱାଇଁ, କାଉନ୍‌ସିଲର ସୂର୍ଯ୍ୟପ୍ରତାପ ରାଉତ, ବରିଷ୍ଠ ନେତା ସତ୍ୟାନନ୍ଦ ପାତ୍ର, ବିଭୁତି ଷେଣ୍ଟ, ସୁଚିତ୍ର ବେହେରା, ରାଜେନ୍ଦ୍ର ପ୍ରଧାନ, ବଟକୃଷ୍ଣ ବେହେରା, ଦେବାଶିଷ ପାଣିଙ୍କ ସମେତ ବହୁ କାର୍ଯ୍ୟକର୍ତା, ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, କଲେଜ୍‌ର ଅଧାପକ, ଅଧ୍ୟାପିକା ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ ।

## ଉପ-ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

# ଦୀର୍ଘଦିନ ପରେ ଖେଳପଡ଼ିଆରୁ ହେବ ଦଖଲ ଉଚ୍ଛେଦ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଥିବା ବାରବାଟି ଖେଳପଡ଼ିଆକୁ କେତେକ ପ୍ରଭାବଶାଳୀ ଜବରଦଖଲ କରି କୋଠାଘର ନିର୍ମାଣ କରିଥିବା ବେଳେ ବାରମ୍ବାର ଏହି ଖବର 'ଓଡ଼ିଶା ଭାସ୍କର'ରେ ପ୍ରକାଶ ପାଇଥିଲେ ମଧ ବିଜେଡ଼ି ସରକାର ଅମଳରେ ଏହି ପ୍ରଭାବଶାଳୀଙ୍କୁ ସହାୟତା ପ୍ରଦାନ କରାଯାଉଥିଲା । ଯେଉଁମାନେ କି, କୋଟି କୋଟି ଟଙ୍କାର ଖେଳ ପଡ଼ିଆକୁ ମଡ଼ାଇ ଜବରଦଖଲ କରି ନିରାପଦରେ କୋଠାଘର ନିର୍ମାଣ କରି ପ୍ରଶାସନକୁ ଅଙ୍ଗୁଳି ନିର୍ଦ୍ଦେଶ କରି ଆସୁଥିଲେ । ଗତ ଦୁଇଦିନ ତଳେ ନିମାପଡ଼ା ବାଳକ ଉଚ୍ଚ ବିଦ୍ୟାଳୟର ଏକ ଉତ୍ସବରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଯୋଗ ଦେଇଥିବା ବେଳେ କେତେକ ଛାତ୍ର ଓ ଅଭିଭାବକ ବାରବାଟିରୁ ଦଖଲ ଉଚ୍ଛେଦ କରିବା ପାଇଁ ଦାବି କରିବାରୁ ଉପ-ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ମାପଚୁପ କରି ଏହି ଖେଳପଡ଼ିଆ ଓ ସ୍କୁଲ ଜମିରୁ ଜବରଦଖଲ ଉଚ୍ଛେଦ କରିବାକୁ । ଯାହାକୁ ନେଇ ଏବେ ଜବରଦଖଲକାରୀଙ୍କ ମଧ୍ୟରେ କମ୍ପନ ସୃଷ୍ଟି ହୋଇଛି । ଏହି ଘଟଣା ଏବେ ନିମାପଡ଼ାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ଥିବାବେଳେ ବିଳମ୍ବ ହେଉ ପଛକେ ଉପ-ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବାଳକ ଉଚ୍ଚ ବିଦ୍ୟାଳୟ ଓ ବାରବାଟି ଖେଳ ପଡ଼ିଆକୁ କେତେକ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି ଥିବାରୁ ଖେଳ ପଡ଼ିଆ ସଙ୍କୁଚିତ ହୋଇଯାଉଛି । ଯାହାଦ୍ୱାରା ଏହି ପଡ଼ିଆରେ ରାଜ୍ୟସ୍ତରୀୟ କ୍ରିକେଟ୍, ଫୁଟ୍‌ବଲ ଓ ଭଲି ମ୍ୟାଚ୍ ଖେଳାଯିବା ପାଇଁ ପ୍ରତିବନ୍ଧକ ସୃଷ୍ଟି ହେଉଛି । ଏକ କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଯୋଗ ଦେଇଥିବା ବେଳେ ଛାତ୍ରମାନେ ଉପ-ମୁଖ୍ୟମନ୍ତ୍ରୀଙ୍କୁ ଖେଳ ପଡ଼ିଆ ସଂକ୍ରାନ୍ତରେ ଅବଗତ କରିବା ପରେ ଉପ-ମୁଖ୍ୟମନ୍ତ୍ରୀ ତୁରନ୍ତ ତହସିଲଦାରଙ୍କୁ ମାପଚୁପ କରି ଦଖଲ ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଯାହାକୁ ନେଇ ଛାତ୍ର ଓ ଅଭିଭାବକ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି । ଦୀର୍ଘ ବର୍ଷ ପରେ ଏହି ଖେଳ ପଡ଼ିଆରୁ ଜବରଦଖଲକାରୀ ଉଚ୍ଛେଦ ପ୍ରକ୍ରିୟା କରାଯିବ ବୋଲି ଜଣାପଡ଼ିଛି ।

## ରାଜନୀତି ବିଜ୍ଞାନ ବିଭାଗ ଶେଷବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ମଙ୍ଗଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଶେଷବର୍ଷର ଛାତ୍ରଛାତ୍ରୀ ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ଖୁଣ୍ଟିଆ ଟାୱାରରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ରାଜନୀତି ବିଜ୍ଞାନ ବିଭାଗରେ ଅଧ୍ୟୟନ କରୁଥିବା ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ଶେଷବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦେଇଥିଲେ । ଉତ୍ସବରେ ବିଭାଗୀୟ ମୁଖ୍ୟ ଅଧାପକ ଲଲାଟେନ୍ଦୁ ସ୍ୱାଇଁ ଅଧ୍ୟକ୍ଷତାରେ ମହାବିଦ୍ୟାଳୟ ଉପାଧ୍ୟକ୍ଷ ଡ଼ଃ ସଂଗ୍ରାମ ଛାଟୋଇ, ପଦାର୍ଥ ବିଜ୍ଞାନ ମୁଖ୍ୟ ସୁବ୍ରତ କୁମାର ନାୟକ, ବିଭାଗୀୟ ଅଧାପକଦ୍ୱୟ ଡ଼ଃ ଜ୍ୟୋତିପ୍ରକାଶ ପୋଲେଇ, ଜିତେନ୍ଦ୍ର ନାରାୟଣ ଦାଶ ଓ ଅଧ୍ୟାପିକା ସାଫିଆ ଯୋଗ ଦେଇଥିଲେ ।

## ମାଗଣା ଚକ୍ଷୁ ପରୀକ୍ଷା ଶିବିର

ଉମରକୋଟ(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସାହାରା ପକ୍ଷରୁ ଉମରକୋଟ ବ୍ଲକ୍ ଅନ୍ତର୍ଗତ କୁର୍ସୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହେଇଥିଲା। ନବରଙ୍ଗପୁରର ସିମାଦ୍ରି ସୂର୍ଯ୍ୟ ଚକ୍ଷୁ ଚିକିତ୍ସାଳୟର ସହାୟତାରେ ଏହି ଶିବିର ଅନୁଷ୍ଠିତ ହେଇଥିଲା। ଏହି ଶିବିରରେ ମୋଟ ଆଖପାଖ ଗ୍ରାମର ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୧୫ ଜଣଙ୍କ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇ ଆଜି ହିଁ ଏକ ସ୍ୱତନ୍ତ୍ର ଗାଡିରେ ନବରଙ୍ଗପୁର ପଠାଯାଇଥିଲା ଓ ଆସନ୍ତାକାଲି ଅସ୍ତ୍ରୋପ୍ରଚାର କରାଯିବ ବୋଲି ସାହାରାର ସମ୍ପାଦକ ମନୋଜ କୁମାର ଧଳ ସୂଚନା ପ୍ରଦାନ କରିଛନ୍ତି। ଆଜିର ଚକ୍ଷୁ ପରୀକ୍ଷା ଶିବିରରେ ସିମାଦ୍ରୀ ସୂର୍ଯ୍ୟ ଚକ୍ଷୁ ଚିକିତ୍ସାଳୟର ସିଇଓ କେବିଏନ୍ ମୋଣୀମାଳା, ଉମରକୋଟ ଉପଖଣ୍ଡ ହସ୍ପିଟାଲର ଚକ୍ଷୁ ସହାୟକ ରାମବାବୁ, ସାହାରାର ସମ୍ପାଦକ ମନୋଜ କୁମାର ଧଳ, ନବରଙ୍ଗପୁର ପ୍ରୟାସର ନିର୍ଦ୍ଦେଶକ ସନ୍ତୋଷ କୁମାର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ସାଇଟ ସେଭର ଓ ଚୋଳା ମଣ୍ଡଳମର ସହାୟତାରେ ଅନୁଷ୍ଠିତ ଏହି ଶିବିରରେ ସାହାରର ସ୍ୱେଚ୍ଛାସେବୀ ଶୋଭା ରାମ ମାଝି, କୃଷ୍ଣ ଭତ୍ରା, ଯୁମେରା ସାନ୍ତା, ଶିବ ସାନ୍ତା, ପ୍ରମୁଖ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ସରକାର ବଦଳୁଛନ୍ତି, ବଦଳୁ ନାହାନ୍ତି ଏନ୍‌ଏସି କର୍ମଚାରୀ

# ଜବରଦଖଲ ବଢ଼ିବା ପଛରେ କାହାର ହାତ ?

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଜବରଦଖଲ ବଢୁଥିବା ବେଳେ ଏହାର ମୁଖ୍ୟ କାରଣ ପୌର କାର୍ଯ୍ୟାଳୟର କେତେଜଣ କର୍ମଚାରୀଙ୍କ ସଂପୃକ୍ତିକୁ ନେଇ ସାଧାରଣରେ ସନ୍ଦେହ ପ୍ରକଟ ହୋଇଛି । ରାସ୍ତାଘାଟରେ ଦୋକାନ ଗୃହ ଚାଲିଥିବା ବେଳେ ନିମାପଡ଼ା ବିଜ୍ଞାପିତ ଅଂଚଳ ପରିଷଦ ଅଧିକାରୀ ଏ ଦିଗରେ ଦୃଷ୍ଟି ଦେଉ ନଥିବାରୁ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ପ୍ରତି ସନ୍ଦେହ ପ୍ରକଟ ହୋଇଛି । କେତେକ ବ୍ୟକ୍ତି ରାସ୍ତା ଉପରେ ଦୋକାନ ଗୃହ ନିର୍ମାଣ କରିଥିଲେ ମଧ ତାହାକୁ କେତେକ କୁଜି ନେତା ଓ ପରିଷଦର ତଳିଆ କର୍ମଚାରୀମାନେ ବ୍ୟବସାୟ କରିବାକୁ ପ୍ରୋତ୍ସାହନ ଦେଉଥିବା ଓ ଜବରଦଖଲକାରୀଙ୍କ ସହିତ ଅନ୍ତରଙ୍ଗ ସଂପର୍କ ରଖିବା ଘଟଣାରେ ପୌର କାର୍ଯ୍ୟାଳୟର କର୍ମଚାରୀଙ୍କ କାର୍ଯ୍ୟ ସନ୍ଦେହ ଘେରରେ ରହିଛି । ବାରମ୍ବାର ଅଭିଯୋଗ କଲେ ମଧ ଅଭିଯୋଗ ଉପରେ କୌଣସି ଗୁରୁତ୍ୱ ଦିଆଯାଉ ନାହିଁ । ଜବରଦଖଲ ଉଚ୍ଛେଦ ନାମକୁ ମାତ୍ର କରାଯାଉଥିବା ବେଳେ ଏହି ପୌର କାର୍ଯ୍ୟାଳୟରେ ମହାଦୁର୍ନୀତିର ଗନ୍ଧ ବାରି ହୋଇପଡୁଛି । ଯେକୌଣସି କାର୍ଯ୍ୟରେ ଏଠାରେ ନିମ୍ନମାନର କାର୍ଯ୍ୟ କରାଯାଉଥିବା ବେଳେ ଜବରଦଖଲ ଉଚ୍ଛେଦ ପରିବର୍ତେ ପ୍ରୋତ୍ସାହନ ଦିଆଯାଉଥିବା ଘଟଣାକୁ ନେଇ ନିମାପଡ଼ା ପରିଷଦ ଅଂଚଳରେ ସ୍ୱଚ୍ଛତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବିଜ୍ଞାପିତ ଅଂଚଳ ପରିଷଦରେ ଜବରଦଖଲ ବେଳକୁ ବେଳ ବଢ଼ି ଚାଲିଥିବା ବେଳେ ପରିଷଦ କାର୍ଯ୍ୟାଳୟର କେତେକ କର୍ମଚାରୀଙ୍କୁ କଙ୍କଡ଼ାକୁ ଗୋଳି ପାଣି ସୁହାଇବା ସଦୃଶ କାର୍ଯ୍ୟ ବାରି ହୋଇପଡୁଛି । ଅଭିଯୋଗ କଲେ ମଧ ପୌର କର୍ମଚାରୀ ଘଣ୍ଟା ଘଂଟାକେ ମତ ପରିବର୍ତନ କରିବା ପଛରେ ପଣୁସର ବାସ୍ନା କାରଣରୁ ଏହି ଜବରଦଖଲ ଉଚ୍ଛେଦ ହୋଇପାରୁ ନାହିଁ । ବ୍ଲକ୍ ଛକଠାରୁ ମୁସଲିମ୍ ବସ୍ତି ପୋଲ, ବଡ଼ବଜାର ପର୍ଯ୍ୟନ୍ତ, ଅମଲାପଡ଼ା ଠାରୁ ଆରମ୍ଭ କରି ଗୁହାଳପଡ଼ାର ବିଭିନ୍ନ କଲୋନୀର ବିଭିନ୍ନ ରାସ୍ତାରେ ଜବରଦଖଲ ବଢୁଛି । ଆହୁରି ବହୁତ ଗୂଢ଼ ରହସ୍ୟ ରହିଥିବା ବେଳେ ଆଗାମୀ ଦିନରେ ଏହା ଲୋକ ଲୋଚନକୁ ଆସିବ ବୋଲି ଅନେକ ସୂଚନା କର୍ମୀ ମତ ପ୍ରକାଶ କରିଛନ୍ତି । ଦୀର୍ଘଦିନ ହେବ ଏଠାରେ କର୍ମଚାରୀ ଆସନ ମାଡ଼ି ବସି ଥିବାରୁ ସରକାରଙ୍କ କାର୍ଯ୍ୟ ସଠିକ୍ ବାଟରେ କାର୍ଯ୍ୟକାରୀ ହୋଇପାରୁ ନାହିଁ । କେତେ ନେତା ଗଲେଣି, କେତେ ସରକାର ଗଲାଣି ମାତ୍ର ନିମାପଡ଼ା ବିଜ୍ଞାପିତ ଅଂଚଳର କର୍ମଚାରୀମାନେ ବଦଳୁ ନାହାନ୍ତି । ଯାହାକୁ ନେଇ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ।

# ଦୁଇ ଟଙ୍କା ପାଇଁ ଫୁଟିଲା ଗୁଳି



ଚାନ୍ଦବାଲ(ଭାସ୍କର ନ୍ୟୁଜ): ୨ ଟଙ୍କା ପାଇଁ ଯୁକ୍ତିତର୍କ ଆଉ ତା ପରେ ସିଧା ଗୁଳି, ଅଳ୍ପକେ ବର୍ତ୍ତିଲେ ବାପା ପୁଅ । ଏମିତି ଘଟଣା ଘଟିଛି ଭଦ୍ରକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ନାଲଗୁଣ୍ଡା ଛକ ନିକଟରେ । ସୂଚନା ମୁତାବକ ନାଲଗୁଣ୍ଡା ଛକ ଠାରୁ କିଛି ଦୂରରେ ସାଧୁ ଚରଣ ବେହେରା ଏକ ପାନ ଦୋକାନ କରି ସେଥିରେ କୋଲଡ୍ରିଂକ୍ସ ମଧ ବିକ୍ରି କରିଥାନ୍ତି । ଆଜି ଅପରାହ୍ନ ସମୟରେ ୨ଟି ବାଇକରେ ୬ ଜଣ ଯୁବକ ଆସି ତାଙ୍କୁ କୋଲ ଡ୍ରିଂକ୍ସ ମାଗିଥିଲେ । କୋଲ ଡ୍ରିଂକ୍ସ ପିଇ ସାରିବା ପରେ ଥମ୍ସ ଅପ୍‌କୁ ଦୋକାନୀ ୧୨ କହିଥିଲା । ୧୦ଟଙ୍କା ପ୍ରିଣ୍ଟ ଥିବା ବେଳେ ତୁମେ କାହିଁକି ୧୨ ଟଙ୍କା ନେଉଛ ବୋଲି କହି ଯୁକ୍ତିତର୍କ ହୋଇଥିଲା । ତାପରେ ୬ଜଣ ଯୁବକ ମିଶି ଦୋକାନୀ ଏବଂ ତାଙ୍କ ପୁଅକୁ ମାଡ଼ ମାରିବା ସହ ୨ଟି ବନ୍ଧୁକ ବାହାର କରି ଗୁଳି ଚଳାଇ ଥିଲେ । ଜୀବନ ବିକଳରେ ବାପ ପୁଅ ଦୋକାନ ଛାଡି ଦୌଡ଼ିଥିଲେ । ଏହି ସୁଯୋଗରେ ଦୋକାନରେ ଥିବା ୩୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇ ଚମ୍ପଟ ମାରିଥିଲେ । ଖବର ପାଇ ମତୋ ଫାଣ୍ଡି ଅଧିକାରୀ ଛତିଶ କୁମାର ଗୋଛି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ଜଗତପୁରରୁ ଅପହରଣକାରୀ ଓ ନାବାଳିକା ଉଦ୍ଧାର

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍ ଚାରିଛକ ଥାନା ଅଞ୍ଚଳରୁ ଏକ ନାବାଳିକା ଅପହରଣ ହୋଇଥିବା ଚାରିଛକ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଥିବା ବେଳେ ଏକବର୍ଷ ପରେ ଅପହରଣ ହୋଇଥିବା ନାବାଳିକାକୁ ପୋଲିସ ଉଦ୍ଧାର କରିବାରେ ସଫଳ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ୨୦୨୪ ମସିହା ନଭେମ୍ବର ୧୦ ତାରିଖରେ ଏହି ଥାନା ଅନ୍ତର୍ଗତ ବଢ଼େଇକଣ ଅଂଚଳର ଜଣେ ୧୭ ବର୍ଷିୟା ନାବାଳିକା ଅପହରଣ ହୋଇଥିବା ନେଇ ଝିଅର ବାପା ତରଫରୁ ଚାରିଛକ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ ମଧ କୌଣସି ସନ୍ଧାନ ପାଇପାରି ନଥିଲେ । କୌଣସି ସୂତ୍ରରୁ ଖବର ପାଇ ଚାରିଛକ ଥାନାଧିକାରୀ ମମତା ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ଜଗତପୁର ଥାନା ଲକ୍ଷ୍ମଣପୁର ଗ୍ରାମରୁ ଅପହରଣ ହୋଇଥିବା ନାବାଳିକାକୁ ତାଙ୍କ ମାମୁଁ ଘରେ ଚଢ଼ଉ କରି ଉଦ୍ଧାର କରିବା ସହ ଅପହରଣକାରୀ ନାବାଳକକୁ ମଧ ପୋଲିସ ଉଦ୍ଧାର କରିଛି । କେଉଁ ପରିସ୍ଥିତିରେ ନାବାଳିକା ଅପହରଣ ହେଲେ ତାହାକୁ ନେଇ ପୋଲିସ ପକ୍ଷରୁ ଛାନ୍‌ଭିନ୍ ଆରମ୍ଭ ହୋଇଛି । ପ୍ରକାଶ ଥାଉକି, ଅପହରଣକାରୀ ନାବାଳକ ଏହି ଥାନା ଅନ୍ତର୍ଗତ ଷଣ୍ଢପୁର ଗ୍ରାମରେ ବୋଲି ଜଣାପଡ଼ିଛି । ଆସନ୍ତା ସୋମବାର ଡ଼ାକ୍ତରୀ ମାଇନା କରାଯାଇ ଜୁଭେନାଲ୍ କୋର୍ଟରେ ଅପହରଣକାରୀକୁ ହାଜର କରାଯିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି ।

## କୁହୁଡ଼ି ବସଷ୍ଟାଣ୍ଡରେ ବୋମାମାଡ ଘଟଣା

# ମାରଣାସ୍ତ୍ର ଜବତ, ୩ ଅଭିଯୁକ୍ତ ଗିରଫ



ଟାଙ୍ଗୀ(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଥାନା ଅଧିନସ୍ଥ କୁହୁଡ଼ି ବସଷ୍ଟାଣ୍ଡରେ ଥିବା ଏକ ରାସନ ଦୋକାନରୁ ଜବରଦସ୍ତ ଲୁଟପାଟ କରିବା, ଦୋକାନ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ ସାଙ୍ଗକୁ ବୋମାମାଡ । ଏହା ଏକ ଗୋଷ୍ଠୀ ବିବାଦ ହୋଇଥିବା କାରଣରୁ ଘଟଣା ସ୍ଥଳରେ ବ୍ୟାପକ ପୋଲିସ ବନ୍ଦୋବସ୍ତ କରାଗଲା । ଏହି ଘଟଣାରେ ଆଜି ଟାଙ୍ଗୀ ପୋଲିସ ୩ ଜଣଙ୍କୁ ଗିରଫ କରିଛି । ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଥାନା ଅଧିନସ୍ଥ କୁହୁଡ଼ି ବସଷ୍ଟାଣ୍ଡରେ ସ୍ଥାନୀୟ ଗ୍ରାମର ଲକ୍ଷ୍ମୀଧର ବରାଳଙ୍କ ରହିଛି ଏକ ରାସନ ଦୋକାନ । ହଠାତ୍ ଅନ୍ୟ ଏକ ଗୋଷ୍ଠୀର କେତେକ ଯୁବକ ସେହି ଦୋକାନ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ କରି ଜବରଦସ୍ତ ରାସନ ସାମଗ୍ରୀ ସହିତ ଟଙ୍କା-ପଇସା ଲୁଟପାଟ କଲେ । ଅନ୍ୟ ଲୋକମାନେ ଏହାର ପ୍ରତିବାଦ କରିବାରୁ ଆକ୍ରମଣକାରୀ ମାନେ ଲୋକଙ୍କ ଉପରକୁ ବୋମାମାଡ କରି ଭୟର ବାତାବରଣ ସାଙ୍ଗକୁ ଆତଙ୍କ ସୃଷ୍ଟି କଲେ । ପରେ ପରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ସାଙ୍ଗକୁ ବ୍ୟାପକ ଭଙ୍ଗାରୁଜା ହେଲା । ଦୀର୍ଘ ୩ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ ହେଲା, ପରିସ୍ଥିତିକୁ କଣ୍ଟ୍ରୋଲ କରିବା ପାଇଁ ଘଟଣା ସ୍ଥଳରେ ବ୍ୟାପକ ପୋଲିସ ମୁତୟନ କରାଗଲା । ଏହି ଘଟଣାରେ ଆତଙ୍କ ସୃଷ୍ଟି କରିଥିବା ୩ ଜଣ ଅଭିଯୁକ୍ତ ଦୀକ୍ଷିତପଡା ଗ୍ରାମର ଏସ୍.କେ. ନସମୁଲ୍ଲା, ଏସ୍.କେ ରଫିଦ୍, ଏସ୍.କେ. ଅକ୍ତାରକୁ ଟାଙ୍ଗୀ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି ଓ ମାରଣାସ୍ତ୍ର ଜବତ କରାଯାଇଛି । ଏମାନଙ୍କ ନାମରେ ଏକାଧିକ କେସ୍ ଥିବା ଟାଙ୍ଗୀ ଥାନା ନିରୀକ୍ଷକ ରବୀନ୍ଦ୍ର କୁମାର ଭୁଜବଳ ସୂଚନା ଦେଇଛନ୍ତି ।

# ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ ଶୁଣିଲେ ବିଜେପି କାର୍ଯ୍ୟକର୍ତ୍ତା



ଆଳି(ଭାସ୍କର ନ୍ୟୁଜ): ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମ ପାଇଁ ଆଳି ବିଜେପି ତରଫରୁ ୪ଟି ମଣ୍ଡଳରେ ଅନୁଷ୍ଠିତ ହୋଇଛି । ୪ନମ୍ବର ମଣ୍ଡଳ ବିଜେପି ପାର୍ଟି କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ କାର୍ଯ୍ୟକ୍ରମର ବାର୍ତ୍ତା ଶୁଣିଲେ ଆଳି ବିଧାନସଭା ପାର୍ଥୀ କୃଷ୍ଣ ଚନ୍ଦ୍ର ପଣ୍ଡା, ଆଳି ବିଧାନସଭା ସଂଯୋଜକ ଅନନ୍ତ ରଥ, ୪ନମ୍ବର ମଣ୍ଡଳ ସଭାପତି ତପନ ପରିଡା, ରାଜ୍ୟ କାର୍ଯ୍ୟକାରିଣୀ କୃଷକ ମୋର୍ଚ୍ଚା ସଦସ୍ୟ ଭକ୍ତ ବନ୍ଧୁ ମିଶ୍ର, ପତ୍ରପୁର ମଣ୍ଡଳ ପ୍ରତିନିଧି ସୁନୀଲ ରାଉତ, ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ବରାହ ଚରଣ ପଣ୍ଡା । ତାଙ୍କ ସହିତ ସାମିଲ ହେଲେ ବହୁ ବୁଦ୍ଧିଜୀବୀ, ସମାଜସେବୀ ଓ ବିଜେପି କାର୍ଯ୍ୟକର୍ତ୍ତା । ସେହିଭଳି ୧ନମ୍ବର ମଣ୍ଡଳ ସଭାପତି ସରୋଜ କର, ୨ନମ୍ବର ମଣ୍ଡଳ ସଭାପତି କଳ୍ପତରୁ ଦାସ, ୩ନମ୍ବର ମଣ୍ଡଳ ସଭାପତି ରତିକାନ୍ତ ମହାନ୍ତି ନିଜ ନିଜ ପାର୍ଟି କାର୍ଯ୍ୟାଳୟରେ କର୍ମୀଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଶୁଣିଲେ । ପ୍ରଧାନମନ୍ତ୍ରୀ ନିଜ ମନ କି ବାତ କାର୍ଯ୍ୟକ୍ରମରେ ପହଲଗାମ ଆକ୍ରମଣକାରୀଙ୍କୁ କଡା ଚେତାବନୀ ଦେଇଥିଲେ । ଏହି କାର୍ଯ୍ୟକ୍ରମ ୨୦୧୫ରୁ ଆରମ୍ଭ ହୋଇଥିଲା ତାହା ଧୀରେ ଧୀରେ ସୁଦୂର ପ୍ରଚାର ପ୍ରସାର ହୋଇପାରିଛି ।

## ଶିଳ୍ପପତିଙ୍କ ବିୟୋଗରେ ଶୋକସଭା



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): କଖଡ଼ି (ନଦୀକୂଳ) ଶ୍ରୀରାମ ବରିଷ୍ଠ ନାଗରିକ ସଂଘ ତରଫରୁ ଆରତୀ ଷ୍ଟିଲ କାରଖାନାର ପ୍ରତିଷ୍ଠାତା ବିଶିଷ୍ଟ ଶିଳ୍ପପତି ଶିବ ପ୍ରସାଦ ମିତ୍ତଲଙ୍କ ବିୟୋଗରେ ଏକ ଶୋକ ସଭା ଅନୁଷ୍ଠିତ ହୋଇ ଯାଇଛି । ସଂଘ ସଭାପତି ବେଣୁଧର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ବ୍ୟକ୍ତି ବିଶେଷ ଯୋଗଦେଇ ଅଞ୍ଚଳର ଆର୍ଥିକ ଅଭିବୃଦ୍ଧିରେ ସ୍ୱର୍ଗତ ମିତ୍ତଲଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଅଞ୍ଚଳରେ ଆରତୀ ଷ୍ଟିଲ ପ୍ରତିଷ୍ଠା କରି ଅଞ୍ଚଳର ବହୁ ଯୁବକ ଓ ଯୁବତୀଙ୍କୁ ନିଯୁକ୍ତିର ସୁଯୋଗ ଦେବା ସହିତ ଅଞ୍ଚଳର ସାମଗ୍ରିକ ବିକାଶରେ ତାଙ୍କର ମହତ୍ ଯୋଗଦାନ ରହିଥିଲା ବୋଲି ବହୁ ବକ୍ତା ପ୍ରକାଶ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କାର୍ଯ୍ୟକାରୀ ସଭାପତି ପ୍ରକୋଦ କୁମାର ଧଳ, ପୂର୍ବତନ ସରପଞ୍ଚ ଶାନ୍ତିପ୍ରିୟା ମହାନ୍ତି, ଚନ୍ଦ୍ର ଶେଖର ପରିଡ଼ା,ଗୌରାଙ୍ଗ ଅମହନ୍ତ, ବିଷ୍ଣୁ ଚରଣ ମହାରଣା, ମିହିର ଶତପଥୀ, ବଂଶୀଧର ଶତପଥୀ, ବାମଦେବ ସୁତାର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱର୍ଗତ ମିତ୍ତଲଙ୍କ ଅମର ଆତ୍ମାର ସଦ୍‌ଗତି କାମନାରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରା ଯାଇଥିଲା । କିରଣ ବିହାରୀ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ଛାତ୍ରଙ୍କୁ ମାଡ଼ ମାରିବା ଟ୍ୟୁସନ୍ ମାଷ୍ଟରଙ୍କୁ ପଡିଲା ମହଙ୍ଗା

ନିଆଳ(ଭାସ୍କର ନ୍ୟୁଜ): ନିଆଳି ଥାନା ଅଧିନସ୍ତ ହଳଦୀ ବସନ୍ତ ଗ୍ରାମରେ ଦେଖିବାକୁ ମିଳିଛି ଅଭାବନୀୟ ଘଟଣା। ଜଣେ ଟିଉସନ ଶିକ୍ଷକ ଭୁଲିଗଲା ନିଜର ପଦମର୍ଯ୍ୟାଦା। ଛାତ୍ର ପାଠ ନ ପଢ଼ିବାରୁ ନିର୍ଧୂମ ଛେଚିଲା, ଏମିତିକି ଦେହରୁ ରକ୍ତ ବାହାରିବା ପର୍ଯ୍ୟନ୍ତ ପିଟିଲା। ଏଭଳି ଘଟଣା ଦେଖିବାକୁ ମିଳିଛି ଉକ୍ତ ଥାନା ଅଧିନସ୍ତ ହଳଦୀ ବସନ୍ତ ଗ୍ରାମରେ। ହଳଦିବସନ୍ତ ଗ୍ରାମର ଦିବ୍ୟ ରଂଜନ ସାହୁ (୨୫) ଛାତ୍ରଙ୍କୁ ପିଟି କ୍ଷତ ବିକ୍ଷତ କରିଥିବା ନିଆଳି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ନିଆଳି ଥାନା ପୋଲିସ ୧୭୯/୨୫ରେ ମାମଲା ରୁଜୁ କରି ଦିବ୍ୟ ରଂଜନ ସାହୁଙ୍କୁ ଗିରଫ କରିଛି। ଆସନ୍ତା କାଲି କୋର୍ଟଚାଲାଣ କରାଯିବ ବୋଲି ନିଆଳି ଥାନା ଆଇଆଇସି ବିଜୟ କୁମାର ମଲିକ ସୂଚନା ଦେଇଛନ୍ତି।

# ପହଲଗାମ୍ ଆତଙ୍କୀ ହମ୍‌ଲାରେ ମୃତକଙ୍କ ପ୍ରତି ଦୀପଦାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରବିବାର ସତ୍ୟବିହାରସ୍ଥିତ ତ୍ରୟମ୍ବକେଶ୍ୱର ମନ୍ଦିରରେ କାଶ୍ମୀରରେ ପାହଲଗାମରେ ମୃତ୍ୟୁବରଣ କରିଥିବା ଆତ୍ମାର ସଦ୍‌ଗତି ନିମନ୍ତେ ଦୀପଦାନ ସହିତ ନିରବ ପାର୍ଥନା କରାଯାଇଥିଲା । ଏଥିସହ ସେମାନଙ୍କ ପରବାର ପ୍ରତି ସମବେଦନା ଜଣାଯାଇଥିଲା । ଏଥିରେ ସମ୍ପୃକ୍ତ ଥିବା ଆତଙ୍କବାଦୀଙ୍କୁ ଯଥାଶୀଘ୍ର ଧରାଯାଇ କଠୋର ଦଣ୍ଡ ପ୍ରଦାନ କରାଯାଉ ବୋଲି ମତପ୍ରକାଶ ପାଇଥିଲା । ଏହି ଅବସରରେ ସତ୍ୟବିହାରର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ଘର କରି ରହିଥିବା ବାସିନ୍ଦା ଯୋଗଦେଇ ଭାରତ କିପରି ଆତଙ୍କବାଦ ମୁକ୍ତ ହେବ ସେ ନେଇ ବାବା ତ୍ରୟମ୍ବକେଶ୍ୱରଙ୍କ ନିକଟରେ ପାର୍ଥନା କରିଥିଲେ ।

## କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ନିମ୍ନମାନର

# ବିନା ସୂଚନା ଫଳକରେ ନିର୍ମାଣ କାର୍ଯ୍ୟ, ସରପଞ୍ଚଙ୍କ ଅଭିଯୋଗକୁ ବେଖାତିର



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ବନ୍ଧକାଟିଆ ଗ୍ରାମପଂଚାୟତ କଲ୍ୟାଣମଣ୍ଡପ ନିର୍ମାଣ କାର୍ଯ୍ୟ ବିନା ସୂଚନା ଫଳକରେ କରାଯାଉଥିବା ଅଭିଯୋଗ ହୋଇଛି। ଏହି କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଉଥିବାର ଅଭିଯୋଗ ହୋଇଛି। ଏପରିକି ଏହି ସ୍ଥାନରେ କଲ୍ୟାଣ ମଣ୍ଡପ ନିର୍ମାଣ କରାନଯିବା ନିମନ୍ତେ ସ୍ଥାନୀୟ ସରପଂଚ ନିଶ୍ଚିନ୍ତକୋଇଲି ବିଡିଓଙ୍କ ନିକଟରେ ଲିଖିତ ଦାବି କରିଥିଲେ ମଧ ଏଥିପ୍ରତି କେହିହେଲେ କର୍ଣ୍ଣପାତ କରୁନଥିବାର ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧକାଟିଆ ଗ୍ରାମପଂଚାୟତ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ତତ୍କାଳୀନ ସରକାର ଅର୍ଥ ମଞ୍ଜୁର କରିଥିଲେ। ତେବେ ଏହି ପ୍ରକଳ୍ପର ନିର୍ମାଣ ନିମନ୍ତେ ସ୍ଥାନୀୟ ସହଦେବପୁର ମୌଜାରେ କରାଯିବା ନିମନ୍ତେ ସ୍ଥିର କରାଯାଇଥିଲା। ନିଶ୍ଚିନ୍ତକୋଇଲି ବ୍ଲକ ବିଭାଗୀୟ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା। ତେବେ ଏହି ନିର୍ମାଣ କାର୍ଯ୍ୟ ଏକ ଗୋଚର ଜମିରେ କରାଯାଉଥିବାର ଅଭିଯୋଗ ହୋଇଛି। ଏପରିକି ଏହି ପ୍ରକଳ୍ପ ନିମନ୍ତେ କୌଣସି ନିଜସ୍ୱ ଜମି ନଥିବାର ଅଭିଯୋଗ ହୋଇଛି। ତେବେ ଏହି ସ୍ଥାନଟି ମଣ୍ଡପ ନିର୍ମାଣ ନିମନ୍ତେ ଉପଯୁକ୍ତ ନୁହେଁ ଓ ଏଠାରେ ମଣ୍ଡପ ନିର୍ମାଣ କରାନଯିବା ନିମନ୍ତେ ବନ୍ଧକାଟିଆ ଗ୍ରାମପଂଚାୟତ ସରପଂଚ ପ୍ରଦିପ୍ତ କୁମାର ପରିଡା ନିଶ୍ଚିନ୍ତକୋଇଲି ବିଡିଓଙ୍କ ନିକଟରେ ଲିଖିତ ଦାବି କରିଥିଲେ। କିନ୍ତୁ ବ୍ଲକ ପ୍ରଶାସନ ତରଫରୁ ସରପଂଚଙ୍କ ଦାବିକୁ ଉପଯୁକ୍ତ ସମ୍ମାନ ଦିଆନଯାଇ ମନମୁଖି ଭାବେ ନିର୍ମାଣ କାର୍ଯ୍ୟ କରାଯାଉଥିବାର ଅଭିଯୋଗ ହୋଇଛି।ଏପରିକି ଏହି ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଉଥିବାର ଅଭିଯୋଗ ହୋଇଛି। ନିର୍ମାଣ କାର୍ଯ୍ୟ ଅଟକଳ ଅନୁଯାଇ କରାଯାଉନଥିବାର ଅଭିଯୋଗ ହୋଇଛି। ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବା କାରଣରୁ ଏହି ପ୍ରକଳ୍ପର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଅପରପକ୍ଷରେ ଏହି ପ୍ରକଳ୍ପ ନିମନ୍ତେ କେତେଟଙ୍କା ମଞ୍ଜୁର ହୋଇଛି ସେ ସମ୍ପର୍କରେ କୌଣସି ସୂଚନା ଫଳକ ଦିଆନଯାଇ ଲୋକଙ୍କୁ ଅନ୍ଧାର ଘେରରେ ରଖାଯାଇଥିବାର ଅଭିଯୋଗ ହୋଇଛି । ଅପରପକ୍ଷରେ ଲୁଣାନଦୀ ପାର୍ଶ୍ୱରେ ଏହି ମଣ୍ଡପ ନିର୍ମାଣ କରାଯାଉଥିବା କାରଣରୁ ନଦୀ ବନ୍ଧପ୍ରତି ବିପଦର ଆଶଙ୍କା ସୃଷ୍ଟି ହୋଇଥିବାର ଅଭିଯୋଗ ହୋଇଛି। ତେବେ ଏସମ୍ପର୍କରେ ମତାମତ ନେବା ନିମନ୍ତେ ଆମ ପ୍ରତିନିଧି ବିଭାଗୀୟ ଯନ୍ତ୍ରୀ ସ୍ମିତାରାଣୀ ମହାନ୍ତିଙ୍କ ମୋବାଇଲ ନମ୍ବର ୯୭୭୭୪୩୩୦୯୮କୁ ଏକାଧିକବାର କଲ କରିଥିଲେ ମଧ ସେ କଲ ଗ୍ରହଣ ନକରିବା କାରଣରୁ ତାଙ୍କର ମତାମତ ନେବା ସମ୍ଭବପର ହୋଇପାରିନାହିଁ। ଅପରପକ୍ଷରେ ଆମ ପ୍ରତିନିଧି ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ଦ୍ୟୁବେନ୍ଦୁ ଦାସଙ୍କ ମତାମତ ନେବା ନିମନ୍ତେ ତାଙ୍କ ମୋବାଇଲ ନମ୍ବର ୮୨୪୯୮୨୭୩୯୪କୁ ଏକାଧିକବାର କଲ କରିଥିଲେ ମଧ ସେ କଲ ଗ୍ରହଣ ନକରିବା ଯୋଗୁ ତାଙ୍କର ମତାମତ ନେବା ସମ୍ଭବପର ହୋଇପାରିନାହିଁ। ଏଠାରେ ସୂଚନା ଯୋଗ୍ୟ ଯେ ନିକଟରେ ଏହି ବ୍ଲକର କମଳପୁର ଗ୍ରାମରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଗୋଚର ଜମିରେ ବ୍ଲକ ପ୍ରଶାସନ ତରଫରୁ ନିର୍ମାଣ କରାଯାଇଥିବା ପ୍ରକଳ୍ପ ଗୁଡିକୁ ଓଡିଶା ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ଭଙ୍ଗାଯାଇଥିବା ଘଟଣା କାହାରିକୁ ଅଛପା ନାହିଁ। ପ୍ରକଳ୍ପରେ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ ହୋଇଥିଲେ ମଧ କେତେକ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ତାହା ମାଟିରେ ମିଶିଲା ବୋଲି ସାଧାରଣରେ ମତ ପ୍ରକାଶ ପାଇଥିଲା। ତେବେ ଏହି ଘଟଣାର କିଛି ଦିନ ପରେ ବ୍ଲକ ପ୍ରଶାସନ ତରଫରୁ ପୁନର୍ବାର କିପରି ଭାବେ ଏଭଳି ବେନିୟମ କାର୍ଯ୍ୟ କରାଯାଉଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ତେବେ ଏହି ପ୍ରକଳ୍ପ କାର୍ଯ୍ୟରେ ହୋଇଥିବା ଅନିୟମିତତା ଚଂଚକତା ଓ ଦୁର୍ନୀତିରେ ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ବହୁ ଲୁକାୟିତ ରହସ୍ୟର ପର୍ଦ୍ଦାଫାସ ହୋଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କାକଟପୁର, (ଭାସ୍କର ନ୍ୟୁଜ୍ ) : କାକଟପୁର ପଛ ପଡିଆ ମିନି ଷ୍ଟାଡିଅମ ଠାରେ ଦ୍ୱିତୀୟ ବାର୍ଷିକୀ ତୁଷାର କାନ୍ତି ସ୍ମାରକୀ ଉଦ୍ଘାଟନ ହୋଇ ଯାଇଛି । ଉଦ୍ଘାଟନ ଉତ୍ସବରେ ପ୍ରଥମେ ଆତଙ୍କବାଦୀଙ୍କ ଦ୍ୱାରା ଆକ୍ରମଣରେ ମୃତ୍ୟୁବରଣ କରିଥିବା ପର୍ଯ୍ୟଟକଙ୍କ ସହିତ ଅଧ୍ୟାପକ ତୁଷାରକାନ୍ତି ମହାନ୍ତିଙ୍କ ପାଇଁ ଦୁଇ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଉଦ୍ଘାଟନି ଉତ୍ସବରେ ଅତିଥି ଭାବେ କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, କାକଟପୁର ମଙ୍ଗଳା ମହା ବିଦ୍ୟାଳୟର ଉପାଧ୍ୟକ୍ଷ ଡ଼ଃ ସଂଗ୍ରାମ ଛାଟୋଇ, ସୁନିଲ ମହାନ୍ତି, ସୂଭେନ୍ଦୁ ସେନାପତି ଯୋଗଦେଇ ଥିଲେ । କରିଥିବା ପ୍ରଥମେ ଟସ ଜିତି ଉଗ୍ରତାର କ୍ରିକେଟ କ୍ଲବ ( ଚନ୍ଦନ ପୁର) ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧୫୩ ରନ କରିଥିଲା, ଦଳ ପକ୍ଷ୍ୟରୁ ଶକ୍ତି ସୋରୂପ ଦାସ ୩୦ଟି ବଲରେ ୫୮ ରନ ସଂଗ୍ରହ କରିଥିଲେ । ଦ୍ୱିତୀୟ ଇନିଂସରେ ୧୫୩ ରନର ବିଜୟକୁ ଲକ୍ଷ୍ୟ କରି ୧୫ ଓଭରରେ ୮ ୱେକେଟ ବିନିମୟରେ ୧୨୩ ରନ ସଂଗ୍ରହ କରି ଶୋଭର୍ସ ସ୍ୱଟିଙ୍ଗ ପରାଜୟ ହୋଇଥିଲା । ମ୍ୟାନ ଅଫ ମ୍ୟାଚ ଭାବେ ଶକ୍ତି ସୋରୂପ ଦାସଙ୍କୁ ଘୋଷଣା କରାଯାଇଥିଲା । କାକଟପୁର ସରପଞ୍ଚ ଅଭୟ କୁମାର ସେଠୀ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ଦେଇଥିବା ଖେଳ ପରିଚାଳନା କରିଥିଲେ । ରଂଜିତ ମହାରଣା ଓ ତ୍ରିଭୁବନ ଦାସ, ଦ୍ୱିତୀୟ ଦିବସରେ ମହାବୀର ସ୍ପୋର୍ଟିଂ ପୁରୀ ଓ ଗୋପ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ମହାବୀର ସ୍ପୋର୍ଟିଂ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୮୭ ରନ ସଂଗ୍ରହ କରିଥିଲା । ଦ୍ୱିତୀୟ ଇନିସରର ଗୋପ କ୍ରିକେଟ କ୍ଲବ ୧୮୮ ରନର ବିଜୟ ଲକ୍ଷ ନେଇ ବ୍ୟାଟିଂ କରି ୧୯ ଓଭରରେ ସମସ୍ତ ଉଇକେଟ ହରାଇ ୧୪୨ ରନ କରି ପରାସ୍ତ ହୋଇଥିଲା । ମହାବୀରର ସୌମେନ୍ଦ୍ର ବେହେରାଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା । ସ୍କୋରର ଭାବେ ଦାୟନିଧି, ପ୍ରକାଶ, ପିଙ୍କୁଲା, ସଭ୍ୟ ରାଜା, ନିନୁ, ଅମ୍ଳାନ, ରାହୁଲ ଦିପୁ ବବୁଲ, ଡେଭିଡ ସହଯୋଗ କରିଥିଲେ । ଭାଷ୍ୟକାର ଭାବେ ପ୍ରଦୀପ କୁମାର ପଣ୍ଡା ଦାୟିତ୍ୱ ତୁଲାଇ ଥିଲେ ।



# କେନ୍ଦୁପତ୍ର ଯୋଗାଉଛି ୬ ମାସର ରୋଜଗାର



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ସବୁଜ କୁହାଯାଉଥିବା କେନ୍ଦୁପତ୍ର ଆଦିବାସୀ ତଥା ଗ୍ରାମାଞ୍ଚଳ ଗରିବ ଲୋକଙ୍କ ପାଇଁ ଏବେ ବରଦାନ ସାଜିଛି । ପତ୍ର ଓ ଫଳ ସଂଗ୍ରହକରି ଆଦିବାସୀ ସମ୍ପ୍ରଦାୟ ନିଜ ପରିବାର ପାଇଁ ପ୍ରାୟ ୬ ମାସର ଦାନା ଯୋଗାଡ କରୁଛନ୍ତି । ସରକାର ତୋଳାଳି, ବନ୍ଧାଳିଙ୍କ ପାଇଁ ଅନେକ ଯୋଜନା କରିଛନ୍ତି ସତ କିନ୍ତୁ ଏହାର ସୁଫଳ ଠିକ ଭାବେ ମିଳୁ ନଥିବା ଅଭିଯୋଗ ହୋଇଛି । କେନ୍ଦୁପତ୍ର ତୋଳାଳି କହିଛନ୍ତି, ଜାନୁଆରୀ, ଫେବୃଆରୀରେ କେନ୍ଦୁପତ୍ର ବିଭାଗ ପକ୍ଷରୁ ବୁଶ୍ କଟିଂ ଆରମ୍ଭକରାଯାଇଥାଏ । ପତ୍ର କଅଁଳିବା ପାଇଁ ଗୋଟିଏ ମାସ ଛଡା ଯାଇ ମାର୍ଚ୍ଚରୁ ଜୁନ୍ ପର୍ଯ୍ୟନ୍ତ ତୋଳା ଆରମ୍ଭ ହୋଇଯାଇଛି । ପ୍ରଥମେ ପତ୍ର ସଂଗ୍ରହ କରାଯାଇ ୨୦ରୁ ୨୪ଟି ପତ୍ରକୁ ଏକ ବିଡା କରି ସେରି ବନ୍ଧାଯାଉଛି । ସେରିଗୁଡିକୁ ବିଭାଗୀୟ ଫଡିରେ ବିକ୍ରି କରାଯାଉଛି । ଆଦିବାସୀ ସମ୍ପ୍ରଦାୟ ଜଙ୍ଗଲରେ ଦିନତମାମ ବୁଲି କେନ୍ଦୁପତ୍ର ସଂଗ୍ରହ କରୁଛନ୍ତି । ଖରା ଖରା ହେଲେ ଗଛ ଛାଇ ନଚେତ ଲାଗିରେ ବସି ପିଲାଙ୍କୁଆ ସହିତ ପତ୍ରଗୁଡିକୁ ସଜାଡି ସେରି ବାନ୍ଧୁଛନ୍ତି । କେହି କେହି ନିଜ ଘରକୁ ନେଇ ଶୁଖାଉଛନ୍ତି ଆଉ କେହି ସରକାରଙ୍କ ଫଡିରେ ବିକ୍ରି କରି ଦେଉଛନ୍ତି । ବିକ୍ରି ପଇସାରେ ତେଲ ଲୁଣ, ସାବୁନ ଶୁଖୁଆ କିଣାଯାଉଛି । ଏପରିକି ପିଲାଙ୍କ ପାଠପଢା ଓ ବର୍ଷକର ଲୁଗାପଟା ମଧ୍ୟ କିଣାଯାଉଛି । ଗ୍ରାମୀୟ ସନ୍ଧିମାଳ ପଞ୍ଚାୟତ ତେନ୍ତୁଲିଗୁଡା ଗାଁର ରାମ ପଡ଼ିଆମୀ, ବାଗି ପଡ଼ିଆମୀ କହିଛନ୍ତି, ସେମାନଙ୍କ ଗାଁ ନିକଟରେ ଭଲ କେନ୍ଦୁପତ୍ର ହୋଇଛି । କେନ୍ଦୁପତ୍ର ବିକ୍ରି କରି ସେମାନେ ତାଙ୍କ ପୁଅଝିଅଙ୍କୁ ପଢାଉଛନ୍ତି । ରାମଙ୍କ ଝିଅ ଲକ୍ଷ୍ମୀ ଓ ପୁଅ ଶ୍ୟାମ ଚକିତବର୍ତ୍ତି ମାଟ୍ରିକ୍ ପରୀକ୍ଷା ଦେଇଛନ୍ତି । ସେମାନେ ମଧ୍ୟ କେନ୍ଦୁପତ୍ର ସଂଗ୍ରହ କରିବାରେ ବାପାମା'ଙ୍କୁ ସାହାଯ୍ୟ କରୁଛନ୍ତି । କେନ୍ଦୁପତ୍ର ଯୋଗୁ ସେମାନଙ୍କ ପରିବାର ଚଳୁଛି । ଜମିବାଡି ବିଶେଷ ନାହିଁ । ଜଙ୍ଗଲ ଜମିରେ ଥିବା କେନ୍ଦୁପତ୍ର ହିଁ ସେମାନଙ୍କ ସହାରାଭରସା ବୋଲି କହିଛନ୍ତି । ବର୍ଷକୁ ପତ୍ର ସଂଗ୍ରହ କରି ୨୦-୨୫ ହଜାର ଟଙ୍କା ପାଉଛନ୍ତି । ଅନ୍ୟ ସମୟରେ କୁଲିଭୁତି କରି ଘର ଚଳାଉଥିବା ବାଗି ପଡିଆମୀ କହିଛନ୍ତି । ବରକୋଲିଗୁଡା ଗାଁର ସନାଧର ଖୁରାମି ତାଙ୍କ ଭାଇ ବୁଦ୍ରା ଖୁରାମି, ସରିମୁକେ ଖୁରାମି ମଧ୍ୟ ପତ୍ର ସଂଗ୍ରହ କରି ପରିବାର ପ୍ରତିପୋଷଣ କରିଛନ୍ତି । ବୁଶ କଟିଙ୍ଗ, ଚପଲ ପଇସା, ଅନ୍ୟାନ୍ୟ ସୁବିଧା ସୁଯୋଗ ସେମାନଙ୍କୁ ମିଳି ନଥିବା କହିଛନ୍ତି । ଗାଁ ଗହଳର ଗରିବ ଅଦିବସାଙ୍କ ପାଇଁ ରୋଜଗାର ଏହା ଏକ ବଡ଼ମାଧ୍ୟମ ହୋଇଥିବାରୁ ଏବେ ପତ୍ର ସଂଗ୍ରହ, କେରିବନ୍ଧ, ଶୁଖେଇବା କାମରେ ଅଧିକାଂଶ ଗ୍ରାମବାସୀ ନିୟୋଜିତ ହୋଇ ବେଶ୍ ଖୁସି ପ୍ରକଟ କରିଛନ୍ତି ।

## ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ

ନିଆଳି, (ଭାସ୍କର ନ୍ୟୁଜ୍ ) : ନିଆଳି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ନିଆଳି ବିଧାୟକ ଛବି ମଲ୍ଲିକ ଯୋଗ ଦେଇଥିଲେ । ବ୍ଲକ୍ ପଞ୍ଚାୟତ ସମିତି ଅଧ୍ୟକ୍ଷ ରମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଏହି ସଭାଟି ସମାରୋହ ଆୟୋଜନ କରାଯାଇଥିଲା । ଯୋଗାଣ ବିଭାଗ ତରଫରୁ ନୂଆ ରାସନ କାର୍ଡ ୩୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ବଣ୍ଟା ଯାଇଥିଲା । ପଞ୍ଚାୟତିରାଜ ଦିବସରେ ରାଜ୍ୟସ୍ତରୀୟ ସମାରୋହ ପୁରାତ୍ନ ସିଧା ପ୍ରସାରଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସାଂସଦଙ୍କ ପ୍ରତିନିଧି ଜ୍ୟୋତି ରଞ୍ଜନ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ଦେବାଶିଷ ଷଡଙ୍ଗୀ, ସୌଦାମିନୀ ମହାପାତ୍ର, ନିଆଳି ବ୍ଲକ୍ ବିଡିଓ ଧର୍ମ ରଞ୍ଜନ ପଣ୍ଡା, ବ୍ଲକ୍ ଉପାଧ୍ୟକ୍ଷ ସ୍ୱର୍ଣ୍ଣପ୍ରଭା ରାଉତ, ସିଡିପିଓ ସସ୍ମିତା ଘଡେଇ, ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ରମା ରଞ୍ଜନ ଭୂୟାଁ ଯୋଗ ଦେଇଥିଲେ । ମିଶନ ଶକ୍ତି ମା'ମାନଙ୍କ ଦ୍ୱାରା ଜଳଛତ୍ର ବଣ୍ଟନ କରାଯାଇଥିଲା । ଏହି ସମାରୋହରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସଭ୍ୟା ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଯୋଗ ଦେଇଥିଲେ ।

# ପହଲଗାମ୍ ଘଟଣା ପ୍ରତିବାଦରେ ହିନ୍ଦୁ ଏକତା ମଞ୍ଚର ରାଲି




କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ହିନ୍ଦୁ ଏକତା ମଞ୍ଚ ପକ୍ଷରୁ କାଶ୍ମୀର ପହଲଗାମରେ ପର୍ଯ୍ୟଟକଙ୍କୁ ଆତଙ୍କବାଦୀ ଆକ୍ରମଣର ପ୍ରତିବାଦ କରି ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରାଯାଇଛି । କୋରାପୁଟସ୍ଥିତ ସ୍ଥାନୀୟ ନିଶାଣିମୁଣ୍ଡାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲ୍ଲା ପ୍ରଶାସନ ଅଫିସ ନିକଟରେ ପହଞ୍ଚ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଥିଲା । ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ମୁସଲମାନ ଆକ୍ରମଣକାରୀଙ୍କୁ କଠୋର ଦଣ୍ଡ ଦେବା, ବାଂଲାଦେଶ ଅନୁପ୍ରବେଶ କାରୀଙ୍କୁ ଦେଶରୁ ବିଦା କରି ଶାନ୍ତିପୂର୍ଣ୍ଣ ବାତାବରଣ ଫେରାଇ ଆଣିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି । ଶୋଭାଯାତ୍ରାରେ ହିନ୍ଦୁ ସଙ୍ଗଠନର ସମସ୍ତ କାର୍ଯ୍ୟକର୍ତ୍ତା ଓ ବୁଦ୍ଧିଜୀବି ସାମିଲ ହୋଇଥିଲେ । ସେହିପରି ସୁନାବେଡା ଓ ସେମିଳିଗୁଡା ସହରରେ ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ପହଲଗାମ୍ ଘଟଣା ପ୍ରତିବାଦରେ ବାଇକ ଶୋଭାଯାତ୍ରା କରାଯାଇଛି । ବିଭିନ୍ନ ହିନ୍ଦୁ ସଂଗଠନର କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ । ସେମିଳିଗୁଡା ସରକାରୀ ବଷ୍ଟାଣ୍ଡ ପରିସରରେ ଏକତ୍ରିତ ହୋଇ ପାକିସ୍ତାନ ବିରୋଧରେ ନାରା ଦେଇ ଭାରତ ଦୃଢ ଉତ୍ତର ଦେବା ସମୟ ଆସିଛି ବୋଲି କର୍ମକର୍ତ୍ତା କହିଥିଲେ । ସଭାସ୍ଥଳକୁ ବାଇକ ଶୋଭାଯାତ୍ରା ବାହାରି ସହରର ମୁଖ୍ୟରାସ୍ତା ଦେଇ ସେମିଳିଗୁଡା ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା । ସେମିଳିଗୁଡା ବିଡିଓ ଯଶ୍ମାନ ପ୍ରଧାନଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ଜନଜାଗରଣ ଜିଲ୍ଲା ସଂଯୋଜକ କାହ୍ନୁ ପାଙ୍ଗି, ଅସିତ ପରିଡ଼ା, ମାନସ ରାଉତ, ଦୀପକ ରାଉତ, ଯୋଗୀ ସ୍ୱାଇଁ, ସ୍ମିସ୍ମିରାଣୀ ମିଶ୍ର, ମନୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବିଭିନ୍ନ ସ୍ଥାନରେ କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ପାଳିତ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ମୁଖ୍ୟ ପୁରୋଧା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର,ଭାଷାଭିତ୍ତିକ ରାଷ୍ଟ୍ର ନିର୍ମାଣର ବଳିଷ୍ଠ ବିନ୍ଧାଣୀ ଉତ୍କଳ ବାସୀଙ୍କ ପାଇଁ ଗୌରବର ସ୍ୱାକ୍ଷର ବହନ କରୁଥିବା ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୪ତମ ଜୟନ୍ତୀ ଉତ୍ସବ ମହାସମାରୋହରେ ସ୍ଥାନୀୟ ପାରଳାଖେମୁଣ୍ଡି ସହରରେ ପାଳିତ ହୋଇଯାଇଛି । ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ ସାଂସଦ ବ୍ରହ୍ମପୁର , ରୁପେଶ କୁମାର ପାଣିଗ୍ରାହୀ ବିଧାୟକ ପାରଳାଖେମୁଣ୍ଡି , ବିଜୟ କୁମାର ଦାଶ ଜିଲ୍ଲାପାଳ ,ଗଜପତି, ନିର୍ମଳା ସେଠୀ ଅଧକ୍ଷା, ପୌରପରିଷଦ ପାରଳାଖେମୁଣ୍ଡି ସମେତ ସହରର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ବଜାର ଛକ ସ୍ଥିତ ଥିବା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ ଓ ଶୋଭାଯାତ୍ରା କରାଯାଇଥିଲା । ମହାରାଜାଙ୍କ ସ୍ମୃତି ସୌଧ ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ ସମୟରେ ବିର ବାଦ୍ୟ ଓ ପାଇକ ଆଖଡ଼ା ଦୋଳ କଳା ପ୍ରଦର୍ଶନ ଦେଖାଇ ସହର ପରିକ୍ରମା କରଯାଇଥିଲା । ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ପାଳନ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ବିଭାଗ ତରଫରୁ କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ଇଣ୍ଡୋର ଷ୍ଟାଡିୟମ ସମ୍ମୁଖ ଠାରେ ନୂତନ ଭାବେ ନିର୍ମାଣ କରାଯାଇଥିବା ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତିର ଅନାବରଣ ଉତ୍ସବ ସାଂସଦ, ବ୍ରହ୍ମପୁର ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ଉପସ୍ଥିତିରେ ଅନାବରଣ ହୋଇଯାଇଛି । ପରେ ପରେ ସ୍ଥାନୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଡ଼.ପ୍ରଦୀପ କୁମାର ପାଣିଗ୍ରାହୀ ସାଂସଦ ,ବ୍ରହ୍ମପୁର ,ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବରେ ରୁପେଶ କୁମାର ପାଣିଗ୍ରାହୀ ବିଧାୟକ ପାରଳାଖେମୁଣ୍ଡି , ନିର୍ମଳା ସେଠୀ ଅଧକ୍ଷା ପୌରପରିଷଦ ପାରଳାଖେମୁଣ୍ଡି,ଯତୀନ୍ଦ୍ର କୁମାର ପଣ୍ଡା ଆରକ୍ଷୀ ଅଧିକ୍ଷକ, ଶଙ୍କର କେରକେଟା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି, ଅନୁପ ପଣ୍ଡା, ଉପ ଜିଲ୍ଲାପାଳ, ପାରଳାଖେମୁଣ୍ଡି, ଅଂଶୁମାନ ମହାପାତ୍ର, ସମନ୍ୱିତ ଅଧିବାସୀ ଉନ୍ନୟନ ସଂସ୍ଥା, ପାରଳାଖେମୁଣ୍ଡି ଯୋଗଦେଇ ଥିବାବେଳେ, ମନୋଜ କୁମାର ପଟ୍ଟନାୟକ, ଅଧକ୍ଷ, ବିନୋଦିନ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପଦ୍ମପୁର, ଗୁମ୍ମା ମୁଖ୍ୟବକ୍ତା ଭାବରେ ଓ ବିଚିତ୍ରାନନ୍ଦ ବେବର୍ତ୍ତା, ପ୍ରାକ୍ତନ ସଦସ୍ୟ ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଗଜପତି ବିଶିଷ୍ଟ ବକ୍ତା ଭାବରେ ଯୋଗ ଦେଇ ଭାଷା ଭିତ୍ତିରେ ଓଡିଶା ପ୍ରଦେଶ ଗଠନ କରିବାରେ ମହାରାଜା ଅନ୍ୟତମ, ମହାରାଜା ଅଞ୍ଚଳ ପାଇଁ ବିକାଶର, ଉନ୍ନତି, ନିରପେକ୍ଷ ଭାବେ ରାଜ୍ୟ ଶାସନ ଏବଂ ସମସ୍ତଙ୍କୁ ନେଇ ବିକାଶ କରିବା ତାଙ୍କର ମୂଳମନ୍ତ୍ର ଥିଲା ଓ ଓଡ଼ିଆ ଜାତିକୁ ସର୍ବାଗ୍ରେ ପହଞ୍ଚାଇବା ସହ ଲୋକଙ୍କ ମଧ୍ୟରେ ଜନଜାଗରଣ ସୃଷ୍ଟି କରିବାରେ ମହାରାଜାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ଅବସରରେ ପାରଳାଖେମୁଣ୍ଡି ସହରର ମହା ବିଦ୍ୟାଳୟ ସ୍ତରରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ହୋଇଥିଲା କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବା କରିଥିବା ବେଳେ ବିଭିନ୍ନ ବିଦ୍ୟାଳୟରର ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ସମସ୍ତ ସାମ୍ବାଦିକ ବନ୍ଧୁଗଣ ଓ ଜନସାଧାରଣ ଉପସ୍ଥିତ ରହିବା ସହ, ସହରର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଗଣ ମାଧ୍ୟମ ପ୍ରତିନିଧି ପ୍ରମୁଖ ବହୁ ସଂଖ୍ୟାରେ ଯୋଗ ଦେଇ ଉତ୍ସବରେ ସାମିଲ ହୋଇଥିଲେ ।

ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ବିନ୍ଧାଣୀ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜିଲ୍ଲା ସ୍ତରୀୟ ଜୟନ୍ତୀ ସମାରୋହ ସ୍ଥାନୀୟ ଜିଲ୍ଲା ପାଠାଗାର ଠାରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇ ଯାଇଛି । ଏହି ସମାରୋହରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ, ବୌଦ୍ଧ ପଂଚାୟତ ମହାବିଦ୍ୟାଳୟ ସଦାନନ୍ଦ ମାହାର, ବିଶିଷ୍ଟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ପାଣି,ସମ୍ମାନୀତ ଅତିଥି ଭାବେ ଅବସର ପ୍ରାପ୍ତ କୃଷି ଅଧିକାରୀ କିଶୋର ଚନ୍ଦ୍ର ମିଶ୍ର, ସଦସ୍ୟ, ଓଡିଶା ସଂଗୀତ ନାଟକ ଏକାଡେମୀ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ, ସାହିତ୍ୟିକ ତଥା ବିଚାରକ ରମେଶ ପ୍ରସାଦ ମେହେର ଓ ନୀଳ ଲୋହିତ ମହାପାତ୍ର,ପ୍ରଧାନ ଶିକ୍ଷକ,କମିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତଥା ବିଚାରକ, ସୁଶାନ୍ତ କୁମାର ମହାପାତ୍ର, ଅଧ୍ୟାପକ, ମୋଡେଲ ଡ଼ିଗ୍ରୀ ମହାବିଦ୍ୟାଳୟ ଦିବ୍ୟ ଲୋଚନ ତ୍ରିପାଠୀ,ବରିଷ୍ଠ ସାମ୍ବାଦିକ ଜ୍ଞାନେନ୍ଦ୍ର ନାରାୟଣ ରଥ, ସତ୍ୟଜିତ ପଣ୍ଡା ଯୋଗଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ସ୍ୱାଗତ ସମ୍ଭାଷଣ ପ୍ରଦାନ ସହିତ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ ଅତିଥି ଓ ବକ୍ତାମାନେ ପାରଳା ମହାରାଜ ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେବଙ୍କୁ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ର ବିନ୍ଧାଣି ବୋଲି ବ୍ୟାଖ୍ୟା କରିବା ସହ ନୂତନ ଓଡ଼ିଶା ପ୍ରଦେଶ ଗଠନରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅନନ୍ୟ ଅବଦାନକୁ ସ୍ମରଣ କରି ତାଙ୍କ ଆଦର୍ଶରେ ଉଦବୁଦ୍ଧ ହେବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ସଭାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି, ପାଠାଗାରର ପାଠକ ମାନେ ଯୋଗ ଦେଇଥିଲେ । ବିଚାରକ ଭାବେ ସନ୍ତୋଷ କୁମାର କର୍ଣ୍ଣ, ସହକାରୀ ଶିକ୍ଷକ, ମର୍ଯ୍ୟାକୁଦ, ଗୋପାଳ ଅମାତ, ସହକାରୀ ଶିକ୍ଷକ, ଚଣ୍ଡିଗଡ଼ ପି ୟୁ ପି ଏସ, ଚିତ୍ତରଞ୍ଜନ ଦାଶ, ସଭାପତି, ଜିଲ୍ଲା ୟୁନିଅନ ପରିଷଦ,ପ୍ରଦୀପ କୁମାର ମହାନ୍ତି, ପ୍ରଧାନ ଶିକ୍ଷକ,ଲକ୍ଷ୍ମୀପଦର ଉ. ପ୍ରା.ବିଦ୍ୟାଳୟ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର ବିଚାରକ ଦାୟିତ୍ୱ ତୁଲାଇଥିଲେ । ଏହି ଉପଲକ୍ଷେ ପ୍ରାଥମିକ ବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଘୁନାଥ ପଟ୍ଟନାୟକ - ପ୍ରଥମ, ବ୍ରାଇଟ ମାଇଣ୍ଡ ଡାଇମନସନ ସ୍କୁଲର ରତ୍ନାପ୍ରିୟା ଅଗ୍ରୱାଲ - ଦ୍ୱିତୀୟ, ସେଣ୍ଟ ଜାଭିୟର ସ୍କୁଲର ପାଭନୀ ଅଗ୍ରୱାଲ ଏବଂ ପି ଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଶ୍ରେୟଂଶି ସାହୁ - ତୃତୀୟ, ମଧ୍ୟ ଇଂରାଜୀ ବିଦ୍ୟାଳୟସ୍ତରୀୟ ବକ୍ତୃତା ରେ ଓଡିଶା ଆଦର୍ଶ ବିଦ୍ୟାଳୟର ଅନ୍ୱେଷା ପ୍ରଧାନ,- ପ୍ରଥମ, ଗୌରୀ ଶଙ୍କର ପବ୍ଲିକ ସ୍କୁଲର ଶାଶ୍ୱତ ସିହ୍ନା - ଦ୍ୱିତୀୟ, ସେଣ୍ଟ ଜାଭିଅର ସ୍କୁଲର ସୁରାମ୍ୟକ୍ଷ ସାମିଲୀ ଶାସିନୀ ଏବଂ ମହେଶ ରାଉଳ - ତୃତୀୟ, ଉଚ୍ଚ ବିଦ୍ୟାଳୟ ସ୍ତରରେ ସେଣ୍ଟ ଜାଭିଅର ସ୍କୁଲ ର ଆର୍ଯ୍ୟ ନାରାୟଣ ଦେବ - ପ୍ରଥମ, ଗୌରୀ ଶଙ୍କର ପବ୍ଲିକ ସ୍କୁଲ ର ଶ୍ରୀଜିତ ପାଣିଗ୍ରାହୀ - ଦ୍ୱିତୀୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ମେଣ୍ଡିମାଲ ର ଶ୍ରଦ୍ଧା ଶୁଭଦର୍ଶିନୀ ସାହୁ - ତୃତୀୟ, ମହାବିଦ୍ୟାଳୟ ସ୍ତର ରେ ସରକାରୀ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ର ଡେଜଲିନ ସାହୁ - ପ୍ରଥମ, ପି ଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ର ଅନ୍ୱେଷା ମିଶ୍ର - ଦ୍ୱିତୀୟ ସ୍ଥାନ ଅଧିକାର କରି ଅତିଥି ମାନଙ୍କ ଠାରୁ ପୁରସ୍କୃତ ହୋଇଥିଲେ । ଏହି କାର୍ଯ୍ୟକ୍ରମ ରେ ଗ୍ରନ୍ଥଗାରିକ ଅକ୍ଷୟ କୁମାର ମହାକୁଡ଼, କର୍ମଚାରୀ ଜିତେନ୍ଦ୍ର କୁମାର ମହାନ୍ତି, ବୀର କିଶୋର କର୍ମୀ ସହଯୋଗ କରିଥିଲେ ।

ଜଗତସିଂହପୁର(ଭାସ୍କର ନ୍ୟୁଜ୍): ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଙ୍କ ଜିଲ୍ଲା ସ୍ତରୀୟ ଜୟନ୍ତୀ ସମାରୋହ ଉତ୍ସବ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଫଟୋ ଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହି ସଭାରେ ସମ୍ମାନନୀୟ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ସଭାପତିତ୍ୱ କରି ନିଜ ବକ୍ତବ୍ୟରେ କହିଲେ ଯେ,ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବାରେ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଙ୍କ ଅବଦାନ ଚିର ସ୍ମରଣୀୟ, ସେ ଖଣ୍ଡ ବିଖଣ୍ଡିତ ଓଡ଼ିଶାକୁ ଏକତ୍ରିକରଣର ବୀଜ ବୁଣିଥିଲେ । ତେଣୁ ସମସ୍ତେ ତାଙ୍କର ତ୍ୟାଗ ଓ ତିତିକ୍ଷା ରୁ ଶିକ୍ଷା ଲାଭ କରିବା ଆବଶ୍ୟକ ବୋଲି ସେ କହିଥିଲେ ।ସଭାରେ ମୁଖ୍ୟ ବକ୍ତା ଭାବେ ମହେନ୍ଦ୍ର କୁମାର ଆଚାର୍ଯ୍ୟ , ତହସିଲଦାର,ବିରିଡ଼ି, ସଞ୍ଜୟ କୁମାର ବେହେରା, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ପୌର ନିର୍ବାହୀ ଅଧିକାରୀ ପ୍ରମୁଖ ମଞ୍ଚାସୀନ ହୋଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଶ୍ରୀମତି ପ୍ରତିଚୀ ତନୟା ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ନିର୍ବାହୀ ଅଧିକାରୀ, ପୌର ପରିଷଦ, ଜଗତସିଂହପୁର ସୀମା ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀ ସୁଭାଷ ଚନ୍ଦ୍ର ରାଉତ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା କାର୍ଯ୍ୟାଳୟ ର ଅଧିକାରୀ ଓ କର୍ମଚାରୀ,ସହର ର ବୁଦ୍ଧିଜୀବି, ଆଇନଜୀବି,ମିଶନ ଶକ୍ତି ର ମହିଳା ମାନେ, ଗଣ ମାଧ୍ୟମ ପ୍ରତିନିଧି, ସ୍ୱଚ୍ଛ ସାଥୀ, ସୁପର ଭାଇଜର ପ୍ରମୁଖ ଉପସ୍ଥିତ ଥିଲେ । ସଭା ପୂର୍ବରୁ ସହର ରେ ଥିବା ସମସ୍ତ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିଲା ।



# ପହଲଗାମ୍‌ର ମୃତକଙ୍କୁ ଶ୍ରଦ୍ଧାଞ୍ଜଳି



ଗରଦପୁର, (ଭାସ୍କର ନ୍ୟୁଜ୍): ପଦ୍ମଶ୍ରୀ ବାବା ବଳିଆଙ୍କ ଦ୍ୱାରା ପ୍ରତିଷ୍ଠିତ ଇଣ୍ଟରନ୍ୟାସନାଲ ଗୀତା ମିଶନ ଦ୍ୱାରା କାଶ୍ମୀର ପହଲଗାମରେ ହୋଇଥିବା ନରସଂହାରର ମୃତକମାନଙ୍କ ଉଦେଶ୍ୟରେ ସାମୁହିକ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଗୀତାମିଶନର ସଭାପତି ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟ ସମ୍ପାଦିତ ହୋଇଥିଲା । ଏହି ଅବସରରେ ସ୍ୱାମୀ ଚିଦାନନ୍ଦ କହିଲେ ଯେ ମାନବ ଇତିହାସରେ ଏହା ଏକ ଅମାନୁଷିକ ଓ ବର୍ବରୋଚିତ ଘଟଣା । କ୍ରୁର ନାଜୀଶାସକ ହିଟଲରଙ୍କ ପରେ ଏହା ଆଉ ଏକ ଘଟଣା, ଯେଉଁଠି ଧର୍ମର ନାମ ପଚାରି ମଣିଷକୁ ନିର୍ଦ୍ଦୟ ଭାବେ ହତ୍ୟା କରାଯାଇଛି । ଏହା ମାନବବାଦର ହତ୍ୟା ଅଟେ । କିଛି ନିର୍ବୋଧ ଓ ଅମଣିଷ ମାନଙ୍କ ଦ୍ୱାରା କରାଯାଇଥିବା ଏହି ନାରକୀୟ ଘଟଣାକୁ ଇଣ୍ଟରନ୍ୟାସନାଲ ଗୀତା ମିଶନ ଦୃଢଭାବେ ନିନ୍ଦା କରୁଅଛି । ସରାକାରଙ୍କୁ ଏହାର ଉଚିତ ଜବାବ ଦିଆଯିବାକୁ ମିଶନ ତରଫରୁ ଅନୁରୋଧ କରାଯାଇଅଛି । ଦିବଂଗତ ଆତ୍ମାମାନଙ୍କର ସଦଗତିପାଇଁ ମିଶନ ତରଫରୁ ଇଶ୍ୱରଙ୍କ ପାଖରେ ପ୍ରର୍ଥନା କରାଯାଇଥିଲା । ଏହି ଶ୍ରଦ୍ଧାଞ୍ଜଳି ଅର୍ପଣ କାର୍ଯ୍ୟକ୍ରମରେ ବହୁସାଧୁସନ୍ଥ ଓ ସ୍ୱେଚ୍ଛାସେବୀମାନଙ୍କ ସହ ଗୀତା ମିଶନର ସଦସ୍ୟମାନେ ଉପସ୍ଥିତ ରହିଥିଲେ ।

# ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ



ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ସଦଭାବନା ସଭାଗୃହ ଠାରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକାଧିକାରୀ ଡାକ୍ତର ରାମାରାଓ ପାଲୋଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସକ ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଦେଇଥିଲେ । ଏଥିରେ ପ୍ରାଣୀ ଚିକିତ୍ସକ ସେବା ବୃତ୍ତିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରାଯାଇଥିଲା । ପ୍ରାଣୀଧନ ବିଭାଗର ଅଧିକାରୀ, କର୍ମଚାରୀ, ଚାଷୀ ପ୍ରାଣୀଧନ ନିରୀକ୍ଷକ, କୃତ୍ରିମ ପ୍ରଜନନ ଟେକନିସିଆନ୍ ମାନେ ଯୋଗ ଦେଇଥିଲେ । ଏହି ଅବସରରେ ୫ ଜଣ ପ୍ରାଣୀ ପାଳନ କରିଥିବା ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ୫ ହିତାଧିକାରୀଙ୍କୁ ସରକାରୀ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା । ଜିଲ୍ଲା ପ୍ରଶିକ୍ଷଣ ସଂଯୋଜିକା ଡାକ୍ତର ସଂଘମିତ୍ରା ପରମାଣିକ୍ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଉପଖଣ୍ଡ ପ୍ରାଣୀ ଚିକିତ୍ସକ ଅଧିକାରୀ ଡାକ୍ତର ତପନ କୁମାର ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍କୁଲ ପାଚେରି ଓ ଗେଟ୍ ନିର୍ମାଣ ନାଁରେ ଲକ୍ଷାଧିକ ଟଙ୍କା ଆତ୍ମସାତ ଅଭିଯୋଗ

କରଞ୍ଜିଆ, (ଭାସ୍କର ନ୍ୟୁଜ୍ ) : ଶିମିଳିପାଳ ପାଦ ଦେଶରେ ଥିବା ଯଶିପୁର ବ୍ଲକ୍ ଧଳାବଣି ପଞ୍ଚାୟତର ଉତ୍ତରାସ ସ୍କୁଲ୍ ପାଚେରି ଓ ଗେଟ୍ ନିର୍ମାଣ ନାଁରେ ମିଥ୍ୟା ବିଲ୍ କରି ୧ ଲକ୍ଷ ୬୨ ହଜାର ଟଙ୍କା ଆତ୍ମସାତ୍ ହୋଇଥିବା ସମ୍ପର୍କରେ ଜିଲ୍ଲାପାଳଙ୍କଠାରେ ଅଭିଯୋଗ ହୋଇଛି । କରଞ୍ଜିଆରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏ ସମ୍ପର୍କରେ ଉତ୍ତରାସ ଗ୍ରାମର ଚାମ୍ପୁରୁ ସିର୍କା ବିଡ଼ିଓ ଜାଣିଶୁଣି ମାମଲାକୁ ଚାପି ଦେବା ପାଇଁ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ, କରୁଥିବା ଅଭିଯୋଗ କରିଥିଲେ । ଧଳାବଣି ପଞ୍ଚାୟତର ସରପଞ୍ଚ ତ୍ରିଭୁବନ ଆଲଡ଼ା, ପଞ୍ଚାୟତ ନିର୍ବାହୀ ଅଧିକାରୀ ମନୋରଞ୍ଜନ ସେଠୀ ଓ କନିଷ୍ଠ ଯନ୍ତ୍ରୀ ପ୍ରତାପଚନ୍ଦ୍ର ସେଠୀ ପ୍ରମୁଖ ଅସାଧୁ ମେଣ୍ଟ କରି ପୁରୁଣା ପାଚେରି ଓ ଗେଟକୁ ନୂଆ ନିର୍ମାଣ କରାଯାଇଥିବା ଦର୍ଶାଇ ମିଥ୍ୟା ବିଲ୍ ଜରିଆରେ ୧ ଲକ୍ଷ ୬୨ ହଜାର ଟଙ୍କା ଚଲୁ କରିଥିବା ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ମାସକ ତଳେ ତା.୨୫.୦୩. ୨୦୨୫ରିଖରେ ଯଶିପୁର ବିଡ଼ିଓଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ଯଶିପୁର ବିଡ଼ିଓ ମାଧବଚନ୍ଦ୍ର ବିରୁଆ ସେମାନଙ୍କଠାରୁ ଆତ୍ମସାତ୍ ହୋଇଥିବା ସରକାରୀ ଅର୍ଥ ଆଦାୟ ସହିତ ଚାକିରୀରୁ ନିଲମ୍ବନ ପାଇଁ ସରକାରଙ୍କୁ ସୁପାରିଶ୍ କରାଯିବ ବୋଲି କହିଥିଲେ । ମାତ୍ର ବିଡ଼ିଓ ଶ୍ରୀ ବିରୁଆ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସେମାନଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ ଯେ ୨୦୨୪-୨୫ ଆର୍ଥିକ ବର୍ଷରେ ସ୍କୁଲ୍ ପାଚେରି ଓ ଗେଟ୍ ନିର୍ମାଣ ନିମନ୍ତେ ୧ ଲକ୍ଷ ୮୦ ହଜାର ଟଙ୍କା ଅର୍ଥ ମଞ୍ଜୁର କରାଯାଇଥିଲା । ମାତ୍ର ଏହି ମଞ୍ଜୁର ଟଙ୍କାରେ ଆଦୌ କାମ ନକରି ପୁରୁଣା ସ୍କୁଲ୍ ପାଚେରି ଓ ଗେଟ୍‌କୁ ନୂଆ ଦେଖାଇ ୧ ଲକ୍ଷ ୬୨ ହଜାର ଟଙ୍କା ଧଳାବଣି ପଞ୍ଚାୟତ ନିର୍ବାହୀ ଅଧିକାରୀ ମନୋରଞ୍ଜନ ସେଠୀଙ୍କ ନାମରେ ବିଲ୍ ବାବଦକୁ ଅର୍ଥ ପ୍ରଦାନ କରାଯାଇଛି । ସରକାରୀ ନିୟମାନୁସାରେ ଭେଣ୍ଡର ମାଧ୍ୟମରେ ବିଲ୍ ପେମେଣ୍ଟ ହେବା କଥା । ମାତ୍ର ପ୍ରଶାସନ ତରଫରୁ ଖୋଲାଖୋଲି ଭାବରେ ଏହାକୁ ଉଲଂଘନ କରାଯାଉଛି । ଆର୍ଥିକ ବର୍ଷ ୨୦୨୧-୨୨ରେ ଉତ୍ତରାସ ସ୍କୁଲ୍ ମରାମତି ପାଇଁ ୩ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା । ଏହି ଅର୍ଥ ସିମେଣ୍ଟ କଂକ୍ରିଟ୍ କାମ ସହିତ ଟାଇଲ୍ ବିଛାଇବା ଏବଂ ସ୍କୁଲ୍ ଗେଟ୍ ନିର୍ମାଣ ମଧ୍ୟ କରାଯାଇଥିଲା । ସ୍କୁଲର ବାରଣ୍ଡାର ଚଟାଣ କାମ ୨୦୨୧ ମସିହା ଆଗରୁ ନିର୍ମାଣ ହୋଇସାରିଛି ସେହିପରି ସ୍କୁଲର ପାଚେରି ନିର୍ମାଣ କାମ ମଧ ୨୦୨୧ ମସିହା ପୂର୍ବରୁ କରାଯାଇଥିଲା । ମାତ୍ର ସରପଞ୍ଚ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀ ମିଳିମିଶି ପୁରୁଣା ପାଚେରି ଓ ତୋରଣକୁ ନୂଆ ଦର୍ଶାଇ ମିଥ୍ୟା ବିଲ୍ ଜରିଆରେ ୧ ଲକ୍ଷ ୬୨ ହଜାର ଟଙ୍କା ହଡ଼ପ କରିଛନ୍ତି । ଯାହାକି ତଦନ୍ତ ସାପେକ୍ଷ । ଚାମ୍ପୁରୁ ସିର୍କାଙ୍କ ଅଭିଯୋଗ ପାଇବା ପରେ ତଦନ୍ତରେ ବିଳମ୍ବ କରି ଜାଣିଶୁଣି ଏହି ଘଟଣାକୁ ଚାପି ଦେବା ପାଇଁ ଉଦ୍ୟମ କରୁଥିବାରୁ ଜିଲାପାଳ ବିଡ଼ିଓ ମାଧବଚନ୍ଦ୍ର ବିରୁଆଙ୍କୁ ତାଗିଦ୍ କରିଥିବା ଜଣାପଡ଼ିଛି ।

# ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ପୁରସ୍କାର ବିତରଣ ଉତ୍ସବ



ଫୁଲନଖରା, (ଭାସ୍କର ନ୍ୟୁଜ୍ ) : କଟକ ସଦର ୪୨ ମୌଜା କଳପଡ଼ା ପୂଜ୍ୟ ପ୍ରପତ୍ତିଙ୍କର ମାନସ ପୁତ୍ର ଶ୍ରୀ ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ବାର୍ଷିକ କ୍ରୀଡ଼ା ଉତ୍ସବର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶ୍ରୀ ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷା କେନ୍ଦ୍ରର ସଭାପତି ବଂଶୀଧର ପରିଡ଼ା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ୪୨ ମୌଜା ବିକାଶ ପରିଷଦର ସଭାପତି ସମାଜସେବୀ ଆଡ଼ଭୋକେଟ୍ କେଶବ ଚନ୍ଦ୍ର କର ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ୪୨ ମୌଜା ବିକାଶ ପରିଷଦର ସଂପାଦକ କଳାକାର ସନ୍ତୋଷ କୁମାର ପତି ଓ ଶ୍ରୀ ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷା କେନ୍ଦ୍ରର ସଂପାଦକ ପ୍ରେମାଞ୍ଜନ ସ୍ୱାଇଁ ଓ ଶିକ୍ଷା କେନ୍ଦ୍ରର ଅଧକ୍ଷ ଶିକ୍ଷାବିତ୍ ସୁବାସ ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ଛାତ୍ରଛାତ୍ରୀମାନେ ଦେଶାତ୍ମକବୋଧକ ଗୀତରେ ନୃତ୍ୟ,ଯୋଗ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରିଥିଲେ । ମୋବାଇଲର ଉପକାର ଓ ଅପକାର ବିଷୟରେ ନୃତ୍ୟ ମାଧ୍ୟମରେ ପରିବେଷଣ କରିଥିଲେ । ଶ୍ରୀଯୁକ୍ତ କର ମହୋଦୟ ଛାତ୍ରଛାତ୍ରୀ ମାନଙ୍କୁ ଶ୍ରୀମା ଶ୍ରୀ ଅରବିନ୍ଦଙ୍କର ଚିନ୍ତାଧାରା ଓ ବିଚାର ଉପରେ ଅନେକ ଶିକ୍ଷଣୀୟ ବିଷୟ ଛାତ୍ରଛାତ୍ରୀ ମାନଙ୍କୁ ଜଣାଇବା ସହିତ ଜଣେ ଜଣେ ଭଲ ମଣିଷ ହେବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ । ଶେଷରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।



ଆସିକ (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲାର ଦ୍ୱିତୀୟ ବାଣିଜ୍ୟ କେନ୍ଦ୍ର ରୂପେ ପରିଚିତ ଆସିକା ସହର। ଆସିକା ଅଞ୍ଚଳରେ ବ୍ୟବସାୟ ପାଇଁ ବାହାର ଅଞ୍ଚଳ ବଡ଼ ବଡ଼ କମ୍ପାନୀମାନେ ଆସି ମଲ୍ କରି ବ୍ୟବସାୟ କରୁଛନ୍ତି। ଆଜିକାଲି ଅନ୍‌ଲାଇନ୍‌ରେ ବିଭିନ୍ନ ସାମଗ୍ରୀ ଦେଶର ବଡ଼ ବଡ଼ କମ୍ପାନୀମାନେ ଘରେ ଆଣି ସେମାନଙ୍କ ଏଜେଣ୍ଟମାନଙ୍କ ଦ୍ୱାରା ଦେଉଛନ୍ତି। ଆସିକା ଲକ୍ଷ୍ମୀ ବଜାର ଅଞ୍ଚଳରେ ଥିବା କିଛି ମଲ୍‌ରେ ଗ୍ରାହକ ସାମଗ୍ରୀ କ୍ରୟ କରିଲେ କ୍ୟାରିବ୍ୟାଗ ପାଇଁ ଜୋର ଜବରଦସ୍ତ ଟଙ୍କା ଆଦାୟ କରାଯାଉଥିବା ବହୁ ଗ୍ରାହକ ଅଭିଯୋଗ କରିଛନ୍ତି। ଏଥିସହ ଗ୍ରାହକଙ୍କ ସହ ଯୁକ୍ତିତର୍କ ମଧ୍ୟ କରୁଥିବା ଦେଖିବାକୁ ମିଳୁଛି। ଏଥି ପୂର୍ବରୁ ଖୁଚୁରାର ଅଭାବ ଦର୍ଶାଇ କିଛି ବ୍ୟବସାୟ ପ୍ରତିଷ୍ଠାନ ଏକ ଟଙ୍କା ଦୁଇ ଟଙ୍କା ପାଞ୍ଚ ଟଙ୍କା ବଦଳରେ ଚକଲେଟ ନେବାକୁ ବାଧ କରୁଥିବାର ନଜିର ରହିଛି। ଆସିକା ଅଞ୍ଚଳରେ କିଛି ମଲ୍‌ରେ ବାର୍ଷିକ କ୍ଲିୟ ରେନ୍ସ ର ଆଳ ଦେଖାଇ ପ୍ରଚାର ପ୍ରସାର କରି ଗ୍ରାହକଙ୍କୁ ଘଣ୍ଟା ଖରାରେ ଠିଆ କରିବା ଭଳି ମଧ୍ୟ ଦେଖିବାକୁ ମିଳୁଛି। ଜନଗହଳି ଦେଖି ମୋଲ ର ସର୍ଟର ନିଜ ଇଚ୍ଛାରେ ବନ୍ଦ କରି ଦେଉଛନ୍ତି। ଗ୍ରାହକ ମାନଙ୍କୁ ଘଣ୍ଟା ଘଣ୍ଟା ବାହାରେ ଅପେକ୍ଷା କରିଲେ ବି ପାନୀୟ ଜଳର ବ୍ୟବସ୍ଥା ବି ରଖାଯାଉନାହିଁ। ସାମଗ୍ରୀ କ୍ରୟ କରିବା ପରେ ବିଲ ପେୟିମେଣ୍ଟ କରିବା ବେଳେ କେରି ବ୍ୟାଗ ପାଇଁ ଟଙ୍କା ନେବାକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି।

### ସବୁ ଜାଣି ଅଜଣା ଖଣି ବିଭାଗ ଓ ସ୍ଥାନୀୟ ପ୍ରଶାସନ

# ଅସ୍ତରଙ୍ଗରେ ବାଲି, ମାଟି ମାଫିଆ ସକ୍ରିୟ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଖଣି ବିଭାଗ ଅଧୀନ ଓ ସ୍ଥାନିୟ ପ୍ରଶାସନର ଅନୁକମ୍ପା ରହୁଥିବାରୁ ମୂଲ୍ୟବାନ ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ବନ୍ଦ ହେବାର ନାଁ ଧରୁନି। ବିଭାଗୀୟ ଅଧିକାରୀ ଙ୍କ ଭିତରୁଆ ଅନୁକମ୍ପା ରହୁଥିବାରୁ ଏହି ବେଆଇନ କାର୍ଯ୍ୟ ଅଣାୟତ ହୋଇ ପଡିଛି। ପ୍ରତ୍ୟେକ ଦିନ ନଦୀପଠା ଓ ସରକାରୀ ଜମିରୁ ବାଲି ଓ ମାଟି ଚୋରି ହେଉଥିବା ଅଭିଯୋଗ ହେଉଥିବା ବେଳେ ଖଣି ବିଭାଗ ଟେର ପାଉନି। କିନ୍ତୁ ଅସ୍ତରଙ୍ଗ ସ୍ଥାନୀୟ ପ୍ରଶାସନ ଓ ପୁଲିସ ସବୁ ଜାଣି ଅଜଣା ଭଳି ଚାଲୁଛନ୍ତି। ଯାହା ସାଧାରଣ ଚର୍ଚ୍ଚା ମାଟି ଓ ବାଲି ଚାଲାଣ କରିବାକୁ ମାଫିଆ ମୋଟାଅଙ୍କର ପକାଇ ପକେଟ ଗରମ କରି ବସୁଛନ୍ତି। ରାତି ହେଲେ ବାଲି ଓ ମାଟି ମାଫିଆ ଜେସିବି ଓ ଟ୍ରାକ୍ଟର ସାହାଯ୍ୟରେ ସରକାରୀ ଜମି ଓ ନଦୀପଠା କୁ ତାଡି ବାଲି ଓ ଧସା ମାଟି ନେଇ ଯାଉଛନ୍ତି। ତାହାକୁ ଟ୍ରିପ ପିଛା ହଜାର ହଜାର ଟଙ୍କା ବିକୁଥିବା ଜଣାପଡିଛି। ବ୍ୟାପକ ଲଘୁ ଖଣିଜ ସମ୍ପଦ ଲୁଟ ହେଉଥିବା ବେଳେ ଖଣି ବିଭାଗ କରୁଛି କଣ ବୋଲି ପ୍ରଶ୍ନ ହୋଇଛି। ବିଶେଷତଃ ଅସ୍ତରଙ୍ଗ ତହସିଲ ଅଧୀନ ନଗର, ଆଳସାହି, ଅସନ, ଖଣ୍ଡାସାହି, ମୁଦୁଗଲ, ଖଣ୍ଡାସାହି କ୍ଲସ ରୋଡ, କେନ୍ଦ୍ରାପଟି, ଶିଶୁଅ, ନୂଆଗଡ ଆଦି ପ୍ରାୟ ସମସ୍ତ ନଦୀ ପାଖ ପଠା ଏବଂ ସରକାରୀ ଜମିରେ ବାଲି ଓ ମାଟି ମାଫିଆ ସକ୍ରିୟ ଥିବା ବେଳେ ପ୍ରଶାସନ ଚୁପ୍ ବସିଛି। ଏ ନେଇ ଲୋକେ ଅସ୍ତରଙ୍ଗ ପ୍ରଶାସନ ଠୁ ଆରମ୍ଭ କରି ଖଣି ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଖୋଳା ଯାଉଥିବା ସ୍ଥାନ ଗୁଡିକରେ ବଡ଼ ବଡ଼ ଗର୍ତ୍ତ ହେଉଥିବାରୁ ବିଭିନ୍ନ ସମୟରେ ସେଥିରେ ପଡ଼ି ପ୍ରାଣ ହରାଉଛନ୍ତି। ପୂର୍ବରୁ ଅସ୍ତରଙ୍ଗ ପୁଲିସ ଚଢ଼ାଉ କରି ଗାଡି ଜବତ ହୋଇ ଅସ୍ତରଙ୍ଗ ଥାନାରେ ପଡ଼ି ରହିଛି। ବାରମ୍ବାର ଏ ନେଇ ଖବର ପ୍ରସାରଣ ପରେ ପୁରୀ ଜିଲ୍ଲା ଖଣିବିଭାଗ ଅଧିକାରୀ ଧର୍ମଙ୍କୁ ଆଖି ଠାର ପରି କେବଳ ବାକ୍ୟ ମାଧ୍ୟମରେ ଚଢ଼ାଉ କରୁଛନ୍ତି।

# ବାଲିଚୋରି ଓ ପରିବହନ ରୋକିବାରେ ସ୍ଥାନୀୟ ପୁଲିସ ବିଫଳ



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ଥାନା ଅଞ୍ଚଳରୁ ବାଲିଚୋରି ଓ ବେଆଇନ ପରିବହନରେ ବିରାମ ଲାଗିପାରୁ ନାହିଁ। ବାଡ କ୍ଷେତ ଖାଇଲା ଭଳି ବାଲି ଚୋରିରେ ପୁଲିସର ଭୂମିକା ସର୍ବଦା ସନ୍ଦେହ ଘେରରେ ରହିଛି। ସ୍ଥାନୀୟ ଅଞ୍ଚଳର କୁଖ୍ୟାତ ବାଲି ମାଫିଆଙ୍କ ସହ ପୁଲିସର ମଧୁଚନ୍ଦ୍ରିକା ତୁଟୁ ନାହିଁ। ଅସାଧୁ ପୁଲିସ କର୍ମଚାରୀଙ୍କ ଦ୍ୱାରା କବଳିତ ଥାନା ବାଲିମାଫିଆମାନଙ୍କ ବନ୍ଧୁଘର ପାଲଟିଛି। ବୈତରଣୀ ନଦୀର ଦକ୍ଷିଣପାର୍ଶ୍ୱ ସାଳବା ଘାଟରୁ ବାଲି ଉତ୍ତୋଳନ ନାମରେ ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ବାବଲପୁର ସୀମାରୁ ବିପୁଳ ଭାବେ ଉତ୍ତୋଳନ ହେଉଛି। ଲଘୁଖଣିଜ ଅଧିକାରୀମାନେ ଏହାକୁ ଦେଖି ନଦେଖିଲା ପରି ଆଡେଇ ଯାଉଛନ୍ତି। ଅନ୍ୟପକ୍ଷରେ ଏହି ଘାଟରୁ ଉତ୍ତୋଳିତ ବାଲି ମଞ୍ଜୁରୀରୋଡ ଅଞ୍ଚଳକୁ ବ୍ୟାପକ ଭାବେ ପରିବହନ ହେଉଛି। ସେହିପରି ବାଲିପୋଖରୀ ଏସକେପ ସମ୍ମୁଖରୁ ବାଲି ଉତ୍ତୋଳନ ଯଥାରୀତି ଚାଲୁଛି। ମଣିନାଥପୁର, ମୁଢ଼ାପଦା, ଦାଣ୍ଡକୂଳ, ତିଖିଲିଆ ଆଦି ଅଞ୍ଚଳରୁ ବାଲି ଉତ୍ତୋଳନ ବେଆଇନ ଭାବେ କରାଯାଉଛି। ଭଣ୍ଡାରିପୋଖରୀ-ମଣିନାଥପୁର ପୂର୍ତ୍ତରାସ୍ତା ଦେଇ ଦୈନିକ ୪୦ରୁ ଅଧିକ ହାଇୱା ବେଆଇନ ବାଲି ପରିବହନ କରୁଛନ୍ତି। ଯେତେ କଟକଣା ହେଲେ ବି କୁଖ୍ୟାତ ମାଫିଆମାନଙ୍କ ବାଲି ବ୍ୟବସାୟରେ କୌଣସି ଆଞ୍ଚ ଆସୁନାହିଁ। ପୁଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ସ୍ଥାନୀୟ ପୁଲିସ ବାଲିମାଫିଆଙ୍କ ସାଥ ଦେଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ମଦ ଦୋକାନ ପାଇଁ ଅଠରବାଙ୍କି ସ୍ୱାସ୍ଥ୍ୟକେନ୍ଦ୍ର ରାସ୍ତା ବନ୍ଦ




ପାରାଦୀପ (ଭାସ୍କର ନ୍ୟୁଜ୍) : ସରକାରଙ୍କର ନିୟମ ଅନୁଯାୟୀ ବିଦ୍ୟାଳୟ, ମନ୍ଦିର, ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଭୃତି ପାଖରେ ଥିବା କୌଣସି ସ୍ଥାନରେ ମଦ ଦୋକାନ ଖୋଲାଯାଇ ପାରିବନାହିଁ, କିନ୍ତୁ ପାରାଦୀପ ବନ୍ଦରର ପ୍ରବେଶ ଦ୍ୱାର ଏନଏଚ ଠାରୁ ୫କ୍ଷ ମିଟର ଦୂର ଜନଗହଳି ପୂର୍ଣ୍ଣ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସଂଯୋଗ କରୁଥିବା ଏକମାତ୍ର ରାସ୍ତାରେ ଚବିଶ ଘଣ୍ଟିଆ ଦେଶୀ ଓ ବିଦେଶୀ ମଦର ହାଟ ବସୁଛି। ଗୋଟିଏ ପଟରେ ମା' ଅମ୍ବିକା ବିଦ୍ୟାଳୟ, ବିଜୁବାବୁଙ୍କ ପାର୍କ, ଅନ୍ୟପଟରେ ମା' ଦକ୍ଷିଣ କାଳୀଙ୍କ ମନ୍ଦିର, ପାରାଦୀପର ଏକମାତ୍ର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆହାର କେନ୍ଦ୍ର ମଧ୍ୟ ସ୍ଥଳରେ ଗୋଟିଏ ଦେଶୀ ଓ ବିଦେଶୀ ମଦ ଦୋକାନ ପ୍ରତିଯୋଗିତା ମୂଳକ ଭାବେ ପସରା ମେଲାଇଛନ୍ତି । ମଦ ଦୋକାନ ସାମ୍ନାରେ ଦିନ ଦି'ପହରରେ ମଦ୍ୟପମାନେ ଖୋଲାଖୋଲି ମଦ୍ୟପାନ କରିବା ସହିତ ପ୍ରାୟତଃ ରାସ୍ତା ଜାମ କରୁଛନ୍ତି । ମେଡିକାଲ, ମନ୍ଦିର ଓ ଆହାର କେନ୍ଦ୍ରକୁ ଆସୁଥିବା ଲୋକମାନେ ଓ ଆମ୍ବୁଲାନ୍ସ ବିଭିନ୍ନ ପ୍ରକାର ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇଆସୁଛନ୍ତି । ଏହି ଦୁଇ ମଦ ଦୋକାନକୁ ଭିତ୍ତି କରି ସେଠାରେ ଖୋଲିଥିବା ଫାଷ୍ଟ ଫୁଡ ଦୋକାନ, ପାନ ସିଗାରେଟ୍ ଓ ଥଣ୍ଡା ପାନୀୟ ଦୋକାନରେ ଅବ୍ୟବହୃତ ପ୍ଲାଷ୍ଟିକ ବିକ୍ରୟ ଓ ବ୍ୟବହୃତ ହୋଇ ସେ ଅଞ୍ଚଳ ଆବର୍ଜନା ଓ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି । ଅତୀତରେ ଅନେକ ଥର ବିଭିନ୍ନ ସାମାଜିକ ଅନୁଷ୍ଠାନ, ଆଶାକର୍ମୀ ସଂଗଠନ, ବିଭିନ୍ନ ମହିଳା ସଂଗଠନ ପ୍ରତିବାଦ ବିକ୍ଷୋଭ କଲେ ମଧ୍ୟ ଜିଲ୍ଲା ପ୍ରଶାସନ, ପୌର ପ୍ରଶାସନ କିମ୍ବା ପୋଲିସ ପ୍ରଶାସନ ସଠିକ ଭାବେ ଦାୟିତ୍ୱ ନିର୍ବାହ କରୁନଥିବା ସର୍ବସାଧାରଣରେ ଆଲୋଚନା ହେବା ସହ ଅସନ୍ତୋଷ ବୃଦ୍ଧି ପାଉଛି । ଏହି ଅସନ୍ତୋଷ କୁହୁଳି କୁହୁଳି କେତେବେଳେ ଯେ ବ୍ୟାପକ ଆନ୍ଦୋଳନରେ ପରିଣତ ହେବ ଏବଂ ଆଦିବାସୀ ଅଞ୍ଚଳ ଭଳି ସାଧାରଣ ଜନତା ଆଇନକୁ ହାତକୁ ନେଇ ମଦ ହାଟର ପସରାକୁ ବନ୍ଦ ନକରିବେ ଏକଥାକୁ ଏଡାଇ ଦିଆଯାଇ ପାରିବ ନାହିଁ । ତେଣୁ ପ୍ରଶାସନ ତୁରନ୍ତ ଏ ବିଷୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସର୍ବସାଧାରଣରେ ଦାବି ହେଉଛି।

# ମହିଳା ଜିତିଲେ ଆକର୍ଷଣୀୟ ପୁରସ୍କାର

କାକଟପୁର (ଭାସ୍କର ନ୍ୟୁଜ୍) : କାକଟପୁର ବଜାରରେ ଥିବା ହାଇ ଫେସନ ଗାର୍ମେଣ୍ଟରୁ ଲୁଗା କିଣି ଲକୀ ଡ୍ର ମାଧ୍ୟମରେ ସ୍ଥାନୀୟ ଭଣ୍ଡାଘର ବାସିନ୍ଦା ବରଖା ବେଗମ ପାଇଲେ



ପ୍ରଥମ ପୁରସ୍କାର (ଫ୍ରିଜ) । ଦ୍ୱିତୀୟ ପୁରସ୍କାର ଭାବେ ଆରିଫା ଅଞ୍ଜୁମ ସାଇକେଲ ଓ ତୃତୀୟ ପୁରସ୍କାର ଭାବେ ପ୍ରେମାନନ୍ଦ ବେହେରା ପାଇଛନ୍ତି ସାନ୍ତନା ମୂଳକ ପୁରସ୍କାର । ଗାର୍ମେଣ୍ଟର ପରିଚାଳକ ରାଜା ଭାଇ ଏହି ପୁରସ୍କାର ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେକ ଲିଆକତ, ହାଫିଜ ଆଲିମ, ସନ୍ତୋଷ ସାହୁ, ଇଲିଆସ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

# ତିହିଡ଼ି ଶୁଖୁଆ ହାଟ ରାସ୍ତା ହେଲା ଅବରୋଧମୁକ୍ତ



ତିହିଡ଼ି (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ତିହିଡ଼ି ଶୁଖୁଆ ହାଟ ରାସ୍ତାକୁ ଅବରୋଧମୁକ୍ତ କରାଯାଇଛି। ଭାଟପଡ଼ା ପଞ୍ଚାୟତ ପକ୍ଷରୁ ରାସ୍ତାରେ ଥିବା ୨ଟି ଦୋକାନକୁ ଉଚ୍ଛେଦ କରାଯାଇ ରାସ୍ତା ପରିଷ୍କାର କରାଯାଇଛି। ଭଦ୍ରକ ଜିଲ୍ଲାରେ ତିହିଡ଼ି ଶୁଖୁଆ ହାଟର ଏକ ବିଶେଷ ଖ୍ୟାତି ରହିଛି। ଏହି ହାଟରେ ୫୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ବ୍ୟବସାୟ କରି ଜୀବିକା ନିର୍ବାହ କରିଥାନ୍ତି। ଏହାଛଡ଼ା ତିହିଡ଼ିରୁ ଏହି ବ୍ୟବସାୟୀମାନେ ଶୁଖୁଆ ରପ୍ତାନୀ କରିବା ସହିତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶୁଖୁଆ ଆମଦାନୀ କରି ଆଣିଥାନ୍ତି। ତେବେ ଶୁଖୁଆ ହାଟକୁ ଥିବା ରାସ୍ତାରେ ୨ଟି ଦୋକାନ ଥିବାରୁ ରାସ୍ତା ସଙ୍କୁଚିତ ହୋଇ ଯାଇଥିଲା। ଯାହାଫଳରେ ହାଟ ଭିତରକୁ ଗ୍ରାହକମାନେ ଯିବାକୁ ନାପସନ୍ଦ କରୁଥିଲେ। ଏହାଛଡ଼ା ହାଟ ଭିତରକୁ ଶୁଖୁଆ ବୋଝେଇ ଗାଡ଼ି ଯିବାରେ ସମସ୍ୟା ଦେଖା ଦେଇଥିଲା। ବ୍ୟବସାୟୀମାନେ ଏ ସମ୍ପର୍କରେ ସରପଞ୍ଚ ଶୁଭ୍ର ନାରାୟଣ ସେଠୀଙ୍କୁ ଜଣାଇଥିଲେ। ସରପଞ୍ଚ ସେଠୀ ସେହି ଦୋକାନୀଙ୍କୁ ଜାଗା ଖାଲି କରିବାକୁ ନୋଟିସ ଦେଇଥିଲେ। ଶନିବାର ରାତି ୭ଟା ସମୟରେ ଜେସିବି ସହାୟତାରେ ଦୋକାନ ୨ଟିକୁ ଉଚ୍ଛେଦ କରାଯାଇଥିବା ଜଣାଯାଇଛି।

# ଗରଦପୁର ବ୍ଲକରେ ମୁଗମଣ୍ଡି ଖୋଲିବାକୁ ଦାବି

ଗରଦପୁର (ଭାସ୍କର ନ୍ୟୁଜ): ଗରଦପୁର ବ୍ଲକରେ ମୁଗ ଅମଳ ଚାଲୁ ରହିଥିବାବେଳେ ଅଭାବୀ ବିକ୍ରୀ ହେଉଥିବାରୁ ମୁଗ ମଣ୍ଡି ଖୋଲିବାକୁ ଦାବି ହେଉଛି। ବ୍ଲକ୍ ରେ ସାଧାରଣତଃ ଧାନ ଫସଲ ପରେ ଚାଷୀମାନେ ଡାଲି ଜାତୀୟ ଫସଲ ଭାବେ ମୁଗ ଚାଷ କରିଥାନ୍ତି। ମୁଗ ଏକ ଅର୍ଥକାରୀ ଫସଲ ହୋଇଥିବାରୁ ବର୍ଷସାରା ଘରର ଗୁଜୁରାଣ ସହିତ ଡାଲିର ଆବଶ୍ୟକତା ମେଣ୍ଟାଇ ଥାଏ। ଚଳିତବର୍ଷ ଗରଦପୁର ବ୍ଲକ୍ ରେ ପ୍ରାୟ ୪୫୦୦ ହେକ୍ଟର ଜମିରେ ମୁଗ ଚାଷ କରାଯାଇଥିଲା। ବର୍ତ୍ତମାନ ମୁଗ ଅମଳ ଚାଲୁ ରହିଥିବାବେଳେ ମୁଗମଣ୍ଡି ଖୋଲି ନଥିବାରୁ ଚାଷୀମାନେ ସ୍ଥାନୀୟ ବେପାରୀଙ୍କୁ କମ୍ ମୂଲ୍ୟରେ ମୁଗ ବିକ୍ରୀ କରିବାକୁ ବାଧ ହେଉଛନ୍ତି। ଚଳିତ ବର୍ଷ ମୁଗ ଅମଳ ଭଲ ହୋଇଥିବାବେଳେ କେତେକ ସ୍ଥାନରେ କାଳବୈଶାଖି ବର୍ଷାରେ ମୁଗ ନଷ୍ଟ ହେବା ଦେଖାଦେଇଛି। ତେବେ ମୁଗର ସରକାରୀ ମୂଲ୍ୟ କିଲୋ ପ୍ରତି ୮୫ ଟଙ୍କା ୪୭ ପଇସା ହୋଇଥିବାବେଳେ ଚାଷୀମାନେ ଅଭାବୀ ବିକ୍ରୀର ସମ୍ମୁଖିନ ହୋଇ ପ୍ରାୟ ୫୫ ଟଙ୍କାରେ ବିକ୍ରୀ କରିବାକୁ ବାଧ ହେଉଛନ୍ତି ବୋଲି ଜନୈକ ଚାଷୀ ପ୍ରକାଶ କରିଛନ୍ତି। ତେଣୁ ଯଥା ଶୀଘ୍ର ଗରଦପୁର ବ୍ଲକରେ ମୁଗମଣ୍ଡି ଖୋଲିବାକୁ ଚାଷୀମାନେ ଦାବି କରିଛନ୍ତି ।

# ଦେବୀ ନଦୀର ତୀର୍ଥପଡା-ଗୋପାଳପୁର କାର୍ଯ୍ୟ ତଦନ୍ତ କଲେ ପ୍ରାଚୀ ଅଧିକ୍ଷଣ ଯନ୍ତ୍ରୀ



ଫୁଲନଖରା (ଭାସ୍କର ନ୍ୟୁଜ୍) : ଭୁବନେଶ୍ୱର ପ୍ରାଚୀ ଜଳ ସମ୍ପଦ ବିଭାଜନ ପ୍ରତାପନଗରୀ ଜଳ ସମ୍ପଦ ଉପଖଣ୍ଡ ଅନ୍ତର୍ଗତ ଝାରପଡା କନିଷ୍ଠ ଯନ୍ତ୍ରୀ ଅଧିନରେ ଦେବୀ ନଦୀବନ୍ଧ। ଏହି ନଦୀବନ୍ଧ ତୀର୍ଥପଡା-ଗୋପାଳପୁର ଡଙ୍ଗାକୁଦ ନଦୀ ଭିତର କନ୍ଦିଆ ପ୍ରତିବର୍ଷ ପାଣିମାଡ ହୋଇ ବନ୍ଧ କୁଳକୁ ଖାଇ ବିପଦ ସୃଷ୍ଟି କରୁଥିଲା । ଯାହାଫଳରେ ବନ୍ୟା ସମୟରେ ତୀର୍ଥପଡା, ଗୋପାଳପୁର, କଜଳପୁର, ବିଶିପଦା, ଶୀରସୁନ୍ଦରପୁର, ସୀମଳଦା, ନାହାଳପୁର, ନୂଆଗାଁ, ମେଘା ଓ ବାଲିପଡ଼ା ଏହିସବୁ ଗ୍ରାମର ଲୋକ ମାନେ ଭୟଭୀତ ହୋଇଥାନ୍ତି। ଏହାକୁ ସରକାର ଦୃଷ୍ଟିରେ ରଖି ଏସବୁ ଅଂଚଳ ବନ୍ୟା ଦାଉରୁ କିପରି ରକ୍ଷା ପାଇବ ତୀର୍ଥପଡାରୁ ଗୋପାଳପୁର ପର୍ଯ୍ୟନ୍ତ ନଦୀ ବନ୍ଧକୁ ସୁଦୃଢ କରିବା ସକାଶେ ପଥର ପ୍ୟାର୍କିଂ କାର୍ଯ୍ୟ ଟେଣ୍ଡର କରାଯାଇଥିଲା। ସମ୍ପୃକ୍ତ ଠିକାଦାର ଯେଉଁ ଭଳି ଢଙ୍ଗରେ କାର୍ଯ୍ୟ କରିବା କଥା ସେପରି ନ କରିବାରୁ ସ୍ଥାନୀୟ ଅଂଚଳ ଲୋକ ପ୍ରାଚୀ ଅଧିକ୍ଷଣ ଯନ୍ତ୍ରୀ ଓ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଲିଖିତ ଆକାରରେ ଜଣାଇଥିଲେ। ଅଭିଯୋଗ ପାଇ ପ୍ରାଚୀ ଅଧିକ୍ଷଣ ଯନ୍ତ୍ରୀ କାର୍ଯ୍ୟ ଚାଲିଥିବା ତୀର୍ଥପଡା-ଗୋପାଳପୁର ଠାରେ ପହଂଚି କାର୍ଯ୍ୟ ତଦାରଖ କରି କାର୍ଯ୍ୟ ଉପରେ ଅଧିକ ଗୁରୁତ୍ୱ ଦେବାକୁ ସମ୍ପୃକ୍ତ ଠିକାଦାର, ଝାରପଡା କନିଷ୍ଠ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ତଦନ୍ତ ସମୟରେ ପ୍ରତାପନଗରୀ ଜଳ ସମ୍ପଦ ଉପନିର୍ବାହୀ ଯନ୍ତ୍ରୀ ଓ ସ୍ଥାନୀୟ ଅଂଚଳର ଶିବପ୍ରସାଦ ବେହେରା, ନୁର ବେହେରା, ବୁଲୁ ବାରିକ, ଧନା ଭୋଇ ଓ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଯୁଗଳ କିଶୋର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜନ୍ମଦିନରେ ମାନସିକ ବିକୃତଙ୍କ ସେବାକଲେ ମେଡିକାଲ କର୍ମଚାରୀ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଲଲାଟ ପାଢୀ ଜନ୍ମଦିନ ନିଆରା ଢଙ୍ଗରେ ପାଳନ କରିଥିବା ଜଣାଯାଇଛି। ୧୬ ନମ୍ବର ଜାତୀୟ ରାଜପଥର ଛତାବର ଓଭରବ୍ରିଜ ତଳେ ଶୋଇଥିବା ଜନୈକ ମାନସିକ ବିକୃତଙ୍କୁ ଶ୍ରୀ ପାଢୀ ଉଦ୍ଧାର କରିଥିଲେ। ତାଙ୍କୁ ଶୌଚ କରିବା ସହ ନବବସ୍ତ୍ର ପିନ୍ଧାଇ ରୁଚି ମତେ ଖାଦ୍ୟ ପ୍ରଦାନ କରିଥିଲେ। ମାନସିକ ବିକୃତଙ୍କୁ ଛତାବର ଛକରେ ଥିବା ରାଜପଥ ଭୋଜନାଳୟକୁ ସଂପୃକ୍ତ ମାନସିକ ବିକୃତକୁ ହସ୍ତାନ୍ତର କରିଥିଲେ। ଏଭଳି ବ୍ୟକ୍ତିବିଶେଷଙ୍କୁ ସେବା ଶୁଶ୍ରୁଷା କରି ମାନସିକ ଆନନ୍ଦ ଲଭୁଛନ୍ତି ବୋଲି ଶ୍ରୀ ପାଢୀ ପ୍ରକାଶ କରିଛନ୍ତି। ଏଠାରେ ପ୍ରକାଶ ଯୋଗ୍ୟ ଯେ ସ୍ଥାନୀୟ ଅଞ୍ଚଳରେ ନଜରକୁ ଆସୁଥିବା ପ୍ରତ୍ୟେକ ଅଜଣା ବା ଅସହାୟ ବ୍ୟକ୍ତି ଓ ମାନସିକ ବିକୃତଙ୍କୁ କ୍ରମାଗତ ଭାବେ ସେବା ଯୋଗାଇବା ଘଟଣା ଜଣାଶୁଣା କଥା। ଏପରିକି ସେ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ସହ ଜଡିତ ହୋଇ ସେବା ପରିସରକୁ ବ୍ୟାପକ କରିଥିବା ଜଣାଯାଏ। ଶ୍ରୀ ପାଢୀଙ୍କ ଜନ୍ମଦିନରେ ସବୁ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯିବା ସହ ତାଙ୍କ ନିରାମୟ ଜୀବନ କାମନା କରାଯାଇଛି।



### ନିସ୍ୱାର୍ଥପର ଗୋସେବାରେ ବ୍ରତୀ ରମେଶ ଦାସ ମହାରାଜ


# ମା'ଶାରଳା ଆଶ୍ରମରେ ବୃଦ୍ଧି ପାଉଛି ଅସହାୟ ଗୋମାତାଙ୍କ ସଂଖ୍ୟା




ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପ ବନ୍ଦର ଉପକଣ୍ଠ ବିଜୟଚନ୍ଦ୍ରପୁର ସ୍ଥିତ ୨୦୧୬ ମସିହା ରୁ ପ୍ରତିଷ୍ଠିତ ସରକାରୀ ସ୍ୱିକୃତିପ୍ରାପ୍ତ 'ମା ଶାରଳା ଗୋସେବା ଆଶ୍ରମ' ଜଗତସିଂପୁର ଜିଲ୍ଲାରେ ଏକ ପ୍ରମୁଖ ଗୋସେବା ଆଶ୍ରମ ଭାବେ ପରିଚିତ । ଏହି ଗୋସେବା ଆଶ୍ରମରେ ମୁଖ୍ୟ ପରିଚାଳନା ଦାୟିତ୍ୱ ରେ ଅଛନ୍ତି ରମେଶ ଦାସ ମହାରାଜ ଯାହାଙ୍କୁ ସମସ୍ତେ ବାୟା ବାବା ବୋଲି ଜାଣନ୍ତି । ବହୁ ବାଧା ବିଘ୍ନ ପରେ ମଧ ସେ ସୁଚାରୁ ରୂପେ ଏହି ଗୋସେବା ଆଶ୍ରମକୁ ପରିଚାଳନା କରିଆସୁଛନ୍ତି। ଏହି ଗୋସେବା ଆଶ୍ରମ ଚାରିଟେବୁଲ ଟ୍ରଷ୍ଟ ନିୟମରେ ପରିଚାଳନା ହେଉଛି । ସବୁରି ପରିଚିତ ଆଶ୍ରମ ର ବାୟା ବାବା ୨୦୧୩ ରୁ ସାଧୁସନ୍ଥ ସମିଳନୀ କରାଇ ଆଶ୍ରମର ବାର୍ଷିକ ଉତ୍ସବ ପାଳନ କରିଥାନ୍ତି। ତାଙ୍କର ଏହିସବୁ କାର୍ଯକ୍ରମରେ ଟ୍ରଷ୍ଟର ସମସ୍ତ ସଭ୍ୟମାନେ ସହଯୋଗ କରିବା ସହ ଗୋମାତା ମାନଙ୍କ ସେବା ପାଇଁ ପାରାଦୀପ ବନ୍ଦର ଓ ଇଫକୋ ର ଆର୍ଥିକ ସାହାଯ୍ୟର ଭୂମିକା ପାଇଁ ବାୟାବାବା କୃତଜ୍ଞତା ପ୍ରକାଶ କରିଛନ୍ତି। ବର୍ତ୍ତମାନ ଏହି ଗୋସେବା ଆଶ୍ରମରେ ୧୦୦ରୁ ଅଧିକ ଗୋମାତା ଅଛନ୍ତି। ପ୍ରତିବର୍ଷ ଓଡ଼ିଶା ସରକାରଙ୍କ ତରଫରୁ ଆର୍ଥିକ ସାହାଯ୍ୟ ମଧ୍ୟ ମିଳିଥାଏ। କିନ୍ତୁ ଆଶ୍ରମରେ ଗୋମାତା ନାହାନ୍ତି ବୋଲି କିଛି ଦୁର୍ବୃତ୍ତ ଜମି ମାଫିଆ ମିଛରେ ଗୁଜବ ପ୍ରଚାର କରୁଥିବା ବେଳେ ଆଉ ସେହି ଦୁର୍ବୃତ୍ତ ଆଶ୍ରମ ନାଁରେ ଚାନ୍ଦା ଆଦାୟ କରୁଥିବା ଅଭିଯୋଗକୁ ଭିତ୍ତିକରି ଆଶ୍ରମର ବାବା ଗଣମାଧ୍ୟମ ଦ୍ୱାରା ଆଶ୍ରମର ସ୍ଥିତି ଉପରେ ସ୍ପଷ୍ଟୀକରଣ ରଖିଛନ୍ତି। ତେଣୁ ଯଦି କାହାର କିଛି ଗୋମାତା ସେବା ପାଇଁ ସହଯୋଗ କରିବାର ଅଛି ତେବେ ଆଶ୍ରମ ସହ ସିଧାସଳଖ ଯୋଗାଯୋଗ କରି ଆମ୍ଭ ସହ ସାକ୍ଷାତ କରିବେ ବୋଲି ବାୟାବାବା କରିଛନ୍ତି। ଗୋସେବା ଆଶ୍ରମର ସୁରକ୍ଷା ଆଉ ଉତ୍ତମ ପରିଚାଳନା ପାଇଁ ଆଗକୁ ଦୃଢ଼ ପଦକ୍ଷେପ ନେବା ସହ ଆଇନ କାନୁନ୍‌ର ସାହାଯ୍ୟ ନିଆଯିବ ବୋଲି ଆଶ୍ରମର ପ୍ରତିଷ୍ଠାତା ତଥା ମୁଖ୍ୟ ପରିଚାଳକ ଟ୍ରଷ୍ଟର ସଚିବ ବାୟା ବାବା ସୂଚନା ଦେଇଛନ୍ତି। ସୂଚନା ଥାଉକି ପାରାଦୀପ ସହର ଓ ରାଜପଥ କଡରେ ଅସହାୟ ଓ ନିଃସହାୟ ଗୋମାତା ଉଦ୍ଧାର ହୋଇ ଏହି ଆଶ୍ରମରେ ସେମାନଙ୍କର ସେବା କାର୍ଯ୍ୟ କରାଯାଇଥାଏ।

# ରାଶିଫଳ

**ସୋମବାର, ୨୮ ଏପ୍ରିଲ ୨୦୨୫**



**ମେଷ:** ଆପଣ ଉତ୍ସାହଜନକ ସୂଚନା ପାଇବେ। ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବେ। ଅପଚୟ ଖର୍ଚ୍ଚ ହେବ। ବହୁତ ଭଲ କାମ କରିବାକୁ ଇଚ୍ଛୁକ। ବ୍ୟବସାୟରେ ଲାଭ ହେବ। ଭାଇମାନଙ୍କର ସମର୍ଥନ ପାଇବେ। ଆତ୍ମ ସମ୍ମାନ ରହିବ।




**ବୃଷ:** ଆଘାତ ଏବଂ ରୋଗ ହେତୁ ବାଧା ସମ୍ଭବ। ଅସୁବିଧାରେ ପଡ଼ନ୍ତୁ ନାହିଁ। ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି। ଭ୍ରମଣ ଲାଭଦାୟକ ହେବ। ଉପହାର ଏବଂ ଉପହାର ଗ୍ରହଣ କରାଯିବ। ବ୍ୟବସାୟ ବୃଦ୍ଧି ପାଇବ। ରୋଜଗାର ପାଇବା ପାଇଁ ପ୍ରୟାସ ସଫଳ ହେବ। ସମୟ ଅନୁକୂଳ ଅଛି, ଏହାର ଲାଭ ନିଅ। ପ୍ରଲୋଭିତ ହୁଅ ନାହିଁ।



**ମିଥୁନ:** ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଅପଚୟ ଖର୍ଚ୍ଚ ନିୟନ୍ତ୍ରଣ କରନ୍ତୁ। ଏକାଠି ଖାଇବା ଠାରୁ ଦୂରେଇ ରୁହନ୍ତୁ। ପରିବାର ପାଇଁ ଚିନ୍ତା ହେବ। ଆତ୍ମ ସମ୍ମାନର ସହ ରୁହ। କୌଣସି ବ୍ୟକ୍ତିର ଉତ୍ତେଜନାରେ ଶିକାର ହୁଅନ୍ତୁ ନାହିଁ ।




**କର୍କଟ:** ବୁଡି ଯାଇଥିବା ଟଙ୍କା ପୁନରୁଦ୍ଧାର ହୋଇପାରିବ, ଚେଷ୍ଟା କର। ବ୍ୟବସାୟ ଯାତ୍ରା ସଫଳ ହେବ। ବିନିଯୋଗ ଅନୁକୂଳ ଲାଭ ଦେବ। ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ। ବ୍ୟବସାୟରେ ଲାଭ ବୃଦ୍ଧି ପାଇବ। କିଛି ଶୁଭ କାର୍ଯ୍ୟରେ ଅଂଶଗ୍ରହଣ କରିବାର ଏକ ସୁଯୋଗ ଆସିପାରେ।




**ସିଂହ:** ଯୋଜନା ଫଳପ୍ରଦ ହେବ। କର୍ମକ୍ଷେତ୍ରରେ ପରିବର୍ତ୍ତନ ସମ୍ଭବ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ବିନିଯୋଗ ଭଲ ହେବ। ଚାକିରିରେ ଉଭୟ କାର୍ଯ୍ୟଭାର ଏବଂ ପ୍ରାଧିକରଣ ବୃଦ୍ଧି ପାଇପାରେ।




**କନ୍ୟା:** ଆଇନଗତ ପ୍ରତିବନ୍ଧକ ହଟାଇବା ପରେ ପରିସ୍ଥିତି ଅନୁକୂଳ ରହିବ। ବ୍ୟବସାୟରେ ଅଭିବୃଦ୍ଧି ହେବାର ସମ୍ଭାବନା ଅଛି। ଟଙ୍କା ପାଇବା ସହଜ ହେବ । ଚାକିରିରେ ଶାନ୍ତି ରହିବ। ଦୀର୍ଘ ଦିନ ଧରି ଅଟକି ରହିଥିବା କାର୍ଯ୍ୟ ଗତି ଲାଭ କରିବ।



**ତୁଳା:** ଖରାପ ଖବର ଗ୍ରହଣ କରାଯାଇପାରେ, ଧୈର୍ଯ୍ୟବାନ ହୁଅ । ସ୍ୱାସ୍ଥ୍ୟ ଦୁର୍ବଳ ହେବ। କାମ କରିବାକୁ ଇଚ୍ଛା ହେବ ନାହିଁ। ବିବାଦ କାରଣରୁ ଦ୍ୱନ୍ଦ୍ୱ ସମ୍ଭବ । କରାଯାଉଥିବା କାର୍ଯ୍ୟରେ ବାଧା ଉପୁଜିବ । କଠିନ ପରିଶ୍ରମ ଅଧିକ ହେବ ଏବଂ ଲାଭ କମ୍ ହେବ। ଚାକିରିରେ କାର୍ଯ୍ୟଭାର ରହିବ । ଘରେ ଟେନସନ ହୋଇପାରେ।



**ବିଛା:** ସ୍ୱାସ୍ଥ୍ୟର ଯତ୍ନ ନିଅ। ଅତ୍ୟଧିକ ଉତ୍ସାହ ଏବଂ ବ୍ୟସ୍ତତା ରହିବ। ରାଜନୈତିକ ପ୍ରତିବନ୍ଧକ ଦୂର ହେବ। ବ୍ୟବସାୟ ଭଲ ହେବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ତତ୍ପର ହୁଅନ୍ତୁ ନାହିଁ। ଲାଭ ସୁଯୋଗ ଆସିବ। ଭାଗ୍ୟ ଅନୁକୂଳ, ଏହାର ଲାଭ ନିଅ। ଘର ବାହାରେ ସବୁ ଦିଗରୁ ସହଯୋଗ ଗ୍ରହଣ କରାଯିବ। ସୁଖ ମିଳିବ।




**ଧନୁ:** ସ୍ଥିର ସମ୍ପତ୍ତି ବୃଦ୍ଧି ହୋଇପାରେ। ସମ୍ପତ୍ତି ଅପରେସନ୍ ବହୁତ ଲାଭ ଦେଇପାରେ। ବିନିଯୋଗ ଭଲ ହେବ । ଚାକିରିରେ ତୁମେ ପ୍ରଶଂସା ପାଇବ । ତୁମେ ଚାକିରି ପାଇବ। ପ୍ରଗତିର ରାସ୍ତା ଖୋଲିଯିବ। ସହଭାଗୀମାନଙ୍କ ସହିତ ମତଭେଦ ସମାଧାନ ହେବ। ଶୀଘ୍ର କୈଣସି ନିଷ୍ପତ୍ତି ନିଅ ନାହିଁ। ସ୍ୱାସ୍ଥ୍ୟ ଦୁର୍ବଳ ହୋଇପାରେ। ବେପରୁଆ ହୁଅ ନାହିଁ।




**ମକର:** ସୃଜନଶୀଳ କାର୍ଯ୍ୟ ସମ୍ପୂର୍ଣ୍ଣ ଏବଂ ସଫଳ ହେବ। ପାର୍ଟି ଏବଂ ପିକନିକ୍ ଆୟୋଜନ କରାଯିବ। ଆୟ ବୃଦ୍ଧି ପାଇବ। ଆପଣ ପରୀକ୍ଷା ଏବଂ ସାକ୍ଷାତକାରରେ ସଫଳତା ପାଇବେ। ବ୍ୟସ୍ତ ରହିବେ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରନ୍ତୁ। ବ୍ୟବସାୟ ଲାଭଦାୟକ ହେବ। ଘରେ ଏବଂ ବାହାରେ ସବୁ ଦିଗରୁ ସଫଳତା ଏବଂ ସୁଖ ମିଳିବ।



**କୁମ୍ଭ:** ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ଜଣେ ବ୍ୟକ୍ତିଙ୍କ ଆଚରଣ ଦ୍ୱାରା ଆତ୍ମ ସମ୍ମାନ କ୍ଷତିଗ୍ରସ୍ତ ହୋଇପାରେ। ଆପଣ ଦୁଃଖଦ ଖବର ପାଇପାରିବେ । ଅଦରକାରୀ ଜିନିଷ ପ୍ରତି ଧ୍ୟାନ ଦିଅ ନାହିଁ। ଅଧିକ ତ୍ୱରାନ୍ୱିତ ହେବ। ଚାକିରିରେ ଅଧସ୍ତନମାନଙ୍କ କମ୍ ସହଯୋଗ ହେବ। ବହୁତ କାମ ହେବ। ତତ୍ପରତା ନାହିଁ ।



**ମୀନ:** ପରିଶ୍ରମର ଫଳ ସମ୍ପୂର୍ଣ୍ଣ ରୂପେ ଗ୍ରହଣ କରାଯିବ। ଭ୍ରମଣ ଲାଭଦାୟକ ହେବ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ବହୁତ ଭଲ କାମ କରିବାକୁ ଇଚ୍ଛୁକ ହେବେ। ପରିବାର ସହାୟତା ଉପଲବ୍ଧ ହେବ। ଆୟ ବୃଦ୍ଧି ପାଇବ। ଭାଗ୍ୟ ଅନୁକୂଳ ହେବ। ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ।



ସଙ୍କଳନ
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଖଇରପୁଟ(ଭାସ୍କର ନ୍ୟୁଜ୍): ପହଲାଗାମ ହିନ୍ଦୁ ପର୍ଯ୍ୟଟଙ୍କ ଉପରେ ଆକ୍ରମଣ ଓ ହତ୍ୟା ଘଟଣାରେ ପ୍ରତିବାଦ ମାଲକାନଗିରି ଜିଲ୍ଲା ମାଥିଲି ରେ ଦେଖିବାକୁ ମିଳିଛି ।ଉକ୍ତ ଘଟଣା କୁ ବିରୋଧ କରିବ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।ମାଥିଲି ଅଞ୍ଚଳରେ ବଜାର କମିଟି ସଭାପତି ଶ୍ରୀକାନ୍ତ ଚୌଧୁରୀଙ୍କ ନେତୃତ୍ୱରେ ଏକ ପ୍ରତିବାଦ ଶୋଭାଯାତ୍ରା ହୋଇଥିଲା ।ମାଥିଲି ମେଡ଼ିକାଲ ଛକ ଠାରୁ ବଜାର ପରିକ୍ରମା କରି ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ପାକିସ୍ତାନ ମୁର୍ଦାବାଦ ନାରା ଦିଆଯାଇଥିଲା ।ଗାନ୍ଧୀ ଛକରେ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ କୁଶପୁତଳିକା ଦାହ କରାଯାଇଥିଲା ।ଶୋଭାଯାତ୍ରା ରେ ମାଥିଲି ହିନ୍ଦୁ ଜାଗରଣ ସେନାର ଆବାହକ କୁନାଲ ମିଶ୍ର,ବନମାଳୀ ବରଜା,ସସ୍ମିତା ମାଝୀ, କାନାମ ରାଜୁ ନାୟକ, ସନ୍ତୋସିନୀ ପାତ୍ର,ଶାନ୍ତିଲତା ମାଝୀ, ଜଳନ୍ଧର ନାୟକ,ରାହୁଲ ରାୟ, ଶଙ୍କର ସୂର୍ଯ୍ୟ,ମଣି କୁମାର ,ବେହେରା, ଶିବ ପ୍ରସାଦ ପରିଛା,ପ୍ରଶାନ୍ତ କୁମାର ପାତ୍ର ନୌକା ରାଜୁ , କାର୍ତ୍ତିକ ରାଏ,ବଳରାମ ନାୟକ,ଭୁବନ ବେହେରା , ପବିତ୍ର ପାଣ୍ଡେ ,ଆଦିତ୍ୟ ଭୀମସିଙ୍ଘ , ନାଗଭୁସଣ ପଟ୍ଟନାୟକ ,ଜିତୁ ଚୌଧୁରୀ ,ଏ,ନବୀନ କୁମାର , ନାଗ ରାଜୁ ,ଶିବା ମହାନ୍ତି ,ହୃଷିକେଶ ଚୌଧରି ,ଦିନେଶ ପରିଛା ,ବିକ୍ରମ ଚୌଧୁରୀ ସମେତ ବହୁ ସକ୍ଷଙ୍କ ଯୁବକ ଓ ମହିଳା ସକ୍ରିୟ ଭାବେ ଭାଗ ନେଇଥିଲେ ।



# ତାରିଣୀ ମା'ଙ୍କ ମଣ୍ଡେଇ ଯାତ୍ରା ଉଦ୍‌ଯାପିତ



ରାଇଘର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ଗୋନା ପଂଚାୟତ ର ଭାରସୁଣ୍ଡି ଡି ଏନ୍ କେ ଗ୍ରାମ ଠାରେ ବୈଶାଖ ମାସ ପଞ୍ଚମୀ ତିଥି ରେ ଆରମ୍ଭ ହୋଇଥିବା ମା ତାରିଣୀ ମା' ଙ୍କ ମଣ୍ଡେଇ ଯାତ୍ରା ଉଦଯାପିତ ହୋଇଯାଇଛି । ଏହି ମଣ୍ଡେଇ ଯାତ୍ରା ସପ୍ତାହ ବ୍ୟାପୀ ଚାଲିଥିଲା । ଗତ ୨୧,୪,୨୫ ମଙ୍ଗଳବାର ଦିନ ଘଟ ସ୍ଥାପନ କରାଯାଇ ,୨୨ ୪,୨୪ ତାରିଖ ବୁଧବାର ସକାଳ ୧୧ ଘଣ୍ଟା ଠାରୁ ପୁଜା ଆରମ୍ଭ ହୋଇଥିଲା । ସପ୍ତାହ ବ୍ୟାପୀ ଚାଲିଥିବା ତାରିଣୀ ମା ଙ୍କ ମଣ୍ଡେଇ ଯାତ୍ରା ହଜାର ହଜାର ଲୋକ ମା ଙ୍କୁ ଦର୍ଶନ କରି ଯାତ୍ରା କୁ ଉପଭୋଗ କରିଥିଲେ । ଏହି ଯାତ୍ରା ରେ ମନୋରଞ୍ଜନ ସକାଶେ ରାମ ଦୋଳି, ବ୍ରେକ ଡେନ୍ସ, କଲିକତା ର ମିନା ବଜାର ଶହ ବହୁ ଦୋକାନ ବଜାର ଆସିଥିଲା । ଜାହା ଫଳରେ ଚଳଚଞ୍ଚଳ ହୋଇଉଠିଥିଲା ଗ୍ରାମ ।

# ସରପଞ୍ଚଙ୍କ ତିନି ସନ୍ତାନ ଥିବାରୁ ପଦ ରଦ୍ଦ

କୋରାପୁଟ(ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ବ୍ଲକ ତୁନପାର ପଂଚାୟତ ସରପଂଚ ମଧୁ ଧଙ୍ଗଡାମାଝୀଙ୍କ ଦୁଇରୁ ଅଧିକ ସନ୍ତାନ ଥିବାରୁ ଓଡିଶା ଗ୍ରାମ ପଂଚାୟତ ଆଇନ ଧାରା ୨୬(୩)ଅନୁଯାଇ ପଦକୁ ଅଯୋଗ୍ୟ ଘୋଷଣା କରିଛନ୍ତି ଜିଲ୍ଲାପାଳ ଭି କୀର୍ତି ଭାସନ । ୨୦୨୨ ପଂଚାୟତ ନିର୍ବାଚନରେ ମଧୁଙ୍କ ସହ ୩ଜଣ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଥିଲେ । ମଧୁ ବିଜୟୀ ହେବା ପରେ ପ୍ରତିଦ୍ୱନ୍ଦୀ ବକ୍ସି ଜାନି ଜିଲ୍ଲାପାଳଙ୍କ କୋର୍ଟର ଦ୍ୱାରସ୍ତ ହୋଇ ମଧୁଙ୍କ ତିନୋଟି ଛୁଆ ରହିଥିବା ଦର୍ଶାଇଥିଲେ । ଜିଲ୍ଲାପାଳ ଏହି ମାମଲାର ଶୁଣାଣି କରି ଓ ସମସ୍ତ ପ୍ରମାଣ ସହ ସତ୍ୟ ଉନ୍ମୋଚନ ହେବା ପରେ ସରପଚଂ ପଦବୀକୁ ଅଯୋଗ୍ୟ ଘୋଷଣା କରିଛନ୍ତି । ପରବର୍ତି ନିର୍ବାଚନ ପର୍ଯ୍ୟନ୍ତ ଲକ୍ଷ୍ମୀପୁର ବିଡିଓ ଦାୟିତ୍ୱ ତୁଲାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲା ଜିଲ୍ଲାପାଳଙ୍କ କୋର୍ଟରେ ଦାଖଲ ହେବା ପରେ ଯାଂଚ କରାଯାଇଥିଲା । ଯାଂଚ ସମୟରେ ୨୦୦୬ ଜାନୁଆରି ୨୫ରେ ସୁନେଲୀ ଧାଙ୍ଗଡା ମାଝି, ୨୦୦୮ ମେ ୨୯ରେ ପିଙ୍କି ଧାଙ୍ଗଡାମାଝି ଓ ୨୦୧୧ ଅକ୍ଟୋବର ୨୭ରେ ଅରୁଣ ଧାଙ୍ଗଡାମାଝୀ ମଧୁଙ୍କ ଏପରି ତିନୋଟି ସନ୍ତାନ ଥିବା ପ୍ରମାଣିତ ହୋଇଥିଲା । ଯାଂଚ ରିପୋର୍ଟ ଲକ୍ଷ୍ମୀପୁର ସମନ୍ୱିତ ଶିଶୁ ଓ ମହିଳା ବିକାଶ ବିଭାଗ ଜିଲ୍ଲାପାଳଙ୍କୁ ଦେବା ପରେ ରାୟ ପ୍ରକାଶ ପାଇଥିଲା । ସରପଂଚ ପଦ ଅଯୋଗ୍ୟ ଘୋଷଣା କରିବା ସହିତ ମଧୁଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ହୋଇଛି । ବକ୍ସିଙ୍କ ପକ୍ଷରୁ ଆଇନଜୀବୀ ଦୀପଙ୍କର ପାଣିଗ୍ରାହୀ ମାମଲା ପରିଚାଳନା କରିଥିଲେ ।

# ୫ ଦିନ ଧରି ଚାଲିଛି ମାଓ ଦମନ ଅପରେସନ

ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ଓ ତେଲେଙ୍ଗାନା ସୀମାରେ ଗତ ୫ ଦିନ ଧରି ବଡ଼ଧରଣର ମାଓ ଦମନ ଅପରେସନ ଜାରି ରହିଥିବା ବେଳେ ଜଙ୍ଗଲ ମଧ୍ୟରେ ଗୁଳି ବିନିମୟରେ ଅନେକ ମାଓବାଦୀ ମୃତାହତ ହୋଇଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ ଛତିଶଗଡକୁ ମାଓ ମୁକ୍ତ କରିବା ଲାଗି ଗତ ୫ ଦିନ ଧରି ବଡ଼ଧରଣର ଅପରେସନି ଗେଟାଲ ଜଙ୍ଗଲରେ ଜାରିରହିଛି । ୧୦ ହଜାର ଯବାନ କରିଗେଟା ଜଙ୍ଗଲକୁ ଘେରି ରଖିଛନ୍ତି । ସେହିପରି ଜଙ୍ଗଲ ମଧ୍ୟରେ ଏକ ହଜାର ରୁ ଅଧିକ ମାଓବାଦୀ ଲୁଚି ରହିଥିବା ଜଣାପଡିଛି । ଏହି ଅପରେସନରେ ବାୟୁସେନାର ଏମ୍ଆଇ-୧୭ ହେଲିକ୍ୟାପ୍ଟର ଓ ଡ୍ରୋନ ସହାୟତାରେ ମାଓ ମାଓ ଗତିବିଧି ଉପରେ ନଜର ରଖାଯାଇଛି । ବର୍ତ୍ତମାନ ସୁଦ୍ଧା ୨୦ ରୁ ଅଧିକ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଥିବା ବେଳେ ଏନେଇ ପୋଲିସ ପକ୍ଷରୁ କୌଣସି ସ୍ୱଷ୍ଟ ସୂଚନା ଦିଆଯାଇ ନାହି । ଏହା ମଧ୍ୟରେ ମାଓବାଦୀ ମାନେ ଜୀବନ ବିକଳରେ ଏହି ଅପରେସନକୁ ବନ୍ଦ କରିବା ପାଇଁ ଶାନ୍ତି ପ୍ରସ୍ତାବ ଦେଇଛନ୍ତି । ତେବେ ଆତ୍ମ ସମର୍ପଣ ପରେ ସେମାନଙ୍କ ଏହି ପ୍ରସ୍ତାବକୁ ଗ୍ରହଣ କରାଯିବ ବୋଲି ସରକାର କହିଥିବା ବେଳେ ଏହି ଅପରେସନ ଆଗକୁ ଆହୁରି ଅନେକ ଦିନଧରି ଜାରିରହିବ ବୋଲି ଅନୁମାନ କରାଯାଉଛି ।

# ପାଞ୍ଚ ଦିନିଆ ଶିକ୍ଷକ ତାଲିମ ଉଦ୍‌ଘାଟିତ





ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଗୋଷ୍ଠୀ ଶିକ୍ଷା ଆନୁକୁଲ୍ୟରେ ୫ ଦିନିଆ ଶିକ୍ଷକ,ଶିକ୍ଷୟିତ୍ରୀ ତାଲିମ ଶିବିର ଉଦଘାଟିତ ହୋଯାଇଛି । ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ତାଲିମ୍ ଶିବିରଟି ସରକାରୀ ଅନୁସୂଚିତ ଜାତି ଜନଜାତି ଉଚ୍ଚ ବିଦ୍ୟାଳୟ ବଳଦିଆଗୁଡ଼ା ପରିସରରେ ଆୟୋଜିତ ହେଉଅଛି । ଏହି ଶିବିରକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ଅନୁଷ୍ଠାନର ପ୍ରଧାନ ଶିକ୍ଷକ ମନୋଜ ଉପସ୍ଥିତ ଥିଲେ ।୯୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ଯୋଗ ଦେଇଛନ୍ତି ।ବିଦ୍ୟାଳୟର ଶ୍ରେଣୀ ଗୃହରେ ଦିବ୍ୟାଙ୍ଗ ଶିଶୁ ମାନଙ୍କୁ ଦିବ୍ୟାଙ୍ଗ ପ୍ରକାର ଭିତ୍ତିରେ ଚିଂହଟି କରଣ ର ଓ ବର୍ଗୀକରଣ କରିବା,ଶ୍ରେଣୀ ଗୃହରେ ସାଧାରଣ ଛାତ୍ରୀ ଛାତ୍ର ମାନଙ୍କ ସହ ଦିବ୍ୟାଙ୍ଗ ବିଦ୍ୟାର୍ଥୀ କିପରି ଶିକ୍ଷା ଗ୍ରହଣ କରିବାର ସୁଯୋଗ ସୃଷ୍ଟି କରିବା, ପ୍ରଶସ୍ତ ଆପର ବ୍ୟବହାର ଓ କାର୍ଯ୍ୟକାରିତା , ଆବଶ୍ୟକ ଯନ୍ତ୍ର ପାତି ଏବଂ ତାହାର ଯନ୍ତ୍ର ଓ ବ୍ୟବହାର ବିଭିନ୍ନ ପ୍ରକାରର ସରକାରୀ ସୁବିଧା ସୁଯୋଗ ଏବଂ ଶିକ୍ଷା ଗ୍ରହଣ କରିପାରିବା ର ସୁଯୋଗ ସେନେଇ ତାଲିମ ପ୍ରଦାନ କରାଯାଉଛି । ଏହି କାର୍ଯ୍ୟକ୍ରମକୁ ରତ୍ନାକର ପାଳ ସଞ୍ଚାଳନ ଓ ସମ୍ବଳ କର୍ମୀ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଅନ୍ୟ ସାଧନ କର୍ମୀ ଭାବେ ବରିଷ୍ଠ ଶିକ୍ଷକ ମଧୁସୂଦନ ନାୟକ, ବିଶ୍ୱ ପାଣ୍ଡେ, ମେକା ପଞ୍ଚାୟତ ସିଆରସିସି ଉମାକାନ୍ତ ଛୋଟରାୟ, ପ୍ରମୁଖ ତାଲିମ ପ୍ରଦାନ କରୁଛନ୍ତି ।

# ଛାତ୍ରଛାତ୍ରୀଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ବଣ୍ଟନ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): ୨୦୨୧ ମସିହା ଉତ୍କଳ ଦିବସ ଠାରୁ ଲକ୍ଷ୍ମୀପୁର ଗ୍ରୀନ ଇଣ୍ଡିଆ ମୁଖ୍ୟ ଗୋପେଶ୍ୱର ଗରଡା ଗରିବ ଛତ୍ରଛାତ୍ରୀ ମାନଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ବହି ବଣ୍ଟନ କାର୍ଯ୍ୟ ଆରମ୍ଭ କରିଛନ୍ତି ।ଏହା ପୁର୍ବରୁ ସିଏ ଗରିବ ଛାତ୍ରଛାତ୍ରୀଙ୍କୁ ମୋବାଇଲ, ପୋଷାକ,ଖାତା,ପେନ,ପେନସିଲ, ଆଦି ବଣ୍ଟନ କରିବା ସହ ଚାରା ରୋପଣ କରି ଅଞ୍ଚଳରେ ଚର୍ଚାରେ ଥିବା ବେଳେ ଏବେ ବର୍ଣ୍ଣବୋଧ ବହି ବାଣ୍ଟି ସମସ୍ତିଙ୍କ ଆଗରେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି ।କରୋନା କାଳରେ ଉତ୍କଳ ଦିବସ ପାଳନ ନହେବାରୁ ଶ୍ରୀଯୁକ୍ତ ଗରଡା ସ୍ୱତନ୍ତ୍ର ଓଡିଶା ଗଠନର ମୁଖ୍ୟ ଧାରାରେ ସାମିଲ ଥିବା ମହାପୁରୁଷଙ୍କୁ ମନେ ପକାଇ ଓଡିଆ ଭାଷାର ପ୍ରଚାର ଓ ପ୍ରସାର କରିବା ଦିଗରେ ବାହାରିଛନ୍ତି । ଏଇ କ୍ଷେତ୍ରରେ ସିଏ କୋରାପୁଟ ଜିଲ୍ଲାର ଅନେକ ଗ୍ରାମରେ ତାଙ୍କର ବଣ୍ଟନ କାର୍ଯ୍ୟ ଜାରି ରଖି ରାୟଗଡା, ମାଲକାନଗିରି ଜିଲ୍ଲାରେ ବଣ୍ଟନ କରି ଏବେ ନବରରଙ୍ଗପୁର ଜିଲାରେ ପାଦ ଦେଇଛନ୍ତି । ନବରଙ୍ଗପୁର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ବାଗସିଓନି ପଞ୍ଚାୟତର ବିଭିନ୍ନ ଗ୍ରାମରେ ୩୨୦ ଜଣ ପ୍ରଥମରୁ ପଞ୍ଚମ



ପଢୁଥିବା ଛାତ୍ର ଛାତ୍ରୀଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ,ଖାତା, ପେନ୍ସିଲ, ରବର,କଟର ବଣ୍ଟନ କରିଥିବା ବେଳେ ଷଷ୍ଠ ରୁ ଦଶମ ପଢୁଥିବା ୨୫୦ ଜଣ ଛାତ୍ର ଛତ୍ରୀଙ୍କୁ ଖାତା ଓ ପେନ ବଣ୍ଟନ କରିଥିଲେ ।ଶ୍ରୀଯୁକ୍ତ ଗରଡ଼ାଙ୍କୁ ଏଥିରେ ହେମନ୍ତ ମହାନନ୍ଦିଆ, ସୁବାସ ମାଝି,ହିମାଂଶୁ ଭରଦ୍ୱାଜ ଓ ଡୋରା ସଗରିଆ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ମେ ୨ରୁ ଜାତୀୟ ଟେନିସ ଭଲିବଲ ଚମ୍ପିଆନ୍‌ସିପ୍

ପାରାଦୀପ(ଭାସ୍କର ନ୍ୟୁଜ୍): ଓଡିଶା ଟେନିସ ଭଲିବଲ ଆସୋସିଏସନ ଓ ପାରାଦୀପ ବନ୍ଦର ପ୍ରାଧିକରଣ ମିଳିତ ସହଯୋଗରେ ଆସନ୍ତା ମେ ମାସ ୨ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ପାରାଦୀପ ବନ୍ଦର ର ଗୋପବନ୍ଧୁ ଷ୍ଟାଡିଅମ ଠାରେ ଜାତୀୟ ମିନି ଓ ୟୁଥ ଟେନିସ ଭଲିବଲ ଚମ୍ପିୟନସିପ ଅନୁଷ୍ଠିତ ହେବ । ଏଥିରେ ଦେଶର ୨୩ ଟି ରାଜ୍ୟର ପ୍ରାୟ ୬ ଶହରୁ ଉର୍ଦ୍ଧ ପୁରୁଷ ଓ ମହିଳା ଖେଳାଳି ଅଂଶଗ୍ରହଣ କରିବେ । ଏଥିସହ ୧ କ୍ଷକ୍ଟ ଜଣ କ୍ରୀଡା ପରିଚାଳକ ଯୋଗଦେବେ । ସୂଚନା ଥାଉକି ଏହା ପୂର୍ବରୁ ୨କ୍ଷ୨୨ ମସିହା ରେ ପାରାଦୀପ ବନ୍ଦର ସହାୟତାରେ ଜାତୀୟ ଟେନିସ ଭଲିବଲ ଚମ୍ପିଆନସିପ ସଫଳତାର ସହ ଆୟୋଜିତ ହୋଇଥିଲା । ତେବେ ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିଅମ ର ସଭାଗୃହ ରେ ରବିବାର ଦିନ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଓଡିଶା ଟେନିସ ଭଲିବଲ ଆସୋସିଏସନ ର କାର୍ଯ୍ୟକାରୀ ସଭାପତି ତଥା ପାରାଦୀପ ବନ୍ଦର କ୍ରୀଡା ପରିଷଦ ଉପଦେଷ୍ଟା ରବିନ୍ଦ୍ର କୁମାର ଦାସ, ଓଡିଶା ଟେନିସ ଭଲିବଲ ଆସୋସିଏସନ ର ସମ୍ପାଦକ ଶଶିକାନ୍ତ ନାୟକ,ଯୁଗ୍ମ ସମ୍ପାଦକ ସ୍ମୃତି ରଞ୍ଜନ ମହାପାତ୍ର, ପ୍ରଶିକ୍ଷକ ସୁଶାନ୍ତ କୁମାର ପରିଡା ଓ ବିଶ୍ୱଜିତ ପରିଡା, ପାରାଦୀପ କ୍ରୀଡା ସଂସଦ ର ଯୁଗ୍ମ ସମ୍ପାଦକ ଧ୍ରୁନ ଚନ୍ଦ୍ର ତରାଇ, ସଂଯୋଜକ ବିପ୍ଳବ କୁମାର ଜେନା, ପାରାଦୀପ ଟେନିସ ଭଲିବଲ ଆସୋସିଏସନ ର ସଭାପତି ବଜରଙ୍ଗ ପ୍ରସାଦ ସ୍ୱାଇଁ, ଯୁଗ୍ମ ସମ୍ପାଦକ କଳ୍ପ ସୁନ୍ଦର ରଣା ପ୍ରମୁଖ ଉପସ୍ଥିତ ରହି ଏହି ଜାତୀୟ କ୍ରୀଡା ର ଆୟୋଜନ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିବା ସହ ଏହାର ପ୍ରଚାର ଓ ପ୍ରସାର ନିମନ୍ତେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଅନୁରୋଧ କରିଥିଲେ ।

# ପହଲଗାମ୍ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଯୁବ ସମାଜ ତରଫରୁ ଆତଙ୍କବାଦୀ ଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ମୃତକଙ୍କ ଉଦ୍ଦେଶ୍ୟରେ କେଣ୍ଡେଲ ଶୋଭାଯାତ୍ରା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିବା ଦେଖିବାକୁ ମିଳିଛି । ଏହି ଅବସରରେ ରାଇଘର ବହୁ ଜନ ସାଧାରଣ ସାମିଲ ହୋଇ ଡିଏନକେ ଠାରୁ ଏକ କେଣ୍ଡେଲ ଶୋଭାଯାତ୍ରା ରେ ବାହାରି ମେଡିକାଲ ଛକ ପର୍ଯ୍ୟନ୍ତ ଯାଇ ହନୁମାନ ମନ୍ଦିରରେ ଶେଷ ହୋଇଥିଲା । ଆତଙ୍କବାଦୀ ଙ୍କୁ ଉଚିତ୍ ଶିକ୍ଷା ଦେବାକୁ ଆହ୍ୱାନ ଦେବା ସହ ପାକିସ୍ତାନ ମୁର୍ଦ୍ଦାବାଦ ସ୍ଲୋଗାନ ଦେଇଥିଲେ ।

# କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ



କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟ ସଦର ମହକୁମାରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାରାଜଙ୍କ ପ୍ରତିମୂର୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ତାଙ୍କର ସ୍ମୃତିଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଭାରପ୍ରାପ୍ତ ପୌରପରିଷଦ ନିର୍ବାହୀ ଅଧିକାରୀ ଦେବାଶିଷ ଗୌଡ, ଅଧ୍ୟାପକ ରବି ଶଥପଥୀ, ସମାଜସେବୀ ରୂପକ ତୁରୁକ ପ୍ରମୁଖ ସହ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଯୋଗଦେଇ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଦକ୍ଷିଣ ଓଡିଶାକୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶରେ ସାମିଲ କରିବା ପାଇଁ ମହାରାଜ କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ଅବିସ୍ମରଣୀୟ ବୋଲି ଉପସ୍ଥିତ ବକ୍ତାମାନେ ମତ ପ୍ରକାଶ କରିଥଲେ । ସେ ତିନିଥର ଲଣ୍ଡନ ଗସ୍ତ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଦାବି ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ସନ୍ତୋଷ କୁମାର ସେଠୀ, ସତ୍ୟନାରାୟଣ ପ୍ରଧାନ ଏବଂ ଏ.କେ ବେହେରା ପରିଚାଳନା କରିଥିଲେ ।

# କୁଳପତିଙ୍କ ଇସ୍ତଫାପତ୍ର ଅଗ୍ରାହ୍ୟ ପାଇଁ ରାଷ୍ଟ୍ରପତିଙ୍କୁ ଚିଠି

କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ଇସ୍ତଫା ପତ୍ର ଅଗ୍ରାହ୍ୟ ପାଇଁ ଦାବି କରିଛନ୍ତି ବିଶ୍ୱ ବିଦ୍ୟାଳୟ ଛାତ୍ରଛାତ୍ରୀ । ପୂର୍ଣ୍ଣ କାର୍ଯ୍ୟକାଳ ପର୍ଯ୍ୟନ୍ତ ଶ୍ରୀ ତ୍ରିପାଠୀ ଦାୟିତ୍ୱ ତୁଲାଇବା ଲାଗି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅନୁରୋଧ କରି ପତ୍ର ଲେଖିଛନ୍ତି ଛାତ୍ରଛାତ୍ରୀ । ବିଶ୍ୱ ବିଦ୍ୟାଳୟର ୨୦୭ ଛାତ୍ରଛାତ୍ରୀଙ୍କ ସ୍ୱାକ୍ଷରିତ ଏକ ନିବେଦନ ପତ୍ର କେନ୍ଦ୍ରୀୟ ଶିକ୍ଷା ବିଭାଗକୁ ପଠାଯାଇଛି । ସେଥିରେ ପ୍ରଫେସର ତ୍ରିପାଠୀଙ୍କ ସମୟରେ ବିଶ୍ୱ ବିଦ୍ୟାଳୟ ସହ ପିଲାଙ୍କ ବିକାଶ ହୋଇଥିବା ଦର୍ଶାଯାଇଛି । ଏଥିସହ ପ୍ରଫେସର ତ୍ରିପାଠୀଙ୍କ ତ୍ୟାଗପତ୍ର ଆଗ୍ରାହ୍ୟ କରି ପୁନଃ ଅବସ୍ଥାପିତ କରିବାକୁ ଅନୁରୋଧ କରାଯାଇଛି । ଏହି ପତ୍ର ନକଲ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଚାନ୍ସେଲର, ରେଜିଷ୍ଟ୍ରାର, କେନ୍ଦ୍ର ଶିକ୍ଷା ସମ୍ପାଦକ ଓ ୟୁଜିସି ଚେୟାରମ୍ୟାନଙ୍କ ନିକଟକୁ ପଠାଯାଇଛି । ସୂଚନାଯୋଗ୍ୟ ୨୦୨୧ଜୁଲାଇରେ ପୂର୍ବତନ କୁଳପତି ଆଇ.ରାମବ୍ରହ୍ମଙ୍କ ମୃତ୍ୟୁ ପରେ ପଶ୍ଚିମବଙ୍ଗ ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ପ୍ରଫେସର ତ୍ରିପାଠୀ ୨୦୨୨ ସେପ୍ଟେମ୍ବର ୧୩ରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର କୁଳପତି ଭାବେ ୫ବର୍ଷ ପାଇଁ ଅବସ୍ଥାପିତ ହୋଇଥିଲେ ।

# ଚିକିତ୍ସାଧୀନ ଅବସ୍ଥାରେ ଛାତ୍ରୀଙ୍କ ମୃତ୍ୟୁ



ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ୍ ନାନ୍ଦୁପଲା ପଞ୍ଚାୟତ କନ୍ଦରାଭଟା ଗାଁ ର ସୁରେଶ ପାତ୍ରଙ୍କ ଝିଅ ସ୍ୱପ୍ନା ପାତ୍ର (୧୩)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ବଲାଙ୍ଗୀର ଜିଲ୍ଲା ଭୀମଭୋଇ ମେଡିକାଲ କଲେଜ୍ ଡାକ୍ତରଖାନା ରେ ମୃତ୍ୟୁ ହୋଇଥିବା ଜଣାଯାଇଛି । ମୃତା ଜଣକ ଖପ୍ରାଖୋଲ କେଜିବିଭିର ଅଷ୍ଟମ ଶ୍ରେଣୀ ଛାତ୍ରୀ ଥିଲେ । କେଜିବିଭି ହଷ୍ଟେଲ ରେ ଅବହେଳା ପାଇଁ ଝିଆରୀର ମୃତ୍ୟୁ ହୋଇଥିବା ମୃତା ଛାତ୍ରୀଙ୍କ କାକା ଖଗେଶ୍ୱର ପାତ୍ର ଗଣମାଧ୍ୟମ ପ୍ରତିନିଧି ଙ୍କ ଠାରେ ଅଭିଯୋଗ କରିଛନ୍ତି । ସୂଚନା ଅନୁସାରେ ଛାତ୍ରୀ ଜଣକ କେଜିବିଭି ହଷ୍ଟେଲ ରେ ରହି ପାଠ ପଢୁଥିବା ବେଳେ ଜ୍ୱର ହେବାରୁ ହଷ୍ଟେଲ କର୍ତ୍ତୃପକ୍ଷ ଜ୍ୱର ବଟିକା ଦେଇଥିଲେ ପରେ ତାଙ୍କ ବାପା ଘରକୁ ନେଇ ଚିକିତ୍ସା କରାଇଥିଲେ । ହେଲେ ଚିକିତ୍ସାଧିନ ଅବସ୍ଥ ରେ ମୃତ୍ୟୁ ହୋଇଥିବା ଜଣାଯାଇଛି । ଏନେଇ କେଜିବିଭି ହଷ୍ଟେଲ ୱାଡେନ ଅନିତା ମହାପାତ୍ରଙ୍କୁ ପଚାରିବାରୁ ଛାତ୍ରୀକୁ ପ୍ରଥମେ ଜ୍ୱର ହୋଇଥିଲା ତାକୁ ଡାକ୍ତର ଙ୍କ ଅନୁସାରେ ଜ୍ୱର ବଟିକା ଦିଆଯାଇଥିଲା । ଏହା ପରେ ତାଙ୍କ ବାପା ଆସି ଝିଅଟିକୁ ଘରକୁ ନେଇ ଥିଲେ । ହେଲେ ଚିକିତ୍ସାଧୀନ ଅବସ୍ଥା ରେ ତାଙ୍କ ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଛୁ । ଛାତ୍ରୀଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି ।

# ମାଉଳି ମା'ଙ୍କ ମଣ୍ଡେଇ ଯାତ୍ରା ପାଇଁ ତାରିଖ ନିର୍ଦ୍ଧାରଣ


ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସାତ ପାଲି ଗ୍ରାମର ମାଟି ଯାତ୍ରା ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସାତ ପାଲି ଗ୍ରାମ ରାଇଘରର ସମସ୍ତ ସିଆନ, ମୁଖ୍ୟ ପୂଜାରୀ, ସିରହା, ନେଗି ପାତ୍ର ଦଣ୍ଡସେନା, ଗାଇନ୍ତା, ଧାରୁଆ, ସାମ ପୁରିଆ, ସମରଥ, ଡେଙ୍ଗୁର ମୁଣ୍ଡିଆ ସିଆନ୍ ତଥା କମିଟି ର ସମସ୍ତ ସଦସ୍ୟ ଆଦି ଉପସ୍ଥିତ ଥିଲେ । ପ୍ରକାଶ ଥାଉ କି



ଗତ କିଛି ଦିନ ତଳେ ପ୍ରସିଦ୍ଧ କଳସୀ ଗୁଡ଼ିଙ୍କ ଯାତ୍ରା ଆଡମ୍ବର ସହକାରେ ସମସ୍ତ ଙ୍କ ସହଯୋଗ ରେ ସଂପନ୍ନ ସମ୍ପନ୍ନ ହୋଇଥିଲା । ସମସ୍ତ ସଦସ୍ୟ ଙ୍କୁ ଧନ୍ୟବାଦ ଦେବା ସହ ସମସ୍ତ ଙ୍କ ଉପଷ୍ଥିତି ରେ ଆସନ୍ତା ୪,୫,୨୫ ତାରିଖ ରବିବାର ଦିନ ମାଉଲୀ ମା ଙ୍କ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହେବ ବୋଲି ସର୍ବ ସମ୍ମତି କର୍ମେ ନିଷ୍ପତି ନିଆଯାଇଥିଲା ଦେଖିବାକୁ ମିଳିଥିଲା ।

# କାଳବୈଶାଖୀ ବୈଶାଖୀରେ ଭାଙ୍ଗିଲା ଘର

ରାଇଘର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ଆଜି ହଠାତ ଅଦିନିଆ ବର୍ଷା ସହ କାଳବୈଶାଖୀ ଝଡ଼ରେ ରାଇଘର ବ୍ଲକର ବିଭିନ୍ନ ଅଞ୍ଚଳରେ ଲୋକଙ୍କ ବହୁତ କ୍ଷୟକ୍ଷତି ଘଟିଛି କାହାର ଘର ଭାଙ୍ଗି ଯାଇଛି ତ କାହାର ଘର ଉପରେ ବଡ଼ ବଡ଼ ଗଛ ପଡି ଘର କାନ୍ଥ ଭାଙ୍ଗି ଯାଇଛି ସୂଚନାଥାଉ କି ବ୍ଲକର ବିରଶାଡି କଲୋନୀ ଠାରେ ଜଣଙ୍କ ଘର ଉପରେ ବିରାଟକାୟ ଗଛ ପଡିଯିବାରୁ ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ । ସେହିପରି ଦୁଗଲିପାରା ଗ୍ରାମରେ ୬ ଜଣଙ୍କ ଘର ଚାଳ ଉଡେଇ ନେଇଥିବା ବେଳେ ରାଇଘର ଧୋଡ୍ରାପାରା ଗ୍ରାମରେ ମଧ ଲୋକଙ୍କ ଘର ଭାଙ୍ଗିଯାଇଛି । ରାଇଘର କୁମ୍ଭାରପାରା ସାହିର ସୁକାରିନ ଗଣ୍ଡ ଯାହାଙ୍କ ବୟସ ୫୫ ବର୍ଷ । ସେ ଘରେ ଶୋଇଥିବା ବେଳେ ହଠାତ ୪ ଟା ବେଳେ ବର୍ଷା ସହ କାଳବୈଶାଖୀ ଝଡ଼ରେ ସୁକାରିନଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି ଘର ଭିତରେ ଥିବା ଲୋକେ ଡରି ଘର ଛାଡି ବାହାରକୁ ବାହାରି ଯାଇଥିଲେ । ବର୍ତମାନ ତାଙ୍କର ରହିବାକୁ ଘରଟିଏ ନାହି, ତାସହ ବହୁ ସ୍ଥାନରେ ଗଛ ପଡ଼ିଥିବା ସହ ଘର ମଧ ଭାଙ୍ଗି ଯାଇଥିବା ଜଣାପଡିଛି ।




# କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ

ନୂଆପଡା(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ବିଧାଣୀ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ସମାରୋହ ସ୍ଥାନୀୟ ସଭାବନା ସଭାଗୃହରେ ଜିଲ୍ଲା ପ୍ରଶାସନ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପାଳିତ ହୋଇ ଯାଇଛି । ଏହି ସମାରୋହରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ । ସମ୍ମାନିତ ଅତିଥି ରୂପେ ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବକ୍ତା ହିସାବରେ ପ୍ରାଧ୍ୟାପକ ଲୋହିତାକ୍ଷ ଯୋଶୀ ଓ ଅଧ୍ୟାପକ ସାମୁଏଲ୍ ଦାନୀ ଯୋଗଦେଇଥିଲେ । ପ୍ରଦୀପ ପ୍ରଜ୍ୱଳନ ଓ ସ୍ୱର୍ଗତ ଗଜପତି ମହାରାଜାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ସମସ୍ତ ଅତିଥି ଓ ବକ୍ତାମାନେ ନୂତନ ଓଡ଼ିଶା ପ୍ରଦେଶ ଗଠନରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅନନ୍ୟ ଅବଦାନକୁ ସ୍ମରଣ କରି ତାଙ୍କ ଆଦର୍ଶରେ ଉଦ୍‌ବୁଦ୍ଧ ହେବା ପାଇଁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ଜିଲ୍ଲାପାଳ କହିଲେଯେ ଆମେ ସମସ୍ତେ ଜଣେ ଜଣେ ଗଜପତି ହେବା । ସେ ଯେମିତି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନ ଦେଖି ତାକୁ ସାକାର କରିବାରେ ସଫଳ ହୋଇଥିଲେ ଆମେ ମଧ ସେମିତି ଆମ ରାଜ୍ୟ ଏବଂ ଦେଶକୁ ଆଗେଇ ନେବା ପାଇଁ ବଦ୍ଧ ପରିକର ହେବା । ନୂଆପଡା ଜିଲ୍ଲା ସୀମାନ୍ତ ଅଞ୍ଚଳ ନୁହେଁ ବରଂ ଏକ ସମୃଦ୍ଧ ଅଞ୍ଚଳ ଏବଂ ଏଠାରେ ଓଡ଼ିଆ ଅସ୍ମିତା ଓ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିକୁ ଚିର ଉଜ୍ଜୀବିତ କରି ରଖିବା ପାଇଁ ସମସ୍ତେ ସଜାଗ ହେବା ବୋଲି କହିଥିଲେ । ସଭାକୁ ବରିଷ୍ଠ ରାଜସ୍ୱ ସହାୟକ ବିଭୁ ଦତ୍ତ ମିଶ୍ର ସଂଯୋଜନା କରିଥିଲେ । ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ , ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ଜିଲ୍ଲାର ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି ଯୋଗଦେଇଥିଲେ ।

# ବିଶ୍ୱପ୍ରାଣୀ ଚିକିତ୍ସା ଦିବସ ପାଳିତ

ନୂଆପଡା(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଆନୁକୂଲ୍ୟରେ ବିଶ୍ୱପ୍ରାଣୀ ଚିକିତ୍ସା ଦିବସ ସ୍ଥାନୀୟ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡଃ ଆଲୋକ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜଳ ବିଭାଜିକା ପ୍ରକଳ୍ପ ଉପ ନିର୍ଦ୍ଦେଶକ ରଶ୍ମି ରଞ୍ଜନ ପାତ୍ର ଯୋଗ ଦେଇଥିଲେ । ଡଃ ନାୟକ ସ୍ୱାଗତ ସମ୍ଭାଷଣ ସହିତ ପଶୁ ପାଳକ ଚାଷୀ ମାନଙ୍କ ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବହୁମୁଖୀ ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ । ଅତିଥି ମାନେ ପଶୁକୁଳ ମାନବ ସମାଜର ଏକ ଅପରିହାର୍ଯ୍ୟ ଅଙ୍ଗ ଏବଂ ଏହି ମୂକ ପ୍ରାଣୀ ମାନଙ୍କ ଯତ୍ନ ନେବା ଆମ ନୈତିକ କର୍ତ୍ତବ୍ୟ ବୋଲି କହିଥିଲେ । ସମନ୍ୱିତ ଚାଷ ପ୍ରଣାଳୀ ଅନୁସରଣ କଲେ ଜଣେ ଚାଷୀ ନିଶ୍ଚିତ ଭାବରେ ଲାଭବାନ ହେବ ବୋଲି ସେମାନେ କହିଥିଲେ । ସଭାକୁ ସମ୍ବୋଧନ କରି



ଜିଲ୍ଲାପାଳ କହିଲେଯେ ନୂଆପଡା ଜିଲ୍ଲାରେ ପ୍ରାଣୀ ସମ୍ପଦ ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି । ଜିଲ୍ଲା ପ୍ରଶାସନ ତଥା ବ୍ୟାଙ୍କ୍ ମାନେ ଚାଷୀ ମାନଙ୍କୁ ସମସ୍ତ ସହାୟତା ଯୋଗାଇ ଦେବା ପାଇଁ ସବୁବେଳେ ପ୍ରସ୍ତୁତ ରହିଛନ୍ତି । ସମସ୍ତେ ଏହାର ସୁଯୋଗ ନେଇ ଘରେ ବସି ଲକ୍ଷପତି ହୁଅନ୍ତୁ । ପ୍ରାଣୀ ସମ୍ପଦର ବିକାଶ ହେଲେ ମଣିଷର ଉନ୍ନତି ହେବ । ଜିଲ୍ଲାରୁ ପ୍ରବାସୀ ଶ୍ରମିକ ପ୍ରଥା ରୋକିବା ଦିଗରେ ଏହା ନିଶ୍ଚିତ ଭାବରେ ସହାୟକ ହେବ । ଜିଲ୍ଲାର ସମସ୍ତ ଗୋଚର ଜମିକୁ ଅତିଶିଘ୍ର ଜବର ଦଖଲ ମୁକ୍ତ କରାଯିବ । ଆମ ଚାଷୀ ସ୍ୱାବଲମ୍ବୀ ହେବା ସହ ସ୍ୱାଭିମାନ ସହିତ ବଞ୍ଚୁ । ଆଜିର ଏହି ସମାରୋହରେ ଜିଲ୍ଲାର ସମସ୍ତ ବ୍ଲକ୍‌ରୁ ଶତାଧିକ ପଶୁ ପାଳକ ଚାଷୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ । ସେମାନଙ୍କୁ ପାୱାର ପଏଣ୍ଟ ମାଧ୍ୟମରେ ସରକାରଙ୍କ ବିଭିନ୍ନ ସହାୟତା ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଇଥିଲା । ସେମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ବିଶେଷଜ୍ଞ ମାନେ ଦେଇଥିଲେ । ସଭାକୁ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡଃ ବାଳକୃଷ୍ଣ ଦ୍ୱିବେଦୀ ସଂଯୋଜନା କରିଥିବା ବେଳେ ମଣ୍ଡଳ ପ୍ରାଣୀ ଚିକିତ୍ସାଧିକାରୀ ,ସିନାପାଲି ଡଃ କୃଷ୍ଣଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାପ କାମୁଡ଼ାରେ ଯୁବକର ମୃତ

ମାଲକାନଗିରି ତ(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲା ପଡିଆ ବ୍ଲକ ମାଟେରୁ ପଞ୍ଚାୟତ ଅନ୍ତର୍ଗତ କାରାମଗୁଡା ଗ୍ରାମରେ ଜଣେ ଯୁବକ କେନ୍ଦୁପତ୍ର ତୋଳିବାକୁ ଯାଇଥିବା ବେଳେ ସାପ କାମୁଡ଼ାରେ ମୃତ୍ୟୁ ବରଣ କରିଛନ୍ତି । ମୃତକ ଜଣକ ହେଲେ ଭୀମା ମାଡି । ଭୀମା ଶନିବାର ସକାଳୁ ନିକଟସ୍ଥ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିଲେ । ଭୀମା କେନ୍ଦୁପତ୍ର ତୋଳୁଥିବା ବେଳେ ବୁଦାରେ ଲୁଚି ରହିଥିବା ଏକ ବିଷଧର ସାପ ତାଙ୍କ ବାମ ଗୋଡକୁ ଚୋଟ ମାରିଥିଲା । ଏହାପରେ ଭୀମା ଚିତ୍କାର କରିବାରୁ ନିକଟସ୍ଥ ଲୋକେ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେବା ସହ ତାଙ୍କୁ ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ସମୟରେ ବାଟରେ ତାଙ୍କର ମୃତ୍ୟୁ ଘଟିଛି । ଏ ନେଇ ଭୀମାଙ୍କ ସ୍ତ୍ରୀ ଲାକେ ପଡିଆ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ପଡିଆ ଥାନାରେ ଅପମୃତ୍ୟୁ ମାମଲା ନଂ ୯/୨୦୨୫ ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଥିବା ଆଇ ଓ ନିରୋଦ କୁମାର ବାଘ କହିଛନ୍ତି । ଏହି ଘଟଣାକୁ ନେଇ କେନ୍ଦୁପତ୍ର ତୋଳାଳିଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି ।



ଟାଙ୍ଗୀ (ଭାସ୍କର ନ୍ୟୁଜ): କାଶ୍ମୀର ପହଲଗାମରେ ଆତଙ୍କ ଙ୍କର ନରସଂହାର ଏବଂ ନିରୀହ ପର୍ଯ୍ୟଟକଙ୍କ ଉପରେ ଆତଙ୍କୀଙ୍କ ଆକ୍ରମଣକୁ ନିନ୍ଦା କରି ଆଜି ବିଜୁ ଜନତା ଦଳ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ତରଫରୁ ଏକ ମହମବତୀ ଶୋଭାଯାତ୍ରା ଟାଙ୍ଗୀ ବଳରାମ ଦେବ ଙ୍କ ମନ୍ଦିର ପରିସରରୁ ଠାରୁ ଆରମ୍ଭ ହୋଇ ନଗର ପରିକ୍ରମା କରିଥିଲା , ପାକିସ୍ତାନ ମୁର୍ଦ୍ଦାବାଦ ନାରାରେ ପ୍ରକମ୍ପିତ ହେଉଥିଲା ସମଗ୍ର ଅଞ୍ଚଳ । ଏହି ଶୋଭାଯାତ୍ରାରେ ଶହ-ଶହ ହିନ୍ଦୁ, ମୁସଲିମ ଭାଇ-ଭଉଣୀ ମାନେ ଯୋଗଦେଇ ଆତଙ୍କବାଦ ବିରୋଧୀ ନାରା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ରେ ୫୦୦ ରୁ ଊର୍ଦ୍ଧ ବିଜେଡି କର୍ମୀ ଯୋଗ ଦେଇଥିବା ବେଳେ ଖୋର୍ଦ୍ଧା ର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଖୋରଧାର ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର , ବିଭିନ୍ନ ପଞ୍ଚାୟତ ର ଜନ ପ୍ରତିନିଧି , ୱାର୍ଡ ମେମ୍ବର , ବିଭିନ୍ନ ମହିଳା ସଙ୍ଗଠନ ଓ ଯୁବଗୋଷ୍ଠୀ ମାନେ ଯୋଗଦେଇ ମୃତକ ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶେଷରେ ପେହେଲଗାମ ଠାରେ ପ୍ରାଣ ହରାଇଥିବା ସମସ୍ତଙ୍କ ଅମର ଆତ୍ମା ର ସଦଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ନୀରବ ପ୍ରାର୍ଥନା କରାଯାଇଥିଲା ।



# ଢେଙ୍କାନାଳ ପିଏମ୍ ଶ୍ରୀ ପଞ୍ଚସଖା ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ଭାରତକୁ ଏକବିଂଶ ଶତାବ୍ଦୀର ବିଶ୍ୱ ଜ୍ଞାନ ଶକ୍ତିରେ ପରିଣତ କରିବାକୁ ହେଲେ ଆମକୁ ସମାନ ଶିକ୍ଷା ଓ ସମାନ ସୁଯୋଗକୁ ସୁନିଶ୍ଚିତ କରିବାକୁ ହେବ । ୨୦୩୬ ସୁଦ୍ଧା ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ଭାରତକୁ ବିକଶିତ କରିବା ପାଇଁ ଗୁଣାତ୍ମକ ଶିକ୍ଷା ସହ ଦକ୍ଷତା ଆଧାରିତ ଶିକ୍ଷାକୁ ପ୍ରାଥମିକତା ଦେବାକୁ ହେବ ବୋଲି ଢେଙ୍କାନାଳ ଜିଲ୍ଲା ତୁମୁସିଙ୍ଗା-ଶ୍ରୀମୂଳା ସ୍ଥିତ ପିଏମ ଶ୍ରୀ ପଞ୍ଚସଖା ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଭିଡିଓ ମେସେଜ ମାଧ୍ୟମରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ଶ୍ରୀ ପ୍ରଧାନ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି, ପ୍ରାଚୀନ ଯୁଗରୁ ଆମର ଢେଙ୍କାନାଳ ବୀରଭୂମି ନାମରେ ଖ୍ୟାତ । ଢେଙ୍କାନାଳ ଜିଲ୍ଲା ଶହୀଦ ବୀର ବାଜି ରାଉତ, ପବିତ୍ର ମୋହନ ପ୍ରଧାନ, ସଂଗ୍ରାମୀ ମହେଶ ଚନ୍ଦ୍ର ସୁବାହୁ ସିଂହ, ସାରଙ୍ଗଧର ଦାସ, ତାରିଣୀ ସାହୁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ବୈଷ୍ଣବ ପଣ୍ଡାଙ୍କ ସଂଗ୍ରାମୀ ଭୂମି । ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନ ଭାରତର ସ୍ୱାଧୀନତା ସଂଗ୍ରାମର ଅଂଶବିଶେଷ । ଶିକ୍ଷାର ବିକାଶ ଓ ପ୍ରସାର ପାଇଁ ଏହି ବୀର ଭୂମିର ଅନେକ ଅବଦାନ ଅଛି । ଏହି ଅଞ୍ଚଳରେ ସ୍ଥାପିତ ହୋଇଥିବା ପଞ୍ଚସଖା ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ଥାନୀୟ ଅଞ୍ଚଳରେ ଏକ ସମ୍ମାନଜନକ ଅନୁଷ୍ଠାନରେ ଖ୍ୟାତି ଲାଭ କରିଛି । ପଞ୍ଚସଖା ସରକାରୀ ହାଇସ୍କୁଲ ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ପିଏମ ଶ୍ରୀ ସ୍କୁଲରେ ବିକଶିତ ହେବାକୁ ଯାଉଛି । ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ନିଷ୍ଠା ଓ ପରିଶ୍ରମ ଏହି ସ୍କୁଲକୁ ଢେଙ୍କାନାଳ ଜିଲ୍ଲାରେ ତଥା ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି । ଓଡ଼ିଆ ଜାତି ଶାନ୍ତି ଓ ଅହିଂସା ଆନ୍ଦୋଳନ ବଳରେ ସାରା ବିଶ୍ୱକୁ ଆଲୋକବର୍ତ୍ତିକା ଦେଖାଇଛି ।

# ଯଶ୍ ଜୈନ୍‌ଙ୍କୁ ଶୁଭେଚ୍ଛା ଜଣାଇଲେ ଉପ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏନଇଇଟି ସୁପର ସ୍ପେଶାଲିଟି ପରୀକ୍ଷାରେ ଅଖିଳ ଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅର୍ଜନ କରିଥିବା ଯଶ୍ ଜୈନ୍ ଙ୍କୁ ଉପ ମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଶୁଭେଚ୍ଛା ଜଣାଇଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ଆଜି ଆମ ବଲାଙ୍ଗିର ଜିଲ୍ଲା ପାଇଁ ଏକ ଅତ୍ୟନ୍ତ ଗୌରବ ର ଦିନ। ଆଜି ଏନଇଇଟି ସୁପର ସ୍ପେଶାଲିଟି ପରୀକ୍ଷାରେ ଅଖିଳ ଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅର୍ଜନ କରି ଓଡ଼ିଶାକୁ ଗର୍ବିତ କରିଥିବା ଆମ ବଲାଙ୍ଗିର କଂଟାବାଞ୍ଜିର ଯଶ୍ ଜୈନ୍ ଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ। ଯଶ୍ ଙ୍କର ଏହି ଉପଲବ୍ଧି ଓଡ଼ିଆ ବିଦ୍ୟାର୍ଥୀଙ୍କ ଅସୀମ ସାମର୍ଥ୍ୟର ଏକ ଜ୍ୱଳନ୍ତ ପ୍ରମାଣ। ଯଶଙ୍କର ସଫଳତା ରାଜ୍ୟର ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେବ ବୋଲି ମୋର ଆଶା ଓ ବିଶ୍ୱାସ।

# ଡ.କେ କସ୍ତୁରୀରଙ୍ଗନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବେଙ୍ଗାଲୁରୁ ସ୍ଥିତ ରମଣ ରିସର୍ଚ୍ଚ ଇନଷ୍ଟିଚ୍ୟୁଟରେ ପ୍ରସିଦ୍ଧ ବୈଜ୍ଞାନିକ ଓ ଶିକ୍ଷାବିତ ଡ. କେ କସ୍ତୁରୀରଙ୍ଗନଙ୍କ ପାର୍ଥିବ ଶରୀରରେ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି । ଡ.କସ୍ତୁରୀରଙ୍ଗନଙ୍କୁ ଭାରତର ବୈଜ୍ଞାନିକ ଓ ଶୈକ୍ଷଣିକ ଜଗତର ଜଣେ ଚମକୁଥିବା ନକ୍ଷତ୍ର କହି କେନ୍ଦ୍ରମନ୍ତ୍ରୀ ତାଙ୍କ ବିୟୋଗରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଡ.କସ୍ତୁରୀରଙ୍ଗନ ଏକ ଅତୁଳନୀୟ ଐତିହ୍ୟ ଛାଡିଯାଇଛନ୍ତି । ମନ୍ତ୍ରୀ ଦିବଂଗତ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିବା ସହ ଶୋକାକୂଳ ପରିବାର ପ୍ରତି ଗଭୀର ସମବେଦନା ବ୍ୟକ୍ତ କରିଛନ୍ତି । ଭାରତର ମହାକାଶ ଓ ଶିକ୍ଷା କ୍ଷେତ୍ରରେ ଡ.କସ୍ତୁରୀରଙ୍ଗନଙ୍କ ଯୋଗଦାନ ଅମୂଲ୍ୟ ରହିଛି । ସେ ତାଙ୍କ ଅଦ୍ୱିତୀୟ ଉପଲବ୍ଧି ଓ ସେବା ପାଇଁ ସବୁବେଳେ ମନେ ରହିବେ ।

# ଦୁଇ ମାସ ଭିତରେ ଏକ ଲକ୍ଷ ଘର ଦିଆଯିବ- ରବି ନାଏକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅନ୍ତୋଦ୍ୱୟ ଗୃହ ଯୋଜନା ରାଜ୍ୟରେ ଥିବା ବିଜେପି ସରକାରଙ୍କ ଏକ ବଡ ଯୋଜନା। ଲୋକ ଘର ଖଣ୍ଡିଏ ପାଇଁ କେତେ କଷ୍ଟ ପାଉଛନ୍ତି ତାହା ଅନୁଭବ କରିଛନ୍ତି। ପୂର୍ବରୁ ଯୋଗ୍ୟ ଲୋକ ଘର ପାଇ ନାହାନ୍ତି। ପଲିଥିନରେ ରହିବାର ମଧ ନଜିର ରହିଛି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ କହିଛନ୍ତି । ସେ କହିଛନ୍ତି ଯେ, ଏହି ଯୋଜନାରେ ୫ ଲକ୍ଷ ଘର ଦିଆଯିବ। ବର୍ତ୍ତମାନ ପର୍ଯ୍ୟନ୍ତ ୬୦ ହଜାର ଗୃହ ବଂଟନ ସରିଛି। ଦୁଇ ମାସ ଭିତରେ ଏକ ଲକ୍ଷ ଘର ଦିଆଯିବ ନେଇ ଟାର୍ଗେଟ ରଖା ଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯେଉଁ ମାନେ ବଞ୍ଚିତ ହୋଇଛନ୍ତି। ଯେଉଁମାନେ ପୂର୍ବ ସରକାରରେ ନିଷ୍ପେସିତ ହୋଇଥିଲେ। ଦଳିତ, ଦିବ୍ୟାଙ୍ଗ, ଯେଉଁମାନେ ବଞ୍ଚିତ ସେମାନେ ଥିଲେ ସମସ୍ତଙ୍କୁ ଅନ୍ତୋଦ୍ୱୟ ଗୃହ ଯୋଜନା ସାମିଲ କରାଯିବ।

# ସିଜ୍ ଗାଡି ହୋଇଥିବା ବେଳେ ଆନ୍ଧ୍ର ବର୍ଡରରେ ଟୋଲଗେଟ୍‌ରେ ଟଙ୍କା କଟିଥିବା ଅଭିଯୋଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏପ୍ରିଲ ୧୨ ତାରିଖରେ ଗାଡ଼ି କମିସନରେଟ ପୋଲିସ ଅଧୀନରେ ଥିବା ଖାରବେଳନଗର ଥାନାରେ ସିଜ ହୋଇ ପଡିଥିବା ବେଳେ ୨୪ ତାରିଖ ରାତିରେ ଆନ୍ଧ୍ର ବର୍ଡରର ଟୋଲ ଗେଟରେ ଗାଡ଼ିର ଫାଷ୍ଟ ଟାଗରୁ ଟଙ୍କା କଟିଲା । ଏଭଳି ଅଭିଯୋଗ କରିଛନ୍ତି ଭୁବନେଶ୍ୱରର ବିବେକାନନ୍ଦ୍ ମାର୍ଗ ଅଞ୍ଚଳରେ ରହୁଥିବା ତନୁଜା ନନ୍ଦ। ଏହା ସହ ୨୨ ତାରିଖରୁ କୋର୍ଟରୁ ଗାଡ଼ି ରିଲିଜ୍ ପାଇଁ ଥାନାକୁ ନୋଟିସ ଆସିଥିଲେ ମଧ ଥାନାରେ କେହି ସାହଯୋଗ କରୁ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ତନୁଜା ନନ୍ଦ। ୧୨ ତାରିଖ ସନ୍ଧ୍ୟାରେ ଏକ ଅଟୋ ସହ ଦୁର୍ଘଟଣା ହେବା ପରେ ତନୁଜାଙ୍କ ମାଲିକାନାରେ ଥିବା କାରକୁ ଖାରବେଳ ନଗର ଥାନାରେ ସିଜ୍ କରିଥିଲା । ପରେ ୨୪ ତାରିଖରେ ଆନ୍ଧ୍ର ବୋର୍ଡରେ ଫାଷ୍ଟ ଟାଗରୁ ଟଙ୍କା କାଟିବା ପରେ ତାଙ୍କ ଗାଡ଼ିକୁ କେହି ଅପବ୍ୟବହାର କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି ତନୁଜା।

# ଖାଲିଙ୍ଗିର ନାରକୀୟ ଓ ଅମାନୁଷିକ କାର୍ଯ୍ୟକୁ ନିନ୍ଦା କଲେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଖାଲିଙ୍ଗିର ନାରକୀୟ ଓ ଅମାନୁଷିକ କାର୍ଯ୍ୟକୁ ନିନ୍ଦା କରିଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା । ସୋସିଆଲ ମିଡିଆ ଏକ୍ସରେ ମନ୍ତ୍ରୀ କହିଛନ୍ତି ଯେ, ଖାଲିଙ୍ଗିରେ ହୋଇଥିବା ନାରକୀୟ ଓ ଅମାନୁଷିକ କାର୍ଯ୍ୟ ନିନ୍ଦନୀୟ। ମୃତ ନାବାଳିକାଙ୍କ ମା, ପରିବାର ଓ ସ୍ଥାନୀୟ ଲୋକଙ୍କୁ ଭେଟିଛନ୍ତି ମନ୍ତ୍ରୀ। ସେ କହିଛନ୍ତି ଯେ, ଏପରି ଘଟଣା ହୃଦୟ ବିଦାରକ ଏବଂ ଆମ ଜିଲ୍ଲା ପାଇଁ ଦୁଃଖର ବିଷୟ। ଲୋକମାନଙ୍କ ସହ ମୁଁ ଏବଂ ଆମ ସରକାର ସର୍ବଦା ରହିଛି। ସ୍ଥାନୀୟ ପୋଲିସ ସହ ସମ୍ପର୍କରେ ଅଛି ଏବଂ ଦୋଷୀ ବିରୁଦ୍ଧରେ ଦୃଢ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି । ଏଠାରେ ସୂଚନାଯୋଗ୍ୟ, ଗଞ୍ଜାମ ଜିଲା ଦିଗପହଣ୍ଡି ଅନ୍ତର୍ଗତ ଖଲିଙ୍ଗି ଅଞ୍ଚଳରେ ୪ ବର୍ଷୀୟା ଶିଶୁକନ୍ୟାକୁ ଦୁଷ୍କର୍ମ ଓ ହତ୍ୟା ଘଟଣାର ପର୍ଦ୍ଦାଫାସ୍ ହୋଇଛି। ଶିଶୁ କନ୍ୟାକୁ ନିଜ ମାମୁ ଦୁଷ୍କର୍ମ କରି ହତ୍ୟା କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।

# ଅନଶନ ଭାଙ୍ଗିଲେ ବିଶ୍ୱଜିତ ପାତ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅନଶନ ଭାଙ୍ଗିଲେ ବିଶ୍ୱଜିତ ପାତ୍ର । ଉତ୍କଳ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଲିଖିତ ପ୍ରତିଶୃତି ପରେ ୪ ଦିନର ଅନଶନ ଭାଙ୍ଗିଲେ ଏବିଭିପି କାର୍ଯ୍ୟକର୍ତ୍ତା। ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରକୁ ନିଶା ଏବଂ ଅଣଛାତ୍ର ମୁକ୍ତ କରିବା ସହ ୫ ଦଫା ଦାବୀ ନେଇ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ମୁଖ୍ୟ ଫାଟକ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ ଏବିଭିପି କାର୍ଯ୍ୟକର୍ତ୍ତା। ଆଜି ଉଚ୍ଚ ଶିକ୍ଷା ବିଭାଗର ସଚିବ ପହଂଚି ଆନ୍ଦୋଳନରତ ପିଲା ମାନଙ୍କ ସହ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପରେ ଦାବି ପୂରଣ ନେଇ ଲିଖିତ ପ୍ରତିଶୃତି ମିଳିବା ସମସ୍ତେ ଅନଶନରୁ ଉଠିଛନ୍ତି। ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ ପାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛନ୍ତି ।

# ଗୋଟିଏ ଦିନରେ ଜଳ ନେଲା ୬ ଜୀବନ

ଦଶପଲ୍ଲା/ଆନନ୍ଦପୁର/ରାଉରକେଲା, (ଭାସ୍କର ନ୍ୟୁଜ): ରବିବାର ଗୋଟିଏ ଦିନରେ ୬ଜଣଙ୍କ ପାଣିରେ ବୁଡ଼ି ଜୀବନ ଯାଇଥିବା ଭଳି ଘଟଣା ଲୋକଲୋଚନକୁ ଆସିଛି। ପ୍ରଥମ ଘଟଣାଟି ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଶିମିଳିସାହି ପଞ୍ଚାୟତ ଗୋଡ଼ିବିଡ଼ା ଗାଁରେ ଘଟିଛି। ଏକ ବିବାହ ଉତ୍ସବରେ ଯୋଗଦେବାକୁ ଆସିଥିବା ୩ଜଣ ନାବାଳକ ସ୍ଥାନୀୟ ପୋଖରୀକୁ ଗାଧୋଇବାକୁ ଯାଇ ପ୍ରାଣ ହରାଇଛନ୍ତି। ରବିବାର ପୂର୍ବାହ୍ନ ୧୦ଟାରେ ଏହି ଅଘଟଣ ଘଟିଛି। ଏହି ୩ ନାବାଳକ ଗାଧୋଉଥିବାବେଳେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ହସ୍ପିଟାଲ ଆଣିଥିଲେ। ତେବେ ଡାକ୍ତର ୩ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତ ୩ ନାବାଳକ ହେଲେ ଉମାକାନ୍ତ ନାୟକ, ରିତେଶ ପ୍ରଧାନ ଓ ଶୁଭମ୍ ଖିଲାର। ଏହି ଖବର ପ୍ରଚାରିତ ହେବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେହିପରି କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଗରଗଡ଼ବାହାଳ ନିକଟସ୍ଥ ପାଟହରା ଜଳପ୍ରପାତରେ ବୁଡି ୨ ପର୍ଯ୍ୟଟକ ମୃତ୍ୟୁବରଣ କରିଛନ୍ତି। ସେମାନଙ୍କ ପରିଚୟ ମିଳିନଥିବାବେଳେ ଜଣକର ଘର ଯାଜପୁର ଓ ଆଉ ଜଣକର ଘର ଜଗତସିଂହପୁର ବୋଲି ସୂଚନା ଦିଆଯାଇଛି। ଅଗ୍ନିଶମବାହିନୀ ଦୀର୍ଘ ସମୟ ପରିଶ୍ରମ ପରେ ଉଭୟଙ୍କ ମୃତଦେହ ଉଦ୍ଧାର କରିଛି। ଏହି ଦୁଇଜଣ ପାଟହରା ଜଳପ୍ରପାତ ଓ ପାଟହରା ଗୁମ୍ଫା ବୁଲିବା ପାଇଁ ଆସିଥିଲେ। ସେହିପରି ରାଉରକେଲା ସହରର କୋଏଲ ନଦୀର ବୈକୁଣ୍ଠ ଘାଟ ନିକଟରେ ଗାଧୋଇବାବେଳେ ଜଣେ ୧୫ ବର୍ଷର ନାବାଳକର ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। ତାଙ୍କ ନାମ ସତ୍ୟଜିତ ବେହେରା ଓ ସେ ୯ମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ସିପିଆଇ ଶାଖା ସମ୍ମିଳନୀ

କଟକ (ଭାସ୍କର ନ୍ୟୁଜ): ସିପିଆଇ ଶାଖା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସିପିଆଇ ପକ୍ଷରୁ ଦରବୃଦ୍ଧି, ୩୦୦ ୟୁନିଟ୍ ବିଜୁଳି ଶୁଳ୍କ ଛାଡ଼ ସ୍ମାର୍ଟ ମିଟରକୁ ବିରୋଧ କରି, ବାର୍ଦ୍ଧକ୍ୟ ଭତା ୩୦୦୦ ଟଙ୍କା, ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ଓ ରେସନ କାର୍ଡରେ ଅସଙ୍ଗତି ଦୂର କରିବାକୁ ସିପିଆଇ ପକ୍ଷରୁ ଦାବି କରାଯାଇଛି । ସଂଗଠନ ପକ୍ଷରୁ କଟକର ଜଳ ସମସ୍ୟା, ସହରର ରାସ୍ତାଘାଟ ନିର୍ମାଣ ଦାବୀ କରାଯାଇଛି। ସିଡିଏ, ସେକ୍ଟର ୧୨ସ୍ଥିତ ବିଜୁ ପଟ୍ଟନାୟକ ପାର୍କ ନିକଟରେ ଏହି ଅବସରରେ ଲାଲ ପତାକା ଉତ୍ତୋଳନ ପରେ ସହିଦ ବେଦୀରେ ମାଲ୍ୟାର୍ପଣ କରାଯାଇଥିଲା। ସମ୍ମିଳନୀକୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅମରେନ୍ଦୁ ମହାନ୍ତି ଉଦଘାଟନ କରି ସମାଜବାଦର ବିକଳ୍ପ ନାହିଁ ବୋଲି ବକ୍ତବ୍ୟ ରଖିଥିଲେ। ଜିଲ୍ଲା ସଂପାଦକ ବିନୋଦ ବେହେରା ଯୋଗଦେଇ ଆଜିର ଦିନରେ ଲେନିନଙ୍କ ପ୍ରାସଙ୍ଗିକତା ସଂପର୍କରେ ସୂଚନା ଦେଇଥିଲେ। ନଗର କମିଟି ସଂପାଦକ ପ୍ରସନ୍ନ ମହାପାତ୍ର, ବ୍ୟାଙ୍କ ଓ ବୀମା କର୍ମଚାରୀ ନେତା ଅଶୋକ ତା, ସଞ୍ଜୟ ପରିଜା, ଶ୍ରମିକ ନେତା ସାନନ୍ଦ ସେଠୀ, ଅଭୟ ପଟ୍ଟନାୟକ, ଭାବଗ୍ରାହୀ ଦାସ, କୂଳମଣି ପଣ୍ଡା, ଜଗନ୍ନାଥ ମଲ୍ଲିକ, କନକ ଦାସ, ଦୁଲାରୀ ନାୟକ, ଲତା ମଲ୍ଲିକ, ଲଛମନ ବିଶ୍ୱାଳ, ବାବାଜୀ ବେହେରା ପ୍ରମୁଖ ଆଲୋଚନାରେ ଭାଗନେଇ ଥିଲେ। ଆସନ୍ତାବର୍ଷ ପାଇଁ ଜର୍ଜ ପଠା ଶାଖା ସଂପାଦକ ଜଗନ୍ନାଥ ମଲ୍ଲିକ ସହ ସପାଦକ କନକ ଦାସ ନିର୍ବାଚିତ ହୋଇଥିବା ବେଳେ ବିଡାନାସୀ ଶାଖା ସଂପାଦକ ଭାବଗ୍ରାହୀ ଦାସ ସହ ସଂପାଦକ କୂଳମଣି ପଣ୍ଡା ନିର୍ବାଚିତ ହୋଇଥିଲେ। ଶେଷରେ ବିକାଶ ନାୟକ ଧନ୍ୟବାଦ ଦେଇଥିଲେ ।

# ଓଡ଼ିଶାରେ ପାକିସ୍ତାନୀଙ୍କୁ ଚିହ୍ନଟ ପ୍ରକ୍ରିୟା ଜାରି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାରେ ଯେଉଁ ପାକିସ୍ତାନୀ ଅଛନ୍ତି ସେମାନଙ୍କର ଚିହ୍ନଟ ପ୍ରକ୍ରିୟା ଚାଲିଛି। ଏନେଇ ମୁଖ୍ୟମନ୍ତ୍ରୀ ଗୃହ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସେହି ଆଧାରରେ ଚିହ୍ନଟ ପ୍ରକ୍ରିୟା ଚାଲିଛି ବୋଲି ପଂଚାୟତିରାଜ ମନ୍ତ୍ରୀ ରବି ନାଏକ କହିଛନ୍ତି । ଖାଲି ସେତିକି ନୁହେଁ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ମଧ ଚିହ୍ନଟ ହେଉଛନ୍ତି ସେ କହିଛନ୍ତି । ଏ ଦିଗରେ ପ୍ରଶାସନ ତତ୍ପର ଅଛି। ବିଚ୍ଛିନତାବାଦି ଏ ଅଞ୍ଚଳରେ କାହିଁକି ରହିବେ। ତାଙ୍କୁ ଧରି ପାରିଲେ ଦେଶ ପାଇଁ ଭଲ।

# ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା ଜୁଏଲଙ୍କ ନିନ୍ଦା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଘଟଣାକୁ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ନିନ୍ଦା କରିଛନ୍ତି । ଏହି ଘଟଣାରେ ଆମ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି । ଆପଣ ଦେଖୁଛନ୍ତି ଗୋଟିଏ ପରେ ଗୋଟିଏ ଆକ୍ସନ ପାକିସ୍ତାନ ଉପରେ ନିଆଯାଉଛି। ପାକିସ୍ତାନୀ ମାନଙ୍କର ଭିସା ବାତିଲ ହେଉ ଅବା ତୁରନ୍ତ ସେମାନଙ୍କୁ ଦେଶ ଛାଡିବାକୁ ନିର୍ଦ୍ଦେଶ, ସିନ୍ଧୁ ନଦୀ ପାଣି ବନ୍ଦ ଏଭଳି ସମସ୍ତ ନିଷ୍ପତ୍ତିକୁ ଆମେ ସମ୍ପୂର୍ଣ୍ଣ ଭାବେ ସମର୍ଥନ ଜଣାଉଛି ।

**AFFIDAVIT**

By virtue of an affidavit before The Executive Magistrate. Pipili, dated: 25.04.2025, I Soumya Ranjan Behera, Address: village- Sunapada, Po- Haripur, Ps- Pipili, Dist- Puri, Odisha, PIN-752104, declare that I have changed my name from Soumyaranjan Behera to Soumya Ranjan Behera. Henceforth, I shall be known as Soumya Ranjan Behera for all purposes.

**Sd/- Soumya Ranjan Behera**

**ଫର୍ମ ବି**

**ସାର୍ବଜନୀନ ଘୋଷଣା**

(ଇନସଲଭେନସୀ ଆଣ୍ଡ ବ୍ୟାଙ୍କ୍ରପ୍ସି ବୋର୍ଡ ଅଫ ଇଣ୍ଡିଆର ରେଗୁଲେସନ-୧୨
(ଲିକ୍ୟୁଡେସନ ପ୍ରକ୍ରିୟା) ରେଗୁଲେସନ୍ସ-୨୦୧୬)
ରୁପମ ଟେକ୍ସଟାଇଲ୍ସ ଟ୍ରେଡିଙ୍ଗ ପ୍ରା. ଲିଃ.ର ଷ୍ଟେକ୍‌ହୋଲଡରମାନଙ୍କ
ଦୃଷ୍ଟି ଆକର୍ଷଣ ନିମନ୍ତେ

| କ୍ର. ନଂ. | ବିଷୟ | ସବିଶେଷ ବିବରଣୀ |
|---|---|---|
| ୧. | କର୍ପୋରେଟ ଋଣଗ୍ରହୀତାଙ୍କ ନାମ | ରୁପମ ଟେକ୍ସଟାଇଲ୍ସ ଟ୍ରେଡିଂ ପ୍ରା. ଲିଃ. |
| ୨. | କର୍ପୋରେଟ ଋଣଗ୍ରହୀତାଙ୍କ ପ୍ରବେଶ ତାରିଖ | ୨୨.୦୪.୨୦୦୪ |
| ୩. | ଯେଉଁ ଅଧିକାରୀଙ୍କ ଅଧିନରେ କର୍ପୋରେଟ ଋଣଗ୍ରହୀତା ସ୍ଥାନିତ/ ପଞ୍ଜିକୃତ | ରେଜିଷ୍ଟ୍ରାର ଅଫ୍ କମ୍ପାନୀଜ୍ କଟକ, ଓଡ଼ିଶା |
| ୪. | କର୍ପୋରେଟ ପରିଚୟ ନଂ. / କର୍ପୋରେଟ ଋଣଗ୍ରହୀତାଙ୍କ ସୀମିତ ଦେୟତା ପରିଚୟ ନଂ. | U18101OR2004PTC007579 |
| ୫. | କର୍ପୋରେଟ ଋଣଗ୍ରହୀତାଙ୍କ ପଞ୍ଜିକୃତ କାର୍ଯ୍ୟାଳୟ ଏବଂ ମୁଖ୍ୟ କାର୍ଯ୍ୟାଳୟ (ଯଦି ଥାଏ) ର ଠିକଣା | ୧, ଜନପଥ, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧ |
| ୬. | ଇନସଲଭେନସୀ ରିଜୋଲୁସନ ପ୍ରକ୍ରିୟା ପରିସମାପ୍ତି ତାରିଖ | ୨୫.୦୪.୨୦୨୫ |
| ୭. | କର୍ପୋରେଟ ଋଣଗ୍ରହୀତାଙ୍କ ଲିକ୍ୟୁଡେସନ ଆରମ୍ଭ ତାରିଖ | ୨୫.୦୪.୨୦୨୫ |
| ୮. | ଲିକ୍ୟୁଡେଟର ଭାବେ କାର୍ଯ୍ୟକରୁଥିବା ଇନସଲଭେନସୀ ପ୍ରଫେସନାଲଙ୍କ ନାମ ଏବଂ ପଞ୍ଜିକୃତ ନଂ. | ସିଏ ପାୟଲ ଅଗ୍ରୱାଲ<br>ରେଜିଷ୍ଟ୍ରେସନ ନଂ.-<br>IBBI/IPA-001/IP-P-02254/2021-22/13571 |
| ୯. | ଲିକ୍ୟୁଡେଟରଙ୍କ ବୋର୍ଡରେ ପଞ୍ଜିକୃତ ହୋଇଥିବା ଠିକଣା ଏବଂ ଇମେଲ | ଓଲ୍ଡ କଲେଜ ଲେନ୍, ନିମଚଉଡି, କଟକ, ଓଡିଶା-୭୫୩୦୦୨<br>ଇମେଲ ଆଇଡି-agarwalpayal2008@gmail.com |
| ୧୦. | ଲିକ୍ୟୁଡେଟରଙ୍କ ସହିତ ଯୋଗାଯୋଗ ପାଇଁ ବ୍ୟବହାର କରିବାକୁ ଥିବା ଠିକଣା ଏବଂ ଇ-ମେଲ | ଓଲ୍ଡ କଲେଜ ଲେନ, ନିମଚଉଡି, କଟକ, ଓଡିଶା-<br>୭୫୩୦୦୨<br>ଇମେଲ ଆଇଡି- roopam.cirp@gmail.com |
| ୧୧. | ଦାବୀ ଦାଖଲ କରିବାର ଅନ୍ତିମ ତାରିଖ | ୨୫.୦୫.୨୦୨୫ |

ଏତଦ୍‌ଦ୍ୱାରା ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛିକି, ଆଇନ ସଂହିତାର ଧାରା ୩୩ ଅନୁସାରେ ନ୍ୟାସନାଲ କମ୍ପାନୀ ଲ ଟ୍ରିବୁନାଲ, କଟକଙ୍କ ଖଣ୍ଡପୀଠ **ରୁପମ ଟେକ୍ସଟାଇଲ୍ସ ଟ୍ରେଡିଂ ପ୍ରା. ଲିଃ**.ର ଲିକ୍ୟୁଡେସନ ତା.୨୫.୦୪.୨୦୨୫ରିଖ ରେ ଆରମ୍ଭ କରିବାକୁ ଆଦେଶ ଦେଇଛନ୍ତି। ରୁପମ ଟେକ୍ସଟାଇଲ୍ସ ଟ୍ରେଡିଂ ପ୍ରା. ଲିଃ.ର ଷ୍ଟେକହୋଲ୍ଡରମାନଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି କ୍ର.ନଂ. ୧୦ ରେ ଦର୍ଶିତ ଲିକ୍ୟୁଡେଟର ଙ୍କ ଠିକଣାରେ ତା.୨୫.୦୫.୨୦୨୫ ରିଖ ସୁଦ୍ଧା ପ୍ରମାଣ ସହିତ ସେମାନଙ୍କର ଦାବୀ ଦାଖଲ କରନ୍ତୁ।

ଫାଇନାନସିଆଲ କ୍ରେଡିଟରମାନେ ସେମାନଙ୍କର ଦାବୀ ସହିତ ପ୍ରମାଣ କେବଳ ଇଲେକ୍ଟ୍ରୋନିକ ମାଧ୍ୟମରେ ଦାଖଲ କରିବେ। ଅନ୍ୟ ସମସ୍ତ କ୍ରେଡିଟରମାନେ ସେମାନଙ୍କର ଦାବୀ ସହିତ ପ୍ରମାଣ ବ୍ୟକ୍ତିଗତ ଭାବେ, ଡାକମାଧ୍ୟମରେ କିମ୍ବା ଇଲେକ୍ଟ୍ରୋନିକ ମାଧ୍ୟମରେ ଦାଖଲ କରିପାରିବେ।

ସ୍ୱା/- ସିଏ (ଆଇପି) ପାୟଲ ଅଗ୍ରୱାଲ
ପଞ୍ଜିକୃତ ନଂ.: IBBI/IPA-001/IP-P-02254/2021-22/13571
ଲିକ୍ୟୁଡେଟର, ରୁପମ ଟେକ୍ସଟାଇଲ୍ସ ଟ୍ରେଡିଂ ପ୍ରାଇଭେଟ ଲିମିଟେଡ ବିଷୟରେ
ଏଏଫ୍ଏ ବୈଧତା- ୩୧.୧୨.୨୦୨୫ ପର୍ଯ୍ୟନ୍ତ

ସ୍ଥାନ: କଟକ
ତାରିଖ: ୨୮.୦୪.୨୦୨୫

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପହଲଗାମ...

ଅନୁଭବ କରି ପାରୁଛନ୍ତି। ଗତ ୨୨ ତାରିଖରେ ପହଲଗାମରେ ଘଟିଥିବା ଆତଙ୍କବାଦୀ ଘଟଣା ଦେଶର ପ୍ରତ୍ୟେକ ନାଗରିକଙ୍କୁ ଦୁଃଖିତ କରିଛି। ପୀଡ଼ିତ ପରିବାରଙ୍କ ପ୍ରତି ସବୁ ଭାରତୀୟଙ୍କର ଗଭୀର ସମବେଦନା ରହିଛି। ମୋଦୀ ତାଙ୍କ ମନ କି ବାତ୍‌ରେ ଗୁରୁତ୍ୱପୂର୍ଣ୍ଣ ଟେକ୍ନୋଲୋଜି ସଂପର୍କରେ ମଧ୍ୟ ଚର୍ଚ୍ଚା କରିଥିଲେ। ସେ କହିଥିଲେ, ଭାରତର ଜାତୀୟ ବିପର୍ଯ୍ୟୟ ପ୍ରବନ୍ଧନ ପ୍ରାଧିକରଣ ଦ୍ୱାରା ବିକଶିତ ସଚେତ ଆପ୍ ଲୋକଙ୍କୁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିପାରିବ। ଏହି ଆପ୍‌ର ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ନାଗରିକଙ୍କୁ ଯଥାସମ୍ଭବ ସୁରକ୍ଷିତ ରଖିବା ଓ ସଚେତନ କରିବା। ଏହାର ଅର୍ଥ ହେଉଛି, ଯଦି ଆପଣ ରହୁଥିବା ଅଞ୍ଚଳରେ ବନ୍ୟା, ଭୂମିକମ୍ପ ଅଥବା ଝଡ଼ତୋଫାନ ଆଦି ଅନ୍ୟ ବିପଦ ରହିଛି, ତେବେ ଆପଣଙ୍କୁ ସମୟ ପୂର୍ବରୁ ସୂଚନା ମିଳିଯିବ। ଯାହାଦ୍ୱାରା ଆପଣ ନିଜକୁ ଓ ନିଜ ପରିବାରକୁ ସୁରକ୍ଷିତ ରଖିପାରିବେ। ଆଜି ଜଳବାୟୁ ପରିବର୍ତ୍ତନ ଯୋଗୁ ପ୍ରାକୃତିକ ବିପର୍ଯ୍ୟୟର ବିପଦ ଦ୍ରୁତଗତିରେ ବୃଦ୍ଧି ପାଉଛି। ତେବେ ଏହି ଆପ୍ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସେଫଗାର୍ଡ ଭଳି କାମ କରିବ ବୋଲି ମୋଦୀ କହିଥିଲେ।

### ପଶ୍ଚିମ ତଟରେ...

ଭୟର ସଞ୍ଚାର ହୋଇଛି। ଏହି ଅଘଟଣ ପରେ ଭାରତ ସରକାର ସିନ୍ଧୁନଦୀ ଚୁକ୍ତି ବାତିଲ କରି ଦେଇଛନ୍ତି। ଏହାପରେ ପାକିସ୍ତାନର ସ୍ଥିତି ଅସମ୍ଭାଳ ହୋଇ ଉଠିଛି। ସେହିପରି ଭାରତ ପକ୍ଷରୁ ପାଣି ଛଡ଼ାଯିବାରୁ ଝେଲମ ନଦୀରେ ବନ୍ୟା ଆସି ସାଂଘାତିକ ସ୍ଥିତି ସୃଷ୍ଟି କରିଛି। ବିଶେଷକରି ପିଓକେରେ ସ୍ଥିତି ଦୟନୀୟ ହୋଇପଡ଼ିଥିବା ସୂଚନା ମିଳିଛି। ସେନା ପକ୍ଷରୁ କାଶ୍ମୀରର ପହଲଗାମ ସମେତ ବିଭିନ୍ନ ସ୍ଥାନରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି। ଏହିକ୍ରମରେ ଜାମ୍ମୁକାଶ୍ମୀରରେ ଆଉ ୩ ଆତଙ୍କବାଦୀଙ୍କ ଘରକୁ ମାଟିରେ ମିଶାଇ ଦେଇଛି ସେନା। ପ୍ରଶାସନ ସହାୟତାରେ ବାନ୍ଦିପୋରା, ପୁଲୱାମା ଓ ସୋପିଆନ ଅଞ୍ଚଳରେ ଥିବା ୩ ଆତଙ୍କବାଦୀଙ୍କ ଘରକୁ ସଂପୂର୍ଣ୍ଣ ଭାଙ୍ଗି ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ମୋଟ ୯ଜଣ ଆତଙ୍କୀଙ୍କ ଘର ଧ୍ୱଂସ ପାଇ ସାରିଲାଣି। ରବିବାର ଭଙ୍ଗାଯାଇଥିବା ଘରଗୁଡ଼ିକ ଆତଙ୍କବାଦୀ ଅଦନାନ ସାଫି, ଅମୀର ନାଜିର ଓ ଜାମିର ଅହମ୍ମଦ ସେରପୋଜାରୀଙ୍କର ବୋଲି ସେନା ପକ୍ଷରୁ କୁହାଯାଇଛି। ଅଦନାନ ଗତବର୍ଷ ଆତଙ୍କବାଦୀ ସଂଗଠନରେ ସାମିଲ ହୋଇଥିଲା। ଅମୀର ଲସ୍କର-ଏ-ତୋଇବାରେ ସାମିଲ ହେବା ସହ ଆତଙ୍କ ରଚୁଥିଲା। ତେବେ ଏହି ଘଟଣାର ତଦନ୍ତ ଦାୟିତ୍ୱ ଏନଆଇଏ ନେବାପରେ ଏହାକୁ ତୀବ୍ର କରିଥିବା ସୂଚନା ମିଳିଛି। ଗତ ୨୩ ତାରିଖରୁ ପହଲଗାମରେ ଡେରା ପକାଇଥିବା ଏନଆଇଏ ରବିବାର ପ୍ରତ୍ୟକ୍ଷଦର୍ଶୀଙ୍କୁ ଭେଟି ପଚରାଉଚୁରା କରିଥିବା ସୂଚନା ମିଳିଛି। ଏହି ଆକ୍ରମଣ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବାବେଳେ ସୁରକ୍ଷାବାହିନୀ ଓ କେନ୍ଦ୍ର ସରକାରଙ୍କ ପାଇଁ ଗୁରୁତର ଚାଲେଞ୍ଜ ସୃଷ୍ଟି କରିଛି। ଏନଆଇଏ ଟିମ୍ ଘଟଣାସ୍ଥଳରୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ସଂଗ୍ରହ ସହ ସ୍ଥାନୀୟ ପୋଲିସ ଓ ଅନ୍ୟ ସୁରକ୍ଷା ଏଜେନ୍ସି ସହ ମିଶି କାର୍ଯ୍ୟ କରୁଛି। ଏନଆଇଏ ପକ୍ଷରୁ କୁହାଯାଇଛି ଯେ ସମସ୍ତ ଦିଗକୁ ନେଇ ତଦନ୍ତ ଚାଲିଛି ଓ ଦୋଷୀଙ୍କୁ କଡ଼ା ଦଣ୍ଡ ପ୍ରଦାନ କରାଯିବ। ତେବେ ଏତେସବୁ ସୁରକ୍ଷା ସତ୍ତ୍ୱେ ଆତଙ୍କବାଦୀମାନେ ରବିବାର କାଶ୍ମୀରରେ ଜଣେ ସାମାଜିକ କର୍ମୀଙ୍କୁ ଘରେ ପଶି ବୀଭତ୍ସଭାବେ ହତ୍ୟା କରିଛନ୍ତି। ତାଙ୍କ ନାମ ଗୁଲାମ ରସୁଲ ମାଗରେ। ଜାମ୍ମୁକାଶ୍ମୀରର କାଣ୍ଡିଖାସ ଅଞ୍ଚଳରେ ଗୁଲାମ ରହୁଥିବାବେଳେ ରବିବାର ଆତଙ୍କବାଦୀମାନେ ତାଙ୍କ ଘରେ ଜବରଦସ୍ତ ପଶି ତାଙ୍କୁ ହତ୍ୟା କରିଥିଲେ। ତାଙ୍କ ଶରୀରରେ ଗୁଳି ବାଜିବା ପରେ ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେନା ଯବାନମାନେ ଘର ଘର ବୁଲି ଆତଙ୍କୀଙ୍କୁ ଖୋଜୁଛନ୍ତି। ଯାହାଫଳରେ ସେମାନେ ବିଚଳିତ ହୋଇ ହିଂସା ଘଟାଉଥିବା କୁହାଯାଉଛି। ଏଭଳି ସ୍ଥିତି ଆଉ କେତେଦିନ ଲାଗି ରହିବ ଓ ଭାରତ କେବେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ, ତାକୁ ହିଁ ଅପେକ୍ଷା। ଅନ୍ୟପକ୍ଷରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ବାସଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସିଡିଏସ୍ ଅନୀଲ ଚୌହାନ ଯୋଗଦେଇ ପହଲଗାମ ଘଟଣା ଉପରେ ଚର୍ଚ୍ଚା କରିଥିବା ସୂଚନା ମିଳିଛି।

### କନକ୍ଲେଭର...

ସେ ତାଙ୍କ ଅଭିଭାଷଣରେ ଉଲ୍ଲେଖ କରିଥିଲେ। ସେ କହିଥିଲେ, ଓଡ଼ିଶା ହେଉଛି ସମ୍ଭାବନାର ରାଜ୍ୟ। ଏଠି ବିକାଶ ପାଇଁ ସମସ୍ତ ସୁଯୋଗ ରହିଛି। ପର୍ଯ୍ୟଟନ କ୍ଷେତ୍ରଠାରୁ ଆରମ୍ଭ କରି ଇକୋ-ଟ୍ୟୁରିଜିମ୍, ହସ୍ତଶିଳ୍ପ ଇତ୍ୟାଦି କ୍ଷେତ୍ରରେ ଓଡ଼ିଶାର ସୁନାମ ରହିଛି। ବିଶେଷକରି କଳାହାଣ୍ଡିର ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବୋଟ୍‌ର ସିଇଓ ଅମନ ଗୁପ୍ତା ତାଙ୍କ ଅଭିଭାଷଣରେ କହିଥିଲେ ଯେ ପ୍ରତ୍ୟେକ କଠିନ ପରିଶ୍ରମ କରି ପାଠ ପଢିଲେ ଜଣେ ସ୍ଥାୟୀ ନିଯୁକ୍ତି ପାଇପାରିବ। ବ୍ରିକ୍ସ, ସିସିଆଇ ମହିଳା ୱିଙ୍ଗ୍‌ର ସଭାନେତ୍ରୀ ରୁବି ସିହ୍ନା ତାଙ୍କ ଅଭିଭାଷଣରେ ଓଡ଼ିଶାର ଅର୍ଥନୈତିକ ଅଗ୍ରଗତି କର୍ପୋରେଟ ଅଂଶୀଦାରମାନଙ୍କ ମାଧ୍ୟମରେ ବିନିଯୋଗ ସହାୟତାରେ ହୋଇପାରିବ ବୋଲି ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍କଳ ଚାମ୍ବର ଅଫ କମର୍ସର ଅଧ୍ୟକ୍ଷ ଡକ୍ଟର ପ୍ରବୋଧ ମହାନ୍ତି, ନାଲକୋର ପୂର୍ବତନ ସିଏମ୍‌ଡି ତପନ କୁମାର ଚାନ୍ଦ ପ୍ରମୁଖ ଯୋଗଦେଇ କର୍ପୋରେଟ କ୍ଷେତ୍ରରେ ଏକ ବଡ଼ ଧରଣର ପୁଞ୍ଜିନିବେଶ ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନସଚିବ ହେମନ୍ତ ଶର୍ମା ତାଙ୍କ ଅଭିଭାଷଣରେ କହିଥିଲେ ଯେ ରାଜ୍ୟର ଅର୍ଥନୀତି ବିକଶିତ ହେବାରେ ଲାଗିଛି। ସେ କହିଥିଲେ, ଖଣିଜ ଉତ୍ସ ଉପରେ ଓଡ଼ିଶାର ଅର୍ଥନୀତି ନିର୍ଭର କରୁଛି। ୨୦୩୬ ବିକଶିତ ଓଡ଼ିଶା ପାଇଁ କୃଷି କ୍ଷେତ୍ର, ଖାଦ୍ୟ ପ୍ରକ୍ରିୟାକରଣ, ସ୍ୱାସ୍ଥ୍ୟସେବା ଏବଂ ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ସେହିପରି ସୌରଶକ୍ତି ଏବଂ ଆଇଟି ଓ ସ୍ୱାସ୍ଥ୍ୟସେବା ଉପରେ ସେ ଅଧିକ ଗୁରୁତ୍ୱ ଦେବା ସହ ଯେପରି ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କନକ୍ଲେଭରେ ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ ଓଡ଼ିଶାର ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱାରୋପ କରିବା ସହ ସରକାର ପ୍ରଣୟନ କରୁଥିବା ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ଆୟୁଷ୍ମାନ ଭାରତ ଯୋଜନା, ଗୋପବନ୍ଧୁ ଯୋଜନା ଏବଂ ଆୟୁଷ୍ମାନ ଭାରତ ବୟୋବନ୍ଦନ ଯୋଜନା ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ସହାୟକ ହୋଇପାରିବ। ରାଜ୍ୟର ସ୍ୱାସ୍ଥ୍ୟସେବାକୁ ସଫଳତାର ଶୀର୍ଷରେ ପହଞ୍ଚାଇବା ପାଇଁ ୪୮ ହଜାରରୁ ଅଧିକ ଆଶାକର୍ମୀ ଦ୍ୱାର ଦ୍ୱାର ବୁଲି ସର୍ଭେ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ନିରୋଜ ମିଶ୍ର, ସ୍ୱର୍ଶ ହସ୍ପିଟାଲର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡକ୍ଟର ପ୍ରିୟବ୍ରତ ଧୀର ଓ କଳିଙ୍ଗ ହସ୍ପିଟାଲର ନିର୍ଦ୍ଦେଶିକା ନିଲଞ୍ଜନା ମୁଖାର୍ଜୀ ସେମାନଙ୍କ ସୁଚିନ୍ତିତ ମତାମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଜାତୀୟ ଶିକ୍ଷାନୀତି ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୁପିଟର ଗ୍ରୁପର ନିର୍ଦ୍ଦେଶିକା ସାଗରିକା ପଣ୍ଡା, ମଦର୍ସ ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ପଲ୍ଲୀ ପଟ୍ଟନାୟକ, କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଅଧ୍ୟକ୍ଷ ଡକ୍ଟର ମୁରଲୀ କ୍ରିଷ୍ଣା ପ୍ରମୁଖ ଶିକ୍ଷାର ବିକାଶ ଉପରେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ବରିଷ୍ଠ ସାମ୍ବାଦିକ ରାଜଦୀପ ସରଦେଶାଇ କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ ସାମ୍ବାଦିକମାନଙ୍କର ସ୍ୱାଧୀନତା ଉପରେ ହସ୍ତକ୍ଷେପ କରାଯିବା ଉଚିତ୍ ନୁହେଁ। ସେହିପରି ମିଡିଆ ଷ୍ଟେସନରେ ବରିଷ୍ଠ ସାମ୍ବାଦିକ ରାହୁଲ ଦେବ, ରାଜଦୀପ ସର୍‌ଦେଶାଇ, ରୁବେନ ବାନାର୍ଜୀ, ମନୋରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ସାମ୍ବାଦିକତା କ୍ଷେତ୍ରରେ ହେଉଥିବା ବିଭିନ୍ନ ଅସୁବିଧା ଉପରେ ଆଲୋକପାତ କରିଥିଲେ। ସ୍ପିରିଚୁଆଲ ଲିଡର ତଥା ଗୌରୀଗୋପାଲ ଆଶ୍ରମର ପ୍ରତିଷ୍ଠାତା ଅନିରୁଦ୍ଧ ଆଚାର୍ଯ୍ୟ ଏହି କନକ୍ଲେଭରେ ଯୋଗଦେଇ କହିଥିଲେ ଯେ ସେ ପିଏଚ୍‌ଡି ଡିଗ୍ରୀଧାରୀ ହୋଇଥିଲେ ମଧ୍ୟ ପୁରୀ ଏବଂ ଭଗବାନ ଜଗନ୍ନାଥଙ୍କ ପ୍ରତି ତାଙ୍କର ଏକ ସମର୍ପଣ ଭାବ ରହିଛି। ମଧ୍ୟପ୍ରଦେଶର ଜବଲପୁରରେ ଜନ୍ମଗ୍ରହଣ କରିଥିବା ଶ୍ରୀ ଆଚାର୍ଯ୍ୟ ୨୦୦୬ ମସିହାରେ ବୃନ୍ଦାବନ ଯାଇ ଭକ୍ତିଭାବ ମାର୍ଗରେ ପଦାର୍ପଣ କରିଥିଲେ। ସେ ଶ୍ରୀମଦ ଭଗବତ ପୁରାଣ ପାଠ କରିବା ସହ କରୋନା ସମୟରେ ଦେଶର ଅର୍ଥନୀତି, ପର୍ଯ୍ୟଟନ କ୍ଷେତ୍ର ସଂପୂର୍ଣ୍ଣରୂପେ ଭୁଶୁଡ଼ି ପଡ଼ିଥିଲା। ସେ ସମୟରେ ସେ ୩୦ରୁ ୪୦ ହଜାର ଗରିବ ଲୋକଙ୍କୁ ନିଜ ଆଶ୍ରମରେ ପ୍ରତିଦିନ ମାଗଣାରେ ଖାଦ୍ୟ ଯୋଗାଇ ଦେଉଥିଲେ। ସେହିପରି ଟି.କେ. ଡିଜିଟାଲର ପ୍ରତିଷ୍ଠାତା ତିଲକରାଜ ମହାନ୍ତି ତାଙ୍କ ଅଭିଭାଷଣରେ ଏହି କନକ୍ଲେଭର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ବଲିଉଡ ଅଭିନେତ୍ରୀ ତିସ୍କା ଚୋପ୍ରା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅଭିନୟ ଓ ଲେଖକ ମଧ୍ୟରେ ଥିବା ସାମଞ୍ଜସ୍ୟ ଉପରେ ସବିଶେଷ ଭାବେ ଆଲୋକପାତ କରିଥିଲେ। ପରେ ଆଧ୍ୟାତ୍ମିକ ଅଧିବେଶନରେ ଯୁବଚେତନାର ଜାତୀୟ ସଂଯୋଜକ ରୋହିତ କୁମାର ସିଂ, ସ୍ୱାମୀ ଅଭିଷେକ ବ୍ରହ୍ମଚାରୀ, ଓଡ଼ିଶା ଭାସ୍କରର ପରିଚାଳନା ନିର୍ଦ୍ଦେଶକ ମଧୁ ମହାନ୍ତି, ଓଡ଼ିଶା ଭାସ୍କରର ସିଇଓ ତଥା ସଂପାଦକ କୌସ୍ତୁଭ ଦାସ ପ୍ରମୁଖ ଯୋଗଦେଇ ଆଧ୍ୟାତ୍ମିକତାର ମହାନତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଭାସ୍କରର ମୁଖ୍ୟ ସଂପାଦକ ପ୍ରଦୋଷ ପଟ୍ଟନାୟକ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ଓଡ଼ିଶା ଭାସ୍କରର ସିଇଓ ତଥା ସଂପାଦକ କୌସ୍ତୁଭ ଦାସ ସ୍ୱାଗତ ଭାଷଣ ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ମଡରେଟର ବିନି ଆଡଭାନୀ।

### ଶିକ୍ଷାକ୍ଷେତ୍ର...

ବିକିରଣ କରିଆସୁଛି । ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଶିକ୍ଷାଦାନ ବ୍ୟବସ୍ଥା ଗୁରୁ ଶିଷ୍ୟ ପଦ୍ଧତିରେ କେଉଁ ଆବାହମାନ ଯୁଗରୁ ରହିଆସିଛି । ବ୍ରିଟିଶ ସରକାର ଆସିବା ପରେ ଶିକ୍ଷାନୀତି ପ୍ରଚଳିତ ହୋଇଥିଲା। ସେତେବେଳ ଶିକ୍ଷାର ସବୁଠାରୁ ବଡ ଉଦ୍ଦେଶ୍ୟ ଥିଲା, ବ୍ରିଟିଶ ସରକାରଙ୍କ ପାଇଁ କିରାଣୀ ଓ ଅଧିକାରୀ ପ୍ରସ୍ତୁତ କରିବା । ଜ୍ଞାନ ଆହରଣ, ଚରିତ୍ର ଗଠନ ସେହି ଶିକ୍ଷା ପଦ୍ଧତିର ଉଦ୍ଦେଶ୍ୟ ନ ଥିଲା । ଏହି ଶିକ୍ଷା ପଦ୍ଧତି ସ୍ୱାଧୀନତା ପରବର୍ତ୍ତୀ ସମୟରେ ବହୁ ବର୍ଷ ଧରି ଚାଲି ଆସିଥିଲା । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଦ୍ୟାଳୟର ଉଦ୍ଦେଶ୍ୟ ହେଉଛି ପାଠ ପଢାଇ ପିଲାଙ୍କୁ ଉତ୍ତମ ନାଗରିକ ଭାବେ ଗଢି ସମାଜ ଗଠନର ଗୁରୁ ଦାୟିତ୍ୱ ନ୍ୟସ୍ତ କରିବା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଦେଶର ଶାସନଭାର ନେଲା ପରେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି। ୨୦୨୦ ମସିହାରେ ମୋଦୀଜୀଙ୍କ ଦିଗ୍‌ଦର୍ଶନରେ ନୂତନ ଶିକ୍ଷାନୀତି ଦେଶରେ ପ୍ରଣୟନ ହୋଇଥିଲା । ଦୁର୍ଭାଗ୍ୟର କଥା, ଆମ ରାଜ୍ୟରେ ଏହି ନୂତନ ଶିକ୍ଷା ନୀତିକୁ ୫ ବର୍ଷ ଧରି ଲାଗୁ କରାଯାଇ ନ ଥିଲା । ଆଜି ଆମ ସରକାର ଆସିବା ପରେ ଏହା ଲାଗୁ କରାଯାଇଛି । ଏହାଦ୍ୱାରା ନିଶ୍ଚିତଭାବେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିବ। ସେ ପୁଣି କହିଥିଲେ ଯେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ଆମେ ପ୍ରାକ୍-ପ୍ରାଥମିକ ଶ୍ରେଣୀ ଶିକ୍ଷା ବା ଶିଶୁବାଟିକା ଆରମ୍ଭ କରିଛୁ । ନୂତନ ଜାତୀୟ ଶିକ୍ଷାନୀତି ଆଧାରରେ ଓଡିଶାରେ ମଧ ନିପୁଣ ଓଡିଶା ମିଶନ ଆରମ୍ଭ କରାଯାଇଛି। ଏଥିରେ ଛାତ୍ରଛାତ୍ରୀ ମାନଙ୍କ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନ ବୃଦ୍ଧି ପାଇଁ ବ୍ୟବସ୍ଥା କରାଯାଇଛି । ନିପୁଣ ଓଡିଶା କାର୍ଯ୍ୟକ୍ରମ ଜରିଆରେ ଆମର ଛାତ୍ରଛାତ୍ରୀମାନେ ନିଶ୍ଚିତଭାବେ ମୌଳିକ ଜ୍ଞାନ ହାସଲ କରି ଉଚ୍ଚଶିକ୍ଷାରେ ସଫଳ ହେବେ। ସେ ଆହୁରି କହିଥିଲେ ପୂର୍ବ ସରକାରଙ୍କ ୫-ଟି ସ୍କୁଲ ଏକ ପ୍ରହସନ ଥିଲା। ମାତ୍ର ୧୬ ପ୍ରତିଶତ ସ୍କୁଲରେ ଇଣ୍ଟରନେଟ ସଂଯୋଗ କରି ଡିଜିଟାଲ ସ୍କୁଲ ନାଁରେ ପ୍ରହସନ ଚାଲିଥିଲା । ବାସ୍ତବ କ୍ଷେତ୍ରରେ ପିଲାମାନଙ୍କ ଉତ୍ତମ ଶିକ୍ଷାଦାନ ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଆମ ସରକାର ଆସିବା ପରେ ଏବେ ପ୍ରାଥମିକ ବିଦ୍ୟାଳୟର ଉନ୍ନତି ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିଛୁ। ଉତ୍ତମ ଭିତ୍ତିଭୂମି ସହିତ ଗୁଣି ଓ ତାଲିମପ୍ରାପ୍ତ ଶିକ୍ଷକ ପଞ୍ଚାୟତ ସ୍ତରରେ ଏହି ବିଦ୍ୟାଳୟ ମାନଙ୍କରେ ଶିକ୍ଷାଦାନ କରିବେ । ଆଦିବାସୀ ପିଲାଙ୍କ ଭିତରେ ଡ୍ରପଆଉଟ ହାର କମାଇବା ପାଇଁ ମାଧୋସିଂ ହାତଖର୍ଚ୍ଚ ଯୋଜନା ଆରମ୍ଭ କରାଯାଇଛି । ଚଳିତବର୍ଷ ବଜେଟରେ ପ୍ରାଥମିକ ଶିକ୍ଷା ପାଇଁ ରେକର୍ଡ ୩୧ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ପିଲାଙ୍କୁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ପୁଷ୍ଟିକର ଖାଦ୍ୟ ମଧ୍ୟାହ୍ନ ଭୋଜନରେ ଯୋଗାଇ ଦିଆଯାଉଛି । ଆଗାମୀ ଦିନରେ ଏହିସବୁ ପଦକ୍ଷେପଗୁଡିକ ରାଜ୍ୟରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବ ସେ କହିଥିଲେ। ବିଦ୍ୟାଳୟ ପକ୍ଷରୁ ଦିଆଯାଇଥିବା ବିଭିନ୍ନ ଦାବି ସଂପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭୀମପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଐତିହ୍ୟ ବିଦ୍ୟାଳୟରେ ସାମିଲ କରାଯିବ। ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ପାଇଁ ଏକ ଡି.ପି.ଆର ପ୍ରସ୍ତୁତ କରିବାପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେ କହିଥିଲେ ସ୍କୁଲ ପକ୍ଷରୁ କରାଯାଇଥିବା ସମସ୍ତ ଦାବୀଗୁଡିକ ନିଶ୍ଚିତଭାବେ ପୂରଣ କରାଯିବ । ଏଥିପାଇଁ ଯାହା ଅର୍ଥ ଆବଶ୍ୟକ, ଆମ ସରକାର ନିଶ୍ଚିତ ଭାବେ ଯୋଗାଇଦେବେ । ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାର ନିର୍ବାଚନ ପୂର୍ବରୁ ଯେଉଁ କଥା ଦେଇଥିଲେ, କଥା ରଖି ସବୁ କାମ କରିଛନ୍ତି । ଚାଷୀ, ମହିଳା, ଯୁବବର୍ଗ, ଗରୀବ-ସମସ୍ତଙ୍କ ପାଇଁ ଆମେ କାମ କରୁଛୁ । ଆଗାମୀ ଦିନରେ ଗଞ୍ଜାମ ଜିଲ୍ଲାରେ ଏକ ଲକ୍ଷ କୋଟିରୁ ଅଧିକ ଟଙ୍କା ନିବେଶରେ ବ୍ୟାପକ ଶିଳ୍ପ ପ୍ରତିଷ୍ଠା ହେବ। ଗଞ୍ଜାମ ଜିଲ୍ଲାର ଯୁବକଯୁବତୀ ମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଅଞ୍ଚଳବାସୀଙ୍କ ଦାବିକୁ ଉଲ୍ଲେଖକରି ମୁଖ୍ୟମନ୍ତ୍ରୀ କହିଲେ ଯେ ଆଗାମୀ ଦିନରେ ଏ ଅଞ୍ଚଳର କିପରି ବିକାଶ ହୋଇପାରିବ, ସେଥିପ୍ରତି ଆମେ ସ୍ୱତନ୍ତ୍ର ଦୃଷ୍ଟି ଦେବୁ । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବ୍ରହ୍ମପୁରକୁ ଆସିବ, ଆପଣମାନଙ୍କ ଦାବି ଓ ସମସ୍ୟା ଶୁଣିବା ପାଇଁ ବ୍ରହ୍ମପୁରକୁ ଆସିବି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍କୁଲର ୪ ଜଣ ବର୍ଷୀୟାନ ପୂରାତନ ଛାତ୍ର ଏବଂ ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପରିବାର ସଦସ୍ୟଙ୍କୁ ମଞ୍ଚକୁ ଡାକି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଜିଲ୍ଲା ଓ ରାଜ୍ୟସ୍ତରରେ କୃତୀତ୍ୱ ଅର୍ଜନ କରିଥିବା ୫ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଏବଂ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର କାର୍ଯ୍ୟକ୍ରମରେ ନିଜର ଅଭିଭାଷଣ ରଖିଥିଲେ। ଖଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଗଞ୍ଜାମ ଜିଲ୍ଲାପାଳ, ସାମନ୍ତିଆପଲ୍ଲୀ ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ସ୍କୁଲର ପୁରାତନ ଛାତ୍ର ରାଧାକୃଷ୍ଣ ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ପ୍ରଧାନଶିକ୍ଷକ ସନ୍ତୋଷ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ଶିକ୍ଷକ ଚିତ୍ତରଞ୍ଜନ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟ ଓ ଅନ୍ତର୍ଜାତୀୟ



ନୂଆଦିଲ୍ଲୀ: ପାକିସ୍ତାନୀ ହିନ୍ଦୁ ଚାରିଧାମ ଯାତ୍ରା ଉପରେ ବ୍ୟାନ୍ ଲଗାଇଲା ଭାରତ । ଜମ୍ମୁ ଓ କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ପାକିସ୍ତାନ ବିରୁଦ୍ଧରେ ଲଗାତାର କଠୋର ପଦକ୍ଷେପ ନେଉଛି । ଏବେ କେନ୍ଦ୍ର ସରକାର ଆକ୍ରମଣ ସମ୍ପର୍କରେ ଆଉ ଏକ କଠୋର ନିଷ୍ପତ୍ତି ନେଇଛନ୍ତି । ସୁରକ୍ଷା କାରଣ ଦର୍ଶାଇ ପାକିସ୍ତାନୀ ହିନ୍ଦୁମାନଙ୍କର ଚାରିଧାମ ଯାତ୍ରା ଉପରେ ପ୍ରତିବନ୍ଧକ ଲଗାଯାଇଛି । ସରକାରଙ୍କ ଏହି ନିଷ୍ପତ୍ତି ପରେ, ଚାରିଧାମ ଯାତ୍ରା ପାଇଁ ପଞ୍ଜିକରଣ କରିଥିବା ୭୭ ଜଣ ପାକିସ୍ତାନୀ ହିନ୍ଦୁ ଶ୍ରଦ୍ଧାଳୁ ଆଉ ଯାତ୍ରା କରିପାରିବେ ନାହିଁ । ତେବେ ଚାରିଧାମ ଯାତ୍ରାକୁ ନେଇ ଭକ୍ତଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳୁଛି । ଏପର୍ଯ୍ୟନ୍ତ ମୋଟ ୨୧ ଲକ୍ଷରୁ ଅଧିକ ଲୋକ ନିଜର ପଞ୍ଜିକରଣ କରିସାରିଛନ୍ତି । ବିଦେଶର ମଧ୍ୟ ୨୪,୭୨୯ ଜଣ ଭକ୍ତ ଯାତ୍ରାରେ ଅଂଶଗ୍ରହଣ କରିବା ପାଇଁ ପଞ୍ଜିକରଣ କରିଛନ୍ତି । ଏହା ସହିତ, ଏହି ଯାତ୍ରାରେ ଅଂଶଗ୍ରହଣ କରିବା ପାଇଁ ପାକିସ୍ତାନରୁ ୭୭ ଜଣ ଶ୍ରଦ୍ଧାଳୁ ନିଜର ନାମ ପଞ୍ଜିକରଣ କରିଥିଲେ ।

## ବ୍ରିକ୍ସ ବୈଠକରେ ଯୋଗ ଦେବେନି ଏସ୍ ଜୟଶଙ୍କର




ନୂଆଦିଲ୍ଲୀ: ଜମ୍ମୁ-କାଶ୍ମୀର ପହଲଗାମ ଆତଙ୍କବାଦୀ ହମଲା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ବିଦେଶ ମନ୍ତ୍ରୀ ଏସ ଜୟଶଙ୍କର ଓ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଏପ୍ରିଲ ୩୦ ତାରିଖରେ ବ୍ରାଜିଲରେ ହେବାକୁ ଥିବା ବ୍ରିକ୍ସ ସୁରକ୍ଷା ବୈଠକରେ ସାମିଲ ହେବେ ନାହିଁ । ଉଭୟଙ୍କ ଅନୁପସ୍ଥିତିରେ ଭାରତୀୟ ବ୍ରିକ୍ସ ଶେରପା ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ । ଏପ୍ରିଲ ୨୨ ତାରିଖରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ହୋଇଥିଲା । ଏହି ହମଲାରେ ୨୬ଜଣ ପ୍ରାଣ ହରାଇଥିବା ବେଳେ ୧୭ଜଣ ଆହତ ହୋଇଛନ୍ତି । ଏହାପରେ ଭାରତୀୟ ସେନା ସର୍ଚ୍ଚ ଅପରେସନକୁ ଜୋରଦାର କରିଛି । ସୁରକ୍ଷାବଳ ଆତଙ୍କୀଙ୍କୁ ଖୋଜି ଖୋଜି ମାରୁଛନ୍ତି । ସେମାନଙ୍କ ଘରକୁ ବିସ୍ଫୋରଣ କରି ଉଡ଼ାଇ ଦେଉଛି ସେନା । ଦେଶର ନାଗରିକଙ୍କ ସୁରକ୍ଷା ପାଇଁ ଭାରତ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ସୂଚନା ଅନୁଯାୟୀ ଏପ୍ରିଲ ୩୦ରୁ ବ୍ରାଜିଲରେ ହେବ ବ୍ରିକ୍ସ ସୁରକ୍ଷା ବୈଠକ । ଏଥିରେ ୧୧ ସଦସ୍ୟ ଦେଶର ବିଦେଶ ମନ୍ତ୍ରୀଙ୍କ ସହିତ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ମାନେ ସାମିଲ ହେବେ । ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଆସନ୍ତା ଜୁଲାଇ ମାସରେ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀରେ ପାଇଁ ଏଜେଣ୍ଡା ପ୍ରସ୍ତୁତ କରିବା ସହ ଅନ୍ତିମ ରୂପ ଦିଆଯିବ । ମିଟିଂରେ ଏଆଇ, କ୍ଲାଇମେଟ୍ ଫାଇନାନ୍ସ, କ୍ରସ ବର୍ଡର, ପେମେଣ୍ଟସ ଇନିସିଏଟିଭ୍ ଓ ମଲ୍ଟିଲାଟେରାଲ୍ ସଂସ୍ଥାର ସୁଧାର ଭଳି ମାମଲାରେ ଚର୍ଚ୍ଚା ହେବ ।

## ଫସଲ ବୃଦ୍ଧିରେ ଛତିଶଗଡ ସାହୁ ସମାଜର ଏକ ପ୍ରମୁଖ ଭୂମିକା ରହିଛି : ବିଷ୍ଣୁ ଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ରବିବାର ରାଜଧାନୀ ରାୟପୁରର ଡିଡ୍ୟ ଅଡିଟୋରିୟମରେ ଆୟୋଜିତ ଗରିମାମୟ ସମାରୋହରେ ଛତିଶଗଡର ତେଲଘାଣୀ ବିକାଶ ବୋର୍ଡ ନବନିଯୁକ୍ତ ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ସାହୁଙ୍କ ପଦଭାର ଗ୍ରହଣ ଅବସରରେ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଶୁଭକାମନା ଜଣାଇଥିଲେ । ତାଙ୍କୁ ଏହି ନୂଆ ଦାୟିତ୍ୱ ଦିଆଯାଇଥିବାରୁ ଶ୍ରୀ ସାଏ ତାଙ୍କର ଉତ୍ତରୋତ୍ତର କାମନା କରିଥିଲେ । ଶ୍ରୀ ସାଏ ଏହି ଅବସରରେ କହିଥିଲେ ଆଜିର ଦିନଟି ଛତିଶଗଡର ସାଂସ୍କୃତିକ ପରମ୍ପରା ଏବଂ ଶ୍ରମଶୀଳତା ସମ୍ମାନର ଉତ୍ସବ ଅଟେ । ଏଥିରେ ଛତିଶଗଡର ଆତ୍ମା ଉଜ୍ଜୀବିତ ରହିଛି । ଜିତେନ୍ଦ୍ର ସାହୁ ଜଣେ ଶିକ୍ଷିତ ଓ ପ୍ରଗତିଶୀଳ ଚାଷୀ । ସାମାଜିକ ଜୀବନରେ ତାଙ୍କର ଦୀର୍ଘ ଦିନରଅଭିଜ୍ଞତା ରହିଛି । ତାଙ୍କ ନେତୃତ୍ୱରେ ଛତିଶଗଡର ବିକାଶ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ । ଶ୍ରୀ ସାଏ କହିଥିଲେ ଯେ, ଶସ୍ୟ କ୍ଷେତ୍ରରେ ଅଧିକ ଉତ୍ପାଦନ ପାଇଁ କୃଷକମାନେ ନିଜକୁ ଆତ୍ମନିର୍ଭରଶୀଳ କରିବା ଜରୁରୀ । ଏହି ଦିଶା ସାହୁ ସମାଜ ଦେଖାଇ ପାରିଛି । ଆଗକୁ ତେଲଘାଣୀ ବିକାଶ ବୋର୍ଡ ଏ କ୍ଷେତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ । ଏହି ଅବସରରେ ବିଧାୟକ ସୁନୀଲ ସୋନି, ଈଶ୍ୱର ସାହୁ, ଦିପେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଭାରତ ଛାଡ଼ିଲେ ୫୩୭ ପାକିସ୍ତାନୀ

## ୨୯ଯାଏଁ ବଢ଼ିଲା ଫେରିବା ସମୟସୀମା


ନୂଆଦିଲ୍ଲୀ: ଭାରତରେ ଥିବା ପାକିସ୍ତାନୀ ନାଗରିକମାନଙ୍କୁ ଦେଶ ଛାଡ଼ିବା ପାଇଁ ଦିଆଯାଇଥିବା ୪୮ ଘଣ୍ଟାର ସମୟସୀମା ଆଜି ଶେଷ ହେଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ଅମୃତସରର ଅଟାରି-ୱାଘା ଯୁଗ୍ମ ଚେକ୍ ପୋଷ୍ଟ ଦେଇ ୫୩୭ ଜଣ ପାକିସ୍ତାନୀ ଫେରିଯାଇଛନ୍ତି । ସେଥିମଧ୍ୟରୁ ଆଜି ୨୩୭ ଜଣ ଫେରିଛନ୍ତି । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଏପ୍ରିଲ ୨୩ ତାରିଖରେ କେନ୍ଦ୍ରୀୟ ସୁରକ୍ଷା କମିଟି ବୈଠକରେ ପାକ୍ ନାଗରିକଙ୍କୁ ଭାରତ ଛାଡ଼ିବାକୁ ନିର୍ଦ୍ଦେଶ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା । ଅଟାରିରେ ଅବସ୍ଥାପିତ ପ୍ରୋଟୋକଲ ଅଫିସର ଅରୁଣ ମାହଲ କହିଛନ୍ତି ଯେ ମେଡିକାଲ ଭିସାରେ ଥିବା ବ୍ୟକ୍ତିଙ୍କ ସମେତ ସମସ୍ତ ଭିସାଧାରୀଙ୍କ ଫେରିବା ତାରିଖକୁ ଏପ୍ରିଲ ୨୯, ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସେପଟେ ଆଜି ସନ୍ଧ୍ୟା ସୁଦ୍ଧା ପାକିସ୍ତାନରୁ ମୋଟ ୧୩୮୭ ଜଣ ଭାରତୀୟ ଫେରିଛନ୍ତି ।

## କୂଅକୁ ଖସିଲା କାର: ୧୦ ମୃତ, ୪ ଆହତ



ମଣ୍ଡସୋର: ମଧ୍ୟପ୍ରଦେଶ ମଣ୍ଡସୋର ଜିଲ୍ଲାରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି । ଏହି ଘଟଣାରେ ୧୦ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି । ମଧ୍ୟାହ୍ନରେ ରାସ୍ତାରେ ଯାଉଥିବା ଏକ ଦ୍ରୁତଗାମୀ କାର ବାଇକକୁ ଧକ୍କା ଦେବା ପରେ ରାସ୍ତାକଡ଼ରେ ଥିବା କୂଅକୁ ଖସିପଡିଥିଲା । ଫଳରେ କାରରେ ଯାତ୍ରା କରୁଥିବା ଯାତ୍ରୀ କୂଅରେ ପଡି ପ୍ରାଣ ହରାଇଛନ୍ତି । ଗାଡି କୂଅକୁ ଖସିପଡିବା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହ ଘଟଣା ସମ୍ପର୍କରେ ପୋଲିସକୁ ସୂଚିତ କରିଥିଲେ । ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ କୂଅରୁ ୧୪ଜଣଙ୍କୁ ଉଦ୍ଧାର କରିବା ସହ ହସ୍ପିଟାଲ ପହଞ୍ଚାଇଥିଲା । ତେବେ ହସ୍ପିଟାଲରେ ୧୦ ଜଣଙ୍କୁ ମୃତ ଘୋଷଣା କରାଯାଇଛି । ଅନ୍ୟ ୪ ଜଣଙ୍କର ଏବେ ଚିକିତ୍ସା ଚାଲିଛି । ଦୁର୍ଘଟଣା ପରେ ଏଥିରୁ ଗ୍ୟାସ୍ ଲିକ୍ ହେବା ଯୋଗୁ ଉଦ୍ଧାର କାର୍ଯ୍ୟରେ ବାଧା ଉପୁଜିଥିଲା । ପ୍ରଶାସନ ଦୁର୍ଘଟଣାରେ ୧୦ ଜଣ ଲୋକଙ୍କ ମୃତ୍ୟୁ ପୁଷ୍ଟି କରିଛି । ଏହି ଦୁର୍ଘଟଣାରେ ଉଦ୍ଧାରକାର୍ଯ୍ୟ ପାଇଁ ଏସଡିଆରଏଫଙ୍କୁ ଡକାଇବାକୁ ପଡିଥିଲା । ଏସଡିଆରଏଫ ଟିମ୍ ଅକ୍ସିଜେନ ଗ୍ୟାସ୍ ନେଇ କୂଅକୁ ପ୍ରବେଶ କରିବା ସହ ମୃତାହତ ଉଦ୍ଧାର ହୋଇଛନ୍ତି । ଏବେ କୂଅରୁ ଭ୍ୟାନଟିକୁ ବାହାରକୁ ବାହାର କରି ଦିଆଯାଇଛି । ସୂଚନା ପାଇ ଉପମୁଖ୍ୟମନ୍ତ୍ରୀ ଜଗଦୀଶ ଦେବଡା ଘଟଣାସ୍ଥଳରେ ପହଞ୍ଚିବା ସହ ଉଦ୍ଧାର ଶେଷ ହେବା ପର୍ଯ୍ୟନ୍ତ ଉପସ୍ଥିତ ଥିଲେ । ଉଦ୍ଧାର ଲୋକଙ୍କୁ ତୁରନ୍ତ ହସ୍ପିଟାଲ ପହଞ୍ଚାଇବାର ବ୍ୟବସ୍ଥା କରିଥିଲେ । ଆହତ ୪ ଜଣଙ୍କ ଚିକିତ୍ସା ଏବେ ଜିଲ୍ଲା ହସ୍ପିଟାଲରେ ଚାଲିଛି । ତେବେ ଭ୍ୟାନଟି କେଉଁଠୁ ଆସୁଥିଲା ଓ କେଉଁଠାକୁ ଯାଉଥିଲା ତାହା ସ୍ପଷ୍ଟ ହୋଇ ନାହିଁ । ଗାଡିରେ ଡ୍ରାଇଭରଙ୍କୁ ମିସାଇ ୧୪ ଜଣ ଯାତ୍ରା କରୁଥିଲେ ।

## ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଭେଟିଲେ ଅନୀଲ ଚୌହାନ




ନୂଆଦିଲ୍ଲୀ : ଜମ୍ମୁ-କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି । ପ୍ରଧାନମନ୍ତ୍ରୀ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ଘୋଷଣା କରିଛନ୍ତି । ଏହି କାର୍ଯ୍ୟାନୁଷ୍ଠାନକୁ ସୁରକ୍ଷା ସଂପର୍କିତ କ୍ୟାବିନେଟ କମିଟି ଅନୁମୋଦନ କରିଛି । ଏଥିପାଇଁ ଦିଲ୍ଲୀରେ ଘନ ଘନ ବୈଠକ ଚାଲିଛି । ସରକାର ବାରମ୍ବାର ତିନି ସେନା ସହ ଆଲୋଚନା କରୁଛନ୍ତି । ରବିବାର ଭାରତୀୟ ସଶସ୍ତ୍ର ବାହିନୀର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନୀଲ ଚୌହାନ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ତାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ଭେଟିଛନ୍ତି । ଏହି ବୈଠକ ପ୍ରାୟ ୪୦ ମିନିଟ୍ ଧରି ଚାଲିଥିଲା । ବୈଠକରେ ଜେନେରାଲ ଚୌହାନ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ବିଭିନ୍ନ ଅପରେସନ୍ ବିଷୟରେ ବିସ୍ତୃତ ଭାବରେ ଅବଗତ କରାଇଥିଲେ ଏବଂ ସେମାନଙ୍କର ବହୁମୁଖୀ ରଣନୀତି ଏବଂ ସେମାନଙ୍କର ପ୍ରଭାବ ବିଷୟରେ ଆଲୋଚନା କରିଥିଲେ ।

## ଦିବ୍ୟାଙ୍ଗ ପାଇଁ ରେଳବାଇ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ




ନୂଆଦିଲ୍ଲୀ: ଯାତ୍ରୀଙ୍କ ସୁବିଧା ପାଇଁ ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରାଯାଇଛି । ଏହାସହିତ ଦିବ୍ୟାଙ୍ଗ ଯାତ୍ରୀଙ୍କ ଯାତ୍ରାକୁ ଆହୁରି ସହଜ ଓ ଆରାମଦାୟକ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ଏହି ନୂଆ ଉଦ୍ୟମରେ ରେଳବାଇ ଏହି ଶ୍ରେଣୀର ଯାତ୍ରୀଙ୍କ ପାଇଁ ଲୋଅର ବର୍ଥ ସଂରକ୍ଷଣ, ହ୍ୱିଲଚେୟାର ସୁବିଧା ଏବଂ ଷ୍ଟେସନରେ ସ୍ୱତନ୍ତ୍ର ସହାୟତା ଭଳି ଅନେକ ସୁବିଧା ଆରମ୍ଭ କରିଛି । ଏହି ଯୋଜନା ଅନୁଯାୟୀ, ୬୦ ବର୍ଷରୁ ଅଧିକ ବୟସର ବରିଷ୍ଠ ନାଗରିକ, ୪୫ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ବୟସର ମହିଳା, ଗର୍ଭବତୀ ମହିଳା ଏବଂ ଦିବ୍ୟାଙ୍ଗ ଯାତ୍ରୀଙ୍କୁ ଟ୍ରେନରେ ଲୋୟର ବର୍ଥ ଆବଣ୍ଟନରେ ପ୍ରାଥମିକତା ଦିଆଯିବ । ରେଳବାଇର ଏକ ରିପୋର୍ଟ ଅନୁସାରେ, ସ୍ଲିପର କ୍ଲାସରେ ପ୍ରତ୍ୟେକ କୋଚ୍‌ରେ ୬ରୁ ୭ଟି ଲୋୟର ବର୍ଥ, ତୃତୀୟ ଏସିରେ ୪ରୁ ୫ଟି ଏବଂ ଦ୍ୱିତୀୟ ଏସିରେ ୩ରୁ ୪ଟି ଲୋୟର ବର୍ଥ ଏହି ଶ୍ରେଣୀର ଯାତ୍ରୀଙ୍କ ପାଇଁ ସଂରକ୍ଷିତ ରହିବ । ଏହି ସଂଖ୍ୟା ଟ୍ରେନରେ କୋଚ୍ ?ର ଉପଲବ୍ଧତା ଅନୁଯାୟୀ ପରିବର୍ତ୍ତନ ହୋଇପାରେ । ଦିବ୍ୟାଙ୍ଗ ଯାତ୍ରୀଙ୍କ ସୁବିଧା ପାଇଁ ରେଳବାଇ ବିଶେଷ ଯୋଜନା କରିଛି । ରାଜଧାନୀ, ଶତାବ୍ଦୀ ଏବଂ ଅନ୍ୟାନ୍ୟ ଏକ୍ସପ୍ରେସ୍ ଟ୍ରେନରେ ଦିବ୍ୟାଙ୍ଗଙ୍କ ପାଇଁ ସ୍ଲିପର କ୍ଲାସରେ ୪ଟି ବର୍ଥ (ଯେଉଁଥିରେ ଅତିକମରେ ୨ଟି ଲୋୟର ବର୍ଥ), ୩ଏସି/୩ଏସିରେ ୪ଟି ବର୍ଥ (୨ଟି ଲୋୟର ବର୍ଥ ସହିତ) ଏବଂ ଦ୍ୱିତୀୟ ସିଟିଂ (୨ଏସ୍) କିମ୍ବା ଏସି ଚେୟାର କାରରେ ୪ଟି ସିଟ୍ ସଂରକ୍ଷିତ ରହିବ । ଯାତ୍ରା ସମୟରେ ଯଦି କୌଣସି ଲୋୟର ବର୍ଥ ଖାଲି ରହେ, ତାହା କେବଳ ଏହି ଶ୍ରେଣୀର ଯାତ୍ରୀଙ୍କୁ ପ୍ରଦାନ କରାଯିବ ।

## ଜେଏନୟୁ ଛାତ୍ରସଂଘ ନିର୍ବାଚନରେ ଆରଜେଡିର ବିଜୟ



ପାଟନା : ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନୟୁ) ଛାତ୍ରସଂଘ ନିର୍ବାଚନରେ ଆରଜେଡି ଛାତ୍ରନେତା ରବି ରାଜ ସ୍କୁଲ ଅଫ ଇଣ୍ଟରନ୍ୟାସନାଲ ଷ୍ଟଡିଜ୍ (ଏସଆଇଏସ)ରେ ବିଜୟୀ ହୋଇଛନ୍ତି । ଆରଜେଡିର ଏହି ବିଜୟକୁ ନେଇ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ ସେୟାର କରାଯାଇଛି । ଯେଉଁଥିରେ ବିଜୟକୁ ନେଇ ଛାତ୍ର ଆରଜେଡି ସମର୍ଥକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଯାଉଛି । ଏଥିରେ ଭିଡିଓ ସହିତ ଏକ ପୋଷ୍ଟ ମଧ୍ୟ କରାଯାଇଛି, ଯେଉଁଥିରେ ଲେଖା ଯାଇଛି 'ଜେଏନୟୁରେ ବି ଜଳିଲା ଲଣ୍ଠନ' । ପୋଷ୍ଟରେ ଲେଖା ଯାଇଛି ଯେ ସାମାଜିକ ନ୍ୟାୟ, ସମାଜବାଦ ଓ ଧର୍ମନିରପେକ୍ଷ ରାଜନୀତିର ପ୍ରଣେତା ଲାଲୁ ପ୍ରସାଦ ତଥା ସବୁଠୁ ଲୋକପ୍ରିୟ ଯୁବ ନେତା ତେଜସ୍ୱୀ ଯାଦବଙ୍କ ବିକାଶିତ ବିହାର ମିସନ, ଭବିଷ୍ୟତ ଦର୍ଶନ ତଥା ତାଙ୍କର ସକରାତ୍ମକ ଓ ପ୍ରଗତିବାଦୀ ରଜନୀତି ନେତୃତ୍ୱରେ ପ୍ରଭାବିତ ଛାତ୍ର, ଛାତ୍ରୀ ଓ ବଢୁଥିବା ଯୁବକଙ୍କ ସମର୍ଥନର ଫଳାଫଳ ଏହି ନିର୍ବାଚନରେ ପରିଣାମ ବୋଲି କୁହାଯାଇଛି । ଏଥିରେ ଉଲ୍ଲେଖ କରାଯାଇଛି ଯେ ମାତ୍ର କିଛି ବର୍ଷରେ ଛାତ୍ର ଆରଜେଡି ଜେଏନୟୁରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ।

# ବାଣିଜ୍ୟ



ନୂଆଦିଲ୍ଲୀ: ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ଏବଂ ଭାରତ ମଧ୍ୟରେ ପରିସ୍ଥିତି ଗମ୍ଭୀର ହୋଇପଡ଼ିଛି । ଭାରତ ପାକିସ୍ତାନ ବିରୁଦ୍ଧରେ ଅନେକ କଠୋର ପଦକ୍ଷେପ ନେଇଛି । ଅନ୍ୟପକ୍ଷରେ, ପାକିସ୍ତାନ ମଧ୍ୟ ଭାରତ ବିରୋଧରେ ଅନେକ ନିଷ୍ପତ୍ତି ନେଇଛି । ଏହି ଦୁଇ ଦେଶ ମଧ୍ୟରେ ପରିସ୍ଥିତିକୁ ଦେଖିଲେ, ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି ଯେ ଯଦି ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଏ, ତେବେ ସେମାନଙ୍କର ଅର୍ଥନୀତି ଉପରେ କ'ଣ ପ୍ରଭାବ ପଡ଼ିବ । ଏହା ସହିତ ଉଭୟ ଦେଶର ସୁନା ଭଣ୍ଡାର ଉପରେ ମଧ୍ୟ ଆଲୋଚନା ଆରମ୍ଭ ହୋଇଛି । ବିଶ୍ୱ ସୁନା ପରିଷଦର ରିପୋର୍ଟ ଅନୁଯାୟୀ, ଡିସେମ୍ବର ୨୦୨୪ ସୁଦ୍ଧା ପାକିସ୍ତାନରେ ୬୪.୭ ଟନ୍ ସୁନା ଗଚ୍ଛିତ ଥିଲା । ଯଦି ଆମେ ଏହାର ମୂଲ୍ୟ ଆକଳନ କରିବା, ତେବେ ଏହା ପ୍ରାୟ ୫.୪୩ ବିଲିୟନ ଡଲାର ହେବ । ରିଜର୍ଭ ବ୍ୟାଙ୍କ ତଥ୍ୟ ଅନୁଯାୟୀ, କେବଳ ଭାରତୀୟ ପରିବାର ପାଖରେ ଗଚ୍ଛିତ ରହିଥିବା ସୁନାର ପରିମାଣ ୨୫ ରୁ ୨୭ ହଜାର ଟନ୍ ସହ ସମାନ । ସବୁଠାରୁ ବଡ଼ କଥା ହେଉଛି ଏହା ଭାରତର ସରକାରୀ ସୁନା ଭଣ୍ଡାରଠାରୁ ଭିନ୍ନ । ଏହାର ଅର୍ଥ ହେଉଛି, ଯଦି କେବଳ ଭାରତୀୟ ପରିବାରର ସୁନାକୁ ଅଲଗା ରଖାଯାଏ, ତେବେ ସେହି ସୁନା ପାକିସ୍ତାନ ସରକାରଙ୍କ ପାଖରେ ଥିବା ମୋଟ ସୁନା ଅପେକ୍ଷା ହଜାର ଗୁଣ ଅଧିକ ହେବ ।

## ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ରାଜସ୍ୱ ରେକର୍ଡ ୧୦ ଲକ୍ଷ କୋଟି ଟଙ୍କା ଟପିଲା




ମୁମ୍ବାଇ: ଦେଶର ପ୍ରଥମ କମ୍ପାନୀ ଭାବରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ୧୦ ଲକ୍ଷ କୋଟି ଟଙ୍କାର ନେଟଓ୍ୱର୍ଥ ହାସଲ କରିଛି । କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଥିବା ୨୦୨୪-୨୦୨୫ ବର୍ଷର ଆର୍ଥିକ ଫଳାଫଳ ଅନୁଯାୟୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ମୋଟ ରାଜସ୍ୱ ରେକର୍ଡ ୧୦, ୭୧,୧୭୪ କୋଟି ଟଙ୍କା ହୋଇଛି । ଏହି ଆର୍ଥିକ ବର୍ଷରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ନେଟ ଲାଭ ପୂର୍ବ ବର୍ଷ ତୁଳନାରେ ୨.୯ ପ୍ରତିଶତ ବୃଦ୍ଧି ସହ ୮୧୩୦୯ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି । ଜାନୁୟାରୀ-ମାର୍ଚ୍ଚ ତ୍ରୈମାସିକରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ମୋଟ ରାଜସ୍ୱ ପୂର୍ବ ବର୍ଷ ସମାନ ସମୟ ତୁଳନାରେ ୮.୮ ପ୍ରତିଶତ ବଢି ୨୮୮୧୩୮ କୋଟି ଟଙ୍କା ହୋଇଥିବା ବେଳେ ଏହି ତ୍ରୈମାସିକରେ ନେଟ ଲାଭ ପୂର୍ବ ବର୍ଷ ସମାନ ସମୟ ତୁଳନାରେ ୬.୪ ପ୍ରତିଶତ ବଢି ୨୨୬୧୧ କୋଟି ଟଙ୍କା ରହିଥିଲା । କମ୍ପାନୀର ତୈଳ ଓ ରସାୟନ କ୍ଷେତ୍ରର ରାଜସ୍ୱ ଗତ ବର୍ଷ ସମାନ ସମୟ ତୁଳନାରେ ୧୫.୪ ପ୍ରତିଶତ ବଢି ମାର୍ଚ୍ଚ ତ୍ରୈମାସିକରେ ୧୬୪୬୧୩ କୋଟି ଟଙ୍କା ରହିଥିଲା । ସେହିଭଳି ରିଲାଏନ୍ସ ରିଟେଲର ଜାନୁୟାରୀ-ମାର୍ଚ୍ଚ ତ୍ରୈମାସିକରେ ମୋଟ ରାଜସ୍ୱ ପୂର୍ବ ବର୍ଷ ସମାନ ସମୟ ତୁଳନାରେ ୧୫.୭ ପ୍ରତିଶତ ବଢି ୮୮୬୨୦ କୋଟି ଟଙ୍କା ହୋଇଥିଲା । ଏହି ତ୍ରୈମାସିକରେ ରିଲାଏନ୍ସ ରିଟେଲ ୧୦୮୯ ଟି ନୂଆ ଷ୍ଟୋର ଖୋଲିବା ସହିତ ମାର୍ଚ୍ଚ ଶେଷ ସୁଦ୍ଧା ଦେଶରେ ଏହାର ମୋଟ ଷ୍ଟୋର ସଂଖ୍ୟା ୧୯୩୪୦କୁ ବୃଦ୍ଧି ପାଇଛି । ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଡିଜିଟାଲ୍ ଉଦ୍ୟୋଗ ଜିଓ ପ୍ଲାଟଫର୍ମସର ୨୦୨୪-୨୫ ଆର୍ଥିକ ବର୍ଷର ଚତୁର୍ଥ ବା ଶେଷ ତ୍ରୈମାସିକରେ ନେଟ ଲାଭ ୨୫.୭ ପ୍ରତିଶତ ବୃଦ୍ଧି ପାଇ ୭,୦୨୨ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି । ଏହି ତ୍ରୈମାସିକରେ ଜିଓର ପ୍ରତି ଉପଭୋକ୍ତା ହାରାହାରି ମାସିକ ରାଜସ୍ୱ (ଆରପୁ) ୧୩.୫ ପ୍ରତିଶତ ବୃଦ୍ଧି ପାଇ ୨୦୬.୨ ଟଙ୍କା ହୋଇଛି, ଯାହା ମାର୍ଚ୍ଚ ୨୦୨୪ ତ୍ରୈମାସିକରେ ୧୮୧.୭ ଟଙ୍କା ରହିଥିଲା । ଏହି ତ୍ରୈମାସିକରେ ଜିଓ ୬୧ ଲକ୍ଷରୁ ଅଧିକ ଉପଭୋକ୍ତା ଯୋଡିବା ସହିତ ମାର୍ଚ୍ଚ ୩୧ ସୁଦ୍ଧା ଜିଓର ମୋଟ ଉପଭୋକ୍ତା ସଂଖ୍ୟା ୪୮.୮୨ କୋଟି ରହିଥିଲା । ଜିଓର ୫ଜି ଉପଭୋକ୍ତା ସଂଖ୍ୟା ମାର୍ଚ୍ଚ ଶେଷ ସୁଦ୍ଧା ୧୯ କୋଟିରୁ ଅଧିକ ରହିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି । ମାର୍ଚ୍ଚ ୩୧, ୨୦୨୫ ରେ ଶେଷ ହୋଇଥିବା ଆର୍ଥିକ ବର୍ଷ ପାଇଁ, ଜିଓର ନେଟ ଲାଭ ପୂର୍ବ ବର୍ଷ ତୁଳନାରେ ପ୍ରାୟ ୨୨ ପ୍ରତିଶତ ବୃଦ୍ଧି ପାଇ ୨୬,୧୨୦ କୋଟି ଟଙ୍କା ହୋଇଛି ଯାହା ପୂର୍ବ ବର୍ଷ ଏହି ଅବଧିରେ ୨୧,୪୩୪ କୋଟି ଟଙ୍କା ଥିଲା । ୨୦୨୪-୨୦୨୫ ଆର୍ଥିକ ବର୍ଷରେ ଜିଓ ପ୍ଲାଟଫର୍ମସର ପରିଚାଳନାଗତ ରାଜସ୍ୱ ପ୍ରାୟ ୧୭ ପ୍ରତିଶତ ବୃଦ୍ଧି ପାଇ ୧,୨୮,୨୧୮ କୋଟି ଟଙ୍କା ହୋଇଛି ଯାହା ଆର୍ଥିକ ବର୍ଷ ୨୦୨୩-୨୪ ରେ ୧,୦୯,୫୫୮ କୋଟି ଟଙ୍କା ରହିଥିଲା ।

## ସ୍ୱିଗି ସିକ୍ସର ଶୁଭାରମ୍ଭ

ନୂଆଦିଲ୍ଲୀ : ଭାରତର ଅଗ୍ରଣୀ ଅନ-ଡିମାଣ୍ଡ କନ୍‌ଭେନିଏନ୍ସ ପ୍ଲାଟଫର୍ମ ସ୍ୱିଗି, (ସ୍ୱିଗି ଲିମିଟେଡ୍, ଏନଏସଇ: ସ୍ୱିଗି / ବିଏସଇ: ୫୪୪୨୮୫) ସ୍ୱିଗି ସିକ୍ସର ଶୁଭାରମ୍ଭ କରିଛି । ଏହା ଏକ ରିୟଲ-ଟାଇମ୍, ମ୍ୟାଚ ଲିଙ୍କ୍ ଅଫର ଅଟେ ଯାହା ଚଳିତ କ୍ରିକେଟ ଋତୁର ଉତ୍ସାହକୁ ବଢ଼ାଇବା ଏବଂ ଆପଣଙ୍କ ପ୍ରିୟ ରେଷ୍ଟୁରାଂଟ ଉପରେ ଅଧିକ ଅଫର ପାଇବା ପାଇଁ ଡିଜାଇନ୍ ହୋଇଛି । ସ୍ୱିଗି ସିକ୍ସ ଜରିଆରେ ଉପଭୋକ୍ତାମାନେ ଦେଶର ୫୦,୦୦୦ ରୁ ଅଧିକ ରେଷ୍ଟୁରାଂରୁ ଅର୍ଡର ଉପରେ ୬୬% ରିହାତି, ୨୬୬ ଟଙ୍କା ରିହାତି, ୧୬୬ ଟଙ୍କା ରିହାତି କିମ୍ବା ୬୬ ଟଙ୍କା ରିହାତି ଭଳି ଆକର୍ଷଣୀୟ ରିହାତି ପାଇପାରିବେ । ଲାଇଭ୍ କ୍ରିକେଟ୍ ମ୍ୟାଚ୍ ସମୟରେ ଛକା ମାରିବା କ୍ଷଣି ଏହି ସୀମିତ ସମୟ ଅଫର ସକ୍ରିୟ ହୋଇଯାଏ ଏବଂ ମାତ୍ର ୧୦ ମିନିଟ୍ ପାଇଁ ବୈଧ ରହିଥାଏ । ସ୍ୱିଗି ଆପରେ ଏକ ରିୟଲ ଟାଇମ 'ବଲ୍ ଫ୍ଲୋଟି' ଟାଇମର ଦେଖାଯାଏ ଯେଉଁଥିରେ 'ଏ ସିକ୍ସ ୱାଜ ହିଟ୍ ! ଅଫର ଅନଲକଡ୍', ଦେଖା ଯାଇଥାଏ ଯାହା ଉପଭୋକ୍ତାଙ୍କୁ ସହଜରେ ଲାଇଭ୍ ଅନଲକ୍ ଟ୍ରାକ୍ କରିବାକୁ ଅନୁମତି ଦିଏ । ଏହି ଅଫରର ଲାଭ ଉଠାଇବା ପାଇଁ ୟୁଜର୍ସଙ୍କୁ ଛକା ମାରିବା ପରେ ୧୦ ମିନିଟର ୱିଣ୍ଡୋ ଭିତରେ ନିଜର ଅର୍ଡର ରଖିବାକୁ ପଡିବ । ଚେକ୍ ଆଉଟ୍ ସମେତ ପୂରା ଅର୍ଡର ଯାତ୍ରା ଏହି ଅବଧି ମଧ୍ୟରେ ଶେଷ ହେବା ଜରୁରୀ । ଏହି ଅଭିଯାନ ସମ୍ପର୍କରେ ସ୍ୱିଗି ଫୁଡ୍ ମାର୍କେଟପ୍ଲେସ୍ ର ଚିଫ୍ ବିଜନେସ୍ ଅଫିସର ସିଦ୍ଧାର୍ଥ ଭାକୁ କହିଛନ୍ତି ଯେ, ଗ୍ରାହକଙ୍କ ପାଇଁ ଦୈନନ୍ଦିନ ମୁହୂର୍ତ୍ତକୁ ଆନନ୍ଦଦାୟକ କରିବା ପାଇଁ ଆମେ ନିରନ୍ତର ଅର୍ଥପୂର୍ଣ୍ଣ ଉପାୟ ଖୋଜୁଛୁ । ସ୍ୱିଗି ସିକ୍ସ ସହ ଆମେ ଭାରତ କୁ ଭଲ ପାଉଥିବା ଦୁଇଟି ଜିନିଷ- କ୍ରିକେଟ୍ ଏବଂ ଖାଦ୍ୟକୁ ଏକାଠି କରୁଛୁ, ଯାହା ଉତ୍ସାହ ଏବଂ ଆଶ୍ଚର୍ଯ୍ୟର ଉପାଦାନ ଯୋଡିଛି ଏବଂ ଏହା ମ୍ୟାଚ୍ ଅନୁଭୂତିକୁ ଆହୁରି ଆକର୍ଷଣୀୟ ଏବଂ ଆନନ୍ଦଦାୟକ କରୁଛି । ଏହି ସୀମିତ ସମୟ ର ଫିଚରକୁ ଠିକ୍ ସମୟରେ ପୁରସ୍କାର ଏବଂ ଅତିରିକ୍ତ ସୁବିଧା ସହିତ ମ୍ୟାଚ୍ ଅଭିଜ୍ଞତାକୁ ବଢ଼ାଇବା ପାଇଁ ଡିଜାଇନ୍ କରାଯାଇଛି ।

## ରେନଲ୍ଟର ନୂତନ ଡ଼ିଜାଇନ କେନ୍ଦ୍ର ଉଦ୍‌ଘାଟିତ



ଚେନ୍ନାଇ : ରେନଲ୍ଟ ଇଣ୍ଡିଆ ଚେ଼ନ୍ନାଇଠାରେ ରେନଲ୍ଟ ଡ଼ିଜାଇନ କେନ୍ଦ୍ରର ଉଦ୍‌ଘାଟନ କରିଛି । ଚେ଼ନ୍ନାଇ ଠାରେ ଆଜି ଉଦ୍‌ଘାଟିତ ଏହି ନୂତନ ରେନଲ୍ଟ ଡ଼ିଜାଇନ କେନ୍ଦ୍ର ରୂପାନ୍ତରୀକରଣ ଏବଂ 'ଡ଼ିଜାଇନ ଇନ ଇଣ୍ଡିଆ' ଭଳି ରେନଲ୍ଟର ଉଚ୍ଚାଭିଳାଷାକୁ ତ୍ୱରାନ୍ୱିତ କରିବା ସହିତ 'ମେକ୍ ଇନ ଇଣ୍ଡିଆ'ର ମୂଳଦୁଆକୁ ଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାରେ ସକ୍ଷମ ହୋଇପାରିବ । ଫରାସୀ କାରପ୍ରସ୍ତୁତକାରୀ ନିଶ୍ଚିତ କରିଛନ୍ତି ଯେ ୨୦୨୫ ମସିହା ରେନଲ୍ଟ ପାଇଁ ଭାରତରେ ଏକ ପରିବର୍ତ୍ତିତ ସ୍ୱରକୁ ଚିହ୍ନିତ କରିବା ସହିତ କମ୍ପାନୀୟର ପରବର୍ତ୍ତି ଏକ ବିରାଟ ଲ ପ୍ରଦାନକୁ ନେଇ ସମଗ୍ର ବିଶ୍ୱରେ ରହିଥିବା ତୃତୀୟ ସର୍ବବୃହତ୍ ଅଟୋମୋବାଇଲ ବଜାରରେ ନିଜର ଉଚ୍ଚାଭିଳାଷୀତାକୁ ସମ୍ପନ୍ନ କରିପାରିବ । 'ଭାରତରେ 'ରେନଲ୍ଟ ପୁନଃ-ବିଚ୍ଚର' ରଣନୀତିର ଶୁଭାରମ୍ଭ ରେନଲ୍ଟ ପାଇଁ ଏଭଳି ଏକ ନୂତନ ଯୁଗର ପ୍ରତିଷ୍ଠା କରିପାରିଛି । ଡ଼ିଜାଇନ କେନ୍ଦ୍ରର ଅନାବରଣ ତଥା ରେନଲ୍ଟ ପୁନଃ-ବିଚ୍ଚରର ରଣନୀତିଗୁଡ଼ିକ ଆନ୍ତର୍ଜାତୀୟ ଗେମପ୍ଲାନର କାର୍ଯ୍ୟକାରୀତା ଦିଗରେ ଅନେକ କିଛି ପ୍ରତିଫଳିତ କରିବା ସହିତ ଭାରତରେ ଏହାର ଦୃଷ୍ଟିଆକର୍ଷଣକୁ ଅଧିକ ବୃଦ୍ଧି କରିଛି । ଏଭଳି ଏକ ପ୍ରଯୁଜ୍ୟକାରୀ ପଦକ୍ଷେପ ଯାହାକି ରେନଲ୍ଟ ଗ୍ରୁପର ନିଜ ଘରୋଇ ମାଟିରେ ନିଜର ଦୃଢ଼ ଦକ୍ଷତାକୁ ନେଇ ଏହାର ଉଚ୍ଚାଭିଳାଷୀତାକୁ ପ୍ରସାରିତ କରିବା ଦିଗରେ ବ୍ୟବସ୍ଥିତ ପଥ ପରିଷ୍କାର କରିବ ଏଥିରେ କୌଣସି ଦ୍ୱିବିଧା ନାହିଁ । ଚେ଼ନ୍ନାଇ ଠାରେ ରେନଲ୍ଟ ଗ୍ରୁପର ଏକ ସର୍ବବୃହତ୍ ଆରଆଣ୍ଡଡ଼ି କେନ୍ଦ୍ର ପ୍ରତିଷ୍ଠିତ ହୋଇଛି ଯାହାକି ବିଶ୍ୱସ୍ତରୀୟ ଅଟେ ଯେଉଁଠାରେ ପାଖାପାଖି ୧୦,୦୦୦ରୁ ଅଧିକ ଶକ୍ତିଶାଳୀ ଇନିୟର ନିଯୁକ୍ତି ପାଇଛନ୍ତି । ରେନଲ୍ଟ ମେଡ଼-ଇନ- ଇଣ୍ଡିଆ ଏହି ଦର୍ଶନକୁ ଆବୋରି ନେଇ ଏହାର ସମସ୍ତ ଯାନର ଅଂଶବିଶେଷର ଉତ୍ସକୁ ଏଠାରୁ ନେଇ ଯାନ ଉତ୍ପାଦନ ଦିଗରେ ବିଶ୍ୱସ୍ତରୀୟ ମାନ୍ୟତା ଆଣିପାରିଛି । ଏଠାରେ ରହିଥିବା ଏକ ବିରାଟକାୟ ତଥା ସମ୍ପୂର୍ଣ୍ଣ କାର୍ଯ୍ୟକାରୀତା କମ୍ପାନୀର ଭାରତୀୟ ବଜାରରେ ଏହାର ଅଭିବୃଦ୍ଧିକୁ ଆଲୋକପାତ କରିପାରିଛି । ଭାରତରେ ରେନଲ୍ଟ ୨୦୦୫ ମସିହାରୁ ଏହାର ଉପସ୍ଥିତି ଜାହିର କରିବା ସହିତ ମୁମ୍ବାଇଠାରେ ଏହାର ପ୍ରାରମ୍ଭିକ କାର୍ଯ୍ୟଧାରା ଆରମ୍ଭ କରିଛି । ଭାରତରେ ରେନଲ୍ଟ ଡ଼ିଜାଇ କେନ୍ଦ୍ରର ଉଦ୍‌ଘାଟନ ଏକ ଗୁରୁତ୍ୱପୂର୍ଣ୍ଣ ରେନଲ୍ଟ ପୁନଃ-ବିଚ୍ଚରର ଭାବନାକୁ ପ୍ରତୀୟମାନ କରିବା ସହିତ ଉଚ୍ଚମାନର ଜ୍ଞାନକୌଶଳର ବିଷୟବସ୍ତୁକୁ ଉପସ୍ଥାପିତ କରିବା ସହିତ ଭାରତରେ ରେନଲ୍ଟର ରୂପାନ୍ତରୀକରଣ ରଣନୀତି ସହିତ ଏହାର ସ୍ଥାପତ୍ୟର ଗଠନକୁ ଉଜ୍ଜିବୀତ କରିବାର ବଚ଼ନବଦ୍ଧତାକୁ ପୁନଃ ସଂଜ୍ଞାକରଣ କରିଛି ।

## ରୟାଲ ଏନ୍‌ଫିଲ୍ଡର ହଣ୍ଟର ୩୫୦ର ଶୁଭାରମ୍ଭ



ନୂଆଦିଲ୍ଲୀ: ମିଡ୍-ସାଇଜ ମୋଟରସାଇକେଲ ସେଗମେଂଟରେ ଏକ ଗ୍ଲୋବାଲ ଲିଡର, ରୟାଲ ଏନ୍‌ଫିଲ୍ଡ ପକ୍ଷରୁ ଏହାର ଲୋକପ୍ରିୟ ଷ୍ଟ୍ରିଟ ରୋଡ୍‌ଷ୍ଟରର ଏକ ନୂଆ, ଫିଚର-ପ୍ୟାକ୍ଡ ଅପ୍‌ଗ୍ରେଡ - ୨୦୨୫ ହଂଟର୍ ୩୫୦ର ଶୁଭାରମ୍ଭ କରାଯାଇଛି । ବିଶ୍ୱର ସବୁଠାରୁ ଆକର୍ଷଣୀୟ ସ୍ଥାନଗୁଡିକ ଦ୍ୱାରା ଅନୁପ୍ରାଣିତ ଓ ବିଶ୍ୱବ୍ୟାପୀ ଗ୍ରାହକଙ୍କ ପାଇଁ ଡିଜାଇନ କରାଯାଇଥିବା ୨୦୨୫ ହଂଟର ୩୫୦ ୩ଟି ନୂଆ ରଙ୍ଗ, ଅପ୍‌ଗ୍ରେଡେଡ ଫିଚର ସହିତ ଆସିଛି । ସହରର ରାସ୍ତାଗୁଡିକ ପାଇଁ ନିର୍ମିତ ଏବଂ ପୂର୍ବ ତୁଳନାରେ ଅଧିକ ଆରାମଦାୟକ ଓ ସକ୍ଷମ ହୋଇଥିବା ୨୦୨୫ ହଂଟର୍ ୩୫୦କୁ ଏକାସଙ୍ଗେ ମୁମ୍ବାଇ ଓ ଦିଲ୍ଲୀରେ ଆୟୋଜିତ ରୟାଲ ଏନ୍‌ଫିଲ୍ଡର ପ୍ରଥମ ଷ୍ଟ୍ରିଟ କଲ୍‌ଚର ଫେଷ୍ଟିଭାଲ ହଂଟରହୁଡରେ ଉନ୍ମୋଚନ କରାଯାଇଛି । ଏହାର ଲଂଚ ପରଠାରୁ ଏହି ମୋଟରସାଇକେଲ ବିଶ୍ୱବ୍ୟାପୀ ୫ ଲକ୍ଷରୁ ଅଧିକ ଏକ ବିଶ୍ୱସ୍ତ ଓ ବର୍ଦ୍ଧିତ ସମୁଦାୟର ଗଠନ କରିଛି, ଯାହା ରୟାଲ ଏନ୍‌ଫିଲ୍ଡର ଅନ୍ୟତମ ଦ୍ରୁତ-ଅଭିବୃଦ୍ଧିଶୀଳ ମଡେଲରେ ପରିଣତ ହୋଇଛି । ଏହି ଶୁଭାରମ୍ଭ ଅବସରରେ ରୟାଲ ଏନ୍‌ଫିଲ୍ଡର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ୟଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି, ୨୦୨୫ ହଂଟର ୩୫୦ ଆମ ପୋର୍ଟଫୋଲିଓରେ ଏକ ସ୍ୱତନ୍ତ୍ର ମୋଟରସାଇକେଲ ରହିଆସିଛି ଯାହାକି ଶକ୍ତିଶାଳୀ ଓ ଆକର୍ଷଣୀୟ ହେବା ସହିତ ଏହାକୁ ପ୍ରଥମ ଥରର ରାଇଡର ଓ ସହରର ଯାତ୍ରୀଙ୍କ ଦ୍ୱାରା ବହୁମାତ୍ରାରେ ପସନ୍ଦ କରାଯାଉଛି ।

## ଏନ୍‌ଏସ୍‌ଇ ପକ୍ଷରୁ ୧କୋଟିର ସହାୟତା

ନୂଆଦିଲ୍ଲୀ : ଜମ୍ମୁ ଓ କଶ୍ମୀରର ପହଲଗାମ ଠାରେ ଗତ ଏପ୍ରିଲ ୨୨, ୨୦୨୫ରେ ଘଟିଥିବା ଦୁଃଖଦ ଆତଙ୍କବାଦୀ ଆକ୍ରମଣ ପୁରା ଦେଶକୁ ସ୍ତବ୍ଧ କରିଦେଇଛି । ଯେଉଁଥିରେ ଅନେକ ନୀରିହ ଲୋକଙ୍କ ଜୀବନ ଚାଲିଯାଇଛି ଏବଂ ସମଗ୍ର ଦେଶରେ ଶୋକର ଛାୟା ଖେଳିଯାଇଛି । ଏଭଳି ପରିସ୍ଥିତିରେ ନ୍ୟାସନାଲ ଷ୍ଟକ ଏକ୍ସଚେ ଅଫ ଇଣ୍ଡିଆ (ଏନଏସଇ) ଏହି ଆକ୍ରମଣରେ ପୀଡିତଙ୍କ ପ୍ରତି ସମର୍ଥନ ପାଇଁ ଆଗେଇ ଆସିଛି । ଏହି ହୃଦୟ ବିଦାରକ ହିଂସାକାଣ୍ଡରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ ସହାୟତା କରିବା ପାଇଁ ସମୁଦାୟ ୧ କୋଟି ଟଙ୍କା (ଅର୍ଥାତ୍ ପରିବାର ପିଛା ପାଖାପାଖି ୪ ଲକ୍ଷ ଟଙ୍କା) ଦେବାକୁ ପ୍ରତିଶ୍ରୁତି ଦେଇଛି ଏନଏସଇ । ଏହି ଦୁଃଖ ଏବଂ ସଙ୍କଟ ସମୟରେ ଏନଏସଇ ଦେଶ ସହିତ ଦୃଢ଼ ଭାବେ ଠିଆ ହୋଇଛି । ଏନେଇ ଏନଏସଇର ଏମଡି ଏବଂ ସିଇଓ ଆଶିଷ କୁମାର ଚୌହାନ କହିଛନ୍ତି, 'ଏହା ଆମ ଦେଶ ପାଇଁ ଏକ ସାମୂହିକ ଶୋକର ମୁହୂର୍ତ୍ତ ।

## ସିଗ୍ନିଫାଏ ପକ୍ଷରୁ ନୂଆ ରେଞ୍ଜର ଇକୋଲିଙ୍କ ଫ୍ୟାନ୍ ଉନ୍ମୋଚିତ



ନୂଆଦିଲ୍ଲୀ: ସିଗ୍ନିଫାଏ ପକ୍ଷରୁ ଇକୋଲିଙ୍କ ଫ୍ୟାନର ଏକ ଅଭିନବରେ ଶୁଭାରମ୍ଭ କରାଯାଇଛି ଯାହା ଅଧିକ ସ୍ପିଡର କାର୍ଯ୍ୟଦକ୍ଷତା, ଉନ୍ନତ ଏୟାର ଡେଲିଭରି ଓ ଶକ୍ତି ଦକ୍ଷ ଟେକ୍ନୋଲୋଜି ପ୍ରଦାନ କରୁଛି । ବିକଶିତ ଉପଭୋକ୍ତା ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଥିବା ଏହି ନୂତନ ଶୃଙ୍ଖଳା ବିଏଲଡିସି ଟେକ୍ନୋଲୋଜି ସହ ୪ଟି ନୂଆ ମଡେଲ : ଏରୋଏଲିଭେଟ, ଏରୋକ୍ୱାଡ, ଏରୋଜିଓମେଟ୍ରି ଓ ଏରୋଜୁଏଲ ଏବଂ ସିଗ୍ନିଫାଏର ଆଇଓଟି ପ୍ଲାଟଫର୍ମ ୱିଜ ଦ୍ୱାରା ପରିଚାଳିତ ୨ଟି ନୂଆ ସ୍ମାର୍ଟ ମଡେଲ ଯଥା ଏରୋଜିଓମେଟ୍ରି ସ୍ମାର୍ଟ ଓ ଏରୋଜୁଏଲ ସ୍ମାର୍ଟର ଶୁଭାରମ୍ଭ କରିଛି । ୫୮୫୦ ଟଙ୍କା ଓ ୮୭୦୦ ଟଙ୍କାର ଏମଆରପି ରେ ସହିତ ଏହି ଉତ୍ପାଦ ଶୃଙ୍ଖଳାରେ ୪ଟି ଅଭିନବ ମଡେଲ- ଏରୋଏଲିଭେଟ, ଏରୋକ୍ୱାଡ, ଏରୋଜିଓମେଟ୍ରି, ଏରୋଜୁଏଲ ସାମିଲ ରହିଛି । ଏହି ସମସ୍ତ ମଡେଲକୁ ଉନ୍ନତ ବାୟୁ ବିତରଣ, ଦକ୍ଷ କାର୍ଯ୍ୟଦକ୍ଷତା ଓ ଅଧିକ ଶକ୍ତି ସଂଚୟ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି । ଏହି ଶୁଭାରମ୍ଭ ସମ୍ପର୍କରେ ସିଗ୍ନିଫାଏ, ଗ୍ରେଟର ଇଣ୍ଡିଆର ଏମଡି ଓ ସିଇଓ ସୁମିତ ଯୋଶୀ କହିଛନ୍ତି, 'ଆମେ ଆମର ଇକୋଲିଙ୍କ ଫ୍ୟାନ୍‌ର ନୂଆ ଶକ୍ତିଶାଳୀ ରେର ଶୁଭାରମ୍ଭ କରି ଉତ୍ସାହିତ ରହିଛୁ, ଯାହାକୁ ଉପଭୋକ୍ତାଙ୍କ ବିକଶିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି । ଏରୋଏଲିଭେଟ, ଏରୋକ୍ୱାଡ, ଏରୋଜିଓମେଟ୍ରି ଓ ଏରୋଜୁଏଲ ଭଳି ମଡେଲଗୁଡିକ ସହିତ ଆମେ ଡିଜାଇନର ଏଲଇଡି ସ୍ପିଡ ଇଣ୍ଡିକେଟର, ବିଏଲଡିସି ଟେକ୍ନୋଲୋଜି, ଆରଏଫ ରିମୋଟ ଟେକ୍ନୋଲୋଜି ଏବଂ ଏକ ସିଲିଂ ଆଡଜଷ୍ଟେବୁଲ ମାଉଂଟିଙ୍ଗ ମେକାନିଜିମ ଭଳି ସ୍ୱତନ୍ତ୍ର ଫିଚରଗୁଡିକୁ ଅ'ର୍ଭୁକ୍ତ କରିଛୁ ଯାହା ଇନ୍‌ଷ୍ଟଲେଶନ ପରେ ଡିଜାଇନ ସୌନ୍ଦର୍ଯ୍ୟତାକୁ ବଜାୟ ରଖିଥାଏ । ଆମେ ନିଶ୍ଚିତ ଯେ, ଏହି ବୈପ୍ଳବିକ ରେ ପ୍ରିମିୟମ ଫ୍ୟାନ ବର୍ଗରେ ଏକ ନୂଆ ବେଂଚମାର୍କ ସ୍ଥାପନ କରିବ ।' ସିଗ୍ନିଫାଏ ଗ୍ରେଟର ଇଣ୍ଡିଆର କ୍ୟୁମର ବିଜ୍‌ନେସ୍ ବିଭାଗର ମୁଖ୍ୟ ସି ଅରୁଣ କୁମାର କହିଛନ୍ତି, 'ଆମର ନୂଆ ରେକୁ ଶକ୍ତି ଦକ୍ଷତାକୁ ସର୍ବାଧିକ କରିବା ଏବଂ ଉପଭୋକ୍ତାଙ୍କୁ ଶକ୍ତି ଉପଯୋଗ ହ୍ରାସ କରିବାରେ ସାହାଯ୍ୟ କରିବା ପାଇଁ ଯତ୍ନର ସହ ଡିଜାଇନ କରାଯାଇଛି ଯାହା ବିଦ୍ୟୁତ ବିଲ ହ୍ରାସ କରିବ । ଏହି ଲଂଚ ସହିତ ଆମେ ଅଭିନବ ଡିଜାଇନ, ଗୁଣବତା, କାର୍ଯ୍ୟଦକ୍ଷତା ଓ ଷ୍ଟାଇଲିଶ ହୋମ କର୍ଟ ସଲ୍ୟୁଶନ ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି ।



ନୂଆଦିଲ୍ଲୀ: ଭାରତର ଷ୍ଟାର କ୍ରିକେଟର ବିରାଟ କୋହଲି ଓ ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ଯୋଡିକୁ ପ୍ରଶଂସକମାନେ ବେଶ ପସନ୍ଦ କରିଥାନ୍ତି । ଏବେ ଏହି ଲୋକପ୍ରିୟ ଯୋଡି ଲଣ୍ଡନରେ ରହୁଛନ୍ତି । ଭାରତରେ ଅଧିକ ସମୟ ରହିବା ଅପେକ୍ଷା ସେମାନେ କାହିଁକି ଲଣ୍ଡନରେ ରହିଲେ ତାର ଖୁଲାସା ମାଧୁରୀ ଦୀକ୍ଷିତଙ୍କ ପତି ଡାକ୍ତର ଶ୍ରୀରାମ ନାନେ କରିଛନ୍ତି । ଏକ ସାକ୍ଷାତକାରରେ ସେ କହିଛନ୍ତି, ସେମାନେ ଭାରତରେ ସଫଳତାକୁ ଭଲ ଭାବେ ଉପଭୋଗ କରିପାରୁ ନାହାନ୍ତି । ସୁରକ୍ଷା ଦୃଷ୍ଟିକୋଣରୁ ଅଧିକାଂଶ ସମୟ ସେମାନେ ଏକୁଟିଆ କାଟୁଛନ୍ତି କହିଲେ ଭୁଲ ହେବନି । ଯାହା ବି କିଛି ସେମାନେ କରନ୍ତି ତାହା ପ୍ରଶଂସକ ଏବଂ ମିଡିଆର ଧ୍ୟାନ ଆକର୍ଷଣ କରିଥାଏ । ପିଲାମାନଙ୍କୁ ଏକ ଶୃଙ୍ଖଳିତ ଓ ମନୋରଞ୍ଜନ ପରିବେଶରେ ସେ ବଡ଼ାଇବାକୁ ଚାହୁଁଛନ୍ତି । ଲଣ୍ଡନରେ ସେମାନେ ଖୋଲାଖୋଲି ଭାବେ ସମୟ କାଟି ପାରୁଛନ୍ତି । ଅନୁଷ୍କା ସର୍ବଦା ହସ ଖୁସିରେ ଦିନ କାଟିବାକୁ ଚାହାନ୍ତି । ଭାରତରେ ଏହା ସମ୍ଭବପର ହେଉ ନାହିଁ । ସେମାନେ ତାଙ୍କ ପିଲାମାନଙ୍କୁ ସାମାନ୍ୟ ଢ଼ଙ୍ଗରେ ଅନ୍ୟମାନଙ୍କ ପରି ପାଳିବାକୁ ଚାହୁଁଛନ୍ତି ବୋଲି ନେନେ କହିଛନ୍ତି । ୨୦୧୩ରେ ଏକ ବିଜ୍ଞାପନ ଶୁଟ କରିବା ଅବସରରେ ଉଭୟ ପରସ୍ପରକୁ ଭଲ ପାଇଥିଲେ । ୨୦୧୭ରେ ସେମାନେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । ପ୍ରଥମେ ସେମାନଙ୍କ ଭାମିକା ନାମକ ଝିଅ ଓ ପରେ ପୁଅ ଅକାୟ ଜନ୍ମ ନେଇଥିଲେ । ଚଳିତ ଆଇପିଏଲରେ କୋହଲି ଜବରଦସ୍ତ ଫର୍ମରେ ଅଛନ୍ତି ।

୪୫ତମ ମ୍ୟାଚ୍ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ଲକ୍ଷ୍ନୌ ସୁପରଜିଆଣ୍ଟସ

# ମୁମ୍ବାଇ ଇଣ୍ଡିଆନ୍ସ ୫୪ରନ୍‌ରେ ବିଜୟୀ



ମୁମ୍ବାଇ: ମୁମ୍ବାଇର ୱାଙ୍ଖଡ଼େ ଷ୍ଟାଡିୟମଠାରେ ରବିବାର ମୁମ୍ବାଇ ଇଣ୍ଡିଆନ୍ସ ଓ ଲକ୍ଷ୍ନୌ ସୁପରଜିଆଣ୍ଟସ ମଧ୍ୟରେ ଆଇପିଏଲର ୪୫ତମ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚ୍‌କୁ ମୁମ୍ବାଇ ଇଣ୍ଡିଆନ୍ସ ୫୪ରନ୍‌ରେ ବିଜୟୀ ହୋଇଛି । ଏହି ମ୍ୟାଚରେ ଲକ୍ଷ୍ନୌ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇର ଦୁଇ ଓପନର ରୋହିତ ଶର୍ମା ଓ ରିୟାନ ରିକଲଟନ ବିସ୍ଫୋରକ ବ୍ୟାଟିଂ କରି ଏକ ଭଲ ମୂଳଦୂଆ ପକାଇଥିଲେ । ମାତ୍ର ରୋହିତ ୨ଟି ଛକା ମାରିବା ପରେ ୧୨ ରନ କରି ଆଉଟ ହୋଇଥିଲେ । ତେବେ ରିକଲଟନ ନିଦର ଲଢୁଆ ବ୍ୟାଟିଂ ଜାରି ରଖି ୫୮ ରନ କରିଥିଲେ । ମଧ୍ୟକ୍ରମ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରୁ ୱିଲ ଜାକ୍ସ ୨୯ ରନ କରିଥିବାବେଳେ ସୂର୍ଯ୍ୟକୁମାର ଯାଦବ ୫୪ ରନ କରିଥିଲେ । ନମନ ଧୀର ଅପରାଜିତ ୨୫ ରନ କରିଥିବାବେଳେ କର୍ବିନ ବୋସ୍ ୨୦ ରନ କରିଥିଲେ । ଯାହାଫଳରେ ମୁମ୍ବାଇ ଇଣ୍ଡିଆନ୍ସ ୭ୱିକେଟ ହରାଇ ୨୧୫ରନ୍ କରିଥିଲା । ଲକ୍ଷ୍ନୌ ପକ୍ଷରୁ ମୟଙ୍କ ଯାଦବ ଓ ଅଭେସ ଖାଁ ୨ଟି ଲେଖାଏଁ ୱିକେଟ ନେଇଥିଲେ । ସେହିପରି ପ୍ରିନ୍ସ ଯାଦବ, ଦିଗଭେସ ସିଂ ରାଠି ଓ ରବି ବିଷ୍ଣୋଇ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ । ୨୧୬ରନ୍‌ର ଟାର୍ଗେଟ ନେଇ ମୈଦାନକୁ ଓହ୍ଲାଇଥିଲା ଲକ୍ଷ୍ନୌ ସୁପରଜିଆଣ୍ଟସ । ଲକ୍ଷ୍ନୌ ସୁପରଜିଆଣ୍ଟସ ବ୍ୟାଟିଂର ବିଫଳତା ଯୋଗୁଁ ଅଲ୍‌ଆଉଟ ହୋଇଯାଇଥିଲା । ଦଳ ପକ୍ଷରୁ ମିଚେଲ ମାର୍ଶ ୩୪, ଆଡେନ ମାକ୍ରମ ୯, ନିକଲସ ପୁରନ ୨୭, ଅଧିନାୟକ ୱିକେଟକିପର ୪, ଆୟୁଷ ବଦାନି ୩୫, ଡେଭିଡ ମିଲର ୨୪, ଅବଦୁଲ ସାମ୍ମଦ ୨, ରବି ବିଷ୍ଣୋଇ ୧୩, ପ୍ରିନ୍ସ ଯାଦବ ୪, ଦିଗ୍‌ଭେଷ ସିଂ ରାଠି ୧ ରନ୍ କରିଥିଲେ । ମୁମ୍ବାଇ ପକ୍ଷରୁ ଯଶପ୍ରୀତ ବୁମରା ୪ଟି ଓ ଟ୍ରେଣ୍ଟ ବୋଲଟ ୩ଟି ୱିକେଟ ନେଇଥିଲେ ।

୪୬ତମ ମ୍ୟାଚ୍ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ

# ଆର୍‌ସିବି ୬ ୱିକେଟ୍‌ରେ ବିଜୟୀ

ନୂଆଦିଲ୍ଲୀ: ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ୪୬ତମ ମୁକାବିଲାରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁର ମଧ୍ୟରେ ସ୍ଥାନୀୟ ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି । ରୟାଲ ଚ୍ୟାଲେଞ୍ଜର୍ସ (ଆର୍‌ସିବି) ଏହି ମ୍ୟାଚ୍‌କୁ ୬ୱିକେଟରେ ଜିତି ନେଇଛି । ଏହି ମୁକାବିଲାରେ ବେଙ୍ଗାଲୁରୁ ଟିମ୍ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା । ଅକ୍ଷର ପଟେଲଙ୍କ ନେତୃତ୍ୱରେ ଦିଲ୍ଲୀ ବ୍ୟାଟିଂ କରିବା ସହ ନିର୍ଦ୍ଧାରିତ ୨୦ ଓଭରରେ ୮ଟି ୱିକେଟ ହରାଇ ନିଜର ୧୬୨ ରନ୍ ସଂଗ୍ରହ କରିଥିଲା । ଦିଲ୍ଲୀ କ୍ୟାପିଟାଲ୍ସର ଇନିଂସ ଆରମ୍ଭ କରିଥିଲେ ଅଭିଷେକ ପୋରେଲ ଓ ଫାଫ୍ ଡୁ’ ପ୍ଲେସିସ୍ । ଉଭୟ ପ୍ରାରମ୍ଭିକ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ୩୩ ରନ୍‌ର ଭାଗିଦାରୀ କରିପାରି ଥିଲେ । ଏଥିରୁ ଅଭିଷେକ ପୋରେଲ ବ୍ୟକ୍ତିଗତ ଭାବେ ୨୮ ରନ୍ କରିଥିଲେ । ଜୋସ୍ ହେଜଲଉଡଙ୍କ ଦ୍ୱାରା ଆଉଟ୍ ହେବା ପୂର୍ବରୁ ସେ ୧୧ଟି ବଲ୍ ସାମ୍ନା କରିଥିଲେ ଏବଂ ୨ଟି ଚୌକା ଓ ୨ଟି ଛକା ମାରିଥିଲେ । ବେଙ୍ଗାଲୁରୁର ଦ୍ୱିତୀୟ ଶିକାର ହୋଇଥିଲେ କରୁଣ ନାୟର(୪) । ସେ ୪ଟି ବଲ୍ ସାମ୍ନା କରି ଯଶ ଦଲାୟଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ । ଦିଲ୍ଲୀ କ୍ୟାପିଟାଲ ନିଜର ତୃତୀୟ ୱିକେଟ୍ ଭାବେ ଡୁପ୍ଲେସିସ୍‌ଙ୍କୁ ହରାଇଥିଲା । ଡୁପ୍ଲେସିସ୍ ବ୍ୟକ୍ତିଗତ ଭାବେ ୨୨ ରନ୍ ସଂଗ୍ରହ କରିବା ପାଇଁ ୨୬ଟି ବଲ୍ ସମ୍ମୁଖୀନ ହୋଇଥିଲେ । ଏଥିରୁ ସେ ୨ଟି ଚୌକା ମାରିଥିଲେ । କେଏଲ୍ ରାହୁଲ ଓ ଅଲରାଉଣ୍ଡର ଅକ୍ଷର ପଟେଲଙ୍କ ଯୋଡ଼ି ଭଲ ଭାଗିଦାରୀ ହୋଇପାରିବେ ବୋଲି ଆଶା କରାଯାଉଥିଲା । କିନ୍ତୁ ଏହି ଯୋଡ଼ି ମଧ୍ୟ ଉତ୍ସାହଜନକ ପ୍ରଦର୍ଶନ କରିପାରି ନଥିଲେ । ଉଭୟଙ୍କ ମଧ୍ୟରେ ୨୭ ରନ୍‌ର ଭାଗିଦାରୀ ହେଲା ପରେ ଅକ୍ଷର ପଟେଲ ଆଉଟ୍ ହୋଇଥିଲେ । ସେହି ସମୟରେ ଦଳର ସ୍କୋର ୧୦୨ ରନ୍‌ରେ ପହଞ୍ଚି ଥିଲା । ଅକ୍ଷର ନିଜେ ୧୩ଟି ବଲ୍ ଖେଳି ଗୋଟିଏ ଚୌକା ଓ ଗୋଟିଏ ଛକା ମାରି ପାଭିଲିୟନ୍ ଫେରିଥିଲେ । ପରେ ପରେ କେଏଲ୍ ରାହୁଲ ମଧ୍ୟ ଆଉଟ୍ ହୋଇଥିଲେ । କେଏଲ୍ ରାହୁଲ ୩ଟି ଚୌକା ବଳରେ ୪୧ ରନ୍ ସଂଗ୍ରହ କରିଥିଲେ । ସେ ୩୯ଟି ବଲ୍ ଖେଳିଥିଲେ । ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଆଶୁତୋଷ ଶର୍ମା ୨ରନ୍, ବିପ୍ରରାଜ ନିଗମ ୧୨ ରନ୍ ଓ ଟ୍ରିଷ୍ଟାନ ଷ୍ଟବ୍‌ସ ୩୪ ରନ୍ ସଂଗ୍ରହ କରିଥିଲେ । ବେଙ୍ଗାଲୁରୁ ପାଇଁ ଭୁବନେଶ୍ୱର କୁମାର ସର୍ବାଧିକ ୩ଟି ୱିକେଟ ନେଇଥିଲେ । ହେଜଲଉଡଙ୍କୁ ୨ଟି ୱିକେଟ୍ ମିଳିଥିବା ଯଶ ଦୟାଲ ଓ କ୍ରୁଣାଲ ପାଣ୍ଡ୍ୟା ଗୋଟିଏ ୱିକେଟ୍ ନେଇଥିଲେ । ୧୬୩ରନ୍‌ର ଟାର୍ଗେଟ ନେଇ ପଡିଆ ଓହ୍ଲାଇଥିଲା ଆର୍‌ସିବି । ଆର୍‌ସିବି ୧୮.୩ ଓଭରରେ ୪ ୱିକେଟ ହରାଇ ୧୬୫ରନ୍ ସଂଗ୍ରହ କରି ମ୍ୟାଚ୍ ଜିତି ନେଇଥିଲା । ଦଳ ପକ୍ଷରୁ ଜାକୋବ ବେଟହଲ ୧୨, ବିରାଟ କୋହଲି ୫୧, ଦେବଦତ୍ତ ପଡିକାଲ ୦, ରଜତ ପଡିକର ୬, କ୍ରୁର୍ଣାଲ ପାଣ୍ଡ୍ୟା ୭୩, ଟିମ୍ ଡେଭିଡ୍ ୧୯ରନ୍ କରିଥିଲେ । ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଅକ୍ଷର ପଟେଲ ୨ଟି ଓ ଦୁଷ୍ମନ୍ତ କାମେରା ଗୋଟିଏ ୱିକେଟ ଅକ୍ତିଆର କରିଥିଲେ ।



## ଗୌତମଙ୍କୁ ଧମକ ଦେଇଥିବା ଯୁବକ ଗିରଫ



ନୂଆଦିଲ୍ଲୀ: କ୍ରିକେଟର ତଥା ପୂର୍ବତନ ବିଜେପି ସାଂସଦ ଗୌତମ ଗମ୍ଭୀରଙ୍କୁ ଧମକପୂର୍ଣ୍ଣ ଇମେଲ୍ ପଠାଇବା ଘଟଣାରେ ପୋଲିସ ଗୁଜରାଟର ଜଣେ ୨୧ ବର୍ଷୀୟ ଯୁବକଙ୍କୁ ଗିରଫ କରାଯାଇଥିବା ନେଇ ଦିଲ୍ଲୀ ପୋଲିସ ସୂଚନା ଦେଇଛି । ତାକୁ କେନ୍ଦ୍ରୀୟ ଜିଲ୍ଲା ପୋଲିସ ଦଳ ଧରି ପଚରାଉଚରା କରୁଛନ୍ତି । ସେ ଜଣେ ଇଞ୍ଜିନିୟରିଂ ଛାତ୍ର । ତେବେ ତା’ର ମାନସିକ ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ ବୋଲି ତାଙ୍କ ପରିବାର ଲୋକ ଦାବି କରିଛନ୍ତି । ମାମଲେର ଅଧିକ ତଦନ୍ତ ଜାରି ରହିଛି । ହତ୍ୟା ଧମକ ମିଳିବା ପରେ ଗୌତମ ଗମ୍ଭୀର ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦିଲ୍ଲୀ ପୋଲିସର ଦ୍ୱାରସ୍ଥ ହୋଇଥିଲେ । ସେ ରାଜିନ୍ଦର ନଗର ପୋଲିସ ଷ୍ଟେସନର ଏସଏଚଓ ଏବଂ କେନ୍ଦ୍ରୀୟ ଦିଲ୍ଲୀର ଡିସିପିଙ୍କୁ ଏଫଆଇଆର ରୁଜୁ କରିବାକୁ ଆବେଦନ କରିଥିଲେ । ତାଙ୍କ ପରିବାରର ସୁରକ୍ଷା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେବାକୁ ମଧ୍ୟ ସେ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ । ୨୨ ଏପ୍ରିଲରେ ଦିନ ପହଲଗାମ ଆକ୍ରମଣ ହୋଇଥିଲା । ଆଉ ସେହି ଦିନ ଗମ୍ଭୀରଙ୍କୁ ଦୁଇଟି ଧମକପୂର୍ଣ୍ଣ ଇମେଲ୍ ଆସିଥିଲା । ଗୋଟିଏ ଅପରାହ୍ନରେ ଏବଂ ଅନ୍ୟଟି ସନ୍ଧ୍ୟାରେ ଆସିଥିବା । ଯେଉଁଥିରେ ଆଇ କିଲ୍‌ୟୁ ଲେଖା ହୋଇଥିଲା । ତେବେ ଗମ୍ଭୀରଙ୍କୁ ଏପରି ଧମକ ମିଳିବା ପ୍ରଥମ ଥର ନୁହେଁ । ନଭେମ୍ବର ୨୦୨୧ରେ ସେ ସଂସଦ ଥିବା ସମୟରେ ମଧ୍ୟ ତାଙ୍କ ପାଖକୁ ସମାନ ଧମକପୂର୍ଣ୍ଣ ଇମେଲ୍ ଆସିଥିଲା । ମଙ୍ଗଳବାର ଦିନ ଗମ୍ଭୀର ଏକ୍ସରେ ଏକ ପୋଷ୍ଟ ମାଧ୍ୟମରେ ପହଲଗାମରେ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିଥିଲେ ।

ଶ୍ରୀଲଙ୍କା-ଭାରତ ମହିଳା ଦିନିକିଆ କ୍ରିକେଟ୍ ସିରିଜ୍

# ବିଜୟରୁ ଅଭିଯାନ ଆରମ୍ଭ କଲା ଭାରତ



କଲମ୍ବୋ: କଲମ୍ବୋରେ ଚାଲିଥିବା ଅନ୍ତର୍ଜାତୀୟ ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜର ଓପନିଂ ମ୍ୟାଚରେ ଆୟୋଜକ ଶ୍ରୀଲଙ୍କାକୁ ୯ ଉଇକେଟରେ ପରାସ୍ତ କରି ବିଜୟରୁ ଅଭିଯାନ ଆରମ୍ଭ କରିଛି ଭାରତ । ଓପନର ପ୍ରତୀକା ରାୱଲଙ୍କ ଅପରାଜିତ ଅର୍ଦ୍ଧଶତକ ଏବଂ ସ୍ମୃତି ମନ୍ଧାନା ଓ ହାର୍ଲିନ ଦେଓଲଙ୍କ ଉପଯୋଗୀ ଅବଦାନ ରହିଥିଲା । ପ୍ରବଳ ବର୍ଷାଯୋଗୁ ୩ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିବା ମ୍ୟାଚକୁ ୩୯ ଓଭର ବିଶିଷ୍ଟ କରାଯାଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୩୮.୧ ଓଭରରେ ୧୪୭ ରନ କରି ଅଲଆଉଟ ହୋଇଯାଇଥିଲା । ହସିନୀ ପେରେରା ୪୬ ବଲ୍‌ରୁ ୩୦ ଓ କାମିଶା ଦିଲ୍‌ହରା ୨୬ ବଲ୍‌ରୁ ୨୫ ରନ କରିଥିଲେ । ଦଳର ଅନ୍ୟ କୌଣସି ବ୍ୟାଟର ବଡ଼ ସ୍କୋର କରିପାରି ନ ଥିଲେ । ଭାରତ ପକ୍ଷରୁ ସ୍ନେହ ରାଣା (୩/୩୧), ଶ୍ରୀ ଚାରାନୀ (୨/୨୬) ଓ ଦୀପ୍ତି ଶର୍ମା (୨/୨୨) ଚମତ୍କାର ବୋଲିଂ କରି ଶ୍ରୀଲଙ୍କାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ । ଜବାବରେ ଭାରତ ୧୪୮ରନର ବିଜୟ ଲକ୍ଷ୍ୟକୁ ୨୯.୪ ଓଭରରେ ୧ ଉଇକେଟ ବିନିମୟରେ ହାସଲ କରି ନେଇଥିଲା । ପ୍ରତୀକା (୫୦) ଓ ମନ୍ଧାନା (୪୩) ଓପନିଂ ଉଇକେଟରେ ୫୪ରନ ଯୋଗ କରିଥିଲେ । ଦିଲ୍ଲୀର ବ୍ୟାଟର ପରେ ହାର୍ଲିନ (୪୮)ଙ୍କ ସହ ଅପରାଜିତ ୯୫ରନ ଯୋଗ କରି ଦଳକୁ ଜିତାଇଥିଲେ । ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ଘଟଣାରେ ନିହତଙ୍କ ସମ୍ମାନାର୍ଥେ ଭାରତୀୟ ମହିଳା କ୍ରିକେଟ ଦଳର ସଦସ୍ୟମାନେ ରବିବାର ମ୍ୟାଚରେ ହାତରେ କଳା ରଙ୍ଗର ଆର୍ମବ୍ୟାଣ୍ଡ ପିନ୍ଧି ଖେଳୁଥିବା ଦେଖାଯାଇଥିଲା ।

ଆଇସିସି ମହିଳା ଦିନିକିଆ କ୍ରିକେଟ୍ ବିଶ୍ୱକପ୍

## ଭାରତରେ ମ୍ୟାଚ୍ ଖେଳିବନି ପାକିସ୍ତାନ : ପିସିବି





ନୂଆଦିଲ୍ଲୀ: ପହଲଗାଓଁରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ ବଢ଼ିବାରେ ଲାଗୁଛି । ଏହାର ପ୍ରଭାବ କ୍ରିକେଟ ଉପରେ ମଧ୍ୟ ପଡ଼ିଛି । ଆଇସିସି ଇଭେଣ୍ଟରେ ଗୋଟିଏ ଗ୍ରୁପରେ ଉଭୟ ଭାରତ ଓ ପାକିସ୍ତାନକୁ ନ ରଖିବା ନେଇ ବିସିସିଆଇ ପକ୍ଷରୁ ଆଇସିସିକୁ ଚିଠି ମାଧ୍ୟମରେ ଅବଗତ କରାଇଛି । ଏଭଳି ସ୍ଥିତିରେ ଭାରତରେ ଆସନ୍ତା ସେପ୍ଟେମ୍ବରରେ ଖେଳାଯିବାକୁ ଥିବା ଆଇସିସି ମହିଳା ଦିନିକିଆ ବିଶ୍ୱକପକୁ ନେଇ ବିବାଦ ଆରମ୍ଭ ହୋଇଛି । ଭାରତରେ ଖେଳିବାକୁ ପାକିସ୍ତାନର ଆଗ୍ରହ ନାହିଁ । ଭାରତରେ ମ୍ୟାଚ ନ ଖେଳିବାକୁ ଆମେ ଯୋଜନା କରୁଛୁ ବୋଲି ପିସିବି ପକ୍ଷରୁ କୁହାଯାଇଛି । ଯାହାକୁ ନେଇ ଏବେ ଆଇସିସି, ବିସିସିଆଇ ଓ ପିସିବି ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଛି । ଆଇସିସି ମହିଳା ବିଶ୍ୱକପ ଆସନ୍ତା ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୨୬ ପର୍ଯ୍ୟନ୍ତ ଭାରତରେ ଆୟୋଜିତ ହେବ । ଏଥିରେ ମୋଟ୍ ୮ଟି ଦଳ ଅଂଶଗ୍ରହଣ କରିବେ । ପାକିସ୍ତାନ ମଧ୍ୟ ଉକ୍ତ ପ୍ରତିଯୋଗିତା ଲାଗି ଯୋଗ୍ୟତା ହାସଲ କରିଛି । ପହଲଗାଓଁରେ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ମହିଳା କ୍ରିକେଟ ଦଳ ଭାରତକୁ ବିଶ୍ୱକପ ଖେଳିବାକୁ ଆସିବାକୁ ଅନିଚ୍ଛା ପ୍ରକାଶ କରିଛି । ପିସିବି ଅଧ୍ୟକ୍ଷ ମୋହସିନ ନକ୍‌ଭି କହିଛନ୍ତି ଯେ, ମହିଳା ଦିନିକିଆ ବିଶ୍ୱକପ ଖେଳିବା ଲାଗି ଭାରତ ନ ଆସିବାକୁ ଯୋଜନା କରୁଛୁ । ହାଇବ୍ରିଡ ମଡେଲରେ ବିଶ୍ୱକପ ଆୟୋଜନ ନେଇ ଆମେ ଆଇସିସିକୁ ପ୍ରସ୍ତାବ ଦେବୁ । ଭାରତ ବଦଳରେ ଆମେ ଏସିଆର ଅନ୍ୟ ଯେକୌଣସି ଦେଶରେ ମ୍ୟାଚ ଖେଳିବାକୁ ପ୍ରସ୍ତୁତ ବୋଲି ନକ୍‌ଭି କହିଛନ୍ତି । ଭାରତ ବଦଳରେ ଆମେ ନିରପେକ୍ଷ ସ୍ଥାନ ଶ୍ରୀଲଙ୍କା କିମ୍ବା ୟୁଏଇରେ ଖେଳିବାକୁ ଆଇସିସିକୁ ପ୍ରସ୍ତାବ ଦେବୁ ବୋଲି ପିସିବି ଅଧ୍ୟକ୍ଷ ନକ୍‌ଭି କହିଛନ୍ତି । ସୂଚନାଯୋଗ୍ୟ ଗତ ଫେବୃଆରୀ ଓ ମାର୍ଚ୍ଚରେ ଆୟୋଜିତ ଆଇସିସି ଚମ୍ପିଆନ୍‌ସ ଟ୍ରଫି କ୍ରିକେଟ ହାଇବ୍ରିଡ ମଡେଲରେ ୟୁଏଇ ଓ ପାକିସ୍ତାନରେ ଖେଳାଯାଇଥିଲା । ପ୍ରତିଯୋଗିତାର ଆୟୋଜକ ପାକିସ୍ତାନ ରହିଥିଲା । ଭାରତ ପାକିସ୍ତାନ ଗସ୍ତ କରିବ ନାହିଁ ବୋଲି ମନା କରିବାକୁ ପ୍ରତିଯୋଗିତା ହାଇବ୍ରିଡ୍ ମଡେଲରେ ଖେଳାଯାଇଥିଲା ।

## ପ୍ଲେଅଫ୍‌ରେ ୪ ଦଳ ଖେଳିବା ନେଇ କୁମ୍ବଲେଙ୍କ ଭବିଷ୍ୟବାଣୀ



ନୂଆଦିଲ୍ଲୀ: ଆଇପିଏଲ ୨୦୨୫ରେ, ଅଧିକାଂଶ ଦଳ ୯ଟି ମ୍ୟାଚ୍ ଖେଳିସାରିଲେଣି । ଏବେ ପ୍ରତ୍ୟେକ ଦଳ ପାଖରେ ପ୍ରାୟ ପାଞ୍ଚରୁ ଛଅଟି ମ୍ୟାଚ୍ ଖେଳିବାକୁ ବାକି ଅଛି । ଆଇପିଏଲର ଏହି ସିଜିନ୍ ପ୍ଲେଅଫ୍ ଆଡକୁ ଗତି କରୁଛି ଏବଂ ଧୀରେ ଧୀରେ ପ୍ଲେଅଫରେ ପହଞ୍ଚିବାକୁ ଥିବା ଦଳଗୁଡ଼ିକ ବାବଦରେ ମଧ୍ୟ ସ୍ପଷ୍ଟତା ଆସିବାରେ ଲାଗିଛି । ଏହି ପ୍ଲେଅଫ୍ ଦଳଗୁଡ଼ିକର ନାମ ଚୂଡ଼ାନ୍ତ ହେବା ପୂର୍ବରୁ, ପୂର୍ବତନ ଭାରତୀୟ କ୍ରିକେଟର ଅନିଲ କୁମ୍ବଲେ ଏକ ଭବିଷ୍ୟବାଣୀ କରିଛନ୍ତି । ଏହି ଭବିଷ୍ୟବାଣୀରେ, ଅନିଲ କୁମ୍ବଲେ ପ୍ଲେଅଫରେ ପହଞ୍ଚିପାରୁଥିବା ଚାରୋଟି ଦଳର ନାମ ଦେଇଛନ୍ତି । ଅନିଲ କୁମ୍ବଲେଙ୍କ ମତରେ, ପ୍ଲେଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିପାରିବା ପ୍ରଥମ ଦଳ ହେଉଛି ଗୁଜରାଟ ଟାଇଟାନ୍ସ । ଜିଟି ବର୍ତ୍ତମାନ ପଏଣ୍ଟ ଟେବୁଲର ଶୀର୍ଷରେ ଅଛି । ଗୁଜରାଟ ଦଳ ୮ଟି ମ୍ୟାଚ୍ ରୁ ୬ଟିରେ ବିଜୟୀ ହୋଇଛି, ଏହି ଦଳ କେବଳ ଦୁଇଟି ମ୍ୟାଚ୍ ରେ ପରାଜୟର ସମ୍ମୁଖୀନ ହୋଇଛି । ପ୍ଲେଅଫରେ ଦ୍ୱିତୀୟ ଦଳ ହେଉଛି ଦିଲ୍ଲୀ କ୍ୟାପିଟାଲ୍ସ, ଏହି ଦଳ ପଏଣ୍ଟ ଟେବୁଲରେ ଦ୍ୱିତୀୟ ସ୍ଥାନରେ ଅଛି । ଡିସି ମଧ୍ୟ ୮ଟି ମ୍ୟାଚ୍ ରୁ ୬ଟି ଜିତିଛି ଏବଂ କେବଳ ଦୁଇଟି ମ୍ୟାଚ୍ ହାରିଛି । ଅନିଲ କୁମ୍ବଲେଙ୍କ ମତରେ, ଏହି ଆଇପିଏଲ ସିଜିନରେ ମୁମ୍ବାଇ ଇଣ୍ଡିଆନ୍ସ ତୃତୀୟ ସ୍ଥାନ ଅଧିକାର କରିବ, ଯେତେବେଳେ ବର୍ତ୍ତମାନ ମୁମ୍ବାଇ ପଏଣ୍ଟ ଟେବୁଲରେ ପଞ୍ଚମ ସ୍ଥାନରେ ଅଛି । ଏମଆଇ ଏପର୍ଯ୍ୟନ୍ତ ୯ଟି ମ୍ୟାଚ୍ ଖେଳିଛି, ଯେଉଁଥିରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଦଳ ୫ଟି ମ୍ୟାଚ୍ ଜିତିଛି, ଯେତେବେଳେ ୪ଟି ମ୍ୟାଚ୍ ରେ ପରାଜୟର ସାମ୍ନା କରିଛି । ଅନିଲ କୁମ୍ବଲେଙ୍କ ମତରେ, ପ୍ଲେଅଫରେ ପହଞ୍ଚିବା ପାଇଁ ଚତୁର୍ଥ ଦଳ ପଞ୍ଜାବ କିଙ୍ଗସ୍ କିମ୍ବା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ହୋଇପାରେ । ଆରସିବି ବର୍ତ୍ତମାନ ପଏଣ୍ଟ ଟେବୁଲରେ ତୃତୀୟ ସ୍ଥାନରେ ଅଛି । ବେଙ୍ଗାଲୁରୁ ବର୍ତ୍ତମାନ ୯ଟି ମ୍ୟାଚ୍ ରୁ ୬ଟି ଜିତିଛି ଏବଂ ୩ଟିରେ ହାରିଛି । ଯେତେବେଳେ ପଞ୍ଜାବ ୯ଟି ମ୍ୟାଚ୍ ରୁ ୫ଟି ଜିତିଛି ଏବଂ ୩ଟିରେ ହାରିଛି, ଗୋଟିଏ ମ୍ୟାଚ୍ ଡ୍ର ରହିଛି ।

## ପିଏସ୍‌ଏଲ୍‌ରେ ସାମିଲ ଥିବା ୨୩ ଭାରତୀୟ ସ୍ୱଦେଶ ପ୍ରତ୍ୟାବର୍ତ୍ତନ

ନୂଆଦିଲ୍ଲୀ: ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍) କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସାମିଲ ଥିବା ୨୩ ଭାରତୀୟ ସ୍ୱଦେଶ ଫେରି ଆସିଛନ୍ତି । ଏମାନେ ପିଏସଏଲର ପ୍ରଡକ୍ସନ୍ ଏବଂ ପ୍ରସାରଣ ଟିମ୍ ?ରରେ ଥିଲେ । ପାକିସ୍ତାନ କ୍ରିକେଟ୍ ବୋର୍ଡ ରବିବାର ଦିନ ଏହି ଭାରତୀୟ ନାଗରିକଙ୍କୁ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ କରାଇବାରେ ସହଯୋଗ କରିଛି । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ଏବଂ ସୀମା ଉତ୍ତେଜନା ବୃଦ୍ଧି ପାଇବା ପରେ, ପାକିସ୍ତାନ ସରକାର ପାକିସ୍ତାନରେ ଥିବା ସମସ୍ତ ଭାରତୀୟ ନାଗରିକଙ୍କୁ ଏପ୍ରିଲ ୩୦ ସୁଦ୍ଧା ଦେଶ ଛାଡିବାକୁ କହିଥିଲେ । ଏହି କ୍ରମରେ ଭାରତୀୟ ନାଗରିକ ପ୍ରତ୍ୟାବର୍ତ୍ତନ କରିଛନ୍ତି । ପିସିବିର ଜଣେ ଅଧିକାରୀ ଏନେଇ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ପିଏସଏଲ ମ୍ୟାଚ୍‌ର ପ୍ରଯୋଜନା ଏବଂ ପ୍ରସାରଣ ପାଇଁ ପାକିସ୍ତାନରେ ଥିବା ୨୩ ଜଣ ଭାରତୀୟ ନାଗରିକଙ୍କୁ ଫେରାଇ ଦିଆଯାଇଛି । ସମସ୍ତ ଭାରତୀୟ ନାଗରିକ ଲାହୋରରୁ ୱାଘା ସୀମା ଦେଇ ଘରକୁ ସ୍ୱଦେଶ ଫେରିଯାଇଛନ୍ତି ବୋଲି ପିସିବି ଅଧିକାରୀ କହିଛନ୍ତି । ପିଏସଏଲ ମ୍ୟାଚ୍ ପ୍ରଯୋଜନା ଏବଂ ପ୍ରସାରଣ କରୁଥିବା କମ୍ପାନୀ ଦ୍ୱାରା ଭାରତୀୟ କ୍ୟାମେରାମ୍ୟାନ୍ ଏବଂ ଟେକ୍ନିସିଆନ୍‌ମାନଙ୍କୁ ନିଯୁକ୍ତି ଦିଆଯାଇଥିଲା । ଏବେ ସେମାନଙ୍କୁ ଭାରତ ପଠାଇ ଦେବା ପରେ କମ୍ପାନୀ ତାଙ୍କ ସେମାନଙ୍କ ସ୍ଥାନରେ ଅନ୍ୟ ନିଯୁକ୍ତି ଦେଇଛି । ଏନେଇ ଅଧିକାରୀ ଜଣଙ୍କ କହିଛନ୍ତି ଯେ ପ୍ରସାରଣର ମାନ ପ୍ରଭାବିତ ନହେବା ପାଇଁ, କମ୍ପାନୀ ଭାରତୀୟଙ୍କ ସ୍ଥାନରେ ବିଦେଶୀ ଏବଂ ସ୍ଥାନୀୟ କ୍ୟାମେରାମ୍ୟାନ୍ ଏବଂ ଟେକ୍ନିସିଆନମାନଙ୍କୁ ନିଯୁକ୍ତି ଦିଆଯାଇଛି ।

## ମଲ୍‌ବେରୀ କପ୍ ଫାଇନାଲ୍ : ରାଇଜିଂ ଷ୍ଟୁଡେଣ୍ଟ ଚାମ୍ପିଅନ୍




କଟକ (ଭାସ୍କର ନ୍ୟୁଜ୍) : କଟକରେ ମଲ୍‌ବେରୀ କପ୍ ଫାଇନାଲ୍ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଇଜିଂ ଷ୍ଟୁଡେଣ୍ଟ ୭୯ରନ୍‌ରେ ବିଜୟ ଲାଭ କରି ଚାମ୍ପିଅନ୍ ହୋଇଛି । ରାଇଜିଂ ଷ୍ଟୁଡେଣ୍ଟ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଅନ୍ୟପକ୍ଷରେ ୟୁନିଅନ ସ୍ପୋର୍ଟିଂ କ୍ଲବ୍ ରନର୍ସ ଅପ୍ ହୋଇଥିବା ସୂଚନା ଦିଆଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ସମାରୋହରେ ଚୌଦ୍ୱାରା-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ବ୍ରହ୍ମଗିରିର ପୂର୍ବତନ ବିଧାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର, କଟକ ମହାନଗର ନିଗମ ମେୟର ସୁବାସ ସିଂ, ବରିଷ୍ଠ ଆଇନଜୀବୀ ସୁକାନ୍ତ କୁମାର ଦଳାଇ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ ।

ତୁଷାର କାନ୍ତି ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସେମିରେ ପୁରୀ ପାଇନିୟର



କାକଟପୁର (ଭାସ୍କର ନ୍ୟୁଜ୍): କାକଟପୁର ପଛ ପଡିଆ ମିନି ଷ୍ଟାଡିଅମ ଠାରେ ଚାଲିଥିବା ଦ୍ୱିତୀୟ ବାର୍ଷିକୀ ତୁଷାର କାନ୍ତି ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାଟରଫାଇନାଲ ଦିବସରେ ନିମାପଡା କ୍ରିକେଟ କ୍ଲବକୁ ହରାଇ ପୁରୀ ପାଇନିୟର କ୍ରିକେଟ କ୍ଲବ ସେମିରେ ପ୍ରବେଶ କରିଛି । ପ୍ରଥମେ ନିମାପଡା କ୍ରିକେଟ କ୍ଲବ ଟସ ଜିତି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରିଥିଲା । ୧୧୪ ରନର ବିଜୟ ଲକ୍ଷ ନେଇ ପୁରୀ ପାଇନିୟର ୧୮ ଓଭରରେ ୬ ୱିକେଟ ହରାଇ ୧୧୫ ରନ ସଂଗ୍ରହ କରି ବିଜୟୀ ହୋଇ ସେମିରେ ପ୍ରବେଶ କରିଛି । ଦଳ ପକ୍ଷରୁ ଦିନେଶ ସାହୁ ସର୍ବାଧିକ (୩୭) ରନ ସଂଗ୍ରହ କରି ୨ ୱିକେଟ ଅକ୍ତିଆର କରି ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପାଇଥିଲେ । ଖେଳ ପରିଚାଳନା କରିଥିଲେ ପ୍ରମୋଦ ସିହ୍ନା ଓ ଦେବେନ୍ଦ୍ର ମିଶ୍ର । ଅତିଥି ଭାବେ କ୍ଲବର ଉପଦେଷ୍ଟା ତୁଷାର ରଞ୍ଜନ ଦୀକ୍ଷିତ, ପ୍ରଦୀପ କୁମାର ପଣ୍ଡା, ନିମାପଡା କ୍ଲବ ସଭାପତି ମାତୃକା ପ୍ରସାଦ ମିଶ୍ର, ସୌମ୍ୟ ରଞ୍ଜନ ମହାନ୍ତି ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ । ଆୟୋଜିତ କ୍ଲବ ପକ୍ଷରୁ ଅଭିଷେକ, ଅରିନ, ଡେଭିଡ, ବବୁଲ, ଜଗନ, ଚନ୍ଦନ, ପବିତ୍ର, ସ୍ମୃତି ଓ ସୂର୍ଯ୍ୟକାନ୍ତ ସହଯୋଗ କରିଥିଲେ । ସୋମବାର ଚତୁର୍ଥ କ୍ୱାଟର ଫାଇନାଲ ମ୍ୟାଚ ପଞ୍ଚସଖା କ୍ରିକେଟ କ୍ଲବ ସାକ୍ଷୀଗୋପାଳ ଓ ମଙ୍ଗଳା କ୍ରିକେଟ ଏକାଡ଼ମୀ କାକଟପୁର ମଧ୍ୟରେ ହେବ ବୋଲି ମାଷ୍ଟର ଟୁଲୁ ପ୍ରକାଶ କରିଛନ୍ତି ।

# ସର୍ବଭାରତୀୟ ଗେଟ୍‌ବଲ୍ ଉଦ୍‌ଯାପିତ





ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : କଳିଙ୍ଗ ଷ୍ଟାଡିୟମରେ ୨୫ରୁ ୨୭ତାରିଖ ପର୍ଯ୍ୟନ୍ତ ଆୟୋଜିତ ୧୦ ସର୍ବଭାରତୀୟ ଓପନ୍ ଗେଟ୍‌ବଲ ଚାମ୍ପିଅନ୍‌ସିପ୍ ଆଜି ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ପୁରୁଷ ବିଭାଗରେ ଓଡ଼ିଶା ଦଳ ସ୍ୱର୍ଣ୍ଣ ପଦକ, ମଧ୍ୟପ୍ରଦେଶ ରୌପ୍ୟ ପଦକ, ବିହାର କାସ୍ୟ ପଦକ ହାସଲ କରିଛି । ମହିଳା ବିଭାଗରେ ଓଡ଼ିଶା ଦଳ ସ୍ୱର୍ଣ୍ଣ ପଦକ, ଉତ୍ତର ପ୍ରଦେଶ ରୌପ୍ୟ ପଦକ ହାସଲ କରିଛନ୍ତି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭୁବନେଶ୍ୱର ଉତ୍ତର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ, ଆଇନ୍‌ଜୀବୀ ନିର୍ଭୟ କୁମାର ସାମନ୍ତରାୟ, କ୍ରୀଡ଼ା ସଂଗଠନ ନବ ରଞ୍ଜନ ପଟ୍ଟନାୟକ, ଓଡ଼ିଶା ଗେଟ୍‌ବଲ ଆସୋସିଏସନର ସଭାପତି ରଞ୍ଜନ କୁମାର ନନ୍ଦ, ଯୁଗ୍ମ ସଂପାଦକ ବାସୁଦେବ ଓଝା, ଅଭ୍ୟର୍ଥନା କମିଟିର ଗୌତମ ବେହେରା, କୁନାର୍ଲି ବିଶ୍ୱାଳ, ସାଧାରଣ ସଂପାଦକ ମହମ୍ମଦ ଆଦାମ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ ।

## ମୁମ୍ବାଇର ସଫଳତମ ବୋଲର ବୁମ୍‌ରା

ମୁମ୍ବାଇ: ମୁମ୍ବାଇ ଇଣ୍ଡିଆନ୍ସର ବୋଲର ଯଶପ୍ରୀତ ବୁମରା ତାଙ୍କ ଉଲ୍ଲେଖନୀୟ କ୍ୟାରିୟରରେ ଆଉ ଏକ ସଫଳତା ଯୋଡ଼ିଛନ୍ତି । ସେ ରବିବାର ମୁମ୍ବାଇ ଫ୍ରାଞ୍ଚାଇଜର ସବୁଠୁ ସଫଳ ବୋଲର ହେବାର ସଫଳତା ହାସଲ କରିଛନ୍ତି । ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ବୁମରା ୪ ଉଇକେଟ ନେଇଥିଲେ । ଆଇପିଏଲ୍‌ରେ ତାଙ୍କ ଉଇକେଟ ସଂଖ୍ୟା ୧୭୪ରେ ପହଞ୍ଚିଛି । ଏଥିପୂର୍ବରୁ ଶ୍ରୀଲଙ୍କାର ଲାସିଥ ମାଲିଙ୍ଗାଙ୍କ ନାମରେ ମୁମ୍ବାଇ ଦଳର ସବୁଠୁ ସଫଳ ବୋଲର ହେବାର ରେକର୍ଡ ଥିଲା ।



ଜହ୍ନି ଖାଇଲେ କ'ଣ ହେବ ? ଜହ୍ନିକୁ ପ୍ରାୟତଃ ଖାଇବାକୁ ସମସ୍ତେ ପସନ୍ଦ କରିଥାନ୍ତି। ଜହ୍ନିକୁ ବି ତରକାରୀରେ ମଧ୍ୟ ବ୍ୟବହାର କରାଯାଏ। କେତେକ ଲୋକମାନେ ଜହ୍ନିକୁ ପସନ୍ଦ କରନ୍ତି ନାହିଁ। କିନ୍ତୁ ଜହ୍ନି ଖାଇବା ସ୍ୱାସ୍ଥ୍ୟ ପାଇଁ ବହୁତ ହିତକର ହୋଇଥାଏ। ବିଶେଷ କରି ଖରାଦିନେ। ଜହ୍ନିରେ କମ କ୍ୟାଲେରୀ ଯୁକ୍ତ ପନିପରିବା,ଯାହା ଫାଇବର, ଭିଟାମିନ ସି ଏବଂ ଆଣ୍ଟିଅକ୍ସିଡାଣ୍ଟରେ ଭରପୁର ରହିଛି। ଏହା ବ୍ୟତୀତ ଏଥିରେ ଆଇରନ, ମ୍ୟାଗ୍ନେସିୟମ ଏବଂ ପୋଟାସିୟମ ମଧ୍ୟ ମିଳିଥାଏ। ଜହ୍ନି ଖାଇଲେ ଦୃଷ୍ଟିଶକ୍ତି ପ୍ରଖର ହୋଇଥାଏ।ଭିଟାମିନ 'ଏ' ଭରପୁର ଜହ୍ନି ଆଖି ପାଇଁ ଅତ୍ୟନ୍ତ ଲାଭଦାୟକ। ଯାହାକୁ ଖାଇଲେ ଦୃଷ୍ଟିଶକ୍ତି ପ୍ରଖର ହୋଇଥାଏ। ଏହା ସହିତ ଆଖି ସମ୍ବନ୍ଧିୟ ଅନ୍ୟ ସମସ୍ୟାମାନଙ୍କୁ ରୋକିବାରେ ମଧ୍ୟ ଏହା ସହାୟକ ହୋଇଥାଏ। ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ଜହ୍ନି ହେଉଛି ଏକ କମ୍ କ୍ୟାଲେରୀ ପନିପରିବା, ଯେଉଁଥିରେ ଜଳର ମାତ୍ରା ଅଧିକ। ଏହା ସହିତ ଏଥିରେ ଫାଇବର ଅଛି ଯେଉଁଥି ପାଇଁ ଏହାକୁ ଖାଇବା ଦ୍ୱାରା ପେଟ ଦୀର୍ଘ ସମୟ ପର୍ଯ୍ୟନ୍ତ ପୁରି ରହିଥାଏ। ଯାହା ଫଳରେ ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ମଧୁମେହ ରୋଗୀ ପାଇଁ ବେଶ ଲାଭଦାୟକ ହୋଇଥାଏ ଜହ୍ନି। ବ୍ଲଡ଼ ସୁଗାର ଲେବଲକୁ ମଧ୍ୟ କଣ୍ଟ୍ରୋଲ କରେ। ପୋଷକତତ୍ତ୍ୱ ଭରପୁର ଜହ୍ନି ଖାଇଲେ ଅନେକ ରୋଗରୁ ମୁକ୍ତି ମିଳିବ। ଜହ୍ନିକୁ ନିୟମିତ ଖାଦ୍ୟରେ ସାମିଲ କଲେ ଗ୍ୟାସ ଏବଂ ପାଚନ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ମିଳିଥାଏ।




## ଏହି ଦେଶରେ ହେବ ବିଶ୍ୱର ପ୍ରଥମ ଇଲେକ୍ଟ୍ରିକ ରାସ୍ତା

# ଯାତାୟାତ ସମୟରେ ଗାଡ଼ି ହେବ ଚାର୍ଜ

ପ୍ରଯୁକ୍ତିବିଦ୍ୟାର ଆଗମନ ପରଠାରୁ, ବିଶ୍ୱରେ ଲୋକଙ୍କ ପାଇଁ ଅନେକ କାର୍ଯ୍ୟ ସହଜ ହୋଇଯାଇଛି। ଯେପରି ଇଓ ଜୀବନକୁ ସହଜ କରିଛି, ସେହିପରି ଅନ୍ୟ ପ୍ରଯୁକ୍ତିବିଦ୍ୟା ମଧ୍ୟ ଏବେ ବହୁତ ଉପଯୋଗୀ ହୋଇଗଲାଣି। ବଜାରରେ ଇଲେକ୍ଟ୍ରିକ କାର ଆସିବା ପରଠାରୁ, କାର ଚଳାଇବା ଟିକେ ସହଜ ହୋଇଯାଇଛି। ଇଲେକ୍ଟ୍ରିକ କାରରେ ଡିଜେଲ କିମ୍ବା ପେଟ୍ରୋଲ ବିଷୟରେ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ। ଏହାକୁ ଥରେ ଚାର୍ଜ କଲେ ଦୀର୍ଘ ଦୂରତା ପର୍ଯ୍ୟନ୍ତ ଯାତ୍ରା କରିହେବ। ଏହି କାରଣରୁ ଏପରି ଏକ ଦେଶ ଅଛି ଯାହା ରାସ୍ତାଗୁଡ଼ିକୁ ବିଦ୍ୟୁତୀକରଣ କରିଛି।

ଏପର୍ଯ୍ୟନ୍ତ ଇଲେକ୍ଟ୍ରିକ କାର ବିଷୟରେ ଶୁଣିଥିବେ, କିନ୍ତୁ ଏବେ ଇଲେକ୍ଟ୍ରିକ ରାସ୍ତା ମଧ୍ୟ ଆସିଗଲାଣି। ସ୍ୱିଡେନ ହେଉଛି ବିଶ୍ୱର ପ୍ରଥମ ଦେଶ, ଯିଏ ଏହି ବର୍ଷ ସ୍ଥାୟୀ ଭାବରେ ବିଦ୍ୟୁତୀକରଣ ହୋଇଥିବା ରାସ୍ତା ଖୋଲିବ। ଏହି ରାସ୍ତାର ବିଶେଷତ୍ୱ ହେଉଛି ଯେ ଯାତାୟାତ ସମୟରେ ଇଲେକ୍ଟ୍ରିକ ଯାନଗୁଡ଼ିକୁ ସହଜରେ ଚାର୍ଜ କରାଯାଇପାରିବ।

ଏହି ୟୁରୋପୀୟ ଦେଶର ଲକ୍ଷ୍ୟ ହେଉଛି,ଏଠାରେ ୩୦୦୦ କିଲୋମିଟରରୁ ଅଧିକ ରାସ୍ତାକୁ ବିଦ୍ୟୁତୀକରଣ କରିବା। ଏଠାରେ ବୈଦ୍ୟୁତିକ ଯାନବାହନ ପାଇଁ ଏକ ଦୃଢ଼ ଇକୋସିଷ୍ଟମ ସୃଷ୍ଟି ହେଉଛି।

ଇଲେକ୍ଟ୍ରିକ ଯାନବାହନ ମାଲିକମାନେ ଏହା ଦ୍ୱାରା ବହୁତ ଲାଭବାନ ହେବେ, କାରଣ ସେମାନେ ଏହି ରାସ୍ତାରେ ଯାତ୍ରା କରିବା ସମୟରେ ସେମାନଙ୍କର ଯାନଗୁଡ଼ିକୁ ଚାର୍ଜ କରିପାରିବେ।

ଏଥିପାଇଁ, ଚାର୍ଜ ହେବାକୁ ଥିବା ଗାଡ଼ିରେ ଏକ ମୁଭେବଲ୍ ଆର୍ମ ଲଗାଇବାକୁ ପଡିବ। ଏହା ମାଧ୍ୟମରେ ଗାଡ଼ି ଚାର୍ଜ ହେବ।

ମୁଭେବଲ୍ ଆମଟି ରାସ୍ତାରେ ଥିବା ଟ୍ରାକ ସହିତ ସଂଯୋଗ ହେବ ଏବଂ ଏହା ଦେଇ ଯାଉଥିବା ଗାଡ଼ିର ବ୍ୟାଟେରୀକୁ ଚାର୍ଜ କରିବ। ଏପରି ରାସ୍ତା ନିର୍ମାଣ ପ୍ରତି କିଲୋମିଟର ପାଇଁ ୧.୨ ଡଲାର ନିୟୁତ ଖର୍ଚ୍ଚ ହେବ।

ଏହି ରାସ୍ତାର ବିଶେଷ କଥା ହେଉଛି ଏହାର ଉପର ଭାଗରେ ବିଦ୍ୟୁତ ନାହିଁ ଏବଂ ଏଥିରେ ଖାଲି ପାଦରେ ମଧ୍ୟ ଚାଲିପାରିବେ।

## କଦଳୀପତ୍ର ସୋରିଷ ପନିର



### ଆବଶ୍ୟକ ସାମଗ୍ରୀ

ପନିର, କଦଳୀପତ୍ର, ସୋରିଷ, ଜିରା, ରସୁଣ, ଶୁଖିଲା ଲଙ୍କା ବଟା, ଲେମ୍ବୁ ରସ, ଲୁଣ, ତେଲ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବଜାରରୁ କିଛି ପନିର ଆଣନ୍ତୁ। ତାଙ୍କୁ ଲମ୍ବା ଲମ୍ବା କରି କାଟି ରଖନ୍ତୁ। ପରେ କଦଳୀ ପତ୍ର ଆଣି ତାକୁ ନିଆଁରେ ସେକି ରଖନ୍ତୁ। ତା'ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଯିବା ପରେ କଟା ପନିରକୁ ଛାଣନ୍ତୁ। ଏହା ଛାଣି ହୋଇଯିବା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ଏହା ପରେ ପନିରରେ ସୋରିଷ, ଜିରା, ରସୁଣ, ଶୁଖିଲା ଲଙ୍କା ବଟା, ଲେମ୍ବୁ ରସ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାଇ ଦିଅନ୍ତୁ। ପରେ ସେକା କଦଳୀ ପତ୍ରରେ ମସଲା ଗୋଳା ପନିରକୁ ଗୋଡ଼ାଇ ରଖନ୍ତୁ। ତା'ପରେ ତାୱାରେ ଅଳ୍ପ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହେବାପରେ କଦଳୀପତ୍ର ଗୋଡ଼ା ପନିରକୁ ସେଥିରେ ପକାନ୍ତୁ। କିଛି ସମୟ ପରେ ତାକୁ ଓଲଟାଇ ଦିଅନ୍ତୁ। ଦୁଇ ପାଖ ହୋଇଯିବା ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା କଦଳୀପତ୍ର ସୋରିଷ ପନିର। ଏହାକୁ ଆପଣ ଭାତ ଓ ରୁଟି ସହ ଖାଇପାରିବେ।

## ଖରାଦିନେ କଲରା ଖାଉଛନ୍ତି କି ?

# ଜାଣନ୍ତୁ ଏହା ଶରୀରକୁ କେତେ ଫାଇଦା ଓ କ୍ଷତି ପହଞ୍ଚାଇଥାଏ



*କଲରା ଏକ ସ୍ୱାସ୍ଥ୍ୟ ଉପଯୋଗୀ ପରିବା । ଏହାର ସ୍ୱାଦ ପିତା ହୋଇଥିବା କାରଣରୁ ଏହାକୁ ବହୁ ଲୋକେ ଖାଇବାକୁ ପସନ୍ଦ କରିନଥାଆନ୍ତି । ହେଲେ ପାଟିକୁ ସୁସ୍ୱାଦୁ ନଲାଗିଲେ ମଧ୍ୟ କଲରାର ବହୁ ଔଷଧୀୟ ଗୁଣ ରହିଛି । ଏହା ଆମ ଶରୀରକୁ ଅନେକ ରୋଗରୁ ମୁକ୍ତି ଦେଇଥାଏ । ଗ୍ରୀଷ୍ମ ଋତୁରେ ଲୋକମାନେ ସେମାନଙ୍କର ଖାଦ୍ୟ ଏବଂ ପାନୀୟରେ ମଧ୍ୟ ଅନେକ ପରିବର୍ତ୍ତନ କରିଥାନ୍ତି। ତେବେ ଏହି ଋତୁରେ ଅଧିକ ମାତ୍ରାରେ କଲରା ଖାଇବା ଠିକ୍ ନା ଏହା ଶରୀରକୁ ଅଧିକ କ୍ଷତି ପହଞ୍ଚାଇ ଥାଏ, ଆଜି ଆମେ ଆପଣଙ୍କୁ କଲରା ଖାଇବାର ସୁବିଧା ଏବଂ ଅସୁବିଧା ତଥା ଏହାର ଗୁଣ ବିଷୟରେ କହିବାକୁ ଯାଉଛୁ । ପ୍ରଥମେ ଆସନ୍ତୁ କଲରାର ଉପକାରିତା ବିଷୟରେ ଆଲୋଚନା କରିବା ।*

### ଗ୍ରୀଷ୍ମ ଋତୁରେ କଲରା ଖାଇବାର ଫାଇଦା

- ଓଜନ ହ୍ରାସ କରିବାରେ କଲରା ସାହାଯ୍ୟକାରୀ ହୋଇଥାଏ ।
- ଦୃଷ୍ଟି ଶକ୍ତି ବଢାଇବା ପାଇଁ ଗ୍ରୀଷ୍ମ ଋତୁରେ କଲରା ଖାଇବା ଭଲ ବୋଲି କୁହାଯାଇଥାଏ।
- ମଧୁମେହ ରୋଗୀଙ୍କ ପାଇଁ ଗ୍ରୀଷ୍ମ ଋତୁରେ ପିତା ଖାଇବା ଏକ ଆରାମଦାୟକ ।
- କଲରାରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ମିଳିଥାଏ। ଯେଉଁଥିପାଇଁ ଶରୀରର ଫୁଲା ଦୂର ହୋଇଯାଏ ।
- ଚର୍ମ ସହିତ ଜଡିତ ଅନେକ ରୋଗ ମଧ୍ୟ ନିୟମିତ କଲରା ଖାଇବା ଦ୍ୱାରା ଦୂର ହୋଇପାରିବ।

କୋଷ୍ଠକାଠିନ୍ୟ ଭଳି ରୋଗର ମୁକାବିଲା ପାଇଁ କଲରା ଉତ୍କୃଷ୍ଟ ଖାଦ୍ୟ ହୋଇଥାଏ।

### କଲରା ଖାଇଲେ ହୋଇଥାଏ ଏହି ସବୁ ଅସୁବିଧା

ମଧୁମେହ ରୋଗୀମାନେ କଲରା ଖାଇବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରାବା ଉଚିତ୍।

ଯେଉଁ ମହିଳାମାନେ ନିଜ ପିଲାମାନଙ୍କୁ ସ୍ତନ୍ୟପାନ କରାଉଛନ୍ତି, ସେମାନେ କଲରା ଖାଇବା ଠାରୁ ଦୂରେଇ ରହିବା ଉଚିତ୍ ।

ଗର୍ଭାବସ୍ଥାରେ ମଧ କଲରା ଖାଇବା ଉଚିତ୍ ନୁହେଁ। ଏପରି କରିବା ଦ୍ୱାରା କ୍ଷତି ହୋଇପାରେ।

ଅନେକ ଥର କଲରା ଖାଇବା ଦ୍ୱାରା ପେଟରେ ଗ୍ୟାସ୍ ସୃଷ୍ଟି ହୁଏ ।

### ଶରୀରକୁ ଥଣ୍ଡା ରଖେ କଲରା

କଲରାର ଗୁଣ ବିଷୟରେ ଜାଣିବା। କଲରା ଖାଇବା ଦ୍ୱାରା ଶରୀର ଥଣ୍ଡା ହୋଇଥାଏ। ସେଥିପାଇଁ ଗ୍ରୀଷ୍ମ ଋତୁରେ ପିତା ପନିପରିବା ବହୁତ ଖାଆନ୍ତି । କଲରାରେ ଏପରି ଅନେକ ପୋଷକ ତତ୍ତ୍ୱ ରହିଥାଏ। ଯାହା ଆପଣଙ୍କ ଶରୀରକୁ ଫିଟ୍ ରଖିବାରେ ସାହାଯ୍ୟ କରିଥାଏ। ଏଥିରେ କ୍ୟାଲସିୟମ୍, ପ୍ରୋଟିନ୍, ପୋଟାସିୟମ୍, ଭିଟାମିନ୍, ମ୍ୟାଗ୍ନେସିୟମ୍, ଫସଫରସ୍ ଏବଂ ଫାଇବର ଭଳି ଜିନିଷ ଅନ୍ତର୍ଭୁକ୍ତ।



# ୬୦୦ କୋଟି କ୍ଲବ୍‌ରେ ସାମିଲ ହେଲା ଭିକିଙ୍କ 'ଛାଭା'



'ଛାଭା' ପ୍ରଥମେ ୧୪ ଫେବୃଆରୀ ୨୦୨୫ରେ ଦେଶର ସମସ୍ତ ସିନେମା ହଲ୍ ରେ ରିଲିଜ ରିଲିଜ ହୋଇଥିଲା, ଏହାପରେ ୧୧ ଏପ୍ରିଲରେ ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ରିଲିଜ୍ ହୋଇସାରିଛି । ଏଥିରେ, ଭିକି କୌଶଲ ଏବଂ ରଶ୍ମିକା ମନ୍ଦାନାଙ୍କ ଉତ୍କୃଷ୍ଟ ଅଭିନୟକୁ ଦର୍ଶକ ବହୁତ ପ୍ରଶଂସା କରିଥିଲେ। ଏହି ଫିଲ୍ମ ଏବେ ବି ଥିଏଟରରେ ଚାଲିଛି । ଫିଲ୍ମଟି ଏହାର ତେଲୁଗୁ-ଡବ୍ ସଂସ୍କରଣ ମାଧ୍ୟମରେ ଇଣ୍ଡଷ୍ଟ୍ରିରେ ହଇଚଇ ସୃଷ୍ଟି କରିଥିଲା ଏବଂ ହିନ୍ଦୀ ବକ୍ସ ଅଫିସ୍ କଲେକ୍ସନରେ ଏକ ନୂତନ ରେକର୍ଡ ସୃଷ୍ଟି କରିଥିଲା । ଏହି ପିରିୟଡ୍ ଡ୍ରାମା ପ୍ରଥମ ନନ୍-ସିକ୍ୱଲ୍ ହିନ୍ଦୀ ଫିଲ୍ମ ହୋଇଛି ଯାହା ୬୦୦ କୋଟି କ୍ଲବରେ ସାମିଲ ହୋଇଛି । ରାଜକୁମାର ରାଓ-ଶ୍ରଦ୍ଧା କପୁରଙ୍କ 'ସ୍ତ୍ରୀ ୨' ଏବଂ ଅଲ୍ଲୁ ଅର୍ଜୁନଙ୍କ 'ପୁଷ୍ପା ୨' (ହିନ୍ଦୀ) ପରେ ବିକି କୌଶଲଙ୍କ 'ଛାଭା' ଭାରତରେ ତୃତୀୟ ସର୍ବାଧିକ ଆୟ କରିଥିବା ଫିଲ୍ମ ହୋଇପାରିଛି । ଟ୍ରେଡ୍ ଆନାଲିଷ୍ଟ ତରଣ ଆଦର୍ଶଙ୍କ ଅନୁଯାୟୀ, 'ସ୍ତ୍ରୀ ୨' ଏବଂ 'ପୁଷ୍ପା ୨' (ହିନ୍ଦୀ) ପରେ, ଭିକି କୌଶଲଙ୍କ 'ଛାଭା' ଭାରତରେ ୬୦୦ କୋଟି ଟଙ୍କା ରୋଜଗାର କରିବାରେ ତୃତୀୟ ଫିଲ୍ମ ପାଲଟିଛି। ତେବେ 'ଛାଭା' ଭିକି କୌଶଲ ଏବଂ ଅକ୍ଷୟ ଖାନାଙ୍କ କ୍ୟାରିଅରରେ ସର୍ବାଧିକ ଆୟ କରିଥିବା ଫିଲ୍ମ ପାଲଟିଛି । 'ଛାଭା'ରେ ଛତ୍ରପତି ସମ୍ଭାଜୀ ମହାରାଜଙ୍କ ଜୀବନୀ ଏବଂ ତାଙ୍କ ସାହସିକତାକୁ ସୁନ୍ଦର ଭାବରେ ଚିତ୍ରଣ କରାଯାଇଛି । ଏହି ଐତିହାସିକ ଆକ୍ସନ୍ ଫିଲ୍ମଟି ମରାଠା ସାମ୍ରାଜ୍ୟର ଦ୍ୱିତୀୟ ରାଜା ସମ୍ଭାଜୀ ମହାରାଜଙ୍କ ଉପରେ ଆଧାରିତ, ଯାହାଙ୍କ ଭୂମିକାରେ ବିକି କୌଶଲ ଅଭିନୟ କରିଛନ୍ତି । ଶିବାଜୀ ସାୱନ୍ତଙ୍କ ମରାଠୀ ଉପନ୍ୟାସ 'ଛାଭା' ଉପରେ ଆଧାରିତ, ଏହା ଲକ୍ଷ୍ମଣ ଉତେକରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ମାଡକ୍ ଫିଲ୍ମସ୍ ଅଧୀନରେ ଦିନେଶ ବିଜାନଙ୍କ ଦ୍ୱାରା ପ୍ରଯୋଜିତ । ଏହି ଚଳଚ୍ଚିତ୍ରରେ ଅକ୍ଷୟ ଖାନ୍ନା ଔରଙ୍ଗଜେବ ଏବଂ ରଶ୍ମିକା ମନ୍ଦାନାଙ୍କୁ ୟସୁବାଇ ଭୋଁସଲେ (ଛତ୍ରପତି ସମ୍ଭାଜୀ ମହାରାଜଙ୍କ ପତ୍ନୀ) ଭାବରେ ଅଭିନୟ କରିଥିଲେ । ଏଥିରେ ଆଶୁତୋଷ ରାଣା, ବିନୀତ କୁମାର ସିଂହ, ଦିବ୍ୟା ଦତ୍ତା, ପ୍ରଦୀପ ସିଂହ ରାୱତ, ଡାଏନା ପେଣ୍ଟିଙ୍କ ଭଳି ଷ୍ଟାରମାନେ ମଧ୍ୟ ଅଭିନୟ କରିଛନ୍ତି ।



# ବୋଟକ୍ସ ଠୁ ଦୂରରେ କରୀନା

ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ କରୀନା କପୁର ଅଭିନୟ ବାଦ୍ ସବୁବେଳେ ସୌନ୍ଦର୍ଯ୍ୟ ଓ ଫିଟ୍‌ନେସ୍ ପାଇଁ ଚର୍ଚ୍ଚାରେ ରହିଥାନ୍ତି। ତେବେ ଏବେ ସେ ନିଜକୁ କିଭଳି ଫିଟ୍ ଓ ସୁନ୍ଦର ରଖୁଛନ୍ତି, ସେ ସମ୍ପର୍କରେ କହିଛନ୍ତି। ଏବେ କରୀନା ସବୁପ୍ରକାର କୃତ୍ରିମ ଆଣ୍ଟି ଏଜିଂ ଟ୍ରିଟ୍‌ମେଣ୍ଟଠୁ ଦୂରରେ ରହିବାକୁ ଚାହିଁଛନ୍ତି। ତେଣୁ ସେ ପ୍ରାକୃତିକ ଉପାୟରେ ତ୍ୱଚାକୁ ସୁନ୍ଦର ରଖୀବା ଦିଗରେ ଯତ୍ନବାନ ହୋଇଛନ୍ତି। ସେହିପରି ସେ ନିଜକୁ ଫିଟ୍ ରଖିବା ପାଇଁ ଯୋଗ, ହେଲଦି ଡାଏଟ୍ ଏବଂ ସ୍କିନ୍ କେୟାର୍ ରୁଟିନ୍‌କୁ ନିଜର ନିତିଦିନର ଜୀବନଶୈଳୀରେ ସାମିଲ କରିଛନ୍ତି। ସେଥିପାଇଁ କରୀନା ସୂର୍ଯ୍ୟନମସ୍କାର, ପିଲେଟ ୱାର୍କଆଉଟ୍‌କୁ କରିବା ସହ ଅଧିକ ପାଣି ପିଉଛନ୍ତି। ତାଙ୍କ ମତରେ, ଶରୀରକୁ ଫିଟ୍ ରଖୀବା ପାଇଁ ଠିକ୍ ଏକ୍ସରସାଇଜ୍ ଏବଂ ଡାଏଟ୍ ସବୁଠୁ ଜରୁରି। ତା'ସହ ସେ ଖାଦ୍ୟ ପାନୀୟରେ ଫଳ, ସାଲାଡ, ଘର ତିଆରି ଖାଦ୍ୟ, ହାଇଡ୍ରେଟିଂ ପାନୀୟ ଆଦି ହେଲଦି ଫୁଡ୍‌କୁ ସାମିଲ କରିଛନ୍ତି। ସେହିପରି ଜଙ୍କ ଓ ପ୍ରୋସେସଡ୍ ଖାଦ୍ୟପଦାର୍ଥଠାରୁ ନିଜକୁ ଦୂରେଇ ରଖିଥିବା କରୀନା କହିଛନ୍ତି। ଅନ୍ୟପଟେ ତ୍ୱଚାକୁ ସୁନ୍ଦର ରଖୀବା ପାଇଁ କ୍ଲିନଜିଂ, ମଏଶ୍ଚରାଇଜିଂ ଏବଂ ସନସ୍କ୍ରିନ୍ ବ୍ୟବହାର କରନ୍ତି। ତେବେ ପ୍ରକୃତ ସୁନ୍ଦରତା ବୋଟକ୍ସ କିମ୍ବା କସ୍‌ମେଟିକ୍ ସର୍ଜରୀରେ ନୁହେଁ, ବରଂ ଆତ୍ମବିଶ୍ୱାସ ଏବଂ ଖୁସି ରହିବାରେ ଥିବା କରୀନା କହିଛନ୍ତି।




Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ବିଜେପି ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଶ୍ରଦ୍ଧେୟ ବାବା ସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ସମ୍ମାନ ଅଭିଯାନ ନିମନ୍ତେ ଏକ ଜିଲ୍ଲା ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲ୍ଲା ସଭାପତି ତଥା କାର୍ଯ୍ୟକ୍ରମର ସଂଯୋଜକ ଆଡଭୋକେଟ୍ ନରେଶ ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ମୁଖ୍ୟ ଅତିଥି, ରାଜ୍ୟସଭା ସାଂସଦ ସୁଜିତ କୁମାର ମୁଖ୍ୟ ବକ୍ତା ଏବଂ କାମାକ୍ଷାନଗର ବିଧାୟକ ପ୍ରଦୀପ ନାୟକ ଓ ପ୍ରଧାନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସହ-ସଂଯୋଜକ ସଞ୍ଜିବ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବା ସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ବାଲ୍ୟ ଜୀବନ ଓ ସମାଜ ପାଇଁ ତାଙ୍କର ଉତ୍ସର୍ଗୀକୃତ ଅବଦାନ ସମ୍ପର୍କରେ ସଂଯୋଜକ ନରେଶ ଚନ୍ଦ୍ର ମହାପାତ୍ର ମାର୍ଗଦର୍ଶନ କରାଇଥିବା ସମୟରେ ଅତିଥିମାନେ ତାଙ୍କର ଜୀବନ ଦର୍ଶନ ଓ ଶିକ୍ଷା ଉପରେ ଆଲୋକପାତ କରିବା ସହ ତାଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଷ୍ଟ୍ରର ସାମଗ୍ରିକ ବିକାଶରେ ସାମିଲ ହେବାକୁ ମାର୍ଗଦର୍ଶନ କରାଇଥିଲେ। ଉକ୍ତ ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ଦଳୀୟ ପଦାଧିକାରୀ ଓ ଜନସାଧାରଣ ଯୋଗ ଦେଇଥିଲେ। ଶେଷରେ କାର୍ଯ୍ୟକ୍ରମର ଅନ୍ୟତମ ସହ ସଂଯୋଜକ ଲକ୍ଷ୍ମୀଧର ଦଳେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମେ କାଶ୍ମୀରର ପହଲଗାମ ଠାରେ ଆତଙ୍କବାଦୀ ଦ୍ୱାରା ପ୍ରାଣ ହରାଇଥିବା ପର୍ଯ୍ୟଟକମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।



# ଆଳିରେ ମାତିଛନ୍ତି ବାଲି ଓ ମାଟି ମାଫିଆ



ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଖଣି ବିଭାଗ ଅଧୀନରେ ଥିବା ମୂଲ୍ୟବାନ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ବନ୍ଦ ହେବାର ନାଁ ଧରୁନାହିଁ। ବିଭାଗୀୟ ଅଧିକାରୀଙ୍କ ସହଯୋଗ ରହୁଥିବାରୁ ଏହି ବେଆଇନ କାର୍ଯ୍ୟ ଅଣାୟତ୍ତ ହୋଇପଡ଼ିଛି। ପ୍ରତ୍ୟହ ଦିନ ନଦୀ ପଠା ଓ ସରକାରୀ ଜମିରୁ ନିୟମିତ ବାଲି ଓ ମାଟି ଚୋରି ହେଉଥିବା ଅଭିଯୋଗ ହେଉଥିବା ବେଳେ ଖଣି ବିଭାଗ ରେ ପାଉନାହିଁ। କେତେକ ସ୍ଥାନରେ ଖବର ପାଇ ରାଜସ୍ୱ ବିଭାଗ ଚଢ଼ାଉ କରୁଥିବା ବେଳେ ସବୁ ଜାଣି ଅଜଣା ଖଣି ବିଭାଗ। ରାତି ହେଲେ ମାଫିଆ ଜେସିବି ଓ ଟ୍ରାକ୍ଟର ସାହାଯ୍ୟରେ ସରକାରୀ ଜମି ଓ ନଦୀ ପଠାକୁ ତାଡ଼ି ବାଲି ଓ ଧସା ମାଟି ନେଇଯାଉଛନ୍ତି। ତାହାକୁ ଟ୍ରିପ ପିଛା ହଜାର ହଜାର ଟଙ୍କାରେ ବିକୁଥିବା ଜଣାପଡ଼ିଛି। ତେବେ ଏହି ବାଲି ଓ ମାଟି ଦିନ ରାତି ଜେସିବି ଦ୍ୱାରା ଟ୍ରାକ୍ଟର ଓ ବଡ଼ ବଡ଼ ଟ୍ରକ ସହଯୋଗରେ ବୁହା ହେଉଛି। ଏଠି ପ୍ରଶ୍ନ ଉଠେ ବ୍ୟାପକ ଲଘୁ ଖଣିଜ ସମ୍ପଦ ଲୁଟ ହେଉଥିବା ବେଳେ ଖଣି ବିଭାଗ କରୁଛି କ'ଣ? ବିଶେଷ କରି ଆଳି ବ୍ଲକ ଅଧୀନରେ ଥିବା କୁଆଁଶିଆ, ଯେତେପଡ଼ା, ମେଣ୍ଟପୁର, ନରେନ୍ଦ୍ରପୁର, ବାଙ୍କଟୀ ଆଦି ପ୍ରାୟ ସମସ୍ତ ନଦୀପାଖ ପଠା ଏବଂ ସରକାରୀ ଜମିରେ ବାଲି ଓ ମାଟି ମାଫିଆ ସକ୍ରିୟ ଥିବାବେଳେ ପ୍ରଶାସନ ଚୁପ ବସିଛି। ଏ ନେଇ ସାଧାରଣ ଲୋକେ ପ୍ରଶାସନକୁ ଆରମ୍ଭ କରି ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ଦାବୀ ହୋଇ ଆସିଥିଲେ ବି କୌଣସି ସୁଫଳ ମିଳିନଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଖୋଳା ଯାଉଥିବା ସ୍ଥାନଗୁଡ଼ିକରେ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହେଉଥିବାରୁ ବିଭିନ୍ନ ସମୟରେ ସେଥିରେ ଗାଈଗୋରୁ ପଡ଼ି ହରାଇଣ ହେଉଛନ୍ତି। ସୂଚନାରୁ ପ୍ରକାଶ ଯେ ପୂର୍ବରୁ ମଧ୍ୟ ଆଳି ପୋଲିସ ଓ ରାଜସ୍ୱ ବିଭାଗ ଦ୍ୱାରା ମିଳିତ ଚଢ଼ାଉ କରି ବହୁ ଗାଡ଼ି ଜବତ ହୋଇ ଆଳି ଥାନାରେ ପଡ଼ିରହିଛି। ବାରମ୍ବାର ଏ ନେଇ ଖବର ପ୍ରସାରଣ ପରେ ରବିବାର ଖଣି ବିଭାଗର କନିଷ୍ଠ ଖଣି ବିଭାଗ ଅଧିକାରୀ ଧର୍ମେନ୍ଦ୍ର ଆଖ୍ତାରା ପରି ଆଳିର ବିଭିନ୍ନସ୍ଥାନରେ ଚଢ଼ାଉ କରିଥିବା ଜଣାପଡ଼ିଛି।

# ଅଘୋଷିତ ବିଦ୍ୟୁତ କାଟ୍, ତାତିରେ ଲୋକେ ଛଟପଟ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ାରେ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ଲୋକମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଅଘୋଷିତ ବିଦ୍ୟୁତ କାଟ ସେମାନଙ୍କ ସମସ୍ୟାକୁ ଆହୁରି ଅଧିକ ବଢାଇ ଦେଇଛି। ବିଶେଷତଃ କେନ୍ଦ୍ରାପଡା ବିଦ୍ୟୁତ ଡିଭିଜନ ଅଧିନ ୨ନମ୍ବର ସେକ୍ସନର ଭରତପୁର, ମେହେନ୍ଦିପୁର, ଖଣ୍ଡିଆବନ୍ଧ, ପାରାଚକ, ଦିଆନପାଟଣା, ଜଗନ୍ନାଥପୁର, କନ୍ତିଆ ପ୍ରଭୃତି ଅଞ୍ଚଳରେ ଦୈନିକ ବିଭିନ୍ନ ସମୟରେ ୧୦ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଅଘୋଷିତ ବିଦ୍ୟୁତ କାଟ ହେଉଛି। ଦୈନିକ ସକାଳ ୮ଟାରୁ ୧୧ଟା, ଅପରାହ୍ନ ୧୨ଟାରୁ ସାଢେ ଦୁଇଟା, ସନ୍ଧ୍ୟା ୭ଟାରୁ ରାତି ୧୦ଟା ଓ ରାତି ୧୨ଟାରୁ ଦୁଇଟା ପର୍ଯ୍ୟନ୍ତ ବିଦ୍ୟୁତକାଟ ହେଉଛି। ଏନେଇ ପୂର୍ବରୁ କୌଣସି ସୂଚନା ଦିଆଯାଉ ନାହିଁ ବୋଲି ବିଭିନ୍ନ ଗ୍ରାମର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଭରତପୁର ଗ୍ରାମର ସଞ୍ଜୟ କୁମାର ଦାସ କହିଛନ୍ତି ଅଘୋଷିତ ବିଦ୍ୟୁତ କାଟ ଦ୍ୱାରା ଲୋକେ ଛଟପଟ ହେଉଛନ୍ତି। ବିଶେଷକରି ଘରେ ଚିକିତ୍ସାଧିନ ଅବସ୍ଥାରେ ଥିବା ରୋଗୀ ଓ ବରିଷ୍ଠ ନାଗରିକ ବିଦ୍ୟୁତ କାଟ ଦ୍ୱାରା ଛଟପଟ ହେଉଛନ୍ତି। ନବଜାତକ ଓ ଶିଶୁମାନଙ୍କ ଅବସ୍ଥା ନକହିଲେ ଭଲ। ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ବିଦ୍ୟୁତ କାଟ ହେବା ଦ୍ୱାରା ସେମାନେ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଖଣ୍ଡିଆବନ୍ଧ ଗ୍ରାମର ବୁଦ୍ଧିଜୀବୀ ଶ୍ରୀଧର ସାମଲ କହିଛନ୍ତି ଯଦି ବିଦ୍ୟୁତ କାଟ ହେବ ସେ ନେଇ ବିଭାଗ ପକ୍ଷରୁ ବିଜ୍ଞାପନ ମାଧ୍ୟମରେ କିମ୍ବା ଡାକବାଜି ଯନ୍ତ୍ର ସାହାଯ୍ୟରେ ପୂର୍ବରୁ ସୂଚନା ଦେବା ଉଚିତ। ଏହାଦ୍ୱାରା ଲୋକମାନେ ପୂର୍ବରୁ ପ୍ରସ୍ତୁତ ହୋଇ ରହିବେ। ଲୋକେ ବିଦ୍ୟୁତ କାଟ ହେବା ଜାଣିଲେ ବିକଳ୍ପ ବ୍ୟବସ୍ଥା କରିପାରିବେ। କିନ୍ତୁ ଅଘୋଷିତ ଭାବେ ବିଦ୍ୟୁତ କାଟ ହେଉଥିବାରୁ ଲୋକେ ପ୍ରାକ୍ ସୂଚନା ପାଉନାହାନ୍ତି କି ସଠିକ ସମୟରେ ଏହାର ବିକଳ୍ପ ବ୍ୟବସ୍ଥା କରିପାରୁ ନାହାନ୍ତି। ଫଳରେ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେବା ଛଡ଼ା ଅନ୍ୟ ପନ୍ଥା ରହୁନାହିଁ ବୋଲି ସେ କହିଛନ୍ତି। ଏହିସବୁ ଅଞ୍ଚଳର ଲୋକମାନେ ପ୍ରବଳ ଗ୍ରୀଷ୍ମ ପ୍ରବାହ ତାତିରେ ଛଟପଟ ହେଉଛନ୍ତି। ବିଦ୍ୟୁତ ଉପଭୋକ୍ତାମାନେ ବିଭାଗକୁ ବାରମ୍ବାର ଏ ସମ୍ପର୍କରେ ଅବଗତ କରୁଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରି ନାହିଁ। ଏଭଳି ଘଟଣା ସେହି ଅଞ୍ଚଳରେ ବାରମ୍ବାର ଘଟୁଥିବା ଅଭିଯୋଗ ହୋଇଆସୁଥିଲେ ମଧ୍ୟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସେଥିପ୍ରତି ଦୃଷ୍ଟି ଦେଉ ନଥିବା ଅଭିଯୋଗ ହୋଇଛି। ବିଦ୍ୟୁତ ବିଭାଗ (ଟିପିସିଓଡିଏଲ) ପକ୍ଷରୁ ଗ୍ରାମାଞ୍ଚଳରେ ଅଘୋଷିତ ବିଦ୍ୟୁତ କାଟକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି। ପ୍ରବଳ ଖରାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ଏଭଳି ଅଘୋଷିତ ବିଦ୍ୟୁତ କାଟକୁ ନେଇ ଉପଭୋକ୍ତାମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ବିଦ୍ୟୁତ ବିଭାଗକୁ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ କେନ୍ଦ୍ରାପଡା ବିଦ୍ୟୁତ ଡିଭିଜନ (ଟିପିସିଓଡିଏଲ)ର ସହକାରୀ ସାଧାରଣ ପରିଚାଳକ ପ୍ରତାପ କୁମାର ସ୍ୱାଇଁଙ୍କୁ ପଚାରିବାରେ ସେ କୁହନ୍ତି ଯେ ଅଘୋଷିତ ବିଦ୍ୟୁତକାଟ ହେଉନାହିଁ। କେଉଁ କେଉଁ ସ୍ଥାନରେ ବିଦ୍ୟୁତ ଉପକରଣ ପୋଡିଯିବାରୁ ମରାମତି ପାଇଁ ଏଭଳି ସମସ୍ୟା ହେଉଛି।

## ହୀରାଘାଇ ନଈରେ ବୁଡ଼ି ବାଳକ ମୃତ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଥାନା କାଁପଡ଼ା ପଞ୍ଚାୟତ ଅଧୀନ ଦପା ଗ୍ରାମର ଦେବେନ୍ଦ୍ର ଦାସଙ୍କ ପୁଅ ସ୍ୱରାଜ (୭) ରବିବାର ମଧାହ୍ନ ୨ଟା ସମୟରେ ହୀରାଘାଇ ନଈରେ ବୁଡ଼ି ମୃତ୍ୟୁବରଣ କରିଥିବା ଜଣାଯାଇଛି। ସୂଚନା ଅନୁସାରେ ସ୍ୱରାଜ ସାଙ୍ଗମାନଙ୍କ ସହ ମିଶି ତାଙ୍କ ଘର ଠାରୁ କିଛି ଦୂରରେ ଥିବା ହୀରାଘାଇ ନଈରେ ଗାଧୋଇବାକୁ ଯାଇଥିଲେ। ଗାଧୋଉ ଥିବା ବେଳେ ପାଣିରେ ହଠାତ୍ ବୁଡ଼ି ଯାଇଥିଲେ। ସାଙ୍ଗମାନେ ତାଙ୍କ ପରିବାରକୁ ଏ ସମ୍ପର୍କରେ ଜଣାଇ ଥିଲେ। ପରେ ତାଙ୍କ ପରିବାର ଲୋକ ନଈରୁ ସ୍ୱରାଜକୁ ଉଦ୍ଧାର କରି ତିହିଡ଼ି ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତିହିଡ଼ି ପୁଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାଯାଇଛି।

# ଚିଲିକାର ଆୟତନ କମୁଛି

## ଅନେକ ପ୍ରଜାତିର ମାଛ ବିଲୁପ୍ତ, ଚିନ୍ତାରେ ମତ୍ସ୍ୟଜୀବୀ



କଣାସ, (ଭାସ୍କର ନ୍ୟୁଜ୍): ଚିଲିକାର ଆୟତନ କ୍ରମଶଃ ହ୍ରାସ ପାଉଥିବାରୁ ଓ ଅନେକ ପ୍ରକାର ମାଛ ଚିଲିକାରୁ ବିଲୁପ୍ତ ହୋଇଯାଇଥିବାରୁ ଏହା ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏକ ଅନୁ ସନ୍ଧାନ ଅନୁଯାୟୀ ୧୯୪୫ ମସିହାରେ ଚିଲିକାର ଆୟତନ ୨୯୪୬ ବର୍ଗ କିମି ଥିଲା। ୧୯୬୨ ମସିହାରେ ଏହା ହ୍ରାସ ପାଇ ବନ୍ୟା ସମୟରେ ଜଳ ଭାଗ ୯୮୭ ବର୍ଗ କିମି ରହୁଥିବାବେଳେ ଗ୍ରୀଷ୍ମୀ କାଳରେ ୭ ଶହ ବର୍ଗ କିମି ରହୁଛି। ୬ ଶହ ବର୍ଗ କିମି ଭିତରେ ଝାଉଁବଣ ସୃଷ୍ଟି କରାଯାଉଥିବାରୁ ଚିଲିକାର ଜଳ ଭାଗ ଆଶାତୀତ ଭାବରେ କମି ଯାଉଥିବା ଅଭିଯୋଗ ହେଉଛି ଫଳରେ ପୁରୀ ଜିଲ୍ଲାର କଣାସ,ପୁରୀ ସଦର, ବ୍ରହ୍ମଗିରୀ, କୃଷ୍ଣପ୍ରସାଦ, ଗଞ୍ଜାମ ଜିଲ୍ଲାର ଛତ୍ରପୁର ଓ ଖଲିକୋଟ ତଥା ଖୋର୍ଦ୍ଧା ଜିଲ୍ଲାର ଚିଲିକ ଓ ଟାଙ୍ଗୀ ବ୍ଲକର ପ୍ରାୟ ୨ ଲକ୍ଷ ୫୮ ହଜାର ମତ୍ସ୍ୟଜୀବୀ ଜୀବିକା ହରାଇ ଆର୍ଥିକ ସଙ୍କଟରେ ସମ୍ମୁଖୀନ ହେଉଛନ୍ତି। ଚିଲିକାର ଜଳରାଶୀ ୯୮୭ ବର୍ଗ କିମି ଆୟତନ ମଧ୍ୟରେ ସୀମିତ ଥିବାବେଳେ ଅଧିକାଂଶ ଜାଗା ଚିଙ୍ଗୁଡି ମାଫିଆ କବଳରେ ରହିଛି। ଏକ ସର୍ଭେରୁ ଜଣା ପଡିଛି ବର୍ତ୍ତମାନ ମତ୍ସଜୀବୀମାନଙ୍କର ୨୩ ହଜାର ୮ଶହ ଡଙ୍ଗା ପରିବହନ କାର୍ଯ୍ୟରେ ନିୟୋଜିତ ଓ ପ୍ରାୟ ୧୦୮ପ୍ରଜାତିର ମାଛ ଚିଲିକାରୁ ବିଲୁପ୍ତ ହୋଇଗଲାଣି। କେନ୍ଦ୍ର ଓ ରାଜ୍ୟ ସରକାର ଚିଲିକାର ବିକାଶ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ଏହା ଦ୍ରୁତ ଅବନିତି ଆଡକୁ ଗତି କରୁଥିବାରୁ ବୁଦ୍ଧିଜୀବୀ ଓ ପରିବେଶବିତମାନେ ଉଦବେଗ ପ୍ରକାଶ କରିଛନ୍ତି। ଅନେକ ମତ୍ସ୍ୟଜୀବୀମାନେ ନିଜନିଜର ବେଉସା ହରାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ନିର୍ଯାତିତ ହେଉଥିବା ବିଭିନ୍ନ ଗଣମାଧ୍ୟମରେ ଅନେକ ବାହାରୁଥିବା ନଜିର ରହିଛି। ମତ୍ସ୍ୟଜୀବୀମାନଙ୍କ ଥଇଥାନ ପାଇଁ ଗୋପୀନାଥପୁର ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଅନାମ ବେହେରା ଦାବୀ କରିଛନ୍ତି।

# ସମ୍ପୂର୍ଣ୍ଣ ନିଃଶୁଳ୍କ ତଥା ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ



ରାୟଗଡ଼ା, (ଭାସ୍କର ନ୍ୟୁଜ୍): ରାୟଗଡ଼ା ଶ୍ରୀ ସତ୍ୟ ସାଇ ଭ୍ରାମ୍ୟମାଣ ଚିକିତ୍ସାଳୟ ପକ୍ଷରୁ ଜେକେ ପୁର ସାଇ ସମିତି ଆନୁକୂଲ୍ୟରେ କୋଲନାରା ବ୍ଲକ ଅନ୍ତର୍ଗତ ଦୁଦୁଲି ଗ୍ରାମ ପଞ୍ଚାୟତ ଠାରେ ସମ୍ପୂର୍ଣ୍ଣ ନିଃଶୁଳ୍କ ତଥା ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ସମୁଦାୟ ୨୦୬ ଗରିବ ରୋଗୀ ଉପକୃତ ହୋଇପାରିଛନ୍ତି। ସେଥି ମଧ୍ୟରୁ ୧୬୫ ଜଣ ଭେଷଜ, ୧୬ ଜଣ ଦାନ୍ତ, ୬୮ ଜଣ ଚକ୍ଷୁ ଚିକିତ୍ସା ପାଇପାରିଛନ୍ତି। ୩୪ ବିଭିନ୍ନ ରୋଗୀଙ୍କର ରକ୍ତ ନମୂନା ପରୀକ୍ଷା କରାଯାଇଥିଲା ଏବଂ ୦୨ ଜଣ ହୃଦରୋଗୀଙ୍କର ଇସିଜି ପରୀକ୍ଷା କରାଯାଇଥିଲା। ସେଥିରୁ ଜଣେ ଜଟିଳ ହୃଦରୋଗୀକୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବାରେ ଦୁଦୁଲି ସରପଞ୍ଚ ରବି, ୱାର୍ଡ ମେମ୍ବର, ଆଶା ଦିଦି ମାନେ ବହୁତ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ଡାକ୍ତର ଏମ୍ ସୁରେଶ କୁମାର ଚକ୍ଷୁ ବିଶେଷଜ୍ଞ, ଡାକ୍ତର ଜି ଭି ରାମନା ଶିଶୁ ରୋଗ ବିଶେଷଜ୍ଞ, ଡାକ୍ତର ଭି ଲୋକନାଥ ରାଜୁ ଅବସର ପ୍ରାପ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ, ଡାକ୍ତର ସୌମ୍ୟରଞ୍ଜନ ନାୟକ, ଏମ୍ଓ କୋଲନରା, ଡାକ୍ତର ହିରାଚାନ୍ଦ ପଟ୍ଟନାୟକ ଓ ଡାକ୍ତର ମଧୁସ୍ମିତା ଜୈନ ବିଶିଷ୍ଟ ଦନ୍ତ ଚିକିତ୍ସକ ଏହି ସେବାରେ ଯୋଗଦାନ କରିଥିଲେ। ସେହିପରି ଫାର୍ମାସିଷ୍ଟ ଏ ମୁରଲୀଧର ବେହେରା ଓ ପ୍ରମୋଦ କୁମାର ସାହୁ ମକ୍ଷମ କୋଲନରା, ରକ୍ତ ନିଦାନ ପରୀକ୍ଷକ ମନୋଜ କୁମାର ପାଢ଼ୀ, ଚକ୍ଷୁ ସହାୟକ ମୀନକେତନ କୋଣ୍ଡାଗରି, ଏଲଭି ପ୍ରସାଦ ଚକ୍ଷୁ ଚିକିତ୍ଛାଳୟ, ସ୍ୱପ୍ନାରାଣୀ ମିଶ୍ର ଦନ୍ତ ସହାୟକ ଏବଂ ସେଞ୍ଚୁରିଆନ ୟୁନିଭେର୍ସିଟିର ରକ୍ତ ନମୂନା ପରୀକ୍ଷାର୍ଥୀ ଛାତ୍ରମାନେ ଯୋଗ ଦେଇଥିଲେ। ସମସ୍ତ ରୋଗୀଙ୍କୁ ଉପଯୁକ୍ତ ମାଗଣା ଔଷଧ ବିତରଣ କରାଯାଇଥିଲା। ଶ୍ରୀ ସତ୍ୟ ସାଇ ସଂଗଠନର ୨୫ ଜଣ ସେବାଦଳ ସେବା କାର୍ଯ୍ୟରେ ଯୋଗ ଦେଇଥିଲେ ଓ ସୁରି ନାଗେଶ୍ୱର ରାଓ, କୋଲନରା ସମସ୍ତ ସେବକମାନଙ୍କ ପାଇଁ ମଧ୍ୟାହ୍ନ ପ୍ରସାଦ ଭୋଜନ ବ୍ୟବସ୍ଥା କରିଥିଲେ। ଜିଲ୍ଲା ସଂଗଠନର ସଭାପତି ଏସ ଭି ରମଣ ମୂର୍ତ୍ତୀଙ୍କ ଉପସ୍ଥିତିରେ ସମସ୍ତ ଶିବିର ପରିଚାଳନା କାର୍ଯ୍ୟକୁ ଉକ୍ତ ଭ୍ରାମ୍ୟମାଣ ଚିକିତ୍ସାଳୟର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଲକ୍ଷ୍ମୀ ନାରାୟଣ ସାହୁ ସୁଚାରୁ ରୂପେ ତୁଲାଇଥିଲେ। ପ୍ରକାଶ ଥାଉକି ଗତ ଅଗଷ୍ଟ ୨୦୨୪ ଠାରୁ ପ୍ରତି ରବିବାର ଦିନ ଏହି ନିଶୁଳ୍କ ଚିକିତ୍ସା ସେବା ବିଭିନ୍ନ ସ୍ଥାନରେ ଯୋଗାଇଦେଇ ଆସୁଅଛି। ଆସନ୍ତା ରବିବାର ଏହି ସେବା କାର୍ଯ୍ୟ ବୈରାଗୀ ହାଲୁଆ ପଞ୍ଚାୟତ ଠାରେ ଅନୁଷ୍ଠିତ ହେବ ବୋଲି ରାୟଗଡ଼ା ସତ୍ୟସାଇ ବାବା ସମିତି ପକ୍ଷରୁ ପ୍ରକାଶ କରିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ 'ମନ କି ବାତ୍' କାର୍ଯ୍ୟକ୍ରମ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ସ୍ଥିତ ଦୀନ ଦୟାଲ ଭବନରେ ରବିବାର ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ କି ବାତ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ମୋଦୀ ଆକାଶବାଣୀ ମାଧ୍ୟମରେ 'ମନ୍ କି ବାତ୍' କହିଥିଲେ। କାର୍ଯ୍ୟକ୍ରମରେ ଅଭିମନ୍ୟୁ ସେଠୀ, ବରିଷ୍ଠ ନେତା ରଘୁନାଥ ପାତ୍ର, ସୀତାକାନ୍ତ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଲିକ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ ଓ ପ୍ରଦୀପ ବଳ, ମଣ୍ଡଳ ସଭାପତି କେଶବ ବେହେରା, ରାଜକିଶୋର ନାୟକ, ଅଜୟ କୁମାର ରାଉତ, ସରୋଜ ନାୟକ, ତପନ୍ନୁ ପାଣି, ରତିକାନ୍ତ ଦାସ, ନିର୍ମଳ ବେହେରା, ହରିଶ୍ଚନ୍ଦ୍ର ନାୟକ, ଗଣେଶ କର, ଅଜୟ ମହାପାତ୍ର, ଶରତ ଲେଙ୍କା, ରମାକାନ୍ତ ପରିଡ଼ା, ଶିବ ପ୍ରସାଦ ନାଥ ପ୍ରମୁଖ ଉପସ୍ଥିତ ଥିଲେ।

# ପିଏମ୍ ଶ୍ରୀ ପଞ୍ଚସଖା ହାଇସ୍କୁଲ୍‌ର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ କେନ୍ଦ୍ରମନ୍ତ୍ରୀଙ୍କ ଭିଡିଓ ବାର୍ତ୍ତା

- ଶିକ୍ଷାର ବିକାଶ ଓ ପ୍ରସାର ପାଇଁ ବୀର ଭୂମି ଢେଙ୍କାନାଳର ଅନେକ ଅବଦାନ ଅଛି
- ଓଡ଼ିଶା ଏବଂ ଭାରତକୁ ବିକଶିତ କରିବା ପାଇଁ ଗୁଣାତ୍ମକ ଶିକ୍ଷା ସହ ଦକ୍ଷତା ଆଧାରିତ ଶିକ୍ଷା ଜରୁରି।
- ଓଡ଼ିଆ ଜାତି ଶାନ୍ତି ଓ ଅହିଂସା ଆନ୍ଦୋଳନ ବଳରେ ସାରା ବିଶ୍ୱକୁ ଆଲୋକବର୍ତ୍ତିକା ଦେଖାଇଛି।
- ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ, ବୌଦ୍ଧିକ, ଆଧାତ୍ମିକ ବିକାଶ ଓ କୌଶଳକୁ ମଧ୍ୟ ଜାତୀୟ ଶିକ୍ଷା ନୀତି ୨୦୨୦ରେ ପ୍ରାଧାନ୍ୟ ଦିଆଯାଇଛି।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୦ବର୍ଷରେ ସ୍କୁଲ୍ ଭିତ୍ତିଭୂମି ମଜବୁତ୍ ହୋଇଛି।



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଭାରତକୁ ଏକବିଂଶ ଶତାବ୍ଦୀର ବିଶ୍ୱ ଜ୍ଞାନ ଶକ୍ତିରେ ପରିଣତ କରିବାକୁ ହେଲେ ଆମକୁ ସମାନ ଶିକ୍ଷା ଓ ସମାନ ସୁଯୋଗକୁ ସୁନିଶ୍ଚିତ କରିବାକୁ ହେବ। ୨୦୩୬ ସୁଦ୍ଧା ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ଭାରତକୁ ବିକଶିତ କରିବା ପାଇଁ ଗୁଣାତ୍ମକ ଶିକ୍ଷା ସହ ଦକ୍ଷତା ଆଧାରିତ ଶିକ୍ଷାକୁ ପ୍ରାଥମିକତା ଦେବାକୁ ହେବ ବୋଲି ଢେଙ୍କାନାଳ ଜିଲ୍ଲା ତୁମୁସିଙ୍ଗା-ଶ୍ରୀମୂଳା ସ୍ଥିତ ପିଏମ୍ ଶ୍ରୀ ପଞ୍ଚସଖା ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଭିଡିଓ ମେସେଜ୍ ମାଧ୍ୟମରେ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ପ୍ରଧାନ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ପ୍ରାଚୀନ ଯୁଗରୁ ଆମର ଢେଙ୍କାନାଳ ବୀରଭୂମି ନାମରେ ଖ୍ୟାତ। ଢେଙ୍କାନାଳ ଜିଲ୍ଲା ଶହୀଦ ବୀର ବାଜି ରାଉତ, ପବିତ୍ର ମୋହନ ପ୍ରଧାନ, ସଂଗ୍ରାମୀ ମହେଶ ଚନ୍ଦ୍ର ସୁବାହୁ ସିଂହ, ସାରଙ୍ଗଧର ଦାସ, ତୀର୍ଥବାସୀ ସାହୁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ବେଣୁଧର ପଣ୍ଡାଙ୍କ ସଂଗ୍ରାମୀ ଭୂମି। ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନ ଭାରତର ସ୍ୱାଧୀନତା ସଂଗ୍ରାମର ଅଂଶବିଶେଷ। ଶିକ୍ଷାର ବିକାଶ ଓ ପ୍ରସାର ପାଇଁ ଏହି ବୀର ଭୂମିର ଅନେକ ଅବଦାନ ଅଛି। ଏହି ଅଞ୍ଚଳରେ ସ୍ଥାପିତ ହୋଇଥିବା ପଞ୍ଚସଖା ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ଥାନୀୟ ଅଞ୍ଚଳରେ ଏକ ସମ୍ମାନସ୍ପଦ ଅନୁଷ୍ଠାନରେ ଖ୍ୟାତିଲାଭ କରିଛି। ପଞ୍ଚସଖା ସରକାରୀ ହାଇସ୍କୁଲ୍ ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ପିଏମ୍‌ଶ୍ରୀ ସ୍କୁଲ୍‌ରେ ବିକଶିତ ହେବାକୁ ଯାଉଛି। ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ନିଷ୍ଠା ଓ ପରିଶ୍ରମ ଏହି ସ୍କୁଲ୍‌କୁ ଢେଙ୍କାନାଳ ଜିଲ୍ଲାରେ ତଥା ଓଡିଶାରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଓଡ଼ିଆ ଜାତି ଶାନ୍ତି ଓ ଅହିଂସା ଆନ୍ଦୋଳନ ବଳରେ ସାରା ବିଶ୍ୱକୁ ଆଲୋକବର୍ତିକା ଦେଖାଇଛି। ପରିବର୍ତ୍ତିତ ସମୟରେ ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ, ବୌଦ୍ଧିକ, ଆଧାତ୍ମିକ ବିକାଶ ଓ କୌଶଳକୁ ମଧ୍ୟ ଜାତୀୟ ଶିକ୍ଷା ନୀତି-୨୦୨୦ରେ ପ୍ରାଧାନ୍ୟ ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୦ ବର୍ଷ ମଧ୍ୟରେ ସ୍କୁଲ୍ ଭିତ୍ତିଭୂମି ମଜବୁତ୍ ହୋଇଛି। ଜାତୀୟ ଶିକ୍ଷାନୀତି ଅଧୀନରେ ସମଗ୍ର ଶିକ୍ଷା ଅଭିଯାନ ସ୍କୁଲ୍‌ରେ ଡ୍ରପ୍ ଆଉଟ୍ ହ୍ରାସ କରିବା ଦିଗରେ ବିଶେଷ ସହାୟକ ହୋଇଛି। ସ୍ମାର୍ଟ କ୍ଲାସ୍‌ରୁମ୍, ଶୌଚାଳୟ, ପାନୀୟ ଜଳ ସୁବିଧା, କମ୍ପ୍ୟୁଟର, ଇଣ୍ଟରନେଟ୍ ସଂଯୋଗ, ପାଠାଗାର, ଖେଳ ପଡ଼ିଆ ଓ ଆନୁସଙ୍ଗିକ ଭିତ୍ତିଭୂମି ସୁଦୃଢ଼ ହୋଇଛି। ୨୦୩୬ ସୁଦ୍ଧା ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ଭାରତକୁ ବିକଶିତ କରିବା ପାଇଁ ଗୁଣାତ୍ମକ ଶିକ୍ଷା ସହ ଦକ୍ଷତା ଆଧାରିତ ଶିକ୍ଷାକୁ ପ୍ରାଥମିକତା ଦେବାକୁ ହେବ। ପ୍ରଧାନ କହିଛନ୍ତି ଯେ ଡବଲ ଇଞ୍ଜିନ ସରକାର ସ୍କୁଲ୍ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଦେଇ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ବିକଶିତ କରିବାର ଦାୟିତ୍ୱ ନେଇଛନ୍ତି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ପ୍ରତି ଗ୍ରାମ ପଞ୍ଚାୟତରେ ଏକ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା, ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଓ ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନା, ପଂଚସଖା ଶିକ୍ଷା ସେତୁ ଅଭିଯାନରେ ବିଦ୍ୟାଳୟର ଭିତ୍ତିଭୂମିର ଉନ୍ନତି ସହ ଛାତ୍ରଛାତ୍ରୀଙ୍କ ପାଠପଢାରେ ଆଗ୍ରହ ବଢାଇବାରେ ବିଶେଷ ସହାୟକ ହୋଇଛି ବୋଲି କହିଥିଲେ ପ୍ରଧାନ। ସେ ଆହୁରି ମଧ୍ୟ କହିଥିଲେ ଯେ ଆସନ୍ତା ୫ବର୍ଷ ମଧ୍ୟରେ ପିଲାଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ବଢ଼ାଇବା ପାଇଁ ସରକାରୀ ବିଦ୍ୟାଳୟ ଗୁଡ଼ିକରେ ୫୦,୦୦୦ ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରାଯିବାର ବ୍ୟବସ୍ଥା ହୋଇଛି। ଛାତ୍ରଛାତ୍ରୀଙ୍କୁ ଡିଜିଟାଲ୍ ବହି ଯୋଗାଇ ଦେବା ପାଇଁ ସରକାର 'ଭାରତୀୟ ଭାଷା ପୁସ୍ତକ ଯୋଜନା' ଆରମ୍ଭ କରିବା ପାଇଁ ଯାଉଛନ୍ତି। ପିଲାମାନଙ୍କୁ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବାକୁ ହେବ। ତେବେ ଯାଇ ବିକଶିତ ଓଡିଶା ଏବଂ ବିକଶିତ ଭାରତର ସ୍ୱପ୍ନ ପୂରଣ ପାଇଁ ଆହ୍ୱାନ ଦେଇଥିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ। ପ୍ରଧାନ ଭିଡିଓ ବାର୍ତାରେ କାଶ୍ମୀର ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ନାଗରିକ ଏବଂ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ତଥା ଜାତୀୟ ଶିକ୍ଷା ନୀତିର ଶିଳ୍ପକାର ପଦ୍ମବିଭୂଷଣ ଡକ୍ଟର କେ କସ୍ତୁରୀରଙ୍ଗନଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ମା' ଅମ୍ବିକାଙ୍କ ପୀଠରେ ବାଦୀପାଲା ଆରମ୍ଭ



କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): କଣ୍ଟାପଡ଼ା ବ୍ଲକ ଉତ୍ତାରଣ ଗ୍ରାମରେ ଉତ୍ତାରଣ ମହୋଷ୍ଟବ ୨୦୨୫ ଆରମ୍ଭ ହୋଇଯାଇଛି। ମହୋତ୍ସବ ଉପଲକ୍ଷେ ମା ଅମ୍ବିକାଙ୍କ ପୀଠରେ ୨୫ତାରିଖରୁ ୫ ଦିନ ବ୍ୟାପି ବାଦୀ ପାଲା ଆରମ୍ଭ ହୋଇଯାଇଛି। ପ୍ରଥମ ଦିନ ପ୍ରଥମ ପାଳିରେ ଗାୟକ ପ୍ରବୀର ସନାତନ ଦାଶ ଓ ତାଙ୍କ ସାଥି ପାଲା ପରିବେଷଣ କରିଥିବା ବେଳେ ଦ୍ୱିତୀୟ ପାଳିରେ ଗାୟକ ଅଭିମନ୍ୟୁ ନାୟକ ଓ ତାଙ୍କ ସାଥି ପାଲା ପରିବେଷଣ କରୁଛନ୍ତି। ଓଡ଼ିଶାର ଏହି ଦୁଇ ସୁନାମଧନ୍ୟ ଗାୟକ ୫ ଦିନ ବ୍ୟାପି ଓଡ଼ିଶାର ବହୁ ପୁରାତନ ଅନୁଷ୍ଠାନ ଉତ୍ତାରଣ ମା ଅମ୍ବିକାଙ୍କ ପୀଠରେ ପାଲା ପରିବେଷଣ କରିବେ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଗ୍ରାମବାସୀ ଓ ଆଖପାଖ ଅଞ୍ଚଳରୁ ଶତାଧିକ ପାଲା ପ୍ରେମୀଙ୍କ ପାଲା ଦେଖିବାକୁ ସମାଗମ ହେଉଛି।

# ମାନସିକ ଝାମୁଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ



ବୋଲଗଡ଼, (ଭାସ୍କର ନ୍ୟୁଜ୍):ବେଗୁନିଆ ବ୍ଲକ୍ ଅନ୍ତର୍ଗତ ସାରୁଅ ଗ୍ରାମ ସ୍ଥିତ ଆରାଧ୍ୟ ଦେବୀ ମା'ଗହୀର ବଘେଇ ପୀଠରେ ମାନସିକ ଝାମୁଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଧାର୍ମିକ ପରମ୍ପରାର ଅନୁଯାଇ ବିଭିନ୍ନ ସ୍ଥାନରୁ ମାନସିକଧାରୀ ଶ୍ରଦ୍ଧାଳୁ ଶୁଦ୍ଧପୁତ ଭାବରେ ସ୍ନାନ କରି ନିଷ୍ଠାର ସହ ହବିଷାନ୍ନ ସାରି ରହିଥାନ୍ତି। ପରେ ଢୋଲ, ମର୍ଦ୍ଦଳ, ଘଣ୍ଟ,ଘଣ୍ଟା ପଟୁଆର ସହ ହରିବୋଲ ହୁଳହୁଳି ଧ୍ୱନି ମଧ୍ୟରେ ଗ୍ରାମ୍ୟ ପରିକ୍ରମା କରି ମା'ଙ୍କ ଆସ୍ଥାନରେ ପହଞ୍ଚ ନିଆଁରେ ଚାଲି ଭାବମୟ ପରିବେଶ ସୃଷ୍ଟି ହୋଇଥାଏ। ଲୋକକଥା ଅନୁଯାୟୀ ଦୀର୍ଘ ୮୪ ବର୍ଷ ପୂର୍ବେ ଗ୍ରାମର କିଛି ଯୁବକ ଗାଈ ଚରାଉଥିବା ସମୟରେ ଗ୍ରାମର ଆରାଧ୍ୟ ଦେବୀଙ୍କର ଆସ୍ଥାନରେ ଏକ ତେନ୍ତୁଳି ଗଛ ମୂଳରୁ କିଛି କାଠକୁ ଭାଙ୍ଗି ଝାମୁଯାତ୍ରା ପ୍ରତିକାତ୍ମକ ରୂପେ ମଉଜ ମଜଲିସ କରିବା ପାଇଁ କାଠରେ ଅଗ୍ନି ସଂଯୋଗ କରି ଝାମୁ ଚାଲିଥିବା ବେଳେ ଦୁର୍ଭାଗ୍ୟର ବିଷୟ ସମସ୍ତ ଯୁବକ ନିଆଁରେ ଆହତ ହୋଇଥିଲେ। ପ୍ରତ୍ୟେକ ବର୍ଷ ବୈଶାଖ ମାସ ଦିତୀୟ ଶନିବାର ଦିନ ଝାମୁଯାତ୍ରା କରିବାକୁ ମା ସ୍ୱପ୍ନାଦେଶରେ ଆସି କହିଥିଲେ। ସେହି ଦିନଠାରୁ ପରମ୍ପରାଟି ଚାଲି ଆସୁ ଥିବା ସମୟରେ ଅନ୍ୟ ଏକ ବିଶେଷତ୍ୱ ହେଲା ଯଦି ଅଞ୍ଚଳରେ କାହାର ପାଳିତ ଗାଈ ଗୋରୁ ହଜିଯାଏ ତେବେ ବ୍ୟବହୃତ ପଘାକୁ ମା'ଙ୍କ ପାଖରେ ନେଇ ମାନସିକ କରି ମନ୍ଦିର ପାଖରେ ରଖି ଦେଇ ଆସିଥାନ୍ତି। ତେବେ ଦୁଇ ଦିନ ମଧ୍ୟରେ ହଜିଯାଇଥିବା ଗୃହ ପାଳିତ ପଶୁ ଆସି ଶୋଇଥିବାର ବର୍ତ୍ତମାନ ସୁଦ୍ଧା ଲୋକ ମାନଙ୍କ ଦୃଢ଼ ବିଶ୍ୱାସ ରହି ଆସିଛି ବୋଲି ପ୍ରତ୍ୟକ୍ଷଦର୍ଶୀ ଗ୍ରାମବାସୀୟ ମାନେ କହିଛନ୍ତି। ପରେ ମାଲିକ ମା'ଙ୍କ ପାଖରେ କ୍ଷୀର ଓ ଲିଆ ଭୋଗ ଲାଗି କରିବା ସହ କିଛି ଲୋକ ମାନସିକ ଝାମୁ ମଧ୍ୟ କରିଥାନ୍ତି। ଏଥିରେ ବିଧାୟକ ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଓ ସରପଂଚ ରଞ୍ଜିତା ମହାଭୋଇଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ସନ୍ଧ୍ୟାରେ ଗାୟକ ନିରଞ୍ଜନ ସ୍ୱାଇଁ ଓ ପରମାନନ୍ଦ ମଲ୍ଲିକଙ୍କ ଦ୍ୱାରା ପାଲା ଓ ସ୍ଥାନୀୟ ଗ୍ରାମ୍ୟ କଳାକାର ମାନଙ୍କ ଦ୍ୱାରା ମୁକ୍ତମଞ୍ଚ ନାଟକ ପରିବେଷଣ ହେବ ବୋଲି ସୂଚନା ଦେଇଛନ୍ତି।

# ସରକାରୀ ସାର ବିକ୍ରୟ ସଂସ୍ଥା ପୁନର୍ବାର ଖୋଲିବାକୁ ଦାବି

ଉମରକୋଟ, (ଭାସ୍କର ନ୍ୟୁଜ୍): ଚଳିତବର୍ଷ ବର୍ଷାଋତୁ ଆରମ୍ଭ ହେବା ଆଗରୁ ସାର ସମସ୍ୟା ଦେଖିବାକୁ ମିଳୁଛି। ବିନା ସରକାରୀ ସ୍ୱୀକୃତିପ୍ରାପ୍ତ ଅସାଧୁ ବ୍ୟପାରୀଙ୍କୁ କଳାବଜାରୀ ମାଧ୍ୟମରେ ସାର ମିଳିଯାଉଛି। କିନ୍ତୁ ସରକାରୀ ସ୍ୱୀକୃତି ପ୍ରାପ୍ତ ଖୁଚୁରା ବ୍ୟବସାୟୀଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ଆବଶ୍ୟକ ଅନୁଯାଇ ସାର ମିଳିପାରୁ ନାହିଁ। ଯାହାଦ୍ୱାରା ବଜାରରେ ସାରର ମୂଲ୍ୟ ବୃଦ୍ଧି ଦେଖିବାକୁ ମିଳୁଛି। ୟୁରିଆ ସାରର ସରକାରୀ ମୂଲ୍ୟ ୨୬୬.୫୦ ଥିବାବେଳେ ବର୍ତ୍ତମାନ ଏହା ୪୦୦ରୁ ୪୫୦ ଟଙ୍କାରେ ଅସାଧୁ ବେପାରି ବିକ୍ରି ହେବା ଦେଖିବାକୁ ମିଳୁଛି। ଆଗାମୀ ଦିନରେ ଯଦି ସରକାରୀ ସ୍ୱୀକୃତିପ୍ରାପ୍ତ ବେପାରିଙ୍କୁ ସାର ନ ମିଳେ ତା'ହେଲେ ୟୁରିଆ ମୂଲ୍ୟ ୫୦୦ଟଙ୍କା ହୋଇଯିବ ବୋଲି ଝଁମା ପେଣ୍ଡ୍ରାଣୀ ଏଗ୍ରୋ ଇନପୁଟ ଆସୋସିଏସନ୍ ତରଫରୁ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ତଥା ସାମାଜିକ ସୁରକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଅବଗତ କରିବା ସହ ସାରର ସମସ୍ୟାକୁ ଦୂର କରିବା ସହ ବନ୍ଦ ହେଇଯାଇଥିବା ଓଡ଼ିଶା ଏଗ୍ରୋ ମାର୍କଫେଡ, ନାରଫେଡ଼ ଭଳି ସରକାରୀ ସଂସ୍ଥାକୁ ପୁନର୍ବାର ଚାଲୁ କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ମନ୍ତ୍ରୀ ଯଥାଶୀଘ୍ର ଜିଲ୍ଲାପାଳ ଓ କୃଷି ମନ୍ତ୍ରୀଙ୍କ ସହ କଥାହେଇ ସମସ୍ୟାର ସମାଧାନ କରିବେ ଏବଂ କଳାବଜାରୀଙ୍କ ପ୍ରତି କଠୋର ପଦେକ୍ଷପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦାବିପାତ୍ର ପ୍ରଦାନ ସମୟରେ ଝଁମା ପେଣ୍ଡ୍ରାଣୀ ଏଗ୍ରୋ ଇନପୁଟ ଆସୋସିଏସନ୍ ସଭାପତି ଶଙ୍କର ଚୌଧୁରୀ, ଉପ ସଭାପତି ସଞ୍ଜିତ ମଣ୍ଡଳ, ସମ୍ପାଦକ ସୁଦେବ ନନ୍ଦୀ, କୋଷାଧ୍ୟକ୍ଷ ଶଙ୍କର ପ୍ରଧାନ ଉପସ୍ଥିତ ଥିଲେ।

# ମୁସଲମାନମାନଙ୍କ ପରିଚୟ ଓ କାର୍ଯ୍ୟକଳାପ ବାବଦରେ ଯାଞ୍ଚ ପାଇଁ ଦାବିପତ୍ର

ବେତନଟୀ, (ଭାସ୍କର ନ୍ୟୁଜ୍): ପଶ୍ଚିମବଙ୍ଗର ମୁର୍ଷିଦାବାଦରେ ମୁସଲମାନ ମାନଙ୍କ ଦ୍ୱାରା ହିନ୍ଦୁ ହତ୍ୟା ଏବଂ ଲୁଣ୍ଠନର ଶିକାର ହୋଇଥିବା ବେଳେ ମୁର୍ଷିଦାବାଦ ଇଲାକାର ଶହଶହ ମୁସଲମାନ ବେତନଟୀ ପୁଲିସ ଉପଖଣ୍ଡ ଇଲାକାରେ ଅବାଧରେ ବସବାସ କରୁଥିବା ବେଳେ ସେମାନଙ୍କର ପରିଚୟ ଯାଞ୍ଚ ଓ କାର୍ଯ୍ୟକଳାପ ବାବଦରେ ଯାଞ୍ଚ ପାଇଁ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳଙ୍କୁ ଦାବିପତ୍ର ଦେଲା ବେତନଟୀର ପୁଞ୍ଜିକୃତ ଅନୁଷ୍ଠାନ ଜୟଶ୍ରୀରାମ ସେନା। ଘଟଣାରୁ ପଶ୍ଚିମବଙ୍ଗର ମୁର୍ଷିଦାବାଦ ଠାରେ ମୁସଲମାନ ମାନଙ୍କ ଦ୍ୱାରା ହିନ୍ଦୁ ସମ୍ପ୍ରଦାୟ ହତ୍ୟା ଓ ଲୁଣ୍ଠନର ଶିକାର ହେବା ଘଟଣା ସମଗ୍ର ଦେଶର ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଜାମ୍ମୁ କାଶ୍ମୀରର ପହଲଗାଁଓ ଠାରେ ଆତଙ୍କବାଦୀ ମାନେ ଧର୍ମ ଆଧାରରେ କେବଳ ହିନ୍ଦୁମାନଙ୍କୁ ଗଣହତ୍ୟା କରିବା ଘଟଣା ସମଗ୍ର ବିଶ୍ୱକୁ ସ୍ତବ୍ଧ କରିଦେଇଛି। ଏଭଳି ସ୍ଥିତିରେ ହିନ୍ଦୁମାନଙ୍କର ସୁରକ୍ଷା ସାଙ୍ଗକୁ ବେତନଟୀ ପୁଲିସ ଉପଖଣ୍ଡ ଇଲାକାରେ ଅବାଧରେ ବସବାସ କରୁଥିବା ମୁର୍ସିଦାବାଦ ଅଞ୍ଚଳର ଶହଶହ ମୁସଲମାନ ମାନଙ୍କର ପରିଚୟପତ୍ର ଯାଞ୍ଚ ସାଙ୍ଗକୁ ସେମାନଙ୍କ କାର୍ଯ୍ୟକଳାପ ନଜର ରଖିବାକୁ ବେତନଟୀର ପଞ୍ଜିକୃତ ଅନୁଷ୍ଠାନ ଜୟଶ୍ରୀରାମ ସେନା ପକ୍ଷରୁ ସଭାପତି ସନ୍ଦୀପ କୁମାର ମିଶ୍ର ଓ ସମେତ ଅନୁଷ୍ଠାନର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଓ ସଦସ୍ୟଗଣ ଶନିବାର ରାତିରେ ବେତନଟୀ ପୁଲିସ ଉପଖଣ୍ଡ ଅଧିକାରିଣୀ ମିନତୀ ବିଶ୍ୱାଳଙ୍କୁ ସାକ୍ଷାତକରି ଲିଖିତ ଭାବେ ଦାବିପତ୍ର ପ୍ରଦାନ କରିଛନ୍ତି।



ବେତନଟୀ, (ଭାସ୍କର ନ୍ୟୁଜ୍): ମୟୁରଭଞ୍ଜ ପଟପ୍ଲିୟ ଜର୍ଜ ରାଧା କୃଷ୍ଣ ପଟ୍ଟନାୟକ ରବିବାରି ଅପରାହ୍ନରେ ପଣ୍ଡୁଗଡିଆ ଠାରେ ନିର୍ମାଣାଧୀନ ବେତନଟୀ ଜେଏମଏଫସି କୋର୍ଟର ନୂତନ ବିଲ୍ଡିଂ ପରିଦର୍ଶନ କରିଛନ୍ତି। ବେତନଟୀ ଗ୍ରାମ୍ୟ ଉନ୍ନୟନ ବିଭାଗ ନିରୀକ୍ଷଣରେ ନିର୍ମାଣାଧୀନ ନୂତନ କୋର୍ଟ ବିଲ୍ଡିଂ କାମ କିଭଳି ଆସନ୍ତା ମେ ୧୧ ସୁଧା କାର୍ଯ୍ୟ ସରିବ ସେନେଇ ସମୀକ୍ଷା କରିଥିଲେ। ଏହି ଅବସରରେ ମାନ୍ୟବର ଜିଲ୍ଲାଜଜ୍ ଅରବିନ୍ଦ ପଟ୍ଟନାୟକ, ମାନ୍ୟବର ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ ଦେବାଶିଷ ମହାନ୍ତି, ଜିଲ୍ଲା ରେଜିଷ୍ଟ୍ରାର ନିହାର କୁମାର ଜେନା, ବେତନଟୀ ଜେଏମଏଫସି କୋର୍ଟର ମାନ୍ୟବର ବିଚାରପତି ରଶ୍ମୀ ନାରାୟଣୀ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ତେବେ ବେତନଟୀ ଜେଏମଏଫସି କୋର୍ଟର ନୂତନ ବିଲ୍ଡିଂ କାମ ଏକପ୍ରକାର ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଥିବାବେଳେ ଏହାର ହସ୍ତାନ୍ତର ପ୍ରକ୍ରିୟା ଓ ଆସନ୍ତା ମାସ ମେ ୧୧ ତାରିଖ ଶୁଭାରମ୍ଭ ସାଙ୍ଗକୁ ନୂତନ ବିଲ୍ଡିଂରେ କୋର୍ଟ କାର୍ଯ୍ୟକ୍ଷମ ହେବାନେଇ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବେତନଟୀ ଆଇଆଇସି ସସ୍ମିତା ମହାନ୍ତ, ବିଲ୍ଡିଂ ନିର୍ମାଣକାରୀସଂସ୍ଥା ଗ୍ରାମ୍ୟ ଉନ୍ନୟନ ବିଭାଗର। ଉପଖଣ୍ଡ ନିର୍ବାହୀ ଅଧିକାରୀ ଇଂ. ତୁଷାରକାନ୍ତ ବେହେର, ଯନ୍ତ୍ରୀ ଇଂ. ଜ୍ୟୋତିରଞ୍ଜନ ନାୟକଙ୍କ ସମେତ ବେତନଟୀ ବାର ଏସୋସିଏସନ ର ସଭାପତି ଦେବବ୍ରତ ପରିଡା, ରବିନାରାୟଣ ମହାପାତ୍ର, ରଣଜିତ ଗନ୍ତାୟତ, ମନୋଜ ଦଳେଇ ପ୍ରମୁଖଙ୍କ ସମେତ କୋର୍ଟକର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ।

## ଏପ୍ରିଲ ୩୦ ପୂର୍ବରୁ କାର୍ଯ୍ୟ ସାରିବା ପାଇଁ ବୈଠକରେ ନିଷ୍ପତ୍ତି

ରଘୁନାଥପୁର, (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ କେରେକେରା ସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ଆସନ୍ତା ଏପ୍ରିଲ ୩୦ ପବିତ୍ର ଅକ୍ଷୟ ତୃତୀୟା ଠାରୁ ଅଷ୍ଟଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହେବାକୁ ଯାଉଛି। ପୀଠ ପରିସର ଚଟାଣରେ ପଡୁଥିବା ଟାଇଲ ପକ୍କା କାର୍ଯ୍ୟକୁ ମହାଯଜ୍ଞ ଆରମ୍ଭ ହେବା ପୂର୍ବରୁ ଶେଷ କରିବା ପାଇଁ ଗ୍ରାମବାସୀ, ଉପଦେଷ୍ଟା କର୍ମୀ, ଯନ୍ତ୍ରୀ ଓ ଠିକାଦାରଙ୍କୁ ନେଇ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି।ଗତ ୪ ଦିନ ତଳୁ ପୀଠ ପରିସର ଚଟାଣରେ ଠିକାଦାର ଭ୍ରମରବର ବେହେରାଙ୍କ ପକ୍ଷରୁ ଟାଇଲ ପକା କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ସିମେଣ୍ଟ ବାଲି ଭାଗମାପରେ ସ୍ୱଚ୍ଛତା ରହୁନଥିବା ନେଇ ଛପଡା ସରପଞ୍ଚଙ୍କ ପ୍ରତିନିଧି ନିରାକାର ଖୁଣ୍ଟିଆ ଓ ସ୍ଥାନୀୟ କେତେକ ଗ୍ରାମବାସୀ ବିରୋଧ କରିବା ସହ ଉକ୍ତ କାର୍ଯ୍ୟକୁ ବନ୍ଦ କରିଥିଲେ। ଶନିବାର ଆରଆଣ୍ଡବି ଯନ୍ତ୍ରୀ ବିନୟ କୁମାର ସାହୁ, ଉପଦେଷ୍ଟା ଶୁଶାନ୍ତ ଦାଶ, ରମେଶ ମହାନ୍ତି ଓ ବିଜୟ କୁମାର ସ୍ୱାଇଁ ଗ୍ରାମବାସୀ ଆଇନଜୀବି ଜୀବନବଲ୍ଲଭ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ବାଦଲ ଯୋଗାଣିଆ, ଅମିତ ମହାପାତ୍ର,ରାଜକିଶୋର ସାହୁ, ଅନ୍ତର୍ଯ୍ୟାମୀ ସାମଲ, ଠିକାଦାର ବେହେରାଙ୍କ ଉପସ୍ଥିତିରେ ଏକ ବୈଠକ ହୋଇଥିଲା। ସଠିକ ଭାଗମାପରେ କାର୍ଯ୍ୟ କରିବା ସହ ସମ୍ପୃକ୍ତ ବିଭାଗ ପକ୍ଷରୁ ଜଣେ କର୍ମଚାରୀ ଉପସ୍ଥିତ ରହିବା ପାଇଁ ସ୍ଥିର ହୋଇଥିଲା। ଏହାଛଡା କେତେକ ସ୍ଥାନରେ ପକାଜାଇଥିବା ଟାଇଲ ଦୁର୍ବଳ ଥିବାରୁ ଏହାକୁ ଉଠାଯାଇ ସଠିକ ଭାବେ ପକାଜିବା ପାଇଁ ଠିକାଦାରଙ୍କୁ କୁହାଯାଇଥିଲା। ଯଜ୍ଞ ସମୟରେ ଦୈନିକ ହଜାର ସଂଖ୍ୟକ ଶ୍ରଦ୍ଧାଳଙ୍କ ଆଗମନ ହେତୁ ଜନଗହଳିକୁ ଦୃଷ୍ଟିରେ ରଖି କେତେକ ସ୍ଥାନରେ ବାକି ରହିଯାଇଥିବା କାର୍ଯ୍ୟକୁ ତୁରନ୍ତ ସାରିବା ପାଇଁ ଠିକାଦାରଙ୍କୁ କୁହାଯାଇଥିଲା।

## ଜିଲ୍ଲାସ୍ତରୀୟ ଆଶା ଜିକେଏସ, ଜେଏଏସ, ଏମଏଏସ୍ କନଭେନସନ୍ ଅନୁଷ୍ଠିତ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲା ସ୍ତରୀୟ ଆଶା ଜିକେଏସ, ଜେଏଏସ, ଏମଏଏସ୍ କନଭେନସନ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଲକାନଗିରି ପୌର ପରିଷଦର ଉପାଧ୍ୟକ୍ଷା କବିତା ମାହୁନ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ସିଏଚ. ଏମ ଜଗନ୍ନାଥ ରାଓ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକ୍ଷକ ଡ.ବ୍ରଜବନ୍ଧୁ ଦାସ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ନିହାର ରଞ୍ଜନ ପ୍ରହରାଜ, ଜିଲ୍ଲା ପ୍ରକଳ୍ପ ପରିଚାଳକ ଡ.ମୌସୁମୀ ମିଶ୍ରଙ୍କ ସମେତ ଅନ୍ୟ ଅତିଥିମାନେ ଯୋଗ ଦେଇ ଆଶା କର୍ମୀ, ଗାଁ କଲ୍ୟାଣ ସମିତି ଓ ଜନ ଆରୋଗ୍ୟ ସମିତି ସମେତ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀଙ୍କ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ସେମାନଙ୍କ ସେବା ଓ ଉଦ୍ୟମ ବଳରେ ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସୁଧାର ଆସୁଥିବା ବେଳେ ଜିଲ୍ଲା ଅନେକ ଥର ବିଭିନ୍ନ ସ୍ତରରେ ପୁରସ୍କୃତ ହେଉଛି। ତେଣୁ ଏଭଳି ଉଦ୍ୟମ ଜାରୀ ରଖିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏ ଅବସରରେ ଗ୍ରାମର ପରିଷ୍କାର ପରିଚ୍ଛନ୍ନତା, ଚିକିତ୍ସା, ରେକର୍ଡ ଠିକ ରଖିବା, ସ୍ୱଚ୍ଛତା ବଜାୟ ରଖିବା, ଅର୍ଥ ଠିକ ଭାବେ ବିନିଯୋଗ କରିବା ଓ ସମସ୍ତ ପ୍ରକାରର ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଶିଖପାଲ୍ଲୀ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଉତ୍ତମ ଗାଁ କଲ୍ୟାଣ ସମିତି, ଉତ୍ତମ ଜନ ଆରୋଗ୍ୟ ସମିତି ଓ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ କାୟାକଳ୍ପରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସହ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ କାୟାକଳ୍ପରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ପୁରସ୍କୃତ କରାଯାଇଥିଲା। ଏହି ପୁରସ୍କାର ଅତିଥିଙ୍କ ଦ୍ୱାରା କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡ. ବିପୁଲ ବୈଭବ, ଶିଖପାଲ୍ଲୀ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସ୍ୱର୍ଣ୍ଣପ୍ରଭା ରାମ, ମହିଳା ସ୍ୱାସ୍ଥ୍ୟ କର୍ମୀ ସନ୍ତୋଶି ରାୟ, ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କୁ ପ୍ରଦାନ କରାଯାଇଛି।

## ଅର୍ଥ-ସ୍ୱାର୍ଥ ପାଇଁ ଲୋକପ୍ରତିନିଧିଙ୍କ ଘନ ଘନ ଦଳ ପରିବର୍ତ୍ତନ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ସାମ୍ପ୍ରତିକ ପରିସ୍ଥିତିରେ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ରାଜନୈତିକ ମୂଲ୍ୟବୋଧର ଦୃତ ଅବକ୍ଷୟ ଘଟିଥିବାର ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ତ୍ରିସ୍ତରୀୟ ନିର୍ବାଚିତ ଲୋକ ପ୍ରତିନିଧିମାନେ ଅର୍ଥ ଓ ସ୍ୱାର୍ଥ ପାଇଁ ଘନ ଘନ ଦଳ ପରିବର୍ତ୍ତନ କରୁଥିବା ଘଟଣା କାହାରିକୁ ଅଛପା ନାହିଁ। ସରକାର ପରିବର୍ତନ ହୋଇଛି। ସମସ୍ୟା ଜର୍ଜରିତ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ମଧ୍ୟ ରାଜନୈତିକ ପରିବର୍ତ୍ତନ ଦିନକୁ ଦିନ ହେଉଥିବାର ଦେଖିବାକୁ ମିଳୁଛି। ବିଗତ ଦିନରେ କଂଗ୍ରେସ ସରକାର ସମୟରେ ବିଭିନ୍ନ ପଦ ପଦବୀରେ ରହିଥିବା ପଂଚାୟତ ସ୍ତରୀୟ ଲୋକ ପ୍ରତିନିଧିମାନଙ୍କୁ ବିଜେଡି ଦଳ ନିଜ ଆଡକୁ ଆଣି ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେଇଥିଲା। ତେବେ ତତ୍କାଳୀନ ମନ୍ତ୍ରୀ ପ୍ରତାପ ଜେନା ଓ ତତ୍କାଳୀନ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ନିଜର ରାଜନୈତିକ ପତିଆରା ଜାହିର କରିବା ନିମନ୍ତେ କଂଗ୍ରେସରୁ ବହୁ ସୁବିଧା ସୁଯୋଗ ପାଇଥିବା ଲୋକପ୍ରତିନିଧି ମାନଙ୍କୁ ବିଜେଡିରେ ଥଇଥାନ କରିବାକୁ ପଛାଇ ନଥିଲେ। ତେବେ ଆମଦାନି ନେତାଙ୍କୁ ଆଦର ଓ ଦଳୀୟ କର୍ମୀମାନଙ୍କୁ ହତାଦର କରାଯାଇଥିଲା। ଫଳରେ ଏହି ତଥାକଥିକ ସୁବିଧାବାଦୀମାନେ ପ୍ରତାପ ଓ ଚନ୍ଦ୍ରସାରଥିଙ୍କ ଚତୁପାର୍ଶ୍ୱରେ ଚାଟୁକାର ତଥା ଛାଇଭଳି ଲାଗିରହିଥିଲେ। ବିଜେଡି ପାଇଁ ଲହୁଲୁହ ଢାଳି ଦଳକୁ କ୍ଷମତାସୀନ କରାଇଥିବା କର୍ମୀମାନଙ୍କୁ ଉପେକ୍ଷା କରାଯାଇଥିଲା। ଦୀର୍ଘ ୨୪ ବର୍ଷ ଧରି ତଥା କଥିତ ବିଜୁ କଂଗ୍ରେସ କାର୍ଯ୍ୟକର୍ତ୍ତା ମାନେ ବିଜେଡି ଦଳରେ ରହି ପଦ ପଦବୀ ସମେତ ସମସ୍ତ ପ୍ରକାର ରାଜନୈତିକ ଫାଇଦା ହାସ କରିବାକୁ ପଛାଇ ନଥିଲେ। ଏପରିକି ସମ୍ପୃକ୍ତ ନେତାମାନେ କୋଟି କୋଟି ଟଙ୍କାର କାର୍ଯ୍ୟାଦେଶ ହାତେଇ ବେଶ କ୍ଷମତାଶାଳୀ ଓ ଆର୍ଥୀକ କ୍ଷେତ୍ରରେ ବେଶ ସୁବିଧାଜନକ ସ୍ଥିତିରେ ରହିଛନ୍ତି। ତେବେ ଗତ ବିଧାନସଭା ନିର୍ବାଚନ ପରେ କଟକ ସଦର ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ବିଧାୟକ ପରିବର୍ତ୍ତନ ହେବା ସହ ସରକାର ମଧ୍ୟ ପରିବର୍ତନ ହୋଇଯାଇଛି। ତଥା କଥିତ ବିଜୁ କଂଗ୍ରେସ ନେତାମାନେ ଠାକୁର ଖାଇ ଖଟୁଲି ଖାଇବା ନୀତିକୁ ପାଶୋରୀ ପାରିନଥିଲେ। ସରକାର ପରିବର୍ତନ ହେଉ ହେଉ ଏହି ନେତାମାନେ ସେମାନଙ୍କ ରାଜନୈତିକ ରଙ୍ଗ ପରିବର୍ତ୍ତନ କରିଦେଇଥିଲେ। ଏପରିକି ଅର୍ଥ ଓ ସ୍ୱାର୍ଥ ନିମନ୍ତେ ବିଜେଡି ଛାଡି ଏବେ ଶାସକ ଦଳକୁ ଲମ୍ଫ ପ୍ରଦାନ କରିଥିବା ଘଟଣା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ପ୍ରତାପ ଓ ଚନ୍ଦ୍ର ସାରଥିଙ୍କ ମଧ୍ୟରେ ଅହିନକୁଳ ସମ୍ପର୍କ କାହାରିକୁ ଅଛପା ନାହିଁ। ଏହି ୨ ବିଜେଡି ନେତା ଗତ ନିର୍ବାଚନରେ ପରସ୍ପର ବିରୁଦ୍ଧରେ କାର୍ଯ୍ୟକରିଥିବା ଘଟଣା କାହାରିକୁ ଅଛପା ନାହିଁ। ଏବେ ଚନ୍ଦ୍ରସାରଥିଙ୍କ ଏକାନ୍ତ ଅନୁଗତମାନେ ଦଳ ବିରୋଧି କାର୍ଯ୍ୟ କରୁଥିବା ଘଟଣାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଚଟୁ ଆମିଷ ବେଣ୍ଟ ନିରାମିଷ ଭଳି ଏକପକ୍ଷରେ ଚନ୍ଦ୍ରସାରଥି ବିଜେଡି ନିମନ୍ତେ ସାଙ୍ଗଠନିକ କାର୍ଯ୍ୟ କରୁଥିଲା ବେଳେ ତାଙ୍କର ଏକାନ୍ତ ଅନୁଗତମାନେ ଘର ବରଂ ପୋଡୁ ମୂଷା କେଂଚାଏ ପାଉ ନ୍ୟାୟରେ ପ୍ରତପଙ୍କ ବିରୁଦ୍ଧରେ ଖୁଲମ ଖୁଲା ଭାବେ କାର୍ଯ୍ୟ କରୁଥିବାର ଦେଖିବାକୁ ମିଳିଛି। ଏପରିକି ଏହି ନେତାମାନେ ଏବେ ୨ ବିଧାୟକଙ୍କ ପାଖ ଲୋକ ହୋଇ ଚାଟୁକାର ସାଜିଥିଲା ବେଳେ ଲକ୍ଷ ଲକ୍ଷ ଟଙ୍କାର ଠିକାକାର୍ଯ୍ୟ ହାତେଇବାକୁ ସକ୍ଷମ ହୋଇଛନ୍ତି। ଏହି ନେତାମାନେ ଏବେ କୋଟି କୋଟି ଟଙ୍କା ମାଳିକ ସାଜିବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋରଧରିଛି। ତେବେ ଧୋବ ଧୋବଳିଆ କଥା କୁହାଳିଆ ଏହି ନେତା ମାନଙ୍କ ଘନ ଘନ ଦଳ ପରିବର୍ତନ କେତେଦିନ ପର୍ଯ୍ୟନ୍ତ ଚାଲିବ ତାହା ଭବିଷ୍ୟତ ହିଁ କହିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ନିମ୍ନମାନର

## ବିନା ସୂଚନା ଫଳକରେ ଚାଲିଛି ନିର୍ମାଣ କାର୍ଯ୍ୟ





ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ବନ୍ଧକାଟିଆ ଗ୍ରାମପଂଚାୟତ କଲ୍ୟାଣମଣ୍ଡପ ନିର୍ମାଣ କାର୍ଯ୍ୟ ବିନା ସୂଚନା ଫଳକରେ କରାଯାଉଥିବାର ଅଭିଯୋଗ ହୋଇଛି। ଏହି କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଉଥିବାର ଅଭିଯୋଗ ହୋଇଛି। ଏପରିକି ଏହି ସ୍ଥାନରେ କଲ୍ୟାଣ ମଣ୍ଡପ ନିର୍ମାଣ କରାନଯିବା ନିମନ୍ତେ ସ୍ଥାନୀୟ ସରପଂଚ ନିଶ୍ଚିନ୍ତକୋଇଲି ବିଡିଓଙ୍କ ନିକଟରେ ଲିଖିତ ଦାବି କରିଥିଲେ ମଧ୍ୟ ଏଥିପ୍ରତି କେହିହେଲେ କର୍ଣ୍ଣପାତ କରୁନଥିବାର ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧକାଟିଆ ଗ୍ରାମପଂଚାୟତ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ତତ୍କାଳୀନ ସରକାର ଅର୍ଥ ମଞ୍ଜୁର କରିଥିଲେ। ତେବେ ଏହି ପ୍ରକଳ୍ପର ନିର୍ମାଣ ନିମନ୍ତେ ସ୍ଥାନୀୟ ସହଦେବପୁର ମୌଜାରେ କରାଯିବା ନିମନ୍ତେ ସ୍ଥିର କରାଯାଇଥିଲା। ନିଶ୍ଚିନ୍ତକୋଇଲି ବ୍ଲକ ବିଭାଗୀୟ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା। ତେବେ ଏହି ନିର୍ମାଣ କାର୍ଯ୍ୟ ଏକ ଗୋଚର ଜମିରେ କରାଯାଉଥିବାର ଅଭିଯୋଗ ହୋଇଛି। ଏପରିକି ଏହି ପ୍ରକଳ୍ପ ନିମନ୍ତେ କୌଣସି ନିଜସ୍ୱ ଜମି ନଥିବାର ଅଭିଯୋଗ ହୋଇଛି। ତେବେ ଏହି ସ୍ଥାନଟି ମଣ୍ଡପ ନିର୍ମାଣ ନିମନ୍ତେ ଉପଯୁକ୍ତ ନୁହେଁ ଓ ଏଠାରେ ମଣ୍ଡପ ନିର୍ମାଣ କରାନଯିବା ନିମନ୍ତେ ବନ୍ଧକାଟିଆ ଗ୍ରାମପଂଚାୟତ ସରପଂଚ ପ୍ରଦିପ୍ତ କୁମାର ପରିଡା ନିଶ୍ଚିନ୍ତକୋଇଲି ବିଡିଓଙ୍କ ନିକଟରେ ଲିଖିତ ଦାବି କରିଥିଲେ। କିନ୍ତୁ ବ୍ଲକ ପ୍ରଶାସନ ତରଫରୁ ସରପଂଚଙ୍କ ଦାବିକୁ ଉପଯୁକ୍ତ ସମ୍ମାନ ଦିଆନଯାଇ ମନମୁଖି ଭାବେ ନିର୍ମାଣ କାର୍ଯ୍ୟ କରାଯାଉଥିବାର ଅଭିଯୋଗ ହୋଇଛି। ଏପରିକି ଏହି ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଉଥିବାର ଅଭିଯୋଗ ହୋଇଛି। ନିର୍ମାଣ କାର୍ଯ୍ୟ ଅଟକଳ ଅନୁଯାଇ କରାଯାଉନଥିବାର ଅଭିଯୋଗ ହୋଇଛି। ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବା କାରଣରୁ ଏହି ପ୍ରକଳ୍ପର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଅପରପକ୍ଷରେ ଏହି ପ୍ରକଳ୍ପ ନିମନ୍ତେ କେତେଟଙ୍କା ମଞ୍ଜୁର ହୋଇଛି ସେ ସମ୍ପର୍କରେ କୌଣସି ସୂଚନା ଫଳକ ଦିଆନଯାଇ ଲୋକଙ୍କୁ ଅନ୍ଧାର ଘେରରେ ରଖାଯାଇଥିବାର ଅଭିଯୋଗ ହୋଇଛି । ଅପରପକ୍ଷରେ ଲୁଣାନଦୀ ପାର୍ଶ୍ୱରେ ଏହି ମଣ୍ଡପ ନିର୍ମାଣ କରାଯାଉଥିବା କାରଣରୁ ନଦୀ ବନ୍ଧପ୍ରତି ବିପଦର ଆଶଙ୍କା ସୃଷ୍ଟି ହୋଇଥିବାର ଅଭିଯୋଗ ହୋଇଛି। ତେବେ ଏସମ୍ପର୍କରେ ମତାମତ ନେବା ନିମନ୍ତେ ଆମ ପ୍ରତିନିଧି ବିଭାଗୀୟ ଯନ୍ତ୍ରୀ ସ୍ମିତାରାଣୀ ମହାନ୍ତିଙ୍କ ମୋବାଇଲକୁ ଏକାଧିକବାର କଲ କରିଥିଲେ ମଧ୍ୟ ସେ କଲ ଗ୍ରହଣ ନକରିବା କାରଣରୁ ତାଙ୍କର ମତାମତ ନେବା ସମ୍ଭବପର ହୋଇପାରି ନାହିଁ। ଅପରପକ୍ଷରେ ଆମ ପ୍ରତିନିଧି ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ଦ୍ୟୁବେନ୍ଦୁ ଦାସଙ୍କ ମତାମତ ନେବା ନିମନ୍ତେ ତାଙ୍କ ମୋବାଇଲକୁ ଏକାଧିକବାର କଲ କରିଥିଲେ ମଧ୍ୟ ସେ କଲ ଗ୍ରହଣ ନକରିବା ଯୋଗୁ ତାଙ୍କର ମତାମତ ନେବା ସମ୍ଭବପର ହୋଇପାରିନାହିଁ। ଏଠାରେ ସୂଚନା ଯୋଗ୍ୟ ଯେ ନିକଟରେ ଏହି ବ୍ଲକର କମଳପୁର ଗ୍ରାମରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଗୋଚର ଜମିରେ ବ୍ଲକ ପ୍ରଶାସନ ତରଫରୁ ନିର୍ମାଣ କରାଯାଇଥିବା ପ୍ରକଳ୍ପ ଗୁଡିକୁ ଓଡିଶା ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ଭଙ୍ଗାଯାଇଥିବା ଘଟଣା କାହାରିକୁ ଅଛପା ନାହିଁ। ଏହି ପ୍ରକଳ୍ପରେ ଲକ୍ଷଲକ୍ଷ ଟଙ୍କା ବିନିଯୋଗ ହୋଇଥିଲେ ମଧ୍ୟ କେତେକ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ତାହା ମାଟିରେ ମିଶିଲା ବୋଲି ସାଧାରଣରେ ମତ ପ୍ରକାଶ ପାଇଥିଲା। ତେବେ ଏହି ଘଟଣାର କିଛି ଦିନ ପରେ ବ୍ଲକ ପ୍ରଶାସନ ତରଫରୁ ପୁନର୍ବାର କିପରି ଭାବେ ଏଭଳି ବେନିୟମ କାର୍ଯ୍ୟ କରାଯାଉଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ତେବେ ଏହି ପ୍ରକଳ୍ପ କାର୍ଯ୍ୟରେ ହୋଇଥିବା ଅନିୟମିତତା ଚଞ୍ଚକତା ଓ ଦୁର୍ନୀତିର ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ବହୁ ଲୁକାୟିତ ରହସ୍ୟର ପର୍ଦ୍ଦାଫାର୍ସ ହୋଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ସମୃଦ୍ଧି ଉତ୍ସବ - ଓଡ଼ିଶାର ହସ୍ତଶିଳ୍ପୀ କାରିଗରଙ୍କ ସାମଗ୍ରିକ ବିକାଶ କର୍ମଶାଳା ଉଦ୍‌ଯାପିତ






ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଓଡ଼ିଶା ହସ୍ତଶିଳ୍ପର ଭୂମି ଓ ସାଂସ୍କୃତିକ ଐତିହ୍ୟ ପାଇଁ ବିଶ୍ୱ ପ୍ରସିଦ୍ଧ ଓ ଓଡ଼ିଶାରେ ପ୍ରାୟ ଏକ ଲକ୍ଷ ଷାଠିଏ ହଜାର କାରିଗର ବିଭିନ୍ନ ହସ୍ତଶିଳ୍ପ କାର୍ଯ୍ୟକ୍ରମରେ ଜଡିତ ଅଛନ୍ତି। ଓଡ଼ିଶାର କଳା ଏବଂ ହସ୍ତଶିଳ୍ପ ପରମ୍ପରା ଦକ୍ଷ କାରିଗରମାନଙ୍କ ପାଇଁ ହିଁ ବଞ୍ଚି ରହିଛି ଓ ସେମାନଙ୍କ ମଧ୍ୟରୁ ଅନେକ ପରିବାର ପିଢ଼ି ପରେ ପିଢ଼ି ଏହି କାରିଗରୀ କାମ କରି ଜୀବିକା ନିର୍ବାହ କରିଥାନ୍ତି। ଚିତ୍ରକଳା, ଖୋଦନ, ବୟନ ଏବଂ ଅନ୍ୟାନ୍ୟ ସ୍ଥାନୀୟ ସମ୍ବଳ ଆଧାରିତ ଏହି ବିବିଧ ହସ୍ତଶିଳ୍ପ ଆମ ସାଂସ୍କୃତିକ ଐତିହ୍ୟ ଓ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାରେ ମୁଖ୍ୟ ଭୂମିକା ନେଇଥାଏ ଓ ଏହି କାରିଗର ମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସରକାରୀ ଓ ବେସରକାରୀ କ୍ଷେତ୍ର ସମସ୍ତ ଅନୁଷ୍ଠାନ ମିଳିତ ପ୍ରୟାସ କରିବା ପାଇଁ ସମୃଦ୍ଧି ଉତ୍ସବ ରେ ଅତିଥି ମାନେ ଗୁରୁତ୍ୱ ଆରୋପ କରିଛନ୍ତି। ଟିପିସିଓଡିଏଲ ସହାୟତାରେ ମହାଶକ୍ତି ଫାଉଣ୍ଡେସନ ଦ୍ୱାରା ଶିଳ୍ପୀ ବିହାର, ଗନ୍ଦମୁଣ୍ଡା ସ୍ଥିତ କଳା ଭୂମି ରେ ଅନୁଷ୍ଠିତ "ସମୃଦ୍ଧି ଉତ୍ସବ"ରେ ପ୍ରଦୀପ ଘୋଷାଲ, ସିଏସଆର ମୁଖ୍ୟ, ଟିପିସିଓଡ଼ିଏଲ, ଦୁୟନ୍ତ ତ୍ୟାଗୀ, ବାଣିଜ୍ୟିକ ମୁଖ୍ୟ, ତିପିସିଓଡିଲ୍, ନରେନ୍ଦ୍ର ନାଥ ଝା, ଆଞ୍ଚଳିକ ପରିଚାଳକ, ଟ୍ରାଇଫେଡ, ପ୍ରଫେସର ଦେବାଶିଷ ମହାପାତ୍ର, ସଭାପତି, ମହାଶକ୍ତି ଫାଉଂଡେସନ, ପ୍ରଶାନ୍ତ କୁମାର ମହାପାତ୍ର, ଉପସଭାପତି, ଉତ୍କଳିକା, ହିମାଂଶୁ ପଟ୍ଟନାୟକ, ବାଣିଜ୍ୟ ପରିଚାଳକ, ଓରମାସ, ଅମ୍ବିକା ପ୍ରସାଦ ନନ୍ଦ, ସିଏସଆର ମୁଖ୍ୟ, ଓଡିଶା, ଟାଟା ଷ୍ଟିଲ ଫାଉଣ୍ଡେସନ, ଯୁଗଳ କିଶୋର ପଟ୍ଟନାୟକ, ପରିଚାଳନା ନିର୍ଦ୍ଦେଶକ, ମୋହନ ବଳିୟାରସିଂ, ନିର୍ଦ୍ଦେଶକ ମହାଶକ୍ତି ଫାଉଣ୍ଡେସନ, ଗଗନ ମହାପାତ୍ର, ନିର୍ଦେଶକ ଉତ୍କଳିକା, ନରେନ୍ଦ୍ର ନାୟକ, ସିଇଓ ଓସାଫି, ଅନିତା ସାବତ, ନିର୍ଦ୍ଦେଶକ, ସାବତ ଏକ୍ସପୋର୍ଟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ହସ୍ତ ଶିଳ୍ପୀ କାରିଗରଙ୍କ ବିଭିନ୍ନ ସମସ୍ୟା ଓ ସୁଯୋଗ ବିଷୟରେ ଆଲୋଚନା କରିଥିଲେ। ଏହି ସମୃଦ୍ଧି ଉତ୍ସବରେ ଖୋର୍ଦ୍ଧା ଜିଲ୍ଲାର କାକରୁଦ୍ରପୁର ଓ ବନମାଳୀପୁର, ଢେଙ୍କାନାଳ ଜିଲ୍ଲାର ସପ୍ତଶଯ୍ୟା, କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ, କଟକ ଜିଲ୍ଲା ର ମାଣିଆବନ୍ଧ ଏବଂ ଖୋର୍ଦ୍ଧା ଜିଲ୍ଲା ର ତାଳପତ୍ର, ପଟ୍ଟଚିତ୍ର, ଶାଢ଼ୀ, ଆପ୍ଲିକ୍ ଏବଂ ଡୋକ୍ରା ଇତ୍ୟାଦି ହସ୍ତକଳା ରୁ ୨୦୦ରୁ ଅଧିକ ହସ୍ତଶିଳ୍ପୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ହସ୍ତକଳାର ୧୦ ଗୋଟି ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା। ଅନୁଷ୍ଠାନ ତରଫରୁ ପ୍ରକାଶିତ ସମୃଦ୍ଧି କେଟେଲଗ ଓ କଳା ପତ୍ରିକାକୁ ଅତିଥି ମାନେ ଉନ୍ମୋଚନ କରିଥିଲେ। ଉତ୍ସବର ଦିତ୍ୱୀୟ ଅଧିବେଶନ ରେ ହସ୍ତଶିଳ୍ପ କାରିଗର ମାନଙ୍କ ସମସ୍ୟା, ଆହ୍ୱାନ ଓ ଆର୍ଥିକ ବିକାଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅପରାହ୍ନ ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଟିପିସିଓଡିଲ୍ ତରଫରୁ ରଶ୍ମି ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶୁଭମ୍ ପୁରୋହିତ, ସୁରଜିତ ପଟ୍ଟନାୟକ, ଅଦ୍ୟାସ୍ମୃତି ନାୟକ, ରିତୁପର୍ଣ୍ଣା ରଥ, ସାଇନି ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ।

## ଛନ୍ଦମ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ୧୯୯୮ରେ କୋଲ୍‌କାତାରେ ଏହାର ଆରମ୍ଭ ପରଠାରୁ କଥକ ନୃତ୍ୟ ଶିକ୍ଷାର ଏକ ଆଶାର କିରଣ ଭାବେ, ଛନ୍ଦମ ଡ୍ୟାନ୍ସ ଏକାଡେମୀ ଚଳିତ ବର୍ଷ ଏହାର ୨୬ତମ ବାର୍ଷିକ ସଙ୍ଗୀତ କାର୍ଯ୍ୟକ୍ରମ ପାଳନ କରିବା ପାଇଁ ପ୍ରସ୍ତୁତ ହୋଇଛି। ଶ୍ରୀରୂପା ଘୋଷ (ସମ୍ମାନିତ ଗୁରୁଜୀ ପ୍ରଫେସର ବ୍ରୋଜେନ ମୁଖାର୍ଜୀଙ୍କ ଶିଷ୍ୟା)ଙ୍କ ଦ୍ୱାରା ସ୍ଥାପିତ ଏହି ଏକାଡେମୀ ସମସ୍ତ ବୟସ ବର୍ଗରେ କଥକ ନୃତ୍ୟ ଶିକ୍ଷା, ଏହାର ବିକାଶ ଓ ପ୍ରଚାରପ୍ରସାର ପ୍ରତି ନିଜକୁ ଉତ୍ସର୍ଗୀକୃତ କରିଆସିଛି। ଏହି ଏକାଡେମୀର ଭୁବନେଶ୍ୱର ଶାଖାକୁ ୨୦୨୦ରେ ସ୍ଥାପନ କରାଯାଇଥିଲା ଯାହା ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଗଭୀର ସଂଯୋଗ ବିକଶିତ କରି ଏହି ପବିତ୍ର ଗୁରୁ-ଶିଷ୍ୟ ପରମ୍ପରାକୁ ଆଗକୁ ବଢାଇବା ପାଇଁ ଲକ୍ଷ୍ୟ ରଖିଛି। ଚଳିତ ବର୍ଷ 'ମେହଫିଲ' ବିଷୟବସ୍ତୁ ଥିବା ଏହି କନ୍‌ସର୍ଟରେ ୩୨ ଜଣ ପ୍ରତିଭାବାନ ଛାତ୍ରଛାତ୍ରୀ କଥକ ପାଇଁ ନିଜର ଦକ୍ଷତା ଓ ଆଗ୍ରହକୁ ପ୍ରଦର୍ଶିତ କରିବେ। ଏହି କାର୍ଯ୍ୟକ୍ରମରେ ମଦର୍ସ ପବ୍ଲିକ୍ ସ୍କୁଲର ପ୍ରତିଷ୍ଠାତ୍ରୀ ପଲି ପଟ୍ଟନାୟକ ଏବଂ କୋଲକାତାରୁ ଜଣେ ପ୍ରଖ୍ୟାକ ହୋମିଓପାଥି ଡାକ୍ତର ଡଃ ସମିତ ଘୋଷ ପ୍ରମୁଖ ଅତିଥି ଭାବେ ଯୋଗ ଦେବେ। ସେମାନଙ୍କର ଉପସ୍ଥିତି ସମୁଦାୟ ମଧ୍ୟରେ ଏହି କାର୍ଯ୍ୟକ୍ରମର ସାଂସ୍କୃତିକ ମହତ୍ୱକୁ ହାଇଲାଇଟ କରିବ। ରବୀନ୍ଦ୍ର ଭାରତୀ ୟୁନିଭର୍ସିଟିର କମଳେଶ ମିଶ୍ରଙ୍କ ଦ୍ୱାରା ବଜା ଯିବାକୁଥିବା ସାରଙ୍ଗିର ସୁମଧୁର ଶବ୍ଦ ସହ କଥକର ଲାଇଭ ପ୍ରଦର୍ଶନୀ ଏହି କନ୍‌ସର୍ଟର ଅନ୍ୟତମ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ହେବ। ଏହି ଅନନ୍ୟ ସମ୍ମିଶ୍ରଣ ଏକ ମନମୁଗ୍ଧକାରୀ ପରିବେଶ ସୃଷ୍ଟି କରିବା ପାଇଁ ପ୍ରତିଶ୍ରୁତି ଦେଉଛି ଯାହା ଲାଇଭ ମ୍ୟୁଜିକର ସଙ୍ଗୀତମୟ ସମୃଦ୍ଧତା ସହ କଥକ ନୃତ୍ୟର ଦୃଶ୍ୟାତ୍ମକ ସୌନ୍ଦର୍ଯ୍ୟତାକୁ ମିଶ୍ରଣ କରିବ। ଏହି ସନ୍ଧ୍ୟା ସମ୍ମାନିତ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ସହିତ ଆରମ୍ଭ ହେବ, ଏହାପରେ ଏକ ଉଦ୍‌ଘାଟନୀ ଉପସ୍ଥାପନା ଦିଆଯିବ ଯାହା ପ୍ରତିଭାମାନଙ୍କର ଏକ ଅସାଧାରଣ ପ୍ରଦର୍ଶନୀ ପାଇଁ ମଞ୍ଚ ପ୍ରସ୍ତୁତ କରିବ। ଏହି କାର୍ଯ୍ୟକ୍ରମରେ ଏକ ଭାୟୋଲିନ ଉପସ୍ଥାପନା ରହିବ ଏବଂ ଏକ ଶୁଦ୍ଧ କଥକ ପ୍ରଦର୍ଶନୀ ସହ ଏହା ଶେଷ ହେବ, ଯାହା ଏହି ଶାସ୍ତ୍ରୀୟ ନୃତ୍ୟ କଳାର ଶୁଦ୍ଧତା ଓ ମହାନତାକୁ ପ୍ରଦର୍ଶିତ କରିବ। ଏକାଡେମୀ ପଛର ମାର୍ଗଦର୍ଶକ ଶକ୍ତି ଓ ଜଣେ ଉତ୍ସାହୀ କଥକ ଗୁରୁ ଶ୍ରୀମତି ଶ୍ରୀରୂପା ଘୋଷଙ୍କ ପାଇଁ ନୃତ୍ୟ କେବଳ ଏକ କଳାର ରୂପ ନୁହେଁ ବରଂ ଏହା ଏକ ହୃଦୟସ୍ପର୍ଶୀ ଅଭିବ୍ୟକ୍ତି। ସେ ବିଶ୍ୱାସ କରୁଛନ୍ତି ଯେ, ତାଙ୍କ ଛାତ୍ରଛାତ୍ରୀମାନେ ତାଙ୍କ ଯାତ୍ରାର ହୃଦସ୍ପନ୍ଦନ ଅଟନ୍ତି, ଯିଏକି କଥକର ପରମ୍ପରାରେ ଜୀବନ ଧାରଣ କରୁଛନ୍ତି। ଛନ୍ଦମ ଡ୍ୟାନ୍ସ ଏକାଡେମୀ ଉତ୍ସବର ଆଉ ଏକ ବର୍ଷରେ ପ୍ରବେଶ କରିଥିବାରୁ ଏହା ଯୁବପିଢିଙ୍କୁ ଅନୁପ୍ରାଣିତ କରିବା ଏବଂ ସେମାନଙ୍କ ମଧ୍ୟରେ ନୃତ୍ୟ ପାଇଁ ଭଲ ପାଇବା ସୃଷ୍ଟି କରିବା ଜାରି ରଖିବ, ଯାହା କଥକର ବିରାସତ ଯେପରି ଆଗାମୀ ଅନେକ ପିଢି ଯାଏଁ ପ୍ରସ୍ଫୁଟିତ ରହିବ ତାହା ନିଶ୍ଚିତ କରିବ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କର ପରଲୋକ

କଣାସ, (ଭାସ୍କର ନ୍ୟୁଜ୍): କଣାସବ୍ଲକ ତ୍ରିଲୋଚନପୁର ଗ୍ରାମପଞ୍ଚାୟତର ତ୍ରିଲୋନପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ ତ୍ରିପାଠୀଙ୍କ ୯୫ ବର୍ଷରେ ଆଜି ପରଲୋ ହୋଇଯାଇଛି । ସେ କିଛି ଦିନ ହେଲା ବାର୍ଦ୍ଧକ୍ୟ ଜନିତ ପିଡିତ ଥିଲେ। ତାଙ୍କର ମରଶରୀର ପୁରୀ ସ୍ୱର୍ଗ ଦ୍ୱାରକୁ ନିଆଯାଇ□ଶବ ସତ୍କାର କରାଯାଇଥିଲା। ଏକମାତ୍ର ପୁତ୍ର ଶରତ ତ୍ରିପାଠୀ ମୁଖାଗ୍ନି ଦେଇଥିବାବେଳେ ଗ୍ରାମବାସୀ ଝିଅ,ଜ୍ୱାଇଁ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସ୍ୱର୍ଗତ ତ୍ରିପାଠୀ ଦୀର୍ଘଦିନ ହେଲା ତ୍ରିଲୋଚନପୁର ଗ୍ରାମ୍ୟ କୋଠ ପରିଚାଳନା ଦାୟିତ୍ୱରେ ଥିବାବେଳେ ଅନେକ ଜମି ଜମା ସମସ୍ୟାରେ ମାପଚୁପ କରି ସମାଧାନ କରିଦେଉଥିଲେ।

## ଦୁର୍ଘଟଣାରେ ବାଇକ ଆରୋହୀଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ବସପୁର-କେନ୍ଦ୍ରାପଡା ପୂର୍ତ୍ତବିଭାଗ ରାସ୍ତାର ଶ୍ୟାମସୁନ୍ଦରପୁର ଗ୍ରାମ ନିକଟରେ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତବ୍ୟକ୍ତିଙ୍କ କୌଣସି ପରିଚୟ ମିଳିପାରିନାହିଁ। ପୋଲିସ ମୃତଦେହ ଜବତ କରି ବ୍ୟବଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। କିନ୍ତୁ ପରିଚୟ ମିଳିପାରିନଥିବାରୁ ମୃତଦେହକୁ ଚିହ୍ନଟ ପାଇଁ ୩ଦିନ ଶବ ସଂରକ୍ଷଣ ଗୃହରେ ରଖାଯିବ ବୋଲି ପୋଲିସ କହିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଶ୍ୟାମସୁନ୍ଦରପୁର ଗଡା ପାଖ ଶାଖା କେନାଲ ନିକଟରେ ଏକ ଦୋକାନ କରିଥିଲେ। ରବିବାର ଅପରାହ୍ନରେ ସେ ବାଇକ ଯୋଗେ କୌଣସି ସ୍ଥାନକୁ ଯାଉଥିବା ବେଳେ ଏକ ଅଜଣା ଗାଡି ତାଙ୍କ ବାଇକକୁ ଧକ୍କା ଦେବାରୁ ଘଟଣା ସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଛି।

## ବଜ୍ରପାତରେ ଜଳିଗଲା ନଡ଼ିଆ ଗଛ

ଉମରକୋଟ, (ଭାସ୍କର ନ୍ୟୁଜ୍): ଉମରକୋଟ ଅଞ୍ଚଳରେ ରବିବାର ସନ୍ଧ୍ୟାରୁ କାଳ ବୈଶାଖୀର ପ୍ରଭାବ ନେଇ ପ୍ରବଳ ଘଡଘଡି ବିଜୁଳି ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା। ଉମରକୋଟ ବ୍ଲକ ଅନ୍ତର୍ଗତ ଖାଣ୍ଡା ପଞ୍ଚାୟତର ଛଞ୍ଚାଣବେଢା ଗ୍ରାମର ଲଚ ଗଣ୍ଡଙ୍କ ବାଡିରେ ଥିବା ଦୁଇଟି ନଡ଼ିଆ ଗଛ ବଜ୍ରପାତରେ ହୁତ ହୁତ ହୋଇ ଜଳି ଉଠିଥିଲା। ହଠାତ୍ ଏଭଳି ଦୃଶ୍ୟକୁ ଦେଖି ପରିବାରବର୍ଗ ଘର ଛାଡି ଅନ୍ୟ ଘରେ ଆଶ୍ରୟ ନେଇଥିଲେ। କିଛି ସମୟ ଜଳିବା ପରେ ବର୍ଷା ଯୋଗୁଁ ନିଆଁ ଆପେ ଆପେ ଲିଭିଯାଇଥିଲା। ପରେ କିନ୍ତୁ ଏହି ଦୃଶ୍ୟ ଦେଖିବାକୁ ଦେଖଣାହାରିଙ୍କ ଭିଡ଼ ଜମିବା ଦେଖିବାକୁ ମିଳିଛି। ବଜ୍ରପାତରେ କାହାର କିଛି କ୍ଷୟକ୍ଷତି ହୋଇ ନଥିବା ଜଣାପଡିଛି।



# ଆମ କଳାହାଣ୍ଡି



## ରାଜ୍ୟସ୍ତରୀୟ ବିଶ୍ୱ ମାଲେରିଆ ଦିବସ ପାଳିତ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଓଡିଶା ରାଜ୍ୟସ୍ତରୀୟ ବିଶ୍ୱ ମାଲେରିଆ ଦିବସ ୨୦୨୫ ଭବାନୀପାଟଣା ସ୍ଥିତ ଟାଉନ୍ ହଲ୍ ଠାରେ ଓଡ଼ିଶା ରାଜ୍ୟ ଜନ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡ଼ା. ନୀଳକଣ୍ଠ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଡିହୋଇ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ରାଜ୍ୟରେ ସଂପୂର୍ଣ୍ଣ ଭାବେ ମାଲେରିଆ ନିରାକରଣ କିପରି କରାଯିବ, ବିଶେଷ କରି ମ୍ୟାଲେରିଆ ପ୍ରବଣ ଜିଲ୍ଲା କଳାହାଣ୍ଡି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ବୌଦ୍ଧ ଇତ୍ୟାଦି ଜିଲ୍ଲାରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଇ ଏହାର ସମ୍ପୂର୍ଣ୍ଣ ନିରାକରଣ ଦିଗରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନେ ଅଧିକ ଯତ୍ନବାନ୍ ହୋଇ କାର୍ଯ୍ୟ କରିବା ପାଇଁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କଳାହାଣ୍ଡି ପୁଷ୍ପେନ୍ଦ୍ର ସିଂଦେଓ, ଜିଲ୍ଲାପାଳ ପାଠ୍ୱାର ସଚିନ ପ୍ରକାଶ, ସାଂସଦ କଳାହାଣ୍ଡିଙ୍କ ପ୍ରତିନିଧି ଭାବେନ୍ଦ୍ର ପଣ୍ଡା, ବିଧାୟକ ସଦରଙ୍କ ପ୍ରତିନିଧି ଧନୁର୍ଯ୍ୟ ଗହିର, ଓଡ଼ିଶା ରାଜ୍ୟ ଭେକ୍ଟର ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅତିରିକ୍ତ ନିର୍ଦ୍ଦେଶକ ଡ଼ା. ପ୍ରଭାକର ସାହୁ, ଡ଼ା. ଅମରେନ୍ଦ୍ର ମହାନ୍ତି ନିର୍ଦ୍ଦେଶକ ରାଜ୍ୟ ସ୍ୱାସ୍ଥ୍ୟ ଶିକ୍ଷା ସୂଚନା ପ୍ରତିଷ୍ଠାନ ଓଡ଼ିଶା, ମୁଖ୍ୟବକ୍ତା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ମିନତୀ ଲତା ଦାସ, ଡ଼ା. ରଞ୍ଜନ ମିଶ୍ର ଅତିରିକ୍ତ ଜିଲ୍ଲା ଜାତୀୟ ଭେକ୍ଟର ଭାରତ ରୋଗ ନିୟନ୍ତ୍ରଣ ଶାଖା କଳାହାଣ୍ଡି, ଡ଼ା. ରାକେଶ କୁମାର ସାହୁ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଡ଼ା. ଦେବୀ ପ୍ରସାଦ ମହାପାତ୍ର ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ, ଡ଼ା. ନିହାରେନ୍ଦ୍ର ପଣ୍ଡା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଯକ୍ଷ୍ମା ବିଭାଗ, ଡ଼ା. ଲୋମପାଦ ନାୟକ ବିଭାଗୀୟ ମୁଖ୍ୟ ଏସ.ପି.ଏମ. ରେଣ୍ଡୋ ମାଝୀ ଭେଜକ ମହାବିଦ୍ୟାଳୟ ଏବଂ ହସ୍ପିଟାଲ କଳାହାଣ୍ଡିର ସମସ୍ତ ସ୍ୱାସ୍ଥ୍ୟ ବିଭାଗୀୟ କର୍ମଚାରୀ, ଅନ୍ୟାନ୍ୟ ଲାଇନ ବିଭାଗର ଅଧିକାରୀମାନେ, ଆଶାକର୍ମୀ, ନର୍ସିଂ କଲେଜ ଏବଂ ଏ. ଏନ୍.ଏମ. କଲେଜର ପ୍ରିନସିପାଲ, ୧୩ ଗୋଟି ବ୍ଲକ ସି.ଏଚ.ସି. ର ପି. ଏଚ୍. ଇ. ଓ., ବି.ପି.ଏମ. ଓ ବି.ଭି. ଡି.ଟି.ଏସ. ତଥା ଅନ୍ୟାନ୍ୟ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅତିଥିମାନେ କଳାହାଣ୍ଡି ଜିଲ୍ଲାରୁ ମାଲେରିଆ ରୋଗକୁ ସମ୍ପୂର୍ଣ୍ଣ ନିର୍ମୂଳ କରିବା ସହିତ ଓଡ଼ିଶାକୁ ମାଲେରିଆ ମୁକ୍ତ ରାଜ୍ୟ ଭାବରେ ଗଢ଼ିବା ପାଇଁ ପ୍ରତ୍ୟେକ ଜ୍ୱର ରୋଗୀଙ୍କ ରକ୍ତ ପରୀକ୍ଷା ସମ୍ପୂର୍ଣ୍ଣ ଚିକିତ୍ସା ଏବଂ ଜନସଚେତନତା ସୃଷ୍ଟି କରିବା ନିଜ ନିଜ ପରିବେଶକୁ ମ୍ୟାଲେରିଆ ମୁକ୍ତ ରଖିବା ସହ ଶୋଇବା ସମୟରେ ନିୟମିତ ମଶାରୀ ବ୍ୟବହାର କରିବା ଦିଗରେ କାର୍ଯ୍ୟ କଲେ ସଫଳ ହୋଇପାରିବ ବୋଲି ମତ ବ୍ୟକ୍ତ କରିଥିଲେ। ସ୍ୱାସ୍ଥ୍ୟ ଶିକ୍ଷା ନିର୍ଦ୍ଦେଶକ ଡାକ୍ତର ଅମରେନ୍ଦ୍ର ମହାନ୍ତି ନିଜ ବକ୍ତବ୍ୟରେ କହିଥିଲେ ଯେ ଅନ୍ୟକୁ ମ୍ୟାଲେରିଆ ସଂକ୍ରମଣରେ ସୁରକ୍ଷା ଦେବା ବାର୍ତ୍ତାକୁ ଆମ ପ୍ରତ୍ୟେକ ଜନତାଙ୍କ ନିକଟରେ ପହଞ୍ଚାଇବା କାର୍ଯ୍ୟକ୍ରମ ଏହି ଠାରୁ ଆରମ୍ଭ ହେବ । ଏହି ଅବସରରେ ସଚେତନତାଧର୍ମୀ ନାଟକ 'ଉଆଁସ ରାତିର ଜହ୍ନ' ସ୍ୱାସ୍ଥ୍ୟ ବିଭାଗ ଏବଂ ଏ.ଏନ୍.ଏମ. କଲେଜ ଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଭେକ୍ଟର ବାହିତ ରୋଗ ବିଭାଗ ଡ଼ା. ରଞ୍ଜନ ମିଶ୍ର ସଞ୍ଚାଳନ କରିଥିଲେ, ଡ଼ା. ରାକେଶ ସାହୁ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ଡି.ପି.ଏମ.ୟୁ. ଷ୍ଟାଫ୍ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ବର୍ଷୀୟାନ୍ କ୍ରୀଡାବିତ୍‌ଙ୍କ ସଫଳତା, ପରିଣତ ବୟସରେ ପଦକର ନିଶା




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ବୟସ ତାଙ୍କୁ ପରାଜିତ କରି ପାରିନାହିଁ। ବରଂ ପରିଣତ ବୟସରେ ସେ ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ସାଉଁଟୁଛନ୍ତି। ସେ ହେଲେ ଭବାନୀପାଟଣା ସହର ବାହାଦୁର ବଗିଚାପଡ଼ାର ବାସିନ୍ଦା ଟି. ରାମକୃଷ୍ଣ। ବୟସ ତାଙ୍କର ୮୦ ବର୍ଷ। ଏ ପରିଣତ ବୟସରେ ମଧ ତାଙ୍କ ମୁଣ୍ଡରୁ ଓହ୍ଲାଇ ନାହିଁ ପଦକ ଜିଣିବାର ନିଶା। ସଂପ୍ରତି ହିମାଚଳ ପ୍ରଦେଶର ମାଷ୍ଟର ଗେମ୍ସ ଏସୋସିଏସନ୍ ଦ୍ୱାରା ଆୟୋଜିତ ହୋଇଥିବା 'ସପ୍ତମ ନେସନାଲ୍ ମାଷ୍ଟର୍ସ ଗେମ୍ସ- ୨୦୨୫' ରେ ଅଂଶ ଗ୍ରହଣ କରି ସେ ଦୁଇଟି ପଦକ ହାସଲ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସେ ଗତ ତା. ୨୦.୪.୨୫ ଠାରୁ ତା.୨୬.୪.୨୫ ପର୍ଯ୍ୟନ୍ତ ହିମାଚଳ ପ୍ରଦେଶର ଧର୍ମଶାଳା ଠାରେ ଆୟୋଜିତ ଏହି ଜାତୀୟ ମାଷ୍ଟର୍ସ କ୍ରୀଡ଼ା ପ୍ରତିଯୋଗିତାର ୩,୦୦୦ ମିଟର ୱାକ୍ ରେସ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ୮୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ମଧ ଅନ୍ୟ ଏକ ବ୍ରୋଞ୍ଜ ପଦକ ଅକ୍ତିଆର କରି କଳାହାଣ୍ଡି ତଥା ଓଡ଼ିଶାର ବର୍ଷୀୟାନ୍ କ୍ରୀଡାବିତ୍‌ମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ଏହି ସଫଳତା ନିମନ୍ତେ କଳାହାଣ୍ଡି ଜିଲ୍ଲା କ୍ରୀଡାସଂସ୍ଥା ଓ ଜିଲ୍ଲାର ଅନ୍ୟାନ୍ୟ କ୍ରୀଡ଼ାଅନୁଷ୍ଠାନ ପକ୍ଷରୁ ଶ୍ରୀ ରାମକୃଷ୍ଣଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ପୁଣି ଦାଦନ ମୃତ୍ୟୁ, କେରଳରୁ ଆସିଲା ଦାଦନଙ୍କ ମୃତ ଶରୀର

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍ ) : ଆମ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯିବା କିଛି ନୂଆ କଥା ନୁହେଁ। କିନ୍ତୁ ଅନ୍ୟ ରାଜ୍ୟରୁ ଦାଦନଙ୍କ ମୃତଶରୀର ଆମ ରାଜ୍ୟକୁ ଆସିବା ଅତ୍ୟନ୍ତ ପରିତାପର ବିଷୟ। ନିକଟରେ କଳାହାଣ୍ଡି ଜିଲ୍ଲାର ଜଣେ ଦାଦନଙ୍କ ରାଜ୍ୟ ବାହାରେ ମୃତ୍ୟୁ ଘଟୁଛି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ବେନଗାଁ ପଞ୍ଚାୟତ ଅନ୍ତର୍ଗତ ବରାପାଲି ଗାଁର ଯୁବକ କାଲି ବାବୁ ହରିଜନ (୪୫) ପରିବାର ପ୍ରତିପୋଷଣ ପାଇଁ କେରଳର ଆଙ୍ଗାମାଳି ଜିଲ୍ଲାକୁ ଦାଦନ ଖଟିବାକୁ ଯାଇଥିବା ବେଳେ ବୁଧବାର ସେଠାରେ ମୃତ୍ୟୁ ଘଟିଥିଲା। ସୂଚନାନୁସାରେ କାଳିବାବୁ ହରିଜନ ଏକ ବର୍ଷ ହେଲା କେରଳର ଆଙ୍ଗାମାଳି ଜିଲ୍ଲାକୁ ଯାଇ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଗତ ୨୩ ଏପ୍ରିଲ ବୁଧବାର କୌଣସି କାର୍ଯ୍ୟ ପାଇଁ ରାସ୍ତାରେ ଚାଲି ଯାଉଥିବା ସମୟରେ କୌଣସି ଅଜଣା ଗାଡ଼ି ଧକ୍କା ଦେଇଥିଲା। ଯାହା ଫଳରେ ଘଟଣାସ୍ଥଳରେ କାଳିବାବୁର ମୃତ୍ୟୁ ଘଟିଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ମୃତ୍ୟୁ ଖବର ଜାଣିବା ପରେ ପରିବାର ଲୋକେ ମରଶରୀର ଆଣିବା ପାଇଁ ପ୍ରଶାସନ ନିକଟରେ ଗୁହାରି କରିବା ସହ ଆର୍ଥିକ ସହାୟତା ପାଇଁ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଗୁହାରି କରିଥିଲେ। ପରିବାର କହିଲେ ସ୍ତ୍ରୀ ସମେତ ଦୁଇ ପୁଅ ଝିଅ। ଏବେ ପରିବାର ପ୍ରତିପୋଷଣ ବଡ଼ ମୁସ୍କିଲ ହୋଇପଡ଼ିଛି। ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସ୍ତ୍ରୀ ଧନଦେଇ ହରିଜନ ପ୍ରଶାସନ ନିକଟରେ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଆକୁଳ ନିବେଦନ କରୁଛନ୍ତି। ଏନେଇ ଅତିରିକ୍ତ ଶ୍ରମ ଅଧିକାରୀ ଜୀତମ ମାଝୀଙ୍କୁ ପଚାରିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁଦ୍ଧିକ୍ରିୟା ପାଇଁ ୨୦ ହଜାର ଟଙ୍କା ପ୍ରଦାନ କରିଥିବା ବେଳେ ମୃତକ ପରିବାର ତରଫରୁ କାଗଜପତ୍ର ଦାଖଲ କଲେ ସରକାରଙ୍କ ଯାହା ପ୍ରକ୍ରିୟା ଅନୁସାରେ କାର୍ଯ୍ୟକାରୀ ହେବ ବୋଲି ପ୍ରକାଶ କରିଥିଲେ। କେରଳର କମ୍ପାନୀ ମାଲିକ ଆମ୍ବୁଲାନ୍ସ ଦ୍ୱାରା ମୃତଦେହ ଗାଁକୁ ପଠାଇଥିବା ପରିବାର ଠାରୁ ସୂଚନା ମିଳିଥିବା ବେଳେ ଜନ୍ମମାଟି ବରାପାଲି ଗାଁକୁ ଶନିବାର ଶବ ପହଞ୍ଚିଲା ପରେ ଶୋକାକୁଳ ପରିବେଶରେ ଶ୍ମଶାନରେ ଶବଦାହ କରାଯାଇଥିଲା।

## ପହଲଗାମର ଆତଙ୍କବାଦୀ ଆକ୍ରମଣକୁ ବିରୋଧ କରି କେଣ୍ଡେଲ ଶୋଭାଯାତ୍ରା



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): ଜମ୍ମୁକାଶ୍ମୀରର ପହଲଗାମ ଠାରେ ୨୨/୦୪/୨୦୨୫ ମଙ୍ଗଳବାର ଦିନ ହୋଇଥିବା ଆତଙ୍କବାଦୀ ମାନଙ୍କ ବର୍ବର କାଣ୍ଡରେ ମୃତ୍ୟୁବରଣ କରିଥିବାର ପର୍ଯ୍ୟଟକ ମାନଙ୍କ ଅମର ଆତ୍ମାର ସତଗତି ପାଇଁ ଗୋଲାମୁଣ୍ଡା ହିନ୍ଦୁ ସଂଗଠନ ତରଫରୁ କେଣ୍ଡେଲ ଶୋଭାଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଗୋଲାମୁଣ୍ଡା ମଣ୍ଡଳ ସଭାପତି ବୈଶାଖୁ କେତକୀ, ବରିଷ୍ଠ ଭାଜପା ନେତା ପ୍ରସନ୍ନ ରାଉତ, ଭାଜପା ଜିଲ୍ଲା ଯୁବ ମୋର୍ଚ୍ଚା ସମିର ସାହୁ, ସମାଜ ସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଗୋଲାମୁଣ୍ଡା ଖଣ୍ଡ ପ୍ରଚାର ପ୍ରମୁଖ ବ୍ରହ୍ମା ପ୍ରସାଦ କାଣ୍ଡ, ସହ ପ୍ରଚାର ପ୍ରମୁଖ ହୁତେଶ ମଶ୍ରା, ଭୁପେନ୍ଦ୍ର ଦେବ ସାହୁ, ପରମାନନ୍ଦ ମାଝୀ, ପିଣ୍ଟୁ ନାଏକ, ମୁକେଶ ବିଶି, ସୌମ୍ୟରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତି ରହି ପାକିସ୍ତାନ ବିରୋଧରେ ନାରାବାଜି କରିଥିଲେ ଏବଂ ଆତଙ୍କବାଦୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ନାଗରିକ ମାନଙ୍କ ଅମର ଆତ୍ମାର ସତଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

## ଚନ୍ଦନ ଯାତ୍ରା ପ୍ରସ୍ତୁତି ବୈଠକ



ଧର୍ମଗଡ଼ (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ ଦୁର୍ଗାଠେଙ୍ଗା ମଣ୍ଡି ଠାରେ ଗୁଡ଼ହାଣ୍ଡି ଡୋକରୀ ଚଞ୍ଚରା କମିଟିର ବୈଠକ ଅନୁଷ୍ଠିତ ହୋଇ ଯାଇଛି। କମିଟି ସଭାପତି ଡମ୍ବରୁଧର ମାଝୀଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଗତ ରାମ ନବମୀ ମହୋତ୍ସବରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ମହୋତ୍ସବର ଆୟ ବ୍ୟୟ ସନ୍ଦେହ ଉପରେ ଆଲୋଚନା କରାଯାଇ ସର୍ବ ସାଧାରଣଙ୍କ ଉପସ୍ଥିତିରେ ଘୋଷଣା କରାଗଲା। ଏଥିରେ ମୋଟ ୭ଲକ୍ଷ ୨୨ହଜାର ୨୫୦ଟଙ୍କା ଆୟ ହୋଇଥିବା ବେଳେ ମୋଟ ୬ଲକ୍ଷ ୭୫ହରାର ଖର୍ଚ୍ଚ ହୋଇଥିବା ବୈଠକରେ କୋଷାଧ୍ୟକ୍ଷ କ୍ଷମାଶୀଳ କାଣ୍ଡ ଉପସ୍ଥାପନ କରିଥିଲେ। ଏହି ବୈଠକରେ ଆଗାମୀ ମେ ୧୨ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ଚନ୍ଦନ ଯାତ୍ରା ଉପରେ ଆଲୋଚନା ହୋଇଥିଲା। ଏଥିରେ ଦର୍ଶକ ଓ ଭକ୍ତଙ୍କ ସମାଗମନକୁ ଦୃଷ୍ଟିରେ ରଖି କମିଟି ବିଭିନ୍ନ ଦିଗ ଉପରେ ଆଲୋପାତ କରିଥିଲେ। ବିଶେଷ ଭାବେ ଗ୍ରୀଷ୍ମପ୍ରବାହକୁ ନଜରରେ ରଖି ବିଶୁଦ୍ଧ ପାନୀୟ ଜଳ ଯୋଗାଣରେ କୌଣସି ଅବ୍ୟସ୍ଥା ନ ହେଉ ସେଥିପ୍ରତି ଧ୍ୟାନ ଦେବାକୁ ସଦସ୍ୟ ମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ସମ୍ପାଦକ ମଣି ରାମ ବାଣୁଆ ବରିଷ୍ଠ ସଦସ୍ୟ ବନମାଳୀ ମାଝୀ, କ୍ଷମାଶୀଳ କାଣ୍ଡ, ବନମାଳୀ ମାଝୀ, ଦିଗାମ୍ବର ନାଗ, ଦିଲ୍ଲୀପ ନାଏକ, ରଘୁନାଥ ଖମାରି, ଦୁର୍ଜନ ପୁଝାରି ନରସିଂହ ମାଝୀ, ଦେବସିଂ ନାଗ ଉପସ୍ଥିତ ଥିବାବେଳେ ନିରନ କନ୍ଧ, ପଦ୍ମନ ଚଳାନ, ବନ ମାଝୀ, ନବେ ମାଝୀ, ଖଗେଶ୍ୱର ପାଣିଗ୍ରାହୀ, ଶିବରାମ ବାଣୁଆ, ଦୈତାରି ଶବର, କୁରୁନ କନ୍ଧ, ରାମଦାସ କନ୍ଧ, ତାରାଚାନ୍ଦ କଦୁଆ, ପଦ୍ମଲୋଚନ ନାଏକ ତ୍ରିନାଥ ପୁଝାରି ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ଦୁର୍ଗାଠେଙ୍ଗା ପଞ୍ଚାୟତ ବିଭିନ୍ନ ଗ୍ରାମର ଜନସାଧାରଣ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ। ବୈଠକରେ ହଜାର ହଜାର ମହିଳାଙ୍କ ଉପସ୍ଥିତି ନଜରକୁ ଆସିଥିଲା।

## ରାସନ କାର୍ଡ଼ରୁ ବଞ୍ଚିତ ଦିବ୍ୟାଙ୍ଗ ଦମ୍ପତି: ଭରସା ସରକାରୀ ସହାୟତା



ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ସରକାର ଖାଦ୍ୟ ସୁରକ୍ଷା ଆଇନ୍ ଭିତରେ ସାଧାରଣ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରି ପଞ୍ଚାୟତ ମାଧ୍ୟମରେ ବିଭିନ୍ନ ରାସନ ସାମଗ୍ରୀ ଯୋଗାଇ ଦେବା ବ୍ୟବସ୍ଥା ହାତକୁ ନେଇଛନ୍ତି। ଏହି ଯୋଜନା ଭିତରେ ଦିବ୍ୟାଙ୍ଗ ମାନଙ୍କୁ ପ୍ରାଧାନ୍ୟ ଦେବା ନିୟମ ରହିଛି। ହେଲେ ଧର୍ମଗଡ଼ ବ୍ଲକ ପର୍ଲା ପଞ୍ଚାୟତ ପର୍ଲା ଗ୍ରାମର ଦିବ୍ୟାଙ୍ଗ ଦମ୍ପତିଙ୍କ ପରିବାର ରାସନ କାର୍ଡ଼ରୁ ବାଦ୍ ପଡ଼ିଥିବା ଅଭିଯୋଗ ହୋଇଛି। ଦିବ୍ୟାଙ୍ଗ ଦମ୍ପତି ହେଲେ ବୁଧିରାମ ମେହେର (୪୮)ଓ ଦେବକୀ ମେହେର( ୪୫)। ହସିଲା ସଂସାର ଭିତରେ ଏକ ଛୋଟ ଦୋକାନଟି କରି ବେଶ୍ ଆରାମରେ ରହୁଥିଲେ। ସେହି ଦୋକାନରୁ ଯାହା ଲାଭ ହେଉଥିଲା ସେଥିରେ ୭କୁଟୁମ୍ବଙ୍କ ପ୍ରତିପୋଷଣ କଷ୍ଟେ ମଷ୍ଟେ ଚଳିଯାଏ। ହେଲେ ଅଚାନକ ପରିବାର ଉପରେ ଗତ କିଛି ବର୍ଷ ତଳେ କଳାମେଘ ଡାଙ୍କି ଯାଏ। ସ୍ତ୍ରୀ ଦେବକୀ କୌଣସି ଅଜଣା ରୋଗରେ ରୋଗାକ୍ରାନ୍ତ ହୋଇ ପଡ଼ନ୍ତି। ଯେତେ ସବୁ ରୋଜଗାର କରିଥିଲେ ଦେବକୀଙ୍କ ଚିକିତ୍ସା ବାବଦରେ ଖର୍ଚ୍ଚ ହୋଇଯାଏ। ହେଲେ ଶେଷରେ ସେ ଦିବ୍ୟଙ୍ଗ ହୋଇ ପଡନ୍ତି। ୮୦ପ୍ରତିଶତ ଦିବ୍ୟଙ୍ଗ ହୋଇପଡ଼ିଥିବା ପ୍ରମାଣ ପତ୍ରରେ ଉଲ୍ଲେଖ ରହିଛି। ବର୍ତ୍ତମାନ ସେ କୁଜି ପାଲଟି ଯାଇଛନ୍ତି। ସେତିକିରେ ଦୁଃଖ ଗଲାନି। ଠିକ୍ ସ୍ତ୍ରୀ ଦିବ୍ୟଙ୍ଗ ହେବା ୭-୮ ବର୍ଷ ପରେ ସ୍ୱାମୀ ବୁଦ୍ଧି ରାମ ପକ୍ଷାଘାତ ରୋଗରେ ଶିକାର ହୁଅନ୍ତି। ଗୋଡ ହାତ ଅଚଳ ହୋଇପଡ଼େ। ଯେତେ ଚିକିତ୍ସା ହେଲେ ବି କୌଣସି ଲାଭ ଦେଲାଣି। ବର୍ତ୍ତମାନ ସେ ୭୫ପ୍ରତିଶତ ବିକଳାଙ୍ଗ ହୋଇଥିବା ପ୍ରମାଣ ପତ୍ରରେ ଉଲ୍ଲେଖ ରହିଛି। ୨ଦମ୍ପତି ବିକଳାଙ୍ଗ ହୋଇପଡ଼ିଥିବା ବେଳେ ବଡ଼ ଝିଅ ଖିତିଶୁତା ମେହେର (୧୯)ସବୁ କିଛି ସମ୍ଭାଳୁଛନ୍ତି। ସରକାରୀ ସୁବିଧା କହିଲେ ଦୁହେଁଙ୍କୁ ବିକଳାଙ୍ଗ ବାର୍ଦ୍ଧକ୍ୟ ଭତ୍ତା ମିଳୁଥିବା ବେଳେ ବାକି ସବୁ ସରକାରୀ ସୁବିଧାରୁ ବଞ୍ଚିତ ହୋଇ ଥିବା ଅଭିଯୋଗ ହୁଏ। ବଡ଼ ବିସ୍ମୟ ବିଷୟ ଦିବ୍ୟଙ୍ଗ ଦମ୍ପତିଙ୍କ ନାରେ ରାସନ କାର୍ଡ ନ ଥିବା ଯୋଗୁଁ ପଞ୍ଚାୟତରୁ ଚାଉଳ ଗଣ୍ଡେ ପାଇବାରୁ ବଞ୍ଚିତ ଥିବା କ୍ଷୁବ୍ଧ ପ୍ରକାଶ କରନ୍ତି। ଗୋଟାଏ ପେଟ ଦିବ୍ୟଙ୍ଗଙ୍କୁ ପ୍ରାଥମିକତା ଦେବା ନିୟମ ଥିବା ବେଳେ କେଉଁ ପରିସ୍ଥିତିରେ ଏହି ଦିବ୍ୟଙ୍ଗ ପରିବାର ବାଦ୍ ପଡିଛନ୍ତି ତଦନ୍ତ ସାପେକ୍ଷ। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୁଏ। ଏନେଇ ପର୍ଲା ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷେତ୍ର ମୋହନ ବିହାରୀଙ୍କୁ ପଚାରିବାରୁ ପରିବାରର ସମସ୍ତ ନଥିପତ୍ର ଦାଖଲ ସହ ଅନ ଲାଇନ କରିବା କାର୍ଯ୍ୟ ଶେଷ ହୋଇଛି ମାସ ମଧ୍ୟରେ ରାସନ କାର୍ଡ ହୋଇଯିବ ବୋଲି କହିଛନ୍ତି।

## ଚର୍ଚ୍ଚାରେ ସରପଞ୍ଚଙ୍କ ସେବାକାର୍ଯ୍ୟ




ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଦିନକୁ ଦିନ ସମାଜ ସେବା କରି ଚର୍ଚ୍ଚା ପରିସରରେ ଜଣେ ନିର୍ବାଚିତ ସରପଞ୍ଚ ଏବେ ପ୍ରଶଂସାର ପାତ୍ର ସାଜିଛନ୍ତି। ଧର୍ମଗଡ଼ ବ୍ଲକ ପର୍ଲା ଗ୍ରାମ ପଞ୍ଚାୟତ ସରପଞ୍ଚ ବ୍ରିଜଲାଲ ନାଏକ ନିରନ୍ତର ଭାବେ ଦୁଃଖୀ ଦରିଦ୍ର ବୃଦ୍ଧ ବୃଦ୍ଧା ଅସହାୟ ଲୋକଙ୍କ ସେବାରେ ରହି ଏକ ଆଦର୍ଶ ପାଲଟିଛନ୍ତି। ନିକଟରେ ଜଣେ ଆୟୁଦ୍ଧ ବୃଦ୍ଧାକୁ ଉଦ୍ଧାର କରି ଡାକ୍ତରଖାନାରେ ଚିକିତ୍ସିତ କରାଇ ନିଜ ହାତରୁ ଗାଡ଼ି ଭଡ଼ା କରି ଗାଁକୁ ପଠେଇଥିଲେ। ଆଉଥରେ ଏକ ମାନସିକ ରୋଗୀଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନା ଓ ପରବର୍ତ୍ତୀ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଧିକ ଚିକିତ୍ସା ପାଇଁ ପଠେଇ ଏବେ ପ୍ରଶଂସା ଗୋଟାଇ ପାରିଛନ୍ତି। ମାନସିକ ରୋଗୀ ଜଣକ ପର୍ଲା ଗ୍ରାମର ଦେବରାଜ ଗୋପାଳ (୪୦) । ଗତ ୫ବର୍ଷ ତଳୁ ସେ ମାନସିକ ରୋଗରେ ଆକ୍ରାନ୍ତ ହୋଇ ପଡ଼ି ରହିଛନ୍ତି। ଦିନକୁ ଦିନ ସ୍ମୃତି ଶକ୍ତି ହରାଇ ନାନା ପ୍ରକାର ଉତ୍ପାତ କାର୍ଯ୍ୟ କରି ବସିଛନ୍ତି। ଚିକିତ୍ସା ଅଭାବରୁ ଏହା ବଢ଼ିବାରେ ଲାଗିଛି। ଖବର ପାଇ ସରପଞ୍ଚ ରୋଗୀ ନିକଟକୁ ଯାଇ ଆମ୍ବୁଲାନ୍ସ ଡାକି ପର୍ଲା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ଉନ୍ନତ ଚିକିତ୍ସା ପାଇଁ ଭବାନୀପାଟଣା ଚିକିତ୍ସାଳୟକୁ ରେଫର କରିଥିବା ଜଣାପଡ଼ିଛି। ତେବେ ସରପଞ୍ଚ ଜଣକ ମାନସିକ ରୋଗୀର ଉନ୍ନତ ଚିକିତ୍ସା ବାବଦରେ କିଛି ଅର୍ଥ ପରିବାରଙ୍କୁ ଦେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। କେବଳ ସରପଞ୍ଚ ପଦବୀ ନୁହଁ ସେ ପୂର୍ବରୁ ନିଜକୁ ସେବା ମନ ବୃତ୍ତି ନେଇ ସମାଜ ପାଇଁ ଅନେକ କାମ କରିଛନ୍ତି। କରୋନା କାଳରେ ଗାଁ ଗାଁରେ ସାନିଟାଇଜ, ସାବୁନ, ସୁଖା ଖାଦ୍ୟ ବଣ୍ଟନ କରିଥିଲେ। ଏପରିକି ଗାଁ ଗାଁରେ ପରିବେଶ ଉପରେ ଧ୍ୟାନ ରଖି ରାସ୍ତା ଘାଟ ସଫା ସୁତୁରା ନିଜ ହାତ ଅର୍ଥରୁ ଶ୍ରମିକ ଲଗେଇ କରାଇଥିଲେ। ପ୍ରାୟ ଅନେକ ଗାଁ ମାନଙ୍କରେ ବିଦ୍ୟୁତ ଖୁଣ୍ଟରେ ଲାଇଟ ଲଗେଇ ଆଲୋକ ଦେଖାଇଛନ୍ତି। କେବଳ ସେତିକିରେ ସେ ସୀମିତ ନ ରହି ଶବ ଦାହ ପାଇଁ କାଠର ବ୍ୟବସ୍ଥା ନିଜ ହାତ ଖର୍ଚ୍ଚରୁ କରିବା ଅନେକ ଉଦାହରଣ ରହିଛି। ଲୋକଙ୍କ ସେବା କରିବାରେ ତାଙ୍କୁ ଢେର ଖୁସି ଲାଗେ ବୋଲି ସରପଞ୍ଚ ବ୍ରିଜଲାଲ ନାଏକ କହନ୍ତି। ଅନ୍ୟପଟେ ତାଙ୍କ କାର୍ଯ୍ୟ ଓ ସେବା ମନୋବୃତ୍ତିକୁ ଦେଖି ସାଧାରଣଙ୍କ ଭିତରେ ଉଚ୍ଚ ପ୍ରଶଂସା କରାଯାଏ।

## ରାଶିଫଳ

ସୋମବାର, ୨୮ ଏପ୍ରିଲ ୨୦୨୫



**ମେଷ:** ଆପଣ ଉତ୍ସାହଜନକ ସୂଚନା ପାଇବେ। ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବେ। ଅପଚୟ ଖର୍ଚ୍ଚ ହେବ। ବହୁତ ଭଲ କାମ କରିବାକୁ ଇଚ୍ଛୁକ। ବ୍ୟବସାୟରେ ଲାଭ ହେବ। ଭାଇମାନଙ୍କର ସମର୍ଥନ ପାଇବେ। ଆତ୍ମ ସମ୍ମାନ ରହିବ।




**ବୃଷ:** ଆଘାତ ଏବଂ ରୋଗ ହେତୁ ବାଧା ସମ୍ଭବ। ଅସୁବିଧାରେ ପଡ଼ନ୍ତୁ ନାହିଁ। ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି। ଭ୍ରମଣ ଲାଭଦାୟକ ହେବ। ଉପହାର ଏବଂ ଉପହାର ଗ୍ରହଣ କରାଯିବ। ବ୍ୟବସାୟ ବୃଦ୍ଧି ପାଇବ। ରୋଜଗାର ପାଇବା ପାଇଁ ପ୍ରୟାସ ସଫଳ ହେବ। ସମୟ ଅନୁକୂଳ ଅଛି, ଏହାର ଲାଭ ନିଅ। ପ୍ରଲୋଭିତ ହୁଅ ନାହିଁ।




**ମିଥୁନ:** ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଅପଚୟ ଖର୍ଚ୍ଚ ନିୟନ୍ତ୍ରଣ କରନ୍ତୁ। ଏକାଠି ଖାଇବା ଠାରୁ ଦୂରେଇ ରୁହନ୍ତୁ। ପରିବାର ପାଇଁ ଚିନ୍ତା ହେବ। ଆତ୍ମ ସମ୍ମାନର ସହ ରୁହ। କୌଣସି ବ୍ୟକ୍ତିର ଉତ୍ତେଜନାରେ ଶିକାର ହୁଅନ୍ତୁ ନାହିଁ ।




**କର୍କଟ:** ବୁଡି ଯାଇଥିବା ଟଙ୍କା ପୁନରୁଦ୍ଧାର ହୋଇପାରିବ, ଚେଷ୍ଟା କର। ବ୍ୟବସାୟ ଯାତ୍ରା ସଫଳ ହେବ। ବିନିଯୋଗ ଅନୁକୂଳ ଲାଭ ଦେବ। ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ। ବ୍ୟବସାୟରେ ଲାଭ ବୃଦ୍ଧି ପାଇବ। କିଛି ଶୁଭ କାର୍ଯ୍ୟରେ ଅଂଶଗ୍ରହଣ କରିବାର ଏକ ସୁଯୋଗ ଆସିପାରେ।




**ସିଂହ:** ଯୋଜନା ଫଳପ୍ରଦ ହେବ। କର୍ମକ୍ଷେତ୍ରରେ ପରିବର୍ତ୍ତନ ସମ୍ଭବ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ବିନିଯୋଗ ଭଲ ହେବ। ଚାକିରିରେ ଉଭୟ କାର୍ଯ୍ୟଭାର ଏବଂ ପ୍ରାଧିକରଣ ବୃଦ୍ଧି ପାଇପାରେ।




**କନ୍ୟା:** ଆଇନଗତ ପ୍ରତିବନ୍ଧକ ହଟାଇବା ପରେ ପରିସ୍ଥିତି ଅନୁକୂଳ ରହିବ। ବ୍ୟବସାୟରେ ଅଭିବୃଦ୍ଧି ହେବାର ସମ୍ଭାବନା ଅଛି। ଟଙ୍କା ପାଇବା ସହଜ ହେବ । ଚାକିରିରେ ଶାନ୍ତି ରହିବ। ଦୀର୍ଘ ଦିନ ଧରି ଅଟକି ରହିଥିବା କାର୍ଯ୍ୟ ଗତି ଲାଭ କରିବ।



**ତୁଳା:** ଖରାପ ଖବର ଗ୍ରହଣ କରାଯାଇପାରେ, ଧର୍ଯ୍ୟବାନ ହୁଅ । ସ୍ୱାସ୍ଥ୍ୟ ଦୁର୍ବଳ ହେବ। କାମ କରିବାକୁ ଇଚ୍ଛା ହେବ ନାହିଁ। ବିବାଦ କାରଣରୁ ଦ୍ୱନ୍ଦ୍ୱ ସମ୍ଭବ । କରାଯାଉଥିବା କାର୍ଯ୍ୟରେ ବାଧା ଉପୁଜିବ । କଠିନ ପରିଶ୍ରମ ଅଧିକ ହେବ ଏବଂ ଲାଭ କମ୍ ହେବ। ଚାକିରିରେ କାର୍ଯ୍ୟଭାର ରହିବ । ଘରେ ଟେନସନ ହୋଇପାରେ।




**ବିଛା:** ସ୍ୱାସ୍ଥ୍ୟର ଯତ୍ନ ନିଅ। ଅତ୍ୟଧିକ ଉତ୍ସାହ ଏବଂ ବ୍ୟସ୍ତତା ରହିବ। ରାଜନୈତିକ ପ୍ରତିବନ୍ଧକ ଦୂର ହେବ। ବ୍ୟବସାୟ ଭଲ ହେବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ତତ୍ପର ହୁଅନ୍ତୁ ନାହିଁ। ଲାଭ ସୁଯୋଗ ଆସିବ। ଭାଗ୍ୟ ଅନୁକୂଳ, ଏହାର ଲାଭ ନିଅ। ଘର ବାହାରେ ସବୁ ଦିଗରୁ ସହଯୋଗ ଗ୍ରହଣ କରାଯିବ। ସୁଖ ମିଳିବ।




**ଧନୁ:** ସ୍ଥିର ସମ୍ପତ୍ତି ବୃଦ୍ଧି ହୋଇପାରେ। ସମ୍ପତ୍ତି ଅପରେସନ୍ ବହୁତ ଲାଭ ଦେଇପାରେ। ବିନିଯୋଗ ଭଲ ହେବ । ଚାକିରିରେ ତୁମେ ପ୍ରଶଂସା ପାଇବ । ତୁମେ ଚାକିରି ପାଇବ। ପ୍ରଗତିର ରାସ୍ତା ଖୋଲିଯିବ। ସହଭାଗୀମାନଙ୍କ ସହିତ ମତଭେଦ ସମାଧାନ ହେବ। ଶୀଘ୍ର କୈାଣସି ନିଷ୍ପତ୍ତି ନିଅ ନାହିଁ। ସ୍ୱାସ୍ଥ୍ୟ ଦୁର୍ବଳ ହୋଇପାରେ। ବେପରୁଆ ହୁଅ ନାହିଁ।



**ମକର:** ସୃଜନଶୀଳ କାର୍ଯ୍ୟ ସମ୍ପୂର୍ଣ୍ଣ ଏବଂ ସଫଳ ହେବ। ପାର୍ଟି ଏବଂ ପିକନିକ୍ ଆୟୋଜନ କରାଯିବ। ଆୟ ବୃଦ୍ଧି ପାଇବ। ଆପଣ ପରୀକ୍ଷା ଏବଂ ସାକ୍ଷାତକାରରେ ସଫଳତା ପାଇବେ। ବ୍ୟସ୍ତ ରହିବେ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରନ୍ତୁ। ବ୍ୟବସାୟ ଲାଭଦାୟକ ହେବ। ଘରେ ଏବଂ ବାହାରେ ସବୁ ଦିଗରୁ ସଫଳତା ଏବଂ ସୁଖ ମିଳିବ।



**କୁମ୍ଭ:** ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ଜଣେ ବ୍ୟକ୍ତିଙ୍କ ଆଚରଣ ଦ୍ୱାରା ଆତ୍ମ ସମ୍ମାନ କ୍ଷତିଗ୍ରସ୍ତ ହୋଇପାରେ। ଆପଣ ଦୁଃଖଦ ଖବର ପାଇପାରିବେ । ଅଦରକାରୀ ଜିନିଷ ପ୍ରତି ଧ୍ୟାନ ଦିଅ ନାହିଁ। ଅଧିକ ତ୍ୱରାନ୍ୱିତ ହେବ। ଚାକିରିରେ ଅଧସ୍ତନମାନଙ୍କ କମ୍ ସହଯୋଗ ହେବ। ବହୁତ କାମ ହେବ। ତତ୍ପରତା ନାହିଁ ।



**ମୀନ:** ପରିଶ୍ରମର ଫଳ ସମ୍ପୂର୍ଣ୍ଣ ରୂପେ ଗ୍ରହଣ କରାଯିବ। ଭ୍ରମଣ ଲାଭଦାୟକ ହେବ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ବହୁତ ଭଲ କାମ କରିବାକୁ ଇଚ୍ଛୁକ ହେବେ। ପରିବାର ସହାୟତା ଉପଲବ୍ଧ ହେବ। ଆୟ ବୃଦ୍ଧି ପାଇବ। ଭାଗ୍ୟ ଅନୁକୂଳ ହେବ। ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯